# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, January 1/ 2019 | ★★★★

୪୫ଶ ଭାଗ ୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-






**Honda Motorcycle and Scooter India Pvt. Ltd., Registered Office:** Commercial Complex II, Sector - 49 - 50, Golf Course Extension Road, Gurugram - 122018 (Haryana), India; **Website:** www.honda2wheelersindia.com; **Customer Care:** customercare@honda2wheelersindia.com

DSPL-325

ଓଡ଼ିଶା ସରକାର

ଆମ ଗାଁ ଆମ ବିକାଶ

ODISHA ONE
ଓଡ଼ିଶା ଆମ ଗୌରବ

# ପ୍ରଥମ ମାସରେ 'ପିଠା' ର ସଫଳତା

- ଡିସେମ୍ବର ମାସର ୧୫ ରୁ ୨୦ ତାରିଖ ଭିତରେ ଅନୁଷ୍ଠିତ ହୋଇଥିଲା 'ପିଠା' ଶିବିର ।
- ଯୋଗ ଦେଲେ ୫୦ଲକ୍ଷରୁ ଅଧିକ ଲୋକ, ଜାଣିଲେ ସରକାରଙ୍କର ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟକ୍ରମ ସମ୍ପର୍କରେ, ଆଉ କେମିତି ବିନା ଅସୁବିଧାରେ ମିଳିପାରିବ ସେହିସବୁ ଯୋଜନାର ସୁଫଳ ।
- 'ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା'ରେ ନୂଆ ହିତାଧିକାରୀଙ୍କୁ ମିଳିଲା ମାସିକ ୧୨୦୦ ଟଙ୍କା ଲେଖାଏଁ ସହାୟତା ।
- ମଧୁବାବୁ ପେନ୍‌ସନ୍ ଯୋଜନାରେ ନୂଆ ହିତାଧିକାରୀଙ୍କୁ ମିଳିଲା ପେନ୍‌ସନ୍ ।
- ୪ ମାସରେ ଏବଂ ୬ ମାସରେ ପକ୍କାଘର ଶେଷ କରିଥିବା ୩୨,୨୯୫ ଜଣ ହିତାଧିକାରୀଙ୍କୁ ମିଳିଲା ୪୧.୬୬ କୋଟି ଟଙ୍କାର ପୁରସ୍କାର ।
- 'ପିଠା' କ୍ୟାମ୍ପରେ ନୂଆ କନେକସନ୍ ପାଇଁ ଦରଖାସ୍ତ କରିଥିବା ହିତାଧିକାରୀଙ୍କ ମଧ୍ୟରୁ ୧,୨୨,୧୭୨ ଜଣ ହିତାଧିକାରୀଙ୍କ ଘରକୁ ଦରଖାସ୍ତ କରିବାର ସପ୍ତାହେ
- ମଧ୍ୟରେ ଯୋଗାଇ ଦିଆଗଲା ନୂଆ ବିଦ୍ୟୁତ୍ ସଂଯୋଗ ।
- ପକ୍କାଘର ତିଆରି ପାଇଁ ୬,୧୫୫ ଜଣ ହିତାଧିକାରୀ ପାଇଲେ ନୂଆ କାର୍ଯ୍ୟାଦେଶ ।



## PEETHA

( PEOPLES EMPOWERMENT ENABLING TRANSPARENCY AND ENHANCING ACCOUNTABILITY ON ODISHA INITIATIVES )

## ପିଠା

ସଶକ୍ତିକରଣ ଏବଂ ସଚେତନତା



19001/13/0026/1819

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧/୨୦୧୯ | Bhubaneswar, Tuesday, January 1/ 2019 | ପୃଷ୍ଠା-୧




**ପୁନିତ୍ ବିଷ୍ଟଙ୍କ ତ୍ରିଶତକ**

କିଟ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ସିକ୍କିମ ବିପକ୍ଷ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ୍‌ରେ ତ୍ରିଶତକ (୩୦୧*) ହାସଲ କରିଛନ୍ତି ମେଘାଳୟର ପୁନିତ୍ ବିଷ୍ଟ।

୧୭

୦୫

**ଫିଲ୍ମରେ ପ୍ରବେଶ କରିବା କଷ୍ଟକର: ନିଧି ସିଂ**

ଡିଜିଟାଲ୍ ଶୋ’ ତୁଳନାରେ ଜଣେ ନବାଗତ ଫିଲ୍ମରେ ପ୍ରବେଶ କରିବା କଷ୍ଟକର ବୋଲି ଅଭିନେତ୍ରୀ ନିଧି ସିଂ ପ୍ରକାଶ କରିଛନ୍ତି।











**ଅଣସବ୍‌ସିଡି ଏଲ୍‌ପିଜି ଶସ୍ତା** ........ ୧୫ ........

**ଆଜିର ସମ୍ପାଦକୀୟ**
୨୦୧୯

**ଆଜିର ମନ୍ତବ୍ୟ**

“ରାଫାଲ ଚୁକ୍ତିକୁ ନେଇ ବାରମ୍ବାର ମିଛ କହିଲେ ତାହା ସତରେ ପରିଣତ ହୋଇଯିବନାହିଁ।
– ରାଜନାଥ ସିଂ, ସ୍ୱରାଷ୍ଟ୍ରମନ୍ତ୍ରୀ

**CBSE Exam Mate** ପୃଷ୍ଠା-୧୩

# ଆରମ୍ଭ ହେଲା କାଳିଆ ଯୋଜନା

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

## ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

- ପ୍ରଥମ ପର୍ଯ୍ୟାୟରେ ୨୧.୪୦ ଲକ୍ଷ କ୍ଷୁଦ୍ର ଚାଷୀ ସାମିଲ
- ଜାନୁୟାରୀ ୨୫ ସୁଦ୍ଧା ୫ ହଜାର ଟଙ୍କା ଲେଖାଏ ମିଳିବ
- ଚାଷୀଙ୍କ ଆକାଉଣ୍ଟକୁ ସିଧାସଳଖ ଯିବ ଟଙ୍କା
- ଡିବିଟି ମାଧ୍ୟମରେ ଚାଷୀ ଆକାଉଣ୍ଟକୁ ଯିବ ସହାୟତା
- ବିନା ସୁଧରେ ୫୦ ହଜାର ଋଣ
- ଭୂମିହୀନ ପରିବାରଙ୍କୁ ଜୀବିକା ସହାୟତା ୧୨,୫୦୦

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟର କୃଷକମାନଙ୍କୁ ଦେଇଛନ୍ତି ନୂଆ ବର୍ଷର ଉପହାର। ରାଜ୍ୟ ସରକାର ଡିସେମ୍ବର ୨୧ ତାରିଖରେ ଚାଷ ଓ ଚାଷୀଙ୍କ କଲ୍ୟାଣ ପାଇଁ ଘୋଷଣା କରିଥିବା ଐତିହାସିକ କାଳିଆ(କୃଷକ ଆସିଷ୍ଟାଣ୍ଟ ଫର ଲାଇଭ୍‌ଲିହୁଡ ଆଣ୍ଡ ଇନ୍‌କମ ଅଗୁମେଣ୍ଟେଶନ) ଯୋଜନା ସୋମବାର ଠାରୁ ରାଜ୍ୟରେ ଲାଗୁ କରାଯାଇଛି। ଅପରାହ୍ନରେ ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଭାରମ୍ଭ କରିଛନ୍ତି। ଏହି ଯୋଜନା ଜିଲା ଓ ବ୍ଲକସ୍ତରରେ ଆରମ୍ଭ ହୋଇଛି। ମୁଖ୍ୟମନ୍ତ୍ରୀ ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୧.୪୦ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ତାଲିକା ପ୍ରକାଶ କରିଛନ୍ତି । ଏଥିସହିତ ୧ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରକୃତ ଚାଷୀଙ୍କର ତାଲିକା ମଧ୍ୟ ପ୍ରକାଶ କରାଯାଇଛି। ଏହି ଚାଷୀମାନେ ଜାନୁୟାରୀ ୨୫ ତାରିଖ ସୁଦ୍ଧା ପ୍ରଥମ ପର୍ଯ୍ୟାୟରେ ୫ ହଜାର ଟଙ୍କା ଲେଖାଏ ସହାୟତା ପାଇବେ। ଫେବୃୟାରୀରେ ସମସ୍ତ ଯୋଗ୍ୟ ହିତାଧିକାରୀ ଚାଷୀଙ୍କ ତାଲିକା ପ୍ରକାଶ କରାଯିବ। ମୁଖ୍ୟମନ୍ତ୍ରୀ ଏହି ଯୋଜନାର ଲୋଗୋ ଏବଂ ୱେବସାଇଟ (www. kalia.co.in)ଉନ୍ମୋଚନ କରିଛନ୍ତି।

ଯୋଜନାର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଚାଷୀ ଭଉଣୀଭାଇମାନଙ୍କ ଲାଗି ଆଜି କାଳିଆ ଯୋଜନା ଆରମ୍ଭ କରି ମୁଁ ବହୁତ ଖୁସି। ଏହା ରାଜ୍ୟ ସରକାରଙ୍କର ସବୁଠୁ ବଡ଼ ଯୋଜନା। କାଳିଆ ଯୋଜନାରେ ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ। ଏହି ଯୋଜନାରେ ଋଣ କରିଥିବା ଓ ଋଣ କରି ନ ଥିବା ସମସ୍ତ ଛୋଟ ଚାଷୀ ସହାୟତା ପାଇବେ। ପ୍ରକୃତ ଚାଷୀ,କୃଷି ଶ୍ରମିକ ମଧ୍ୟ ସାହାଯ୍ୟ ପାଇବେ। ଚାଷୀଙ୍କୁ ବିନା ସୁଧରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ୫ଟି ଫସଲ ପାଇଁ ଚାଷୀମାନେ ୫ ହଜାର ଟଙ୍କା ଲେଖାଏ ସାହାଯ୍ୟ ପାଇବେ। ଛୋଟ ଚାଷୀ ୨୫ ହଜାର ଟଙ୍କା ସାହାଯ୍ୟ ପାଇବେ। ଏହି ଯୋଜନାରୁ ଜଣେ ବି ଚାଷୀ ଯେପରି ବାଦ୍ ନ ପଡିବେ ସେଥିପାଇଁ ଦୃଷ୍ଟି ଦେଇ କାମ କରିବାକୁ ଜିଲାପାଳମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। କୃଷି, ସମବାୟ ଓ ପଞ୍ଚାୟତିରାଜ ବିଭାଗ ଏଥିପାଇଁ ମିଶନ ମୋଡରେ କାମ କରନ୍ତୁ । ଚାଷୀଙ୍କ ସହିତ ମୁଁ ସବୁବେଳେ ରହିଛି। ସେମାନଙ୍କ ପାଇଁ କାମ କରୁଛି। ଆଗକୁ ମଧ୍ୟ କରିଚାଲିବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଯୋଜନା କିପରି କାର୍ଯ୍ୟକାରୀ ହେବ ସେ ନେଇ ମୁଖ୍ୟ ଶାସନ ସଚିବ ଜିଲାପାଳମାନଙ୍କ ସହ ପୂର୍ବାହ୍ନରେ ଆଲୋଚନା କରିଛନ୍ତି। ଯୋଜନାକୁ କାର୍ଯ୍ୟକାରୀ କରିବାକୁ ମୋଡାଲିଟି ପ୍ରସ୍ତୁତ କରାଯାଇଛି। ୨୦୧୯ ଜାନୁୟାରୀ ୨ରୁ ୧୦ ତାରିଖ ମଧ୍ୟରେ ପ୍ୟାକ୍ସ/ଲ୍ୟାମ୍ପସଗୁଡିକରେ ଚାଷୀମାନଙ୍କର ପଞ୍ଜୀକରଣର ଅଗ୍ରଗତିକୁ ତଦାରଖ କରିବା ସହିତ ଜାନୁୟାରୀ ୧୫ ସୁଦ୍ଧା ଚାଷୀମାନଙ୍କର ପ୍ରଥମ ପର୍ଯ୍ୟାୟ ଚୂଡାନ୍ତ ତାଲିକା ପ୍ରସ୍ତୁତ ଏବଂ ଫେବୃୟାରୀ ୮ ତାରିଖ ସୁଦ୍ଧା ଦ୍ୱିତୀୟ ☞ପୃଷ୍ଠା–୨

# ଥଣ୍ଡାରୁ ମିଳୁନି ତ୍ରାହି

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)

- ଶୀତରେ ରାଜ୍ୟବାସୀ ଥରହର
- ଦାରିଙ୍ଗବାଡ଼ି ପାରଦ ୨.୮କୁ ଖସିଲା
- ୧୦ ଡିଗ୍ରୀ ତଳେ ୨୦ ସହର
- ଆଉ ୫ ଦିନ ନିସ୍ତାର ନାହିଁ

ପ୍ରଚଣ୍ଡ ଶୀତରେ ସାରା ରାଜ୍ୟ ଥରୁଛି। ମଧ୍ୟାହ୍ନରେ କେଇ ଘଣ୍ଟା ଛାଡି ଦେଲେ ଶୀତର ପ୍ରକୋପରୁ ବର୍ତ୍ତିପାରୁନାହାନ୍ତି ଲୋକେ। ଉପକୂଳରୁ ଉତ୍ତର, ପଶ୍ଚିମରୁ ଦକ୍ଷିଣ ସବୁଠି ପ୍ରଚଣ୍ଡ ଥଣ୍ଡା ମାଡରେ ଥରହର ହେଉଛନ୍ତି ଜନସାଧାରଣ। ଉତ୍ତର ପୂର୍ବ ଦିଗରୁ ମାଡି ଆସୁଥିବା ଶୀତ ଲହରି ରାଜ୍ୟକୁ ହିମଖଣ୍ଡରେ ପରିଣତ କରିଦେଇଛି। ଶିଶୁ ଠାରୁ ବୃଦ୍ଧ ସମସ୍ତେ ପ୍ରକୃତିର ଏହି ପ୍ରତିକୂଳ ପାଗରେ ଅସ୍ତବ୍ୟସ୍ତ ହୋଇପଡିଛନ୍ତି। ଦେହ ମୁଣ୍ଡ ଘୋଡାଇ ହେଲେ ମଧ୍ୟ ଶୀତ ଦାଉରୁ ରକ୍ଷା ପାଇବା କାଠିକର ପାଠ ହୋଇପଡୁଛି। କେବଳ ମନୁଷ୍ୟ ନୁହନ୍ତି, ପଶୁ ପକ୍ଷୀମାନେ ମଧ୍ୟ ତ୍ରାହି ତ୍ରାହି ଡାକୁଛନ୍ତି। ବଣ ପାହାଡିଆ ଅଞ୍ଚଳରେ ରହୁଥିବା ଲୋକମାନଙ୍କ ଅବସ୍ଥା ଆହୁରି ସଙ୍ଗିନ। ଗାଁ ଗହଳି ଠାରୁ ଆରମ୍ଭ କରି ସହରାଞ୍ଚଳରେ ଲୋକମାନେ ନିଆଁ ଜାଳି ଶୀତକଷ୍ଟରୁ ମୁକ୍ତି ପାଇବାକୁ ଉଦ୍ୟମ କରୁଛନ୍ତି। ସଞ୍ଜ ଉଇଁବା ମାତ୍ରେ ଦେହ ହାତ ଶୁଷ୍କ ହୋଇଯାଉଛି। ଆସନ୍ତା ୫ ଦିନ ଯାଏ ଶୀତ ପ୍ରକୋପରୁ ନିସ୍ତାର ନାହିଁ।

ରାଜ୍ୟର ସମସ୍ତ ଭାଗରେ ପ୍ରଚଣ୍ଡ ଶୀତ ଲହରି ଆହୁରି ଥରାଇବ ବୋଲି ପାଣିପାଗ ବିଭାଗ ଚେତାବନୀ ଦେଇଛି। ୬ ତାରିଖ ବେଳକୁ ପାଗରେ ସାମାନ୍ୟ ପରିବର୍ତ୍ତନ ହେବ। ସ୍ୱାଭାବିକ ତାପମାତ୍ରା ଠାରୁ ୨ରୁ ୩ ଡିଗ୍ରୀ ସେଲ୍‌ସିୟସ ଉପରେ ତାପମାତ୍ରା ରହିବା ନେଇ ପୂର୍ବାନୁମାନ କରାଯାଇଛି।

ଚଳିତ ବର୍ଷର ଶୀତ ସମସ୍ତ ରେକର୍ଡ ଭାଙ୍ଗି ସାରିଲାଣି। ରାଜ୍ୟର ସର୍ବନିମ୍ନ ତାପମାତ୍ରା ୩ ଡିଗ୍ରୀ ତଳକୁ ଖସି ଯାଇଛି। ରାଜ୍ୟର ୨୦ଟି ସ୍ଥାନରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ସେଲ୍‌ସିୟସକୁ ଖସି ଯାଇଥିବା ବେଳେ ୮ଟି ସ୍ଥାନରେ ପାରଦ ୭ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ସୋମବାର ଦାରିଙ୍ଗବାଡିର ସର୍ବନିମ୍ନ ତାପମାତ୍ରା ☞ପୃଷ୍ଠା–୨

# ତିନି ତଲାକ୍ ଆଲୋଚନା ବିଫଳ

## ହଟ୍ଟଗୋଳ ଯୋଗୁ ରାଜ୍ୟ ସଭା ୨ ଯାଏ ମୁଲତବୀ

ନୂଆଦିଲ୍ଲୀ,୩୧।୧୨(ପି.ଟି.)

ରାଜ୍ୟ ସଭାରେ ସୋମବାର ବିରୋଧୀ ଦଳଗୁଡିକର ମିଳିତ ବିରୋଧ ଯୋଗୁ ତିନି ତଲାକ୍ ବିଲ୍ ଉପରେ ଆଲୋଚନା ହୋଇପାରି ନାହିଁ। ବିଲ୍‌ର ଅନୁଧ୍ୟାନ ଲାଗି ଏହାକୁ ଚୟନ କମିଟିକୁ ପଠାଇବା ଦାବିରେ କଂଗ୍ରେସ ନେତୃତ୍ୱରେ ବିରୋଧୀ ଦଳଗୁଡ଼ିକ ଗୃହରେ ପ୍ରବଳ ହଟ୍ଟଗୋଳ କରିଥିଲେ। ଆଇନ ମନ୍ତ୍ରୀ ରବିଶଙ୍କର ପ୍ରସାଦ ଉଚ୍ଚ ସଦନରେ ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ବିଲ୍, ୨୦୧୮ ଉପସ୍ଥାପନ କରିବା ପରେ ଏହା ଉପରେ ଆଲୋଚନା ପାଇଁ ସରକାର ଚାପ ପକାଇଥିଲେ। ତେବେ ବିରୋଧୀମାନେ ଏହାକୁ ଚୟନ କମିଟିକୁ ପଠାଇବା ଦାବିରେ ଅଟଳ ରହିବା ଫଳରେ ଆଲୋଚନା ହୋଇପାରି ନ ଥିଲା। ଦୀର୍ଘ ସମୟ ଅଚଳାବସ୍ଥା ଲାଗି ରହିବା ଫଳରେ ରାଜ୍ୟ ସଭା ଉପାଧ୍ୟକ୍ଷ ହରିବଂଶ ନାରାୟଣ ସିଂ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରିଥିଲେ। ମଙ୍ଗଳବାର ଛୁଟି ଥିବାରୁ ୨ ତାରିଖରେ ଉକ୍ତ ବିଲ୍ ଉପରେ ଆଲୋଚନା ହେବ ବୋଲି ଜଣାପଡିଛି।

ରାଜ୍ୟ ସଭାରେ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ କହିଥିଲେ, ଏହା ଅତି ଗୁରୁତ୍ୱପୂର୍ଣ୍ଣ ବିଲ୍ ହୋଇଥିବାରୁ ଅଧିକ ଯାଞ୍ଚର ☞ପୃଷ୍ଠା–୨

# ଓଡ଼ିଆ ଆଇଏଏସ୍ ଏସ୍.ଆର୍. ମହାନ୍ତି ଏମ୍‌ପିର ମୁଖ୍ୟ ସଚିବ

ଭୋପାଳ,୩୧।୧୨(ପି.ଟି.)

ଓଡ଼ିଆ ଆଇଏଏସ୍ ଅଫିସର ସୁଧୀରଞ୍ଜନ ମହାନ୍ତି ମଧ୍ୟପ୍ରଦେଶର ମୁଖ୍ୟ ଶାସନ ସଚିବ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ଜନ୍ମିତ ସୁଧୀରଞ୍ଜନ ୧୯୮୨ ବ୍ୟାଚର ଆଇଏଏସ୍ ଅଫିସର। ପୂର୍ବରୁ ମୁଖ୍ୟ ଶାସନ ସଚିବ ଥିବା ବି.ଏସ୍. ସିଂ ସୋମବାର ଅବସର ଗ୍ରହଣ କରିଥିବାରୁ ତାଙ୍କ ସ୍ଥାନରେ ସୁଧୀରଞ୍ଜନ ମଙ୍ଗଳବାର ଦାୟିତ୍ୱ ଗ୍ରହଣ କରିବେ। କାର୍ମିକ ପ୍ରଶାସନ ବିଭାଗ ପ୍ରମୁଖ ସଚିବଙ୍କ☞ପୃଷ୍ଠା–୨


NECC NATIONAL EGG CO-ORDINATION COMMITTEE 31.12.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 70 | 119 | 129 |
| CTC | 71 | 120 | 130 |
| DKL | 74 | 124 | 134 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 75 | 126 | 136 |

*Conditions Apply
Eggs Retail Price- 56/-Dozen
Issued in the Interest of Consumers









ନବବର୍ଷ – ୨୦୧୯ ଅବସରରେ ମୁଁ ରାଜ୍ୟବାସୀ ସମସ୍ତଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରିରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା




ନୂଆ ବର୍ଷ ୨୦୧୯ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀ ମାନଙ୍କୁ ମୋର ଆନ୍ତରିକ ଶୁଭକାମନା ଜଣାଉଛି ଏବଂ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମରେ ସମସ୍ତଙ୍କ ସହଯୋଗ କାମନା କରୁଛି ।

(ନବୀନ ପଟ୍ଟନାୟକ)




ନୂଆବର୍ଷ ୨୦୧୯ର ଶୁଭ ଅବସରରେ ମୁଁ ରାଜ୍ୟବାସୀ ଭାଇ ଓ ଭଉଣୀମାନଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ନୂଆବର୍ଷ ସମସ୍ତଙ୍କ ଜୀବନରେ ହର୍ଷ, ଉଲ୍ଲାସ, ସୁଖ, ଶାନ୍ତି ଓ ସମୃଦ୍ଧି ଭରିଦେଉ । ଓଡ଼ିଶାକୁ ଦେଶର ଅଗ୍ରଣୀ ରାଜ୍ୟ ରୂପେ ଗଢ଼ିତୋଳିବାରେ ନିଷ୍ଠାପର ଉଦ୍ୟମ କରିବା ପାଇଁ ସମସ୍ତଙ୍କୁ ସାମର୍ଥ୍ୟ ଦେବାକୁ ମୁଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରୁଛି ।

(ପ୍ରତାପ ଜେନା)
ମନ୍ତ୍ରୀ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ

DADLS-234
15001/13/0524/1819

## ଜନ୍ମଦିନର ଶୁଭେଚ୍ଛା

ନାମ: ........................................
ବୟସ:........................................
ଜନ୍ମ ତାରିଖ: ................................


ଅର୍ପିତା
ପରିବାରବର୍ଗ


ଶତାବ୍ଦୀ
ପରିବାରବର୍ଗ


ସୁଜାତା
ପରିବାରବର୍ଗ


ଶାନ୍ତିଲତା
ପରିବାରବର୍ଗ


ଅଦ୍ୱୈତ୍
ପରିବାରବର୍ଗ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ମୁଖ୍ୟମନ୍ତ୍ରୀଙ୍କ ଆଣ୍ଠୁରେ ଯନ୍ତ୍ରଣା, ଶୁଭେଚ୍ଛୁଙ୍କୁ ଯିବାକୁ ମନା

ଭୁବନେଶ୍ୱର, ୩୧।୧୨(ବ୍ୟୁରୋ): ସକାଳ ବ୍ୟାୟାମ ପରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଣ୍ଠୁରେ ଯନ୍ତ୍ରଣା ଅନୁଭବ କରିଛନ୍ତି। ଫଳରେ ଏଥିଲାଗି ତାଙ୍କୁ କଷ୍ଟ ହେବା କାରଣରୁ ସାମୟିକ ଭାବେ ଡାକ୍ତରୀ ଦଳ ମୁଖ୍ୟମନ୍ତ୍ରୀଙ୍କୁ ବିଶ୍ରାମ ନେବା ପାଇଁ ପରାମର୍ଶ ଦେଇଛନ୍ତି। ତେଣୁ ନୂତନ ବର୍ଷରେ ଅଭିନନ୍ଦନ ଜଣାଇବାକୁ ନ ଆସିବା ପାଇଁ ଶୁଭେଚ୍ଛୁମାନଙ୍କୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ମୁଖ୍ୟମନ୍ତ୍ରୀ ମଙ୍ଗଳବାର ସକାଳେ ଶ୍ରୀମନ୍ଦିର ଦର୍ଶନ ପାଇଁ ଯିବେ ଏବଂ ସନ୍ଧ୍ୟାରେ ସଚିବାଳୟରେ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି।

# classified




## SALE

Penguin homes Pvt. Ltd. land required for housing project in Bhubaneswar/ Cuttack. Contact: 9937254467, 7008107711. D-65238

ହଂସପାଳ 100' କେନାଲ ପିଚୁରାସ୍ତାକୁଲାଗି 9,75,000/ରେ ଘରବାରି, ଇଲେକ୍ଟ୍ରିସିଟି, ପାଚେରିଥାଇ ଜାଗା କିଣି ତୁରନ୍ତ ଘର କରନ୍ତୁ: 9437033320. D-65306

Plot sale near AIIMS Hospital Bhubaneswar with 30'road. 8456850883. D-65311

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଅଛି। 8338932027. D-65312

Pay 50% get gharabari duplex approved plot near Tankapani bridge, Bhubaneswar, rest after developed and amenities. First ten customers. 9861990662. D-52883

Residential plot sale Rasulgarh, Jharapada, Satyabhamapur, Rudrapur, Samantrapur, Pahal. 8249317990. D-10321

ଭୁବନେଶ୍ୱର GITA College ନିକଟରେ 1200 sqft. 3,99,000/-ରେ plot ମିଳୁଛି। 8280224744. D-64398

ଭୁବନେଶ୍ୱର ହଂସପାଳ, ବାଲିଅନ୍ତା, ଭିଙ୍ଗାରପୁରରେ 100 ଫୁଟ ପିଚୁରୋଡକୁ ଲାଗି ପ୍ଲଟ ବିକ୍ରିହେବ। 8093465134, 9437003399. D-65426




1000, 750, 700, 650, 450 sqft. available for office purpose at centrally located, Unit-9, 2300 sqft. office space available at Metro house Vanivihar, 3BHK available for rent at Damayanti Apartment Nayapally. Mob: 9861256148, 9439483674. D-10289




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Pamper yourself this Mansoon professional massage. Contact Purple Orchid. 9776598888. D-65281

Experience full body massage with us by expert Enquiry: 06742597822, 7377048581. D-65277

Herbal full body massage by smart/ expert therapist. Contact: 8338067247. D-65278

Newly opening ayurvedic massage smart therapist, Shree herbal. 7750020754. D-65279

Improving your health, skin care through expert therapist, excellent offer. 9668374480. D-65280

Ayurvedic full body massage ladies/ gents experts therapist. 9 0 4 0 9 0 0 3 8 5 , 9778137131 . D-64673

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

### ଜନ୍ମଦିନ ଶୁଭେଚ୍ଛା



(ରିମା)
**ରଶ୍ମିତା ମହାନ୍ତି**

ନବବର୍ଷର ଅଭିନନ୍ଦନ ସହ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା। ପ୍ରଭୁ ଶ୍ରୀଜଗନ୍ନାଥ ତୁମ ଚଲାପଥକୁ କୁସୁମିତ କରନ୍ତୁ।
ବିଷ୍ଣୁ ଭାଇ, ବେବି ଦେଇ, ଭଣଜା-ଶୁଭମ।
ଧ-୧୪୪୬୨

### କିଛି ତଥ୍ୟ

ଚଳିତ ବର୍ଷ ସେପ୍ଟେମ୍ବର ସୁଦ୍ଧା ଦେଶର ଅଣ ବ୍ୟାଙ୍କିଙ୍ଗ୍ ବିତ୍ତ ପ୍ରତିଷ୍ଠାନ (ଏନ୍‌ବିଏଫ୍‌ସି)ଗୁଡ଼ିକର ବାଲାନ୍ସ ସିଟ୍ ୧୭.୨% ବୃଦ୍ଧି ଘଟି ୨୬ ଲକ୍ଷ କୋଟି ଟଙ୍କା ଛୁଇଁଛି। ଏହା ଗତ ବର୍ଷ ସମାନ ସମୟରେ ୨୨.୨ ଲକ୍ଷ କୋଟି ଟଙ୍କା ଥିଲା। **- ଆର୍‌ବିଆଇ**

## ଜି.ମାଥିଭାଥନନଙ୍କ ପ୍ରମୁଖ ସଚିବ ପାହ୍ୟାକୁ ପଦୋନ୍ନତି

ଭୁବନେଶ୍ୱର,୩୧।୧୨(ବ୍ୟୁରୋ)
ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ କମିଶନର କମ୍ ସେକ୍ରେଟାରୀ ଥିବା ଜି. ମାଥିଭାଥନନଙ୍କୁ ପ୍ରମୁଖ ସଚିବ(ପ୍ରିନ୍ସିପାଲ ସେକ୍ରେଟାରୀ)ଭାବେ ପଦୋନ୍ନତି ଦିଆଯାଇଛି। ସୋମବାର ଏ ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପଦୋନ୍ନତି ପରେ ମାଥିଭାଥନନ ନଗର ଉନ୍ନୟନ ବିଭାଗରେ ପୂର୍ବଭଳି କାର୍ଯ୍ୟ କରିବେ।

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**√ଶ୍ରୀମତୀ ହୀରାମଣି ଦାସ**
ବଉଳମଠ ସାହି
ଗୁଣ୍ଡିଚା ମନ୍ଦିର ନିକଟ,ପୁରୀ
ତିରୋଧାନ : ୨୨.୧୨.୨୦୧୮ (ପଷ୍ଟ ପୂର୍ଣ୍ଣମୀ)
ମୋତେ ଏକୁଟିଆ କରି ଚାଲିଗଲ, କେଉଁ ଅଜଣା ରାଇଜକୁ, ଯେଉଁଠି ଅଛ, ଶାନ୍ତିରେ ରହିଥାଅ। ତୁମ ଅମର ଆତ୍ମା ମହାପ୍ରଭୁଙ୍କ ସାନ୍ନିଧ ଲାଭ କରୁ। ଏହାହିଁ ମୋର ପ୍ରାର୍ଥନା।
-: ତୁମର ହତଭାଗ୍ୟ ସ୍ୱାମୀ :-
ବ୍ରଜକିଶୋର ଦାସ
ଶୋକସନ୍ତପ୍ତ ପରିବାର - ପୁତ୍ର - ଅକ୍ଷୟ,ବାନା,ବୋହୂ- ଡଲି,କନ୍ୟା-ମିତା,ମାମି,ଗୀତା,ଜ୍ୱାଇଁ -ମିହିର, ରାଜେଶ, ପରେଶ ଏବଂ ନାତିନାତୁଣି ମାନେ ଓ ଆତ୍ମୀୟ ସ୍ୱଜନ
ଧ-୧୦୩୩୧

### ତୃତୀୟ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ପ୍ରଦୀପ କୁମାର ଜାନୀ**
ଆବିର୍ଭାବ: ୩।୧।୧୯୮୮
ତିରୋଧାନ: ୨୭।୮।୨୦୧୫
ପ୍ରିୟ ଦାଦା, ଆଜକୁ ୪ବର୍ଷ ହୋଇଗଲା। ତଥାପି ତୁ ଆମମାନଙ୍କ ହୃଦୟରେ ସାଇତି ହୋଇରହିଛୁ। ଆମ ସମସ୍ତଙ୍କୁ ଛାଡି କେଉଁ ଏକ ଅଜଣା ସ୍ଥାନକୁ ଚାଲିଗଲୁ ଯେ, ଆମେ ଜାଣିନାହୁଁ। ତୋର ସ୍ମୃତିରେ ଆମେ ବାକି ଦିନ କାଟୁଛୁ। ତଥାପି ଆମେ ତୋର ଫେରିବା ବାଟକୁ ଚାହିଁରହିଛୁ। ଶେଷରେ ଏତିକି ପ୍ରାର୍ଥନା କରୁଛୁ ଯେଉଁଠି ବି ଥା ଭଲରେ ଥା। ତୋର ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ଇତି-ତୋର ଶୋକସନ୍ତପ୍ତ ବାପା, ମାଆ, ଭାଇ, ଭାଉଜ, ଭଉଣୀମାନେ, ନାନୀ, ରଜା, ଲିପ୍ସା, ଦୀକ୍ଷା, ଗୋଲଡି ଏବଂ ଜାନୀ ପରିବାରବର୍ଗ। ଧ-୧୦୩୨୯

### ଦଶମ ଶ୍ରାଦ୍ଧବାର୍ଷିକ



**ସ୍ୱର୍ଗତ ଅକ୍ଷୟ କୁମାର ଦାଶ (ବୁବୁ)**
କନଷ୍ଟେବଲ, ମାଲକାନଗିରି, ଜିଲ୍ଲା ପୋଲିସ
ସିଂହପୁର, ବିଞ୍ଝାରପୁର, ଯାଜପୁର
ଆବିର୍ଭାବ: ୨୧।୩।୧୯୮୨
ତିରୋଧାନ: ୦୧।୦୧।୨୦୦୯
ତୁମର ଅମର ଆତ୍ମାର ସଦ୍‌ଗତି କାମନା କରି ଶ୍ରୀ ମା ଅରବିନ୍ଦଙ୍କ ନିକଟରେ ପ୍ରାର୍ଥନା କରୁଛି ତୁମେ ଯେଉଁଠି ଥାଅ ଭଲରେ ଥିବ। ଶୋକସନ୍ତପ୍ତ ପରିବାରବର୍ଗ ଜେଜେ, ଜେଜେମା, ବାପା, ବୋଉ, ସାନବାପା, ସାନବୋଉ, ପିଉସା, ପିଉସୀ, ମଉସା, ମାଉସୀ, ମାମୁ, ମାଇଁ, ଭଣଜା- ଚନ୍ଦନ, ପୁପୁଲ, ସିପୁଲ, ଗୁଡୁ ଓ ଦାଶ ପରିବାରବର୍ଗ।
ଧ-୧୦୩୨୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ପ୍ରହ୍ଲାଦ ବାରିକ**
ଗୋକୁଳପୁର, ନାୟକାଣିଡିହି, ଭଦ୍ରକ
ଆବିର୍ଭାବ: ୯।୧୧।୧୯୨୮
ତିରୋଧାନ: ୧।୧।୨୦୧୮
ଅମର ଆତ୍ମାର ସଦ୍‌ଗତି କାମନା କରୁଛୁ। ପୁଅ-ବିଦ୍ୟାଧର, ଗଦାଧର, ଶରତ, ବସନ୍ତ, ବୋହୂ-ମମତା, ଚାରୁଲତା, ରମାମଣି, ନାତିନାତୁଣୀ-ମନୋଜ, ଦିଲୀପ, ସୌମେନ୍ଦ୍ର, ସୌମ୍ୟାସୁଚରିତା।
ଧ-୧୦୩୨୮

# ସମୟ ଗଡୁଛି, ହେଲେ ସରୁନି କାମ

### ବମିଖାଲ ଓଭରବ୍ରିଜ
- ସରକାରଙ୍କ ୪ର୍ଥ ଥରର ସମୟସୀମା ଶେଷହେଲା
- ପୂର୍ତ୍ତ ସଚିବ ଓ ନିର୍ବାହୀ ଯନ୍ତ୍ରୀଙ୍କ ମତରେ ରହୁନି ତାଳମେଳ
- ବିନା ନୋଟିସରେ ସମୟ ବଢ଼ିଲା

ଭୁବନେଶ୍ୱର,୩୧।୧୨(ବ୍ୟୁରୋ):
ହାଓ୍ୱଡା-ଚେନ୍ନାଇ ରେଳ ଲାଇନ ଉପରେ ନିର୍ମାଣାଧୀନ ବମିଖାଲ ଓଭରବ୍ରିଜର ନିର୍ମାଣ କାର୍ଯ୍ୟ ୨୦୧୨ ମାର୍ଚ୍ଚରେ ଆରମ୍ଭ ହୋଇଥିଲା। ମାତ୍ର ଏହି ଓଭରବ୍ରିଜ କାର୍ଯ୍ୟ ଏ ପର୍ଯ୍ୟନ୍ତ ଶେଷ ହୋଇପାରିଲା ନାହିଁ। ସରକାର କେବଳ ବାରମ୍ବାର ସମୟ ବୃଦ୍ଧି କରି ଚାଲିଛନ୍ତି। ୪ର୍ଥ ଥର ପାଇଁ ସମୟ ବୃଦ୍ଧି କରି ସରକାର ଡିସେମ୍ବର ୩୧, ୨୦୧୮ ସୁଦ୍ଧା କାମ ଶେଷ କରିବାର ଥିଲା। ହେଲେ ପୂର୍ବଥରଗୁଡିକ ଭଳି ଏଥର ମଧ୍ୟ ସରକାର ସମୟ ଭିତରେ କାମ ଶେଷ କରିପାରି ନାହାନ୍ତି। ଏ ନେଇ ପୂର୍ତ୍ତ ସଚିବ ନଳିନୀ ପ୍ରଧାନ ଏବଂ ଡିଭିଜନ୍ ୪ର ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ନାୟକ ମଧ୍ୟ ଭିନ୍ନଭିନ୍ନ କଥା କହିଛନ୍ତି। ସମୟ ଭିତରେ କାମ ଶେଷ ହୋଇପାରି ନାହିଁ ଆଉ କିଛିଦିନ ଲାଗିବ ବୋଲି ସରକାରୀ ଅଧିକାରୀମାନେ ବାଧ୍ୟରେ ସ୍ୱୀକାର କରିଛନ୍ତି। ମାତ୍ର ସରକାରଙ୍କ ଦୁଇ ଉଚ୍ଚପଦସ୍ଥ ଅଧିକାରୀ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟ ସରିବାର ସମୟ ଅଲଗା ଅଲଗା ଦେଇଛନ୍ତି। ଏଭଳି ସ୍ଥିତିରେ ଏଠାରେ ପ୍ରଶ୍ନ ଉଠୁଛି ଯେ, ସରକାର ନା ଠିକାଦାର କାହା ତତ୍ତ୍ୱାବଧାନରେ ବମିଖାଲ ଓଭରବ୍ରିଜ କାର୍ଯ୍ୟ ଚାଲୁଛି। ୭ବର୍ଷ ସମୟ ଭିତରେ ଏକ ଓଭରବ୍ରିଜ କାମ ଶେଷ ନ ହୋଇପାରିବା ନେଇ ସାଧାରଣରେ ସରକାରଙ୍କ ପାରିବାପଣିଆକୁ ନେଇ ପ୍ରଶ୍ନ ଉଠିଛି। ଅନ୍ୟପଟେ ସ୍ଥାନୀୟ କେତେଜଣ ବାସିନ୍ଦା ଏହି ଓଭରବ୍ରିଜ ଏକ କାହାଣୀରେ ପରିଣତ ହୋଇସାରିଥିବା ମତ ରଖିଛନ୍ତି।

କାମ ଶେଷ ହେବା ସମ୍ପର୍କରେ ପୂର୍ତ୍ତ ସଚିବ ନଳିନୀ ପ୍ରଧାନଙ୍କୁ ପଚାରିବାରୁ ସେ କହିଛନ୍ତି ଯେ, ଆସନ୍ତା ଫେବୃୟାରୀ ଶେଷ ସୁଦ୍ଧା ବମିଖାଲ ଓଭରବ୍ରିଜ କାମ ସମ୍ପୂର୍ଣ୍ଣ ହୋଇଯିବ। ବର୍ଷା କାରଣରୁ ସମୟ ବିଳମ୍ବ ହୋଇଛି ବୋଲି ସେ ମତ ରଖିଛନ୍ତି। ମାତ୍ର ସୂଚନା ଅଧିକାର ଆଇନ(ଆର୍‌ଟିଆଇ) ତଥ୍ୟ ଅନୁସାରେ ନିର୍ମାଣ କାର୍ଯ୍ୟର ସମୟସୀମା ସୋମବାର ଶେଷ ହେଉଛି। ଆର୍‌ଟିଆଇ ତଥ୍ୟ ଅନୁସାରେ ଉକ୍ତ କାର୍ଯ୍ୟର ସମୟ ଫେବୃୟାରୀ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିବା ନେଇ କୌଣସି ସୂଚନା ନାହିଁ। ଏନେଇ ସରକାରଙ୍କ ପକ୍ଷରୁ କିଛି ନିର୍ଦ୍ଦେଶନାମା ପ୍ରକାଶ ପାଇଛି କି ବୋଲି ନଳିନୀଙ୍କୁ ପଚାରିବାରୁ ସେ ବର୍ତ୍ତମାନ ବାହାରେ ଅଛନ୍ତି ଏନେଇ ଅଧିକ ତଥ୍ୟ ତାଙ୍କ ନିକଟରେ ନ ଥିବା କହି ପ୍ରସଙ୍ଗରୁ ଦୂରେଇ ଯାଇଛନ୍ତି।

ସମାନ ଭାବେ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ କୁମାର ନାୟକଙ୍କୁ ଓଭରବ୍ରିଜ କାର୍ଯ୍ୟ ଶେଷ ହେବାନେଇ ପଚାରିବାରୁ ସେ କହିଛନ୍ତି ଯେ, ଜାନୁୟାରୀ ୨୫ ସୁଦ୍ଧା କାର୍ଯ୍ୟ ଶେଷ ହୋଇଯିବ। ପିଏଚ୍‌ଡି ପାଇପ୍ ଲାଇନ୍ କାର୍ଯ୍ୟ, ବିଦ୍ୟୁତ୍ କାର୍ଯ୍ୟ ଲାଗି ସମୟ ଅଧିକ ଲାଗିଲା ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ରାଜଧାନୀରେ ନିର୍ମାଣ ଚାଲିଥିବା ଏହି ଓଭରବ୍ରିଜ କାମ ପାଇଁ ଲୋକମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡିଲାଣି। ୨୦୧୨ରୁ ଏହାର କାମ ଆରମ୍ଭ ହୋଇଥିଲେ ମଧ୍ୟ ୨୦୧୯ ସୁଦ୍ଧା ଅର୍ଥାତ୍ ୭ବର୍ଷ ସୁଦ୍ଧା ଏହି ବ୍ରିଜ କାମ ସରିପାରି ନାହିଁ। ସରକାରଙ୍କ ଏହି ଅପାରଗତା ପାଇଁ ବିରୋଧୀ ସମାଲୋଚନା କରିଚାଲିଛନ୍ତି। ଏତେ ସମୟ ଲାଗିଥିଲେ ମଧ୍ୟ ବ୍ରିଜ୍ କାର୍ଯ୍ୟ ଠିକଣା ଢଙ୍ଗରେ କରାଯାଇ ନାହିଁ। କାମରେ ଅନେକ ତ୍ରୁଟି ରହିଥିବା ଜଣାପଡିଛି। ହେଲେ ଜାଣିଶୁଣି ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାର ନାଁ ଧରୁନାହିଁ। ଆଗକୁ ସାଧାରଣ ନିର୍ବାଚନ ଆସୁଥିବାରୁ ଏହାର କିଛିଦିନ ପୂର୍ବରୁ ଓଭରବ୍ରିଜ ଉଦ୍‌ଘାଟନ କରିବା ପାଇଁ ସରକାର ନିର୍ଦ୍ଦେଶ ଦେଇଥିବା ସୂତ୍ରରୁ ଜଣାପଡିଛି।

## ରାତି ୧୦ରେ ହେଲା ମହାପ୍ରଭୁଙ୍କ ପହୁଡ଼

ପୁରୀ ଅଫିସ, ୩୧।୧୨: ନୂଆବର୍ଷ ପ୍ରଥମ ଦିନରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଲାଗି ଶ୍ରୀମନ୍ଦିରରେ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ। ତେଣୁ ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଶ୍ରୀମନ୍ଦିର ପ୍ରଶାସନ ଗୁରୁତ୍ୱ ଦେଇ ନୂଆବର୍ଷ ପାଇଁ ସ୍ୱତନ୍ତ୍ର ନୀତି ନିର୍ଘଣ୍ଟ କରିଥିଲା। ୩୧ ତାରିଖ ରାତି ସାଢେ ୯ଟାରେ ପହୁଡ଼ ହେବାକୁ ନିର୍ଘଣ୍ଟ କରାଯାଇଥିଲା। ସେବକମାନଙ୍କ ସହଯୋଗରେ ନୀତିକାନ୍ତି ଠିକ୍‌ଠାକ ଚାଲି ରାତି ୧୦ଟାରେ ପହୁଡ଼ ହୋଇଥିବା ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଗତ ଶୁକ୍ରବାର ଶ୍ରୀମନ୍ଦିରରେ ନୀତି ବିଭ୍ରାଟ ନେଇ ସମସ୍ତଙ୍କ ଆଶଙ୍କା ରହିଥିଲା। ଏହାସତ୍ତ୍ୱେ ରବିବାର ରାତି ୩ଟା ୫୫ରେ ଦ୍ୱାର ଫିଟା ଯାଇଥିଲା। ସୋମବାର ଭୋର ୪ଟା ୪୫ରେ ମଙ୍ଗଳ ଆଳତି ସରି ସକାଳ ୮ଟା ୫୫ରେ ପହିଲି ଭୋଗ ବାହାରିଥିଲା। ପୂର୍ବାହ୍ନ ସାଢେ ୧୦ଟାରେ ସକାଳ ଧୂପ ସରିଥିବା ବେଳେ ମଧ୍ୟାହ୍ନ ୧୨ଟା ୧୫ରେ ଭୋଗ ମଣ୍ଡପ ବଢିଥିଲା। ଅପରାହ୍ନ ସାଢେ ୪ଟାରେ ସନ୍ଧ୍ୟା ଆଳତି ହୋଇ ୭ଟାରେ ସନ୍ଧ୍ୟା ଧୂପ ସରିଥିଲା। ରାତି ୯ଟା ୫ରେ ବଡ଼ସିଂହାର ବେଶ, ୯ଟା ୩୫ରେ ବଡ ସିଂହାର ଭୋଗ ସରି ରାତି ୧୦ଟାରେ ପହୁଡ ହୋଇଛି।

ପ୍ରଥମ ପୃଷ୍ଠାରୁ...

### ଆରମ୍ଭ ହେଲା...

ପର୍ଯ୍ୟାୟ ତାଲିକା ପ୍ରସ୍ତୁତ କରିବାକୁ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜାନୁୟାରୀ ଓ ଫେବୃୟାରୀରେ ହେବାକୁ ଥିବା ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ପିଠା କାର୍ଯ୍ୟକ୍ରମ ସମୟରେ କାଳିଆ ସ୍କିମ୍‌ର ସମସ୍ତ ଚାଷୀଙ୍କ ନାମ ପ୍ରକାଶ କରିବାକୁ କୁହାଯାଇଛି।

ଏହି ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ୧୦ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ୨୦୧୮-୧୯ରୁ ୨୦୨୧-୨୨ ଯାଏ ୫ଟି ଫସଲ ପାଇଁ ଏହି ଯୋଜନା ଲାଗୁ ହେବ। ଏଥିରେ ୩୦ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଉପକୃତ ହେବେ। ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ଯୋଗାଇ ଦିଆଯିବ। ଉଭୟ ଖରିଫ ଓ ରବି ଫସଲ ପାଇଁ ୫ ହଜାର ଟଙ୍କା ଲେଖାଏ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଚାଷୀମାନେ ସେମାନଙ୍କର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଅର୍ଥ ଖର୍ଚ୍ଚ କରି ପାରିବେ। ଏହି ଯୋଜନା ଦ୍ୱାରା ରାଜ୍ୟର ୯୨ ପ୍ରତିଶତ ଚାଷୀ ଉପକୃତ ହେବେ । କେଉଁ ଚାଷୀର କେତେ ଜମି ଅଛି ତା' ସହିତ ଏହି ଯୋଜନାର କୌଣସି ସମ୍ପର୍କ ନାହିଁ। ଅର୍ଥାତ ସମସ୍ତ ଚାଷୀ ଏହି ଯୋଜନାର ଲାଭ ଉଠାଇବେ। ଅଧିକାଂଶ କୃଷି ବିକାଶ ଯୋଜନାରେ ଭୂମିହୀନ ଚାଷୀ ପରିବାରଙ୍କ ପାଇଁ ବିଶେଷ କିଛି କାର୍ଯ୍ୟକ୍ରମ ନ ଥିଲା। ମାତ୍ର କାଳିଆ ଯୋଜନା ଦ୍ୱାରା ୧୦ ଲକ୍ଷ୍ୟ ଭୂମିହୀନ ପରିବାର ଉପକୃତ ହେବେ। ଛେଳି ପାଳନ, ଅଣ୍ଡା ଉତ୍ପାଦନ, ବତକ ଚାଷ, ମାଛ ଚାଷ, ଛତୁ ଚାଷ ଏବଂ ମହୁ ଚାଷ ଭଳି ଆନୁଷଙ୍ଗିକ କୃଷି କାର୍ଯ୍ୟ ପାଇଁ ପ୍ରତି ପରିବାରକୁ ୧୨ ହଜାର ୫୦୦ ଟଙ୍କା ସହାୟତା ପ୍ରଦାନ କରାଯିବ। ଭୂମିହୀନ ପରିବାରଗୁଡିକ ଉପରୋକ୍ତ ୭ଟି ଆନୁଷଙ୍ଗିକ କୃଷି କାର୍ଯ୍ୟ ମଧ୍ୟରୁ ଯେ କୌଣସି ଗୋଟିଏକୁ ସେମାନଙ୍କ ଜୀବିକା ଭାବେ ପସନ୍ଦ କରି ପାରିବେ। ଏଥିପାଇଁ ଆସନ୍ତା ୩ ବର୍ଷରେ ସରକାର ୧୨୫୦ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ଯୋଜନାରେ ଭୂମିହୀନ ଶ୍ରମିକମାନଙ୍କୁ ମଧ୍ୟ ସହାୟତା ବ୍ୟବସ୍ଥା କରାଯାଇଛି। ଅନେକ ସମୟରେ ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ବିଭିନ୍ନ କାରଣରୁ ଚାଷୀ ଚାଷ କାର୍ଯ୍ୟ କରିବାକୁ ସକ୍ଷମ ହୋଇ ପାରେ ନାହିଁ। ଏଥିଯୋଗୁ ଭୂମିହୀନ ଶ୍ରମିକମାନେ ରୋଜଗାର ହରାଇଥାଆନ୍ତି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେମାନଙ୍କ ପରିବାରକୁ ଚାଷ କାର୍ଯ୍ୟ ଓ ଜୀବିକା ଜାରି ରଖିବା ପାଇଁ ବାର୍ଷିକ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ସହାୟତା ପାଇବା ପାଇଁ ଗ୍ରାମପଞ୍ଚାୟତ ଦ୍ୱାରା ଯୋଗ୍ୟ ହିତାଧିକାରୀଙ୍କୁ ମନୋନୀତ କରାଯିବ। ରାଜ୍ୟରେ ଥିବା ଏଭଳି ୧୦ ଲକ୍ଷ ପରିବାର ପାଇଁ କାଳିଆ ଯୋଜନାରେ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରାଯିବ। ଏହାଛଡା ଏହି ଯୋଜନାରେ ଚାଷୀ ଓ ଭୂମିହୀନ କୃଷି ଶ୍ରମିକଙ୍କ ପାଇଁ ୨ ଲକ୍ଷ ଟଙ୍କାର ବୀମା ବ୍ୟବସ୍ଥା କରାଯାଇଛି। ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହେଲେ ଅତିରିକ୍ତ ୨ ଲକ୍ଷ ଟଙ୍କାର ବୀମା ସୁରକ୍ଷା ଯୋଗାଇ ଦିଆଯିବ। ଏହାଦ୍ୱାରା ୫୭ ଲକ୍ଷ ପରିବାର ଉପକୃତ ହେବେ। ୨୦୨୧ରେ କାଳିଆ ଯୋଜନାର ସମୀକ୍ଷା କରାଯାଇ ଆବଶ୍ୟକ ପରିବର୍ତ୍ତନ କରାଯିବ। ଚାଷୀମାନେ କାଳିଆ ବାର୍ତ୍ତା ପାଇବା ପାଇଁ ୦୮୦୬୧୧୭୪୨୨୨କୁ ମିସ୍ କଲ କରି ନିଜର ନାମ ପଞ୍ଜୀକୃତ କରି ପାରିବେ। ମିସ୍ କଲ ହେବା ପରେ ଆପେ ଆପେ ସରକାରଙ୍କ ପାଖେ ତାଙ୍କ ନାମ ପଞ୍ଜୀକୃତ ହୋଇଯିବ। କାଳିଆ ଯୋଜନା ସମ୍ପର୍କରେ ସମସ୍ତ ତଥ୍ୟ ମୋବାଇଲକୁ ଯିବ।

### ଥଣ୍ଡାରୁ ମିଳୁନି...

୨.୮ ଡିଗ୍ରୀ ସେଲ୍‌ସିୟସ ତଳକୁ ଖସି ଯାଇଥିବା ବେଳେ ଫୁଲବାଣୀ ୩, କୋରାପୁଟ ୪.୮, ସୋନପୁର ୫.୮, ଅନୁଗୋଳ ୫.୬, ବାଲେଶ୍ୱର ୮.୬, ଚାନ୍ଦବାଲି ୯.୮, କଟକ ୮.୮, ଭୁବନେଶ୍ୱର ୯.୫, ବାରିପଦା ୯, ଝାରସୁଗୁଡା ୬.୮, କେନ୍ଦୁଝର ୬.୬, ସମ୍ବଲପୁର ୭.୫, ସୁନ୍ଦରଗଡ ୭.୫, ହୀରାକୁଦ ୮.୯, ତାଳଚେର ୮.୩, ଭବାନୀପାଟଣା ୬, ବଲାଙ୍ଗୀର ୭.୪ ଏବଂ ମାଲକାନଗିରିର ସର୍ବନିମ୍ନ ତାପମାତ୍ରା ୯.୮ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

### ଓଡ଼ିଆ ଆଇଏଏସ୍...

ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି ହୋଇଛି। ସୁଧି ରଞ୍ଜନ ଏବେ ମାଧ୍ୟମିକ ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଅଛନ୍ତି। ଏହା ପୂର୍ବରୁ ସେ ମଧ୍ୟପ୍ରଦେଶ ରାଜ୍ୟ ଶିଳ୍ପ ବିକାଶ ନିଗମର ପରିଚାଳନା ନିର୍ଦ୍ଦେଶକ ଥିବାବେଳେ ବହୁ କୋଟି ଟଙ୍କା ଇଣ୍ଟରକର୍ପୋରେଟ ଡିପୋଜିଟ ସ୍କିମ୍ ଦୁର୍ନୀତିରେ ଅନ୍ୟତମ ଅଭିଯୁକ୍ତ ଥିଲେ। ଅନ୍ୟପକ୍ଷରେ ମୁଖ୍ୟ ସଚିବ ପଦରୁ ଅବସର ଗ୍ରହଣ କରିଥିବା ସିଂ ୬ ବର୍ଷ ପାଇଁ ରାଜ୍ୟ ନିର୍ବାଚନ କମିଶନର ନିଯୁକ୍ତ ହୋଇଛନ୍ତି।

### ତିନି ତଲାକ୍...

ଆବଶ୍ୟକତା ରହିଛି। ଏହି ବିଲ୍‌କୁ ଚୟନ କମିଟିକୁ ପଠାଇବା ଲାଗି ବିଭିନ୍ନ ଦଳର ଅର୍ଦ୍ଧାଧିକ ସଦସ୍ୟ ଦାବି କରୁଛନ୍ତି ବୋଲି ସେ କହିଥିଲେ। ସରକାର ସମସ୍ତ ପ୍ରସଙ୍ଗରେ ଆଲୋଚନା ପାଇଁ ପ୍ରସ୍ତୁତ ଅଛନ୍ତି। କଂଗ୍ରେସ ବିଲ୍ ଗୃହୀତ କରାଇବାରେ ବାଧା ସୃଷ୍ଟି କରୁଛି ବୋଲି ସଂସଦୀୟ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ବିଜୟ ଗୋୟଲ କହିଥିଲେ। ମୁସଲମାନ ମହିଳାଙ୍କ ଅଧିକାରର ସୁରକ୍ଷା ପାଇଁ ଏହି ବିଲ୍ ଜରୁରୀ ହୋଇଥିବାବେଳେ ବିରୋଧୀ ଦଳଗୁଡିକ ଏହାକୁ ନେଇ ରାଜନୀତି କରୁଛନ୍ତି। ଗୋୟଲଙ୍କ ମତକୁ ଖଣ୍ଡନ କରି ରାଜ୍ୟ ସଭାରେ କଂଗ୍ରେସ ଉପନେତା ଆନନ୍ଦ ଶର୍ମା କହିଥିଲେ, ସରକାର ହିଁ ରାଜନୀତି କରୁଛନ୍ତି। ବିଲ୍‌କୁ କେହି ବିରୋଧ କରୁନାହାନ୍ତି। ସଂସଦୀୟ କମିଟି ଦ୍ୱାରା ଏହାର ଯାଞ୍ଚ କରାଯାଉ ବୋଲି ସେ କହିଥିଲେ। ଗୁରୁବାର ଲୋକ ସଭାରେ ବିରୋଧୀ ଦଳ ସଦସ୍ୟଙ୍କ କକ୍ଷତ୍ୟାଗ ମଧ୍ୟରେ ତିନି ତଲାକ୍ ବିଲ୍ ଗୃହୀତ ହୋଇଥିଲା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

ନୂଆ ବରଷରେ ମନକାରକ ଚନ୍ଦ୍ର ସ୍ୱାତୀ ନକ୍ଷତ୍ରରେ ରହିଲେ ମଧ୍ୟ ବିଳାସକାରକ ଶୁକ୍ରଙ୍କ ଆତିଥ୍ୟ ଗ୍ରହଣ କରି ଦିନଟିକୁ ମନଭରି ଆନନ୍ଦର ସହ ଉପଭୋଗ କରିବେ। ବେପାର ବଣିଜ ପାଇଁ ଯେମିତି ଭଲ ଯାତ୍ରା ଓ ନୂତନ ସମ୍ପର୍କ ବନେଇବା ସକାଶେ ମଉକା ମଧ୍ୟ ପାଇଯିବେ। କର୍ମକ୍ଷେତ୍ରରୁ ସହକର୍ମୀଙ୍କ ଅଭିଯୋଗ କିମ୍ବା ପରିବାରରେ ମତପାର୍ଥକ୍ୟର ଆଶଙ୍କା ରହିଛି।

**ବୃଷ**

ଅର୍ଥପ୍ରାପ୍ତି କିମ୍ବା କାମ ହାସଲରେ ଚନ୍ଦ୍ର ସମ୍ମୁଖରେ ବୃହସ୍ପତି ରହିଥିବାରୁ ବିଶେଷ ଅସୁବିଧାର ସମ୍ମୁଖୀନ ହେବେନାହିଁ। ବନ୍ଧୁଙ୍କ ସହାନୁଭୂତି ସହିତ ବୈଷୟିକ ସୁଖ, ସମୃଦ୍ଧି ଓ ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ନିଶ୍ଚୟ ଲାଭବାନ୍ ହେବେ। ଶତ୍ରୁତା କରୁଥିବା ବ୍ୟକ୍ତିଟି ଏକ ନୂତନ ପରିବେଶରେ ମୌନ ରହିବାକୁ ବାଧ୍ୟ ହେବ।

**ମିଥୁନ**

ରାଶ୍ୟାଧିପ ବୁଧ ଓ ଚନ୍ଦ୍ର ଦ୍ୱିଦ୍ୱାଦଶ ହୋଇ କିଏ କାହାକୁ ଦେଖିପାରୁ ନ ଥିବାରୁ ସ୍ୱାସ୍ଥ୍ୟ ଓ ପାରିବାରିକ ସ୍ଥିତି ଉଦ୍‌ବେଗପୂର୍ଣ୍ଣ ହେବନାହିଁ। ରବି ଓ ଶନିଙ୍କ ଦୃଷ୍ଟି ପ୍ରଭାବରୁ କୌଣସି ବୟସ୍କବ୍ୟକ୍ତିଙ୍କ ଅନୁଗ୍ରହ ଦୁଷ୍ଟ ମାନସିକ ସ୍ଥିତିକୁ ହାଲୁକା କରିଦେବ। ବ୍ୟବସାୟ, ପରିବହନ, ବନ୍ଧୁସମ୍ପର୍କ ଓ ଯାତ୍ରାକାଳୀନ ଆନନ୍ଦ ସେତେଟା ପ୍ରୀତିପ୍ରଦ ହୋଇ ନ ପାରେ।

**କର୍କଟ**

ବର୍ଷ ଆରମ୍ଭରୁ ଭାଗ୍ୟଭାବରେ ମଙ୍ଗଳ ଆପଣଙ୍କ ଆଶା ଓ କାମନାକୁ ଚରିତାର୍ଥ କରିବା ପାଇଁ ସତେଯେମିତି ଅନାଇ ବସିଛନ୍ତି। ଅନୁକୂଳ ଗ୍ରହ ପ୍ରଭାବରେ କେବଳ ଆଜି ଦିନକ ପାଇଁ ନୁହେଁ, ପ୍ରତ୍ୟେକ କ୍ଷେତ୍ରରେ ସଫଳତା ସୂଚନାର ଏଇମାତ୍ର ଆରମ୍ଭମାତ୍ର। ଆର୍ଥିକ ଉନ୍ନତି, ସାମାଜିକ ପ୍ରତିଷ୍ଠା, କର୍ମକ୍ଷେତ୍ରରୁ ସମ୍ମାନ ଓ ବନ୍ଧୁମାନଙ୍କ ସମାଦରରେ ଖୁସୀ ରହିବେ।

**ସିଂହ**

ରବି ଓ ଶନିଙ୍କ ପରି ଆଦୌ ଭଲ ସମ୍ପର୍କ ନ ଥିବା ବ୍ୟକ୍ତିଙ୍କ ସହ ସମୟଟି ଉପଭୋଗ୍ୟ ହେବା ବଦଳରେ ଦୁର୍ବିଷହ ହୋଇପାରେ। ପୁରୁଣା ରୋଗ, ସମାଧାନ ହୋଇପାରି ନ ଥିବା ସମସ୍ୟା ବାରମ୍ବାର ମନରେ ଆଲୋଡ଼ନ ସୃଷ୍ଟି କରିବ। ତଥାପି ଶିକ୍ଷା, ଲୋକସମ୍ପର୍କ, ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବାର ସୁଯୋଗ ଜୁଟିବ।

**କନ୍ୟା**

ଚନ୍ଦ୍ରଙ୍କ ସୁପ୍ରଭାବରେ ଉପର ମନରେ ହସି ଦେଉଥିଲେ ମଧ୍ୟ ପାରିବାରିକ ଦୁଶ୍ଚିନ୍ତା ସାଙ୍ଗକୁ କାର୍ଯ୍ୟରେ ବିଫଳତା ବିଡ଼ମ୍ବନା ସୃଷ୍ଟି କରିବ। ବହୁପୂର୍ବରୁ ମନସ୍ଥ କରିଥିବା କାମଟି ବିଗିଡିଯିବା କାରଣରୁ ମନେମନେ ବିରକ୍ତି ଅନୁଭବ କରିପାରନ୍ତି। ପ୍ରତିଦ୍ୱନ୍ଦ୍ୱିତାରେ ବିଫଳତା, ବ୍ୟବସାୟରେ ଆଶା ଅପୂରଣ ରହିବା କ୍ଷୋଭର କାରଣ ହୋଇପାରେ।

**ତୁଳା**

ରାଶିସ୍ଥ ଗ୍ରହ ଆପଣଙ୍କୁ ସକାଳୁ ସକାଳୁ ପ୍ରିୟଜନଙ୍କ ଅନୁରକ୍ତି, ବନ୍ଧୁମାନଙ୍କ ସହାନୁଭୂତି, ହାଲୁକା ପାରିବାରିକ ସ୍ଥିତିଜନିତ ଉତ୍‌ଫୁଲ୍ଲିତ କରାଇବ। ପ୍ରୀତିପ୍ରଦ ଆଲୋଚନା, ସନ୍ତାନଙ୍କ କୃତିତ୍ୱ, ନୂତନ ବ୍ୟବସାୟାରମ୍ଭ ପ୍ରଭୃତି ଫଳପ୍ରଦ ହେବ। ସମସ୍ୟା ସମାଧାନରେ ଅର୍ଥବ୍ୟୟ ଏବଂ ଯାତ୍ରାରେ ଦ୍ୱନ୍ଦ୍ୱ କିମ୍ବା କଳହ ଆନନ୍ଦକୁ ହଜାଇ ଦେଇପାରେ।

**ବିଛା**

ବ୍ୟୟଭାବସ୍ଥ ଚନ୍ଦ୍ର, ବନ୍ଧୁମେଳରେ ଯାତ୍ରା, ବିଳାସ ଉପକରଣ ପାଇବା ଦିଗରେ ମନକୁ ଅନୁପ୍ରେରିତ କରିପାରନ୍ତି। କେତୁଙ୍କ କୁପ୍ରଭାବରୁ ନିଜ ପରିସର ବ୍ୟକ୍ତିବିଶେଷଙ୍କ ପରୋକ୍ଷ ଶତ୍ରୁତା ପରିସ୍ଥିତିକୁ ବିଗାଡି ଦେଇପାରେ। ଅବଶ୍ୟ କର୍ମକ୍ଷେତ୍ର ଓ ପାରିପାର୍ଶ୍ୱିକ ପରିସ୍ଥିତି ଅନୁରାଧା ନକ୍ଷତ୍ର ସକାଶେ ବିଶେଷ ଖରାପ ନ ହୋଇପାରେ।

**ଧନୁ**

ଶନିଙ୍କ ପ୍ରଭାବରେ ମନ ଅନୁଯାୟୀ କୌଣସି କାମ ନ ହୋଇପାରିବା କାରଣରୁ ଯନ୍ତ୍ରବତ୍ କାମ କରୁଥିଲେ ମଧ୍ୟ ମନ ସୁଖ ରହିବନାହିଁ। ଭଲ କଲେ ମଧ୍ୟ ମନ୍ଦ ଶୁଣିବେ, ପରିଶ୍ରମ କମ୍ ନ ହେଲେ ମଧ୍ୟ ତଦନୁରୂପ ଫଳର ନୈରାଶ୍ୟରେ ଦୁଃଖାଭିଭୂତ ହୋଇପାରନ୍ତି। ଏକାଦଶସ୍ଥ ଗ୍ରହ କଳହ, ଝଗଡ଼ା ଭିତରେ କିଛିଟା ଦେଲେ ମଧ୍ୟ ତାହା ସନ୍ତୋଷଜନକ ହେବନହିଁ।

**ମକର**

କର୍ମଭାବରୁ ଶୁକ୍ର ଓ ଚନ୍ଦ୍ର ବନ୍ଧୁ, ସମାଜ, ସମ୍ପର୍କର ସ୍ଥାନ ଚତୁର୍ଥ ଭାବକୁ ଅବଲୋକନ କରି ଦିନଟିକୁ ସ୍ମରଣୀୟ କରାଇବେ। ଖୁସି ଖବର ପାଇବେ, ମନ ଚାହୁଁଥିବା ଜିନିଷ ହାତପାଆନ୍ତାକୁ ଆସିଯିବ। କିନ୍ତୁ ଉତ୍ତରାଷାଢା ବୃଥା ଭାବନା, କାର୍ଯ୍ୟହାନିର କ୍ଷୋଭରୁ ସୁନିଦ୍ରାରେ ବ୍ୟାଘାତ ମଧ୍ୟ ମାନସିକ ଦୁଶ୍ଚିନ୍ତାର କାରଣ ପାଲଟିଯିବ।

**କୁମ୍ଭ**

ଶାରୀରିକ ସୁସ୍ଥତା, କାର୍ଯ୍ୟ ହାସଲର ଜିଦ୍, ଅଭିଳାଷର ପ୍ରତିଶ୍ରୁତି ପ୍ରତ୍ୟେକ କ୍ଷେତ୍ରରେ ଅନୁଭବରେ ଆସିପାରେ। କିନ୍ତୁ ମୁଖଭାବରେ ମଙ୍ଗଳ କଥାରେ କଠୋରତା, ପର ପାଇଁ ଶତ୍ରୁତା, ଦ୍ୱାଦଶସ୍ଥ କେତୁଜନିତ ସମାଲୋଚନାର କେନ୍ଦ୍ରବିନ୍ଦୁ ପାଲଟି ଯାଇପାରନ୍ତି। କିନ୍ତୁ ରାଶିସ୍ଥ ଗ୍ରହମାନେ ବିବାଦରେ ବିଜୟ, ବିଶିଷ୍ଟ ବ୍ୟକ୍ତିମାନଙ୍କ ସାନ୍ନିଧ ଲାଭର ସୁଯୋଗ ପ୍ରଦାନ କରିବେ।

**ମୀନ**

ବର୍ଷ ପ୍ରବେଶର ପ୍ରଥମ ଦିବସରେ ତୃତୀୟ ଅଷ୍ଟମାଧିପ ଶୁକ୍ର ମନ୍ତ୍ରଣାଧିପତି ଚନ୍ଦ୍ରଙ୍କ ସାନ୍ନିଧ୍ୟରେ କୂଟନୈତିକ ପଶାପାଳିରେ ବିଜୟୀ କରାଇବେ। କିନ୍ତୁ ତାହା ସାଙ୍ଗକୁ ବିଜୟର ଆନନ୍ଦ ଅନ୍ତରାଳରେ ବିବାଦ ଓ ସଂଘର୍ଷଜନିତ ମନସ୍ତାପ ମଧ୍ୟ ପିଛା ଛାଡ଼ିବ ନାହିଁ। ପାରିବାରିକ ସଦ୍‌ଭାବ, ଆଶା କରୁଥିବା ଜିନିଷ, ବ୍ୟବସାୟିକ ଉତ୍କର୍ଷତା ପାଇବା ଉତ୍ତରଭାଦ୍ର ପାଇଁ ଦୁର୍ଲ୍ଲଭ ହୋଇପାରେ।

ଆଜି ତା୧।୧।୨୦୧୯ରିଖ, ଇଂରାଜୀ ନବବର୍ଷର ପ୍ରଥମ ଦିବସ, ପୌଷ କୃଷ୍ଣପକ୍ଷର ସର୍ବସମ୍ମତ ସଫଳା ଏକାଦଶୀ ମଙ୍ଗଳବାର, ସାମନ୍ତ ଚନ୍ଦ୍ରଶେଖର ସ୍ମୃତି ପରିଷଦର ପ୍ରତିଷ୍ଠା ଦିବସ, ସଡ଼କ ସୁରକ୍ଷା ସପ୍ତାହ ଆରମ୍ଭ, ରାଶି/ନକ୍ଷତ୍ର-ସ୍ୱାତୀ/ତୁଳା, ଦିବା ଘ.୯।୪୩ମି. ଗତେ ବିଶାଖା ନକ୍ଷତ୍ର, ମକର ରାଶିର ଘାତବାର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ,ଏକାଦଶୀ ବ୍ରତ ଓ ଉପବାସ, ଦିବା ଘ.୯।୧୦ମି ଗତେ ଘ.୧୦।୩୧ମି. ମଧ୍ୟେ, ଘ.୧୧।୫୨ମି. ଗତେ ଘ.୧।୧୩ମି. ମଧ୍ୟେ ଅମୃତବେଳା। ଦିବା ଘ.୧୦।୦୩.ମି. ଗତେ ଘ.୧୧।୫୨.ମି ମଧ୍ୟେ, ଘ.୨।୩୫ମି. ଗତେ ଘ.୩।୫୬ମି. ମଧ୍ୟେ ମାହେନ୍ଦ୍ରବେଳା।




# ଗଛରେ ପିଟି ହେଲା ବୋଲେରୋ, ୪ ମୃତ

**ଟିକିରି/ରାୟଗଡ଼ା ଅଫିସ,୩୧।୧୨(ଡି.ଏନ୍.ଏ)**

ରାୟଗଡ଼ାରେ ରବିବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୪ ଜଣଙ୍କ ମୃତ୍ୟୁ ହୋଇଛି। ସେମାନେ ହେଲେ ରାୟଗଡା ଜିଲା କାଶୀପୁର ବ୍ଲକ ଡୁଡୁକାବାହାଲ ପଞ୍ଚାୟତ ଡେଙ୍ଗାଗୁଡା ଗ୍ରାମର ରବି ମାଝି, ନବୀନ ମାଝି, ପପୁ ମାଝି ଓ କାଶୀପୁର ନିକଟସ୍ଥ ପଣସଗୁଡା ଗ୍ରାମର ଅଜୟ ମାଝି। ସେହିପରି ଆହତ ହୋଇ ମୁଣ୍ଡାଗାଁର ବିରୁ କୁମାର ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରବିବାର ଟିକିରି ଥାନା ଅନ୍ତର୍ଗତ ଡେଙ୍ଗାଗୁଡା ଗ୍ରାମର ଉକ୍ତ ୫ ଜଣ କୌଣସି କାମରେ ଏକ ବୋଲେରୋ (ଓଡି୦୨ଏସ ୯୨୪୩)ଯୋଗେ କୁଟିଙ୍ଗଗୁଡା ଗ୍ରାମକୁ ଯାଇଥିଲେ। ସେଠାରୁ କାମ ସାରି ରାତି ୧୧ଟାରେ ଫେରୁଥିବା ସମୟରେ ରାଫକଣା-ଟିକିରି ମୁଖ୍ୟ ରାସ୍ତାର ତଡ଼ାପୁଟ ବୁଲାଣିଠାରେ ବୋଲେରୋଟି ଭାରସାମ୍ୟ ହରାଇ ରାସ୍ତାକଡରେ ଥିବା ଏକ ଗଛକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିଲା। ଖବରପାଇ ଟିକିରି ଥାନା ଅଧିକାରୀ ସୁଜ୍ଞାନୀ ସାହୁ ଏବଂ ଏସଆଇ ସୁଦର୍ଶନ ଅଧିକାରୀ ପ୍ରମୁଖ ପହଞ୍ଚି ଆହତ ନବୀନ ଓ ଡ୍ରାଇଭର ବିରୁ କୁମାରଙ୍କୁ ରାୟଗଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସୋମବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ନବୀନଙ୍କ ମୃତ୍ୟୁ ଘଟିଛି। ପୋଲିସ ଏନେଇ ଏକ ମାମଲା (ନଂ ୧୨୧/୧୮) ରୁଜୁ କରି ତଦନ୍ତ ଚଳାଇଛି।







▪ ବିଜୟଙ୍କ ମନ୍ତବ୍ୟ ଉପରେ ଗଜପତିଙ୍କ କାର୍ଯ୍ୟାଳୟର ସ୍ପଷ୍ଟୀକରଣ

# ଶ୍ରୀମନ୍ଦିରର ପ୍ରଶାସନିକ ଦାୟିତ୍ୱ ସରକାର ବହନ କରୁଛନ୍ତି

**ପୁରୀ ଅଫିସ,୩୧।୧୨**

ଶ୍ରୀମନ୍ଦିରରେ ଗତ ଶୁକ୍ରବାର ଚରମ ବିଶୃଙ୍ଖଳା ହୋଇଥିଲା। ଦ୍ୱାର ଫିଟିବାରେ ୧୪ ଘଣ୍ଟା ବିଳମ୍ବ ହୋଇଥିଲା। ଅଖିଆ, ଅପିଆ ରହିଥିଲେ ମହାପ୍ରଭୁ। ଏହାକୁ ନେଇ ଗଜପତିଙ୍କୁ ଟାର୍ଗେଟ୍ କରିଥିଲେ ବିଜୟ ମହାପାତ୍ର। ସେ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଦ୍ୟ ସେବକ ହେଉଛନ୍ତି ଗଜପତି ମହାରାଜା। ଏଥିସହିତ ଶ୍ରୀମନ୍ଦିର ପରିଚାଳନା କମିଟିର ଅଧ୍ୟକ୍ଷ। ମନ୍ଦିର ବ୍ୟବସ୍ଥା କିଭଳି ଶୃଙ୍ଖଳିତ ହେବ ତାଙ୍କର ଦାୟିତ୍ୱ ରହିଛି। କିନ୍ତୁ ଗଜପତି ମହାରାଜା ଶସ୍ତା ବିବୃତି ଦେଇ ଖସିଯିବା ଉଚିତ ନୁହେଁ। ଘଟଣା ସମ୍ପର୍କରେ ପ୍ରଶାସନ ପୂର୍ବରୁ ଜାଣିଥିଲେ ବି ଆନ୍ତରିକତା ନ ଦେଖାଇବାରୁ ପରିଣାମ ସାଂଘାତିକ ହେଲା। ଏହି ଘଟଣାକୁ ଗଜପତି କିମ୍ବା ସରକାର ମାମୁଲି ଭାବେ ନ ନିଅନ୍ତୁ।

ବିଜୟ ମହାପାତ୍ରଙ୍କ ଏହି ମନ୍ତବ୍ୟ ଉପରେ ମଙ୍ଗଳବାର ଗଜପତିଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇଛି। ଏଥିରେ ଦର୍ଶାଯାଇଛି ଯେ, ୧୯୬୦ ମସିହାରେ ଶ୍ରୀଜଗନ୍ନାଥ ମନ୍ଦିର ଆଇନ ଲାଗୁ ପରେ ଓଡ଼ିଶା ସରକାର ଗଜପତିଙ୍କଠାରୁ ସମ୍ପୂର୍ଣ୍ଣ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱ ନେଲେ। ସେବେଠାରୁ ଶ୍ରୀମନ୍ଦିରର ପ୍ରଶାସନିକ ଦାୟିତ୍ୱ ରାଜ୍ୟ ସରକାର ବହନ କରୁଛନ୍ତି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ଉପରେ ଦୈନନ୍ଦିନ ପରିଚାଳନା ଦାୟିତ୍ୱ ନ୍ୟସ୍ତ। ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଅଧ୍ୟକ୍ଷତା କରିବା ଗଜପତିଙ୍କର ଦାୟିତ୍ୱ। ଏହା ବ୍ୟତୀତ ଶ୍ରୀମନ୍ଦିର ପରିଚାଳନା ନେଇ ଗଜପତିଙ୍କ ଅଧିକାର କି ଦାୟିତ୍ୱ ନାହିଁ। ମହାପ୍ରଭୁଙ୍କ ଆଦ୍ୟ ସେବକ ଭାବେ ପରମ୍ପରା ଅନୁସାରେ ସେବା କରୁଛନ୍ତି। ଆଦ୍ୟ ସେବକ ସେବାରେ ଶ୍ରୀମନ୍ଦିର ପରିଚାଳନା ଦାୟିତ୍ୱର କୌଣସି ଅଂଶ ନାହିଁ। ଗଜପତିଙ୍କ ବାରମ୍ବାର ସ୍ପଷ୍ଟୀକରଣ ସତ୍ତ୍ୱେ ଏଭଳି ଭ୍ରାନ୍ତ ଧାରଣା ଉପୁଜିବା ଅନୁଚିତ।

ଅନ୍ୟପକ୍ଷରେ ଏହି ଘଟଣାରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି, ଗଜପତି ଆସ୍ଥା ଓ ବିଶ୍ୱାସର କେନ୍ଦ୍ର। ପ୍ରଭୁ ଜଗନ୍ନାଥଙ୍କ ସମ୍ପର୍କରେ ତାଙ୍କ ବକ୍ତବ୍ୟକୁ କୌଣସି ଓଡ଼ିଆ ଏଭଳି ସମାଲୋଚନା କରିବା ଉଚିତ ନୁହେଁ। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି, ସରକାର ସବୁ ଦାୟିତ୍ୱ ନେଇସାରିବା ପରେ ଗଜପତିଙ୍କର ନିର୍ଦ୍ଦିଷ୍ଟ ଦାୟିତ୍ୱ ବୋଲି କିଛି ନାହିଁ। ଯେଉଁ କଥା ଆଲୋଚନା ମାଧ୍ୟମରେ ସମାଧାନ କରାଯାଇ ପାରନ୍ତା ତାହା ଏ ସରକାର କରୁନାହାନ୍ତି। ମହାପ୍ରଭୁ ଆମର ଇଷ୍ଟ ଦେବ। ତାଙ୍କୁ ଯେଉଁ ସରକାର ସମ୍ଭାଳି ପାରୁନାହାନ୍ତି ୪ କୋଟି ଲୋକଙ୍କୁ କ'ଣ ସମ୍ଭାଳିବେ ବୋଲି ନିରଞ୍ଜନ ପ୍ରଶ୍ନ କରିଛନ୍ତି। ଆଇନମନ୍ତ୍ରୀ ପ୍ରତାପ ଜେନା କହିଛନ୍ତି, ଯାହା ଘଟିଯାଇଛି ତାହା ଅତ୍ୟନ୍ତ ଦୁଃଖଦାୟକ। ମହାପ୍ରଭୁଙ୍କ ସେବାରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ।

# ୭ ଲକ୍ଷର ବ୍ରାଉନ୍‌ସୁଗାର ଜବତ: ଜଣେ ଗିରଫ

**କଟକ ଅଫିସ,୩୧।୧୨**

କଟକ ବାଦାମବାଡ଼ି ଅଞ୍ଚଳରୁ ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ଚଢାଉ କରାଯାଇ ବ୍ରାଉନସୁଗାର ଜବତ କରାଯାଇଛି। ଏହି ଘଟଣାରେ ବ୍ରାଉନ୍‌ସୁଗାର ବ୍ୟବସାୟୀ ଗଣେଶ ପଣ୍ଡାଙ୍କୁ ଗିରଫ କରାଯାଇଛି। ଅବକାରୀ ଗୋଇନ୍ଦା ବିଭାଗ ପକ୍ଷରୁ ସୋମବାର ବାଦାମବାଡ଼ି ଅଞ୍ଚଳରେ ପାଟ୍ରୋଲିଂ କରାଯିବାବେଳେ ଗଣେଶ ବ୍ରାଉନ୍‌ସୁଗାର ବ୍ୟବସାୟ କରୁଥିବା ଜଣାପଡିଥିଲା। ପରେ ବିଭାଗ ପକ୍ଷରୁ ତାଙ୍କୁ ଗିରଫ କରାଯାଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ବଜାର ମୂଲ୍ୟ ୭ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# କାଳିଆ ଯୋଜନାକୁ ବିରୋଧୀଙ୍କ ସମାଲୋଚନା

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

କାଳିଆ ଯୋଜନା ଉଦ୍‌ଘାଟନକୁ ନେଇ ରାଜ୍ୟ ଭାଜପା କଡା ସମାଲୋଚନା କରିଛି। ଯଦି କୃଷକଙ୍କ ପାଇଁ ଆନ୍ତରିକତା ଥାନ୍ତା ତାହାହେଲେ ବଜେଟରେ କିମ୍ବା ଅତିରିକ୍ତ ବଜେଟରେ ବ୍ୟୟବରାଦ କରି ଚାଷୀଙ୍କ ପାଇଁ ଯୋଜନା ତିଆରି କରାଯାଇ ପାରିଥାନ୍ତା। ତାହା ନ କରି ଏବେ କଣ୍ଟିଜେନ୍ସି ଫଣ୍ଡରୁ ଅର୍ଥ ଆଣି ଯୋଜନା ଚଳାଇବାର ଅର୍ଥ କେବଳ ତରବରିଆ ଭାବେ ରାଜନୈତିକ ସ୍ୱାର୍ଥ ସିଦ୍ଧି ପାଇଁ ଦୂରଦୃଷ୍ଟିବିହୀନ ପଦକ୍ଷେପ ବୋଲି ଭାଜପା ଅଭିଯୋଗ କରିଛି।

ଦଳୀୟ ମୁଖ୍ୟାଳୟରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ରାଜ୍ୟରେ ୭୦ଲକ୍ଷ ଚାଷୀ ପରିବାର ଥିବାବେଳେ ଅଧାରୁ କମ୍ ପରିବାରକୁ ଏହି ଯୋଜନାରେ ସାମିଲ ପାଇଁ କାହିଁକି ସରକାର ବ୍ୟବସ୍ଥା କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ରାଜ୍ୟରେ ଏ ପର୍ଯ୍ୟନ୍ତ ଭାଗଚାଷୀ ଚିହ୍ନଟ ହୋଇ ନାହାନ୍ତି। ଯୋଜନା କ୍ରିୟାନ୍ୱୟନ ପାଇଁ ଗାଇଡ ଲାଇନ୍‌ରେ ସ୍ପଷ୍ଟତା ନାହିଁ। ଏହି ଯୋଜନାର ଲାଭ ପ୍ରକୃତ ଚାଷୀଙ୍କ ନିକଟକୁ ଯିବ ନା ରାଜନୈତିକ ସ୍ୱାର୍ଥ ପାଇଁ ଦଳୀୟ ଆଧାରରେ ଚିଠା କରି ପିଠା ଖାଇଦେବାର ଷଡ଼ଯନ୍ତ୍ର ଏହାର ଜବାବ ଓଡ଼ିଶା ଚାଷୀ ମାଗୁଛନ୍ତି। ମିଥ୍ୟା ତଥ୍ୟର ସୌଦାଗର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜ୍ୟରେ ଚାଷୀଙ୍କ ଆୟ ଦୁଇଗୁଣ ହୋଇଥିବା ନେଇ ମିଛ ଦାବି କରିଥିବାବେଳେ ଓଡ଼ିଆ ଚାଷୀଙ୍କ ରୋଜଗାର ଦେଶରେ ତଳ ଆଡୁ ଦ୍ୱିତୀୟ ସ୍ଥାନରେ ରହିଛି। ଚାଷ ଜମିରେ ଜଳସେଚନ ପହଞ୍ଚୁନି, ଶୀତଳ ଭଣ୍ଡାର ନାହିଁ, କୃଷିଜାତ ଦ୍ରବ୍ୟକୁ ଉଚିତ ମୂଲ୍ୟ ମିଳୁନି, ମିଲର ଏବଂ ସରକାର ମଧୁଚନ୍ଦ୍ରିକାରେ ମଣ୍ଡି ଖୋଲୁନି, ଯେଉଁଥିପାଇଁ ଚାଷୀ ବର୍ତ୍ତମାନ ହତାଶ ଅବସ୍ଥାରେ। ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ତିନିମାସ ଧରି କାଳିଆ ଯୋଜନା କରି ଲୋକଙ୍କୁ ଭୁଆଁ ବୁଲାଇବାକୁ ଏଭଳି ସରକାରୀ ଯୋଜନା କରାଯାଇଛି ବୋଲି ସମୀର କହିଛନ୍ତି। ପ୍ରଦେଶ କଂଗ୍ରେସ କମିଟି (ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, ରାଜନୈତିକ ଫାଇଦା ପାଇଁ ସରକାରଙ୍କ ଏହା କେବଳ ନାଟକବାଜି। ଅନ୍ୟପଟେ ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି, ବିରୋଧୀମାନେ ଭୟଭୀତ ହୋଇ ଏଭଳି ପ୍ରତିକ୍ରିୟା ରଖୁଛନ୍ତି।

**National Entrance Screening Test 2019**

**NEST 2019**

Admission to 5-year Integrated MSc Programmes in Biology, Chemistry, Mathematics and Physics at NISER (Bhubaneswar) and UM-DAE CEBS (Mumbai)
(Autonomous Institutions under Department of Atomic Energy, Government of India)

The National Entrance Screening Test (NEST) is a compulsory test for admission to the 5-year Integrated MSc programme in basic sciences - Biology, Chemistry, Mathematics and Physics - at National Institute of Science Education and Research (NISER) Bhubaneswar and University of Mumbai - Department of Atomic Energy Centre for Excellence in Basic Sciences (UM-DAE CEBS), Mumbai. NEST 2019 will be conducted in around 90 towns and cities all over India on **Saturday, June 01, 2019.**

The candidates admitted to the programme are eligible to receive annual scholarship of ₹60,000 either through **INSPIRE** programme of Dept. of Science & Technology or **DISHA** programme of Dept. of Atomic Energy, Govt. of India. In addition, the scholarship recipients receive a grant of ₹20,000 per annum for Summer Internship.

For detailed information on NEST 2019 application procedure and previous years' question papers, please visit NEST 2019 website: **www.nestexam.in**

NEST Website

**APPLICATION:**
Through ONLINE portal ONLY
Visit www.nestexam.in to apply
Online portal opens on **Jan 07, 2019**
and closes on **Mar 11, 2019.**

**EXAMINATION**
ONLINE/computer based ONLY
Date of Examination: **Jun 01, 2019 (Saturday)**
Time: **9:00 AM - 12:30 PM** (1st session)
**2:30 PM - 6:00 PM** (2nd session)
Results announcement: **Jun 17, 2019**

**Address for Correspondence:**
The Chief Coordinator, NEST 2019,
NISER Bhubaneswar, Jatni,
Khurda - 752 050, Odisha
E-mail: nest-exam@niser.ac.in
Website: www.nestexam.in

**Fee structure and Mode of payment:**

| | |
|---|---|
| Male (General/OBC categories) | ₹1,200/- |
| Male (SC/ST categories) | ₹600/- |
| Female (All categories) | ₹600/- |
| Persons with Disability | ₹600/- |

Pay ONLY via Net-Banking/Credit /Debit cards












# ୨୦୧୯

ଗ୍ରିଗୋରିଆନ୍ କ୍ୟାଲେଣ୍ଡରରେ ଆଉ ଏକ ବର୍ଷ ୨୦୧୯ର ଆବିର୍ଭାବ ହୋଇଛି। ଚାହୁଁଚାହୁଁ ଏକବର୍ଷ ବିତିଗଲା। ଭାରତ ପାଇଁ ନୂଆବର୍ଷ ବହୁ ଦିଗରୁ ଗୁରୁତ୍ୱ ବହନ କରିବାକୁ ଯାଉଛି। ସାଧାରଣ ନିର୍ବାଚନ ଥିବାରୁ ଦେଶର ଭାଗ୍ୟ ନିର୍ଦ୍ଧାରଣ କରିବ ୨୦୧୯। କେନ୍ଦ୍ରରେ ସଂଖ୍ୟାଗରିଷ୍ଠ ଆସନ ପାଇ ଏକ ସ୍ଥିର ସରକାର ଗଠନ ହେଉଛି ନା ଝୁଲା ମତଦାନ ମେଣ୍ଟ ସରକାର ଗଢୁଛି ତାହା ଉପରେ ନଜର ରହିବା ସ୍ୱାଭାବିକ। ଭାଜପା ପରିଚାଳିତ ସରକାରର ନେତୃତ୍ୱ ନେଉଥିବା ନରେନ୍ଦ୍ର ମୋଦି ଏବଂ ଓଡ଼ିଶାରେ ବିଜୁ ଜନତା ଦଳ (ବିଜେଡି) ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକଙ୍କୁ ଦେଇ ଆସିଥିବା ପ୍ରତିଶ୍ରୁତି କେତେ ପାଳନ କରିପାରିଛନ୍ତି, ତାହାର ଏକ ସମାଲୋଚନାତ୍ମକ ବିଶ୍ଳେଷଣ କରିବେ ଭୋଟର। ଇତିମଧ୍ୟରେ ରାଜନୈତିକ ସମୀକରଣ ଯୋଗୁ କୃଷକ ସଚେତନ ହୋଇଯାଇଛନ୍ତି। ହଠାତ୍ ରାଜନୈତିକ ଦଳଗୁଡ଼ିକର କୃଷକ ପ୍ରୀତି ବୃଦ୍ଧି ପାଇବା, ଋଣଛାଡ଼ ଓ ଅଭିନବ କୃଷି ସମ୍ବନ୍ଧୀୟ ଉପହାର କ୍ଷଣସ୍ଥାୟୀ ନା ଦୀର୍ଘମିଆଦୀ ହେବ ତାହା ଏହି ବର୍ଷ ନିର୍ଣ୍ଣୟ କରିବ। ଦୀର୍ଘମିଆଦୀ କରିବାକୁ ହେଲେ ଚାଷୀଙ୍କୁ ଅଧିକ ସକ୍ରିୟ ହେବାକୁ ପଡ଼ିବ। ଚାଷୀଙ୍କ ହିତ ପାଇଁ ନିଆଯାଉଥିବା ପଦକ୍ଷେପ ଏବଂ ଯୋଜନାକୁ ରାଜନୈତିକ ବ୍ୟକ୍ତି ଓ ଅମଲାତନ୍ତ୍ରୀଙ୍କ ମଧୁଚନ୍ଦ୍ରିକା କିଭଳି ଆଗେଇ ନେଉଛି ତାହା ଦେଖିବାକୁ ହେବ। ଉତ୍ତମ ମୌସୁମୀ ଆସିବା ସହ ଏହି ବର୍ଷ ମଧ୍ୟରେ କେହି କୃଷକ ଯେଭଳି ଆତ୍ମହତ୍ୟା କରିବେ ନାହିଁ ତାହା ସମସ୍ତଙ୍କ ଇଚ୍ଛା।

ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ୨୦୧୮ ବିଭିନ୍ନ ସଙ୍କଟ ଦେଇ ଗତି କରିଥିଲା। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ରେ ଅସ୍ଥିରତା, ରାଷ୍ଟ୍ରାୟତ୍ତ ଓ ଘରୋଇ ବ୍ୟାଙ୍କରେ ଆର୍ଥିକ ଅନିୟମିତତା, ଅନାଦାୟ ସମ୍ପତ୍ତି (ଏନ୍‌ପିଏ) ସ୍ଫୀତିକୃତ ହେବା ଏବଂ ବିମୁଦ୍ରୀକରଣ ଓ ଜିଏସ୍‌ଟିର ପ୍ରଭାବ ଫଳରେ ଅଭିବୃଦ୍ଧି ଆଶାନୁରୂପ ସଫଳତା ପାଇପାରିନାହିଁ। ଅଭିବୃଦ୍ଧି ସହ ନ୍ୟାୟିକ ବଣ୍ଟନ କରାଯାଇପାରିଲେ ସମାଜର ସବୁ ଶ୍ରେଣୀର ଲୋକେ ଉପକୃତ ହେବେ। ୨୦୧୯ରେ ଅଧିକ ଲୋକଙ୍କୁ ଦାରିଦ୍ର୍ୟ ସୀମାରେଖା ଉପର(ଏପିଏଲ୍)କୁ ଉଠାଯିବା ଲାଗି ନିରନ୍ତର ପ୍ରୟାସର ଆବଶ୍ୟକତା ପଡ଼ିଲାଣି। ସେହିଭଳି କୃଷି ସାମଗ୍ରୀକୁ ବଜାରରେ ଠିକ୍ ଭାବେ ବିକ୍ରିଯୋଗ୍ୟ କରାଯାଇ ବାଣିଜ୍ୟିକ ଅଭିବୃଦ୍ଧି ଆଣିବାରେ ସବୁ ସ୍ତରରେ ଉଦ୍ୟମ ହେବା ଜରୁରୀ।

ବିଭିନ୍ନ କାରଣ ଯୋଗୁ ସାମାଜିକ ବ୍ୟବସ୍ଥା ବିଶୃଙ୍ଖଳିତ ହୋଇଯାଉଛି। ଅସହିଷ୍ଣୁତା, ଜାତି ଓ ଧର୍ମ ନାମରେ ବୈଷମ୍ୟ ବନ୍ଦ, ତଥାକଥିତ ଗୋରକ୍ଷକଙ୍କ ଉପରେ ରୋକ ଲଗାଇବା ଏବଂ ଛଦ୍ମ ଜାତୀୟତାବାଦରୁ ଦୂରେଇ ଯିବା ଭଳି ସଂକଳ୍ପ ନୂଆବର୍ଷରେ ନିଆଯାଇପାରିଲେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ହୋଇପାରନ୍ତା।

ପଡ଼ୋଶୀ ରାଷ୍ଟ୍ର ସହ ଉତ୍ତମ ସମ୍ପର୍କ ଏବଂ ପ୍ରତିରକ୍ଷା କ୍ଷେତ୍ରକୁ ସୁଦୃଢ଼ କରିବା ଦିଗରେ ଅଧିକ ସତର୍କତାର ସହ ପଦକ୍ଷେପ ନିଆଯିବା ଦରକାର। ସେହିପରି ଆଭ୍ୟନ୍ତରୀଣ ନିରାପତ୍ତାକୁ ଗୁରୁତ୍ୱ ଦିଆଯିବା ଜରୁରୀ ହୋଇପଡ଼ିଲାଣି। ୨୦୧୯ରେ ଏସବୁ ଦିଗରେ ଅତ୍ୟନ୍ତଧ୍ୟାନଦିଆଗଲେସୁରକ୍ଷାସୁବ୍ୟବସ୍ଥିତହୋଇପାରିବବୋଲିଆଶାରହିବାସ୍ୱାଭାବିକ।

ଆଜିର ପ୍ରଯୁକ୍ତିବିଦ୍ୟା ଯୁଗରେ ସମୟ ସହ ସବୁକିଛି ପରିବର୍ତ୍ତନ ହେବାକୁ ଯାଉଛି। ଜନସାଧାରଣଙ୍କୁ ସ୍ମାର୍ଟ କରିବା ଲାଗି ନୂଆ ଯନ୍ତ୍ରାଂଶ ଉଦ୍ଭାବନ ହୋଇଚାଲିଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ବା କୃତ୍ରିମ ମେଧାଶକ୍ତି ଜରିଆରେ କଷ୍ଟକର କାର୍ଯ୍ୟକୁ ସହଜସାଧ୍ୟ କରାଯିବାର ପ୍ରୟାସ ଆରମ୍ଭ ହୋଇଛି। ୨୦୧୯ରେ ଭାରତରେ ୫ଜି ବ୍ୟବହାର ହେବାକୁ ଥିବାରୁ ଏହା ବୈଷୟିକ ଦୁନିଆକୁ ଅଧିକ ଗତିଶୀଳ କରିବ ବୋଲି ବିଶେଷଜ୍ଞମାନେ ମତ ଦେଲେଣି। ଏହିସବୁ ତଥାକଥିତ ଉନ୍ନତି କେବଳ ଧନୀ ଲୋକଙ୍କ ସୁବିଧା ପାଇଁ କରାଯାଉଥିବା ବେଳେ ଆଜି ମଧ୍ୟ ଗ୍ରାମାଞ୍ଚଳରେ ଅଧିକାଂଶ ମୌଳିକ ସୁବିଧା ଯଥା ବିଶୁଦ୍ଧ ପାନୀୟ ଜଳ, ବିଦ୍ୟୁତ୍ ସଂଯୋଗ, ସ୍ୱାସ୍ଥ୍ୟସେବା, ଶିକ୍ଷା ସମ୍ପର୍କରେ କୌଣସି ଆଲୋଚନା କରାଯାଉନାହିଁ। ଏଥିପାଇଁ ଗ୍ରାମବାସୀ ନିଜେ ଦାୟୀ। ତାହାର କାରଣ ହେଲା ଏକ ସ୍ୱଷ୍ଟ ଧାରଣା ଦେଶବ୍ୟାପୀ ସୃଷ୍ଟି ହୋଇଛି ଯେ ଧନ ଥିଲେ କ୍ଷମତା ଆସିବ। ସେଥିପାଇଁ ରାଜନେତାମାନେ ଧନୀ ଲୋକଙ୍କୁ ସୁବିଧା ଦେଇ ନିର୍ବାଚନ ଲଢ଼ିବା ସକାଶେ ଆଗେଇ ଆସୁଛନ୍ତି। ଯେଉଁ ପର୍ଯ୍ୟନ୍ତ ବିପୁଳ ଖର୍ଚ୍ଚ ବିନା ନିର୍ବାଚନ ଲଢ଼ି ହେବ ନାହିଁ, ସେପର୍ଯ୍ୟନ୍ତ ରାଜନେତାମାନେ ଗରିବଙ୍କୁ ଅନାଇବେ ନାହିଁ। ବିଦାୟୀ ବର୍ଷରେ ସୋସିଆଲ ମିଡିଆର ପ୍ରସାର ବଢ଼ିବା ସହିତ ବିଶ୍ୱସନୀୟତା ହ୍ରାସ ପାଇଛି। ନୂଆବର୍ଷରେ ଏହା ଫେକ୍ ନ୍ୟୁଜ୍ ବା ମିଥ୍ୟା ଖବର ପରିବେଷଣର ଜରିଆ ନ ପାଲଟି ସାମାଜିକ ପୁନରୁତ୍ଥାନର ମାଧ୍ୟମ ପାଲଟିପାରିଲେ ସକାରାତ୍ମକ ପରିବର୍ତ୍ତନ ଆସିବ।

ପୂର୍ବାପେକ୍ଷା କ୍ରୀଡ଼ାର ବିଭିନ୍ନ କ୍ଷେତ୍ରରେ ଭାରତ ଏବେ ବଢ଼ିବାରେ ଲାଗିଛି। ଅଭିଭାବକମାନେ ପୁସ୍ତକଗତ ବିଦ୍ୟାକୁ ମୁଖସ୍ଥ କରି ଚାକିରିମୁହାଁ ହେବାକୁ ପିଲାମାନଙ୍କୁ କହିଆସୁଥିଲେ। ବର୍ତ୍ତମାନ ସେଥିରେ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଗଲାଣି। ଅନୁରୂପ ଭାବେ ମନୋରଞ୍ଜନ ଶିଳ୍ପ ବ୍ୟାପକ ହେଉଥିବାରୁ ଏଥିରେ ଯୋଗଦାନକାରୀଙ୍କ ସଂଖ୍ୟା ବଢ଼ିଲାଣି। ତଥାପି ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ବେକାର ଯୁବତୀଯୁବକଙ୍କ ସଂଖ୍ୟା ହ୍ରାସ ପାଇବା ସହଜ ମନେ ହେଉନାହିଁ। ନୀତି ନିର୍ଦ୍ଧାରକମାନେ ଯୁବପିଢ଼ିକୁ ଲକ୍ଷ୍ୟକରି ଅଭିନବ ପଦକ୍ଷେପ ନେବା ନବବର୍ଷ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ। ତେଣୁ ନୂଆପିଢ଼ି ଉଦ୍ୟୋଗୀ ମାନସିକତାକୁ ବିକଶିତ କରି ପରିଶ୍ରମୀ ହେବା ସମୟର ଆହ୍ୱାନ।

ବିବିଧତା ମଧ୍ୟରେ ଏକତା ହେଉଛି ଭାରତୀୟ ସଂସ୍କୃତିର ବୈଶିଷ୍ଟ୍ୟ। ତେଣୁ ପ୍ରତ୍ୟେକ ସ୍ତରରେ ବ୍ୟକ୍ତିସ୍ୱାଧୀନତା ଓ ଦେଶର ମଙ୍ଗଳ ପାଇଁ ଯାହା ଆବଶ୍ୟକ ତାହାକୁ ସମ୍ମାନ ଦିଆଯିବା ଉଚିତ। ଏହିଭଳି ଅନେକ ବିଷୟ ରହିଛି ଯାହା ଉପରେ ଏକ ସ୍ୱଷ୍ଟ ଆଭିମୁଖ୍ୟ ରଖାଯାଇପାରିଲେ ନବବର୍ଷ ୨୦୧୯ ଦେଶବାସୀଙ୍କ ପାଇଁ ମଙ୍ଗଳଦାୟକ ହୋଇପାରନ୍ତା। ଏହି ଅବସରରେ ପାଠିକାପାଠକ, ବିଜ୍ଞାପନଦାତା, ଶୁଭେଚ୍ଛୁ ଏବଂ ଧରିତ୍ରୀରେ କାର୍ଯ୍ୟ କରୁଥିବା ସମସ୍ତ କର୍ମଚାରୀଙ୍କୁ ନବବର୍ଷଟି ଉତ୍ତମ ସ୍ୱାସ୍ଥ୍ୟ ଓ ଶାନ୍ତି ଆଣିଦେଉ।

## ଚିରନ୍ତନୀ

ଦେଖାଇଲ ଭାବନାର ଉର୍ବରତା
ପ୍ରାଣର ପ୍ରାଚୁର୍ଯ୍ୟ
ଘେନ ତେଣୁ ନବୀନର ଶ୍ରଦ୍ଧା ଅର୍ଘ୍ୟ
ହେ ପୁରାଣ ପୂଜ୍ୟ!
(ପ୍ରାଚୀନ ଓ ନବୀନ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | D | 5 | B | | | 8 | | | | 1 | 9 | | | |
| 0 | | 7 | | E | | B | 5 | 2 | | | | | | 8 |
| | | 1 | 0 | 9 | | | | | | | | | | |
| | E | | | 2 | | | 6 | | | C | | | | |
| | | | D | 7 | | 0 | | | 8 | | | | A | |
| | | 9 | | 3 | | 5 | | | | A | | | | 6 |
| 2 | 1 | 8 | | A | | | | | | | | | 3 | C |
| | | | | | | | | D | | | | 2 | | |
| | B | | | | | | | | 3 | | 1 | A | | 9 |
| | | 4 | | | 2 | | | 1 | | | | | | 0 |
| 4 | | C | 3 | | 1 | 6 | 7 | | B | D | | | | |
| 9 | 0 | | | | | | E | A | | 5 | 2 | | 7 | 3 |
| | | B | | | 0 | | D | | | E | | 6 | 1 | A |
| 5 | 7 | | | | | | B | | | | 6 | | | |
| | | A | | | | | | 5 | | | 7 | 9 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 8 | 3 | 0 | E | 6 | 4 | 5 | A | 7 | 1 | C | 2 | D | 9 |
| 1 | 9 | 7 | 4 | A | D | 8 | B | E | 2 | 6 | 3 | 5 | C | 0 |
| 6 | E | 0 | 3 | 2 | 5 | 7 | 1 | C | 9 | A | D | B | 8 | 4 |
| 4 | A | 5 | C | 9 | B | 6 | 2 | D | 0 | E | 8 | 1 | 3 | 7 |
| C | D | 2 | 1 | 8 | 7 | 3 | 0 | 9 | 5 | 4 | B | 6 | A | E |
| 8 | 3 | E | 6 | B | 2 | 0 | D | 4 | C | 9 | 1 | A | 7 | 5 |
| 9 | 2 | D | 8 | 5 | 4 | B | 7 | 3 | A | 0 | E | C | 1 | 6 |
| 0 | 5 | 6 | E | 1 | C | A | 9 | 8 | 3 | B | 7 | D | 4 | 2 |
| 7 | C | 4 | 9 | 3 | A | 1 | E | 2 | D | 5 | 6 | 0 | B | 8 |
| A | B | 1 | D | 7 | 0 | C | 6 | 5 | 8 | 2 | 4 | 9 | E | 3 |
| 5 | 4 | B | 2 | C | 8 | E | 3 | 1 | 6 | D | 9 | 7 | 0 | A |
| 3 | 6 | C | 7 | 0 | 1 | 5 | A | B | 4 | 8 | 2 | E | 9 | D |
| E | 1 | 9 | A | 6 | 3 | D | 8 | 0 | B | 7 | 5 | 4 | 2 | C |
| 2 | 0 | 8 | 5 | D | E | 9 | 4 | 7 | 1 | C | A | 3 | 6 | B |
| D | 7 | A | B | 4 | 9 | 2 | C | 6 | E | 3 | 0 | 8 | 5 | 1 |

ଗତକାଲିର ଉତ୍ତର

# ପାକିସ୍ତାନ ସହ ସମ୍ପର୍କର ସ୍ୱପ୍ନ



ବୈକୁଣ୍ଠନାଥ ମିଶ୍ର

ପାକିସ୍ତାନରେ ଅବସ୍ଥିତ କର୍ତ୍ତାରପୁର ଗୁରୁଦ୍ୱାର ଉଭୟ ଭାରତୀୟ ଓ ପାକିସ୍ତାନୀ ଶିଖ୍‌ମାନଙ୍କର ଅନ୍ୟତମ ବିଶିଷ୍ଟ ଉପାସନାସ୍ଥଳୀ। ଭାରତୀୟ ଶିଖ୍‌ମାନେ ପଞ୍ଜାବ-ପାକିସ୍ତାନ ସୀମାନ୍ତରେ ଠିଆହୋଇ ଦୂରବୀକ୍ଷଣ ଯନ୍ତ୍ର (ବାଇନାକୁଲର) ସାହାଯ୍ୟରେ କର୍ତ୍ତାରପୁର ସ୍ଥିତ ତାଙ୍କ ପବିତ୍ରପୀଠର ଦର୍ଶନ କରନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶିଖ୍‌ମାନଙ୍କର ଭାବାବେଗକୁ ହୃଦୟଙ୍ଗମ କରି ଏହି ଗୁରୁଦ୍ୱାର ଉଦ୍ଦେଶ୍ୟରେ ଏକ ସଂଯୋଗପଥ (କରିଡର) ନିର୍ମାଣର ଶୁଭାରମ୍ଭ କରିଛନ୍ତି ୨୦୧୮ ନଭେମ୍ବର ୨୦ ତାରିଖରେ ଏବଂ ତାଙ୍କ ପାକିସ୍ତାନୀ ପ୍ରତିପକ୍ଷ ଇମ୍ରାନ ଖାନ୍ ମଧ୍ୟ ସେହି ମାସ ୨୮ ତାରିଖରେ ପାକିସ୍ତାନ ପଟୁ ଉକ୍ତ ସଂଯୋଗପଥ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଯଦି ଉଭୟ ଦେଶର ଚିନ୍ତାଧାରା ନିର୍ମଳ ଓ ସ୍ୱଚ୍ଛ ରହେ, ତେବେ ଦୁଇ ଦେଶର ଶିଖ୍ ସମ୍ପ୍ରଦାୟ ମଧ୍ୟରେ ଏକ ଭାଇଚାରା ସୃଷ୍ଟି ହେବ। ଉଭୟ ଦେଶର ଶିଖ୍‌ମାନେ ମିଳିତଭାବେ କର୍ତ୍ତାରପୁର ଗୁରୁଦ୍ୱାର ଦର୍ଶନ ସହ ଉଭୟ ଦେଶ ମଧ୍ୟରେ ଉକ୍ତ କରିଡର ଦେଇ ବାଣିଜ୍ୟ କାରବାରର ପଥ ସୁଗମ ହେବ। କିନ୍ତୁ ଉକ୍ତ କରିଡର ନିର୍ମାଣ ନିର୍ବିଘ୍ନରେ ସମାପନ ହେବା ନେଇ ସନ୍ଦେହ ଦେଖାଦେଇଛି ଏବଂ ଯଦି ନିର୍ବିଘ୍ନରେ ସମାପନ ହୁଏ, ତେବେ ଏହା ଭାରତ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇପାରେ।

ଏଠାରେ ସ୍ମରଣ କରାଯାଇପାରେ ଯେ, ପ୍ରାୟ କୋଡିଏ ବର୍ଷ ତଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ ଏବଂ ପାକିସ୍ତାନ ପ୍ରଧାନମନ୍ତ୍ରୀ ନୱାଜ ସରିଫ୍‌ଙ୍କ ମଧ୍ୟରେ ଶାନ୍ତି ଆଲୋଚନା ଓ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା ଲକ୍ଷ୍ୟରେ ୧୯୯୯ ଫେବୃୟାରୀରେ ଦିଲ୍ଲୀ-ଲାହୋର ବସ୍ ସେବା ଆରମ୍ଭ କରାଯାଇଥିଲା। ପ୍ରଧାନମନ୍ତ୍ରୀ ବାଜପେୟୀ ଥିଲେ ପ୍ରଥମ ବସ୍‌ଯାତ୍ରୀ। ସେ ମିନାର୍-ଇ-ପାକିସ୍ତାନ ଭ୍ରମଣ କରି ସୂଚନା ଦେଇଥିଲେ ଯେ, ଭାରତ ପାକିସ୍ତାନର ଶତ୍ରୁ ନୁହେଁ। ପାକିସ୍ତାନ ସହ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ସ୍ଥାପନ ଓ ଆଲୋଚନା ମାଧ୍ୟମରେ ସମସ୍ତ ଦ୍ୱିପାକ୍ଷିକ ସମସ୍ୟାର ସମାଧାନ ଭାରତର ଐକାନ୍ତିକ ଇଚ୍ଛା। ଯେଉଁ ସମୟରେ ବାଜପେୟୀ ଏବଂ ସରିଫ୍‌ଙ୍କ ମଧ୍ୟରେ ଶାନ୍ତି ଆଲୋଚନାର ମାର୍ଗ ଉନ୍ମୋଚିତ ହେଉଥିଲା ଠିକ୍ ସେହି ସମୟରେ ପାକିସ୍ତାନ ସେନାମୁଖ୍ୟ ଜେନେରାଲ ମୁଶ୍‌ରଫ କାର୍‌ଗିଲ ଯୁଦ୍ଧର ଷଡ଼ଯନ୍ତ୍ର ରଚିବାରେ ବ୍ୟସ୍ତ ଥିଲେ। ପାକିସ୍ତାନର ପ୍ରସିଦ୍ଧ ଖବରଦାତା ନସିମ୍ ଜେହେରା ତାଙ୍କ ପ୍ରସିଦ୍ଧ ପୁସ୍ତକ 'କାର୍‌ଗିଲ ଟୁ ଦି କୁପ୍'ରେ ବର୍ଣ୍ଣନା କରିଛନ୍ତି ଯେ, ବାଜପେୟୀ-ସରିଫ୍ ଆଲୋଚନାକୁ ପଣ୍ଡ କରିବା ପାଇଁ ମୁଶ୍‌ରଫ ସୁଚିନ୍ତିତ ଯୋଜନା ପ୍ରସ୍ତୁତିରେ ଲିପ୍ତ ଥିଲେ। ବର୍ତ୍ତମାନ ନରେନ୍ଦ୍ର ମୋଦି ଆରମ୍ଭ କରିବାକୁ ଯାଉଥିବା କର୍ତ୍ତାରପୁର କରିଡର ପ୍ରକଳ୍ପ ନିର୍ମାଣ ଅବସରରେ ବାଜପେୟୀଙ୍କ ସମୟର ପାକିସ୍ତାନ ଷଡ଼ଯନ୍ତ୍ରକୁ ଭୁଲିଯିବା ଉଚିତ ନୁହେଁ।

କର୍ତ୍ତାରପୁର କରିଡର ନିର୍ମାଣକୁ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ବାହ୍ୟଦୃଷ୍ଟିରୁ ସମର୍ଥନ କରିଥିଲେ ମଧ୍ୟ ପାକିସ୍ତାନ ସେନାମୁଖ୍ୟ ଏଥିରେ ଅନ୍ତରାୟ ସୃଷ୍ଟି କରିପାରନ୍ତି। ଇମ୍ରାନ ଖାନ୍ କହିଛନ୍ତି ଯେ, ଫ୍ରାନ୍ସ ଓ ଜର୍ମାନୀ ମଧ୍ୟରେ ଥିବା ଦୀର୍ଘଦିନର ବୈରଭାବ ଦୂର ହୋଇଥିଲା ବର୍ଲିନ ପ୍ରାଚୀରକୁ ଭଗ୍ନ କରିବା ଦ୍ୱାରା ଏବଂ ଉଭୟ ଦେଶର ସଂହତି ପ୍ରତିଷ୍ଠା ଦ୍ୱାରା। ନଭେମ୍ବର ୨୮ କର୍ତ୍ତାରପୁର ଭିତ୍ତିପ୍ରସ୍ତର ସ୍ଥାପନ ଅବସରରେ ଇମ୍ରାନ୍ ଆଶାପ୍ରକଟ କରିଛନ୍ତି ଯେ, ଏହି କରିଡର ନିର୍ମାଣ ଭାରତ ପାକିସ୍ତାନ ମଧ୍ୟରେ ଥିବା ବିଭେଦକୁ ଦୂର କରିବାରେ ସକ୍ଷମ ହେବ ଏବଂ ଏହାଦ୍ୱାରା ଏକ ବନ୍ଧୁତ୍ୱପୂର୍ଣ୍ଣ ବାତାବରଣ ସୃଷ୍ଟି ହେବ। କିନ୍ତୁ ବାଜପେୟୀ, ସରିଫଙ୍କ ସ୍ୱପ୍ନ ଅଧାରୁ ଭାଙ୍ଗିଗଲା ପରି ମୋଦି, ଇମ୍ରାନଙ୍କ କରିଡର ନିର୍ମାଣ ସ୍ୱପ୍ନ ଭାଙ୍ଗିଯିବାର ସମସ୍ତ ସମ୍ଭାବନା ରହିଛି। ସେନାକୁ ବାଦ୍ ଦେଇ କୌଣସି ପାକିସ୍ତାନ ପ୍ରଧାନମନ୍ତ୍ରୀ ସ୍ୱଚ୍ଛନ୍ଦରେ ଗାଦିରେ ବସି ଶାସନ କରିପାରିବେ ନାହିଁ। ଭାରତ ସମ୍ବନ୍ଧରେ କ୍ରିକେଟ ମାଧ୍ୟମରେ ବିଶେଷ ଅବଗତ ଥିବା ଇମ୍ରାନ୍‌ଙ୍କ ସ୍ୱରରେ କ୍ରମେ ସେନାର ସ୍ୱର ପ୍ରତିଫଳିତ ହେଲାଣି। ନିକଟରେ ଚାଇନା ଦୂତାବାସ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣକୁ ଦୃଢ଼ସ୍ୱରରେ ନିନ୍ଦା କରିଥିବା ଇମ୍ରାନ ୨୬।୧୧ ମୁମ୍ବାଇ ଆକ୍ରମଣ, ପଠାନ୍‌କୋଟ୍ ଆତଙ୍କବାଦୀ କାର୍ଯ୍ୟକଳାପ କିମ୍ବା କଠୁଆ ସେନା ଶିବିର ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ସମ୍ବନ୍ଧରେ ପଦେହେଲେ କହିନାହାନ୍ତି। ସେ କେବେ ବି ଭାରତ ସପକ୍ଷରେ କୌଣସି ବିବୃତି ଦେବେନାହିଁ। ତାଙ୍କ ପୂର୍ବସୂରୀମାନଙ୍କ ପରି ସେ ବି ସେନା ହାତରେ କ୍ରୀଡ଼ନକ ସାଜିବାର ସମସ୍ତ ଉପକ୍ରମଣିକା ଦୃଶ୍ୟମାନ ହେଲାଣି।

ବର୍ତ୍ତମାନ ପରିପ୍ରେକ୍ଷୀରେ ଇମ୍ରାନ ଖାନ୍‌ଙ୍କ ଦ୍ୱାରା କରିଡର ଭିତ୍ତିପ୍ରସ୍ତର ସ୍ଥାପନରେ ସେନାମୁଖ୍ୟ ଜେନେରାଲ ବାଜୱାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଯଦିଚ ଭାରତ-ପାକିସ୍ତାନ ମଧ୍ୟରେ ପୁନଃ ଦ୍ୱିପାକ୍ଷିକ ଆଲୋଚନାକୁ ଇମ୍ରାନ ସବୁଜ ସଙ୍କେତ ପ୍ରଦାନ କରିଛନ୍ତି, ତଥାପି ତାଙ୍କର ଉଦ୍ଦେଶ୍ୟ ବୁଝିବା କଷ୍ଟକର। ସେ ମୁହଁରେ ଏ କଥା କହୁଥିଲେ ମଧ୍ୟ ଭିତରେ ଯେ ତାଙ୍କର ଭାରତବିରୋଧୀ ଚିନ୍ତାଧାରା ଉଜ୍ଜୀବିତ, ଏହା ଆଉ ବୁଝିବାକୁ ବାକି ନାହିଁ। କାରଣ ଭାରତ ଦ୍ୱାରା ଉପସ୍ଥାପିତ ଆତଙ୍କବାଦୀ ଦମନ ଉପରେ ସେ ନୀରବ। ବର୍ତ୍ତମାନ ପରିସ୍ଥିତିରେ ଭାରତ-ପାକିସ୍ତାନ କୂଟନୈତିକ ସମ୍ପର୍କ ସର୍ବନିମ୍ନ ସ୍ତରକୁ ସ୍ପର୍ଶ କରିଛି। ଉକ୍ତ କରିଡର ନିର୍ମାଣକୁ ଯେ ପାକିସ୍ତାନ ସେନା ଶୁଭଦୃଷ୍ଟିରେ ଦେଖିବ, ଏଥିରେ କୌଣସି ନିଶ୍ଚିତତା ନାହିଁ। ନିରାପତ୍ତାର ଦ୍ୱାହି ଦେଇ ସେନା ଏହି ପ୍ରକଳ୍ପ ନିର୍ମାଣରେ ବିଘ୍ନ ଘଟାଇପାରେ। ବିଶେଷକରି ପାକିସ୍ତାନରେ ବାସ କରୁଥିବା ଶିଖ୍ ସମ୍ପ୍ରଦାୟ ଯେପରି ଭାରତ ପ୍ରତି ଅନୁରକ୍ତ ନ ହୁଅନ୍ତି, ତା' ଉପରେ ପାକିସ୍ତାନ ସେନାମୁଖ୍ୟ ଯଥେଷ୍ଟ ଗୁରୁତ୍ୱ ଦେଉଛନ୍ତି। ପାକିସ୍ତାନ ଭଲଭାବରେ ଅନୁଭବ କରିପାରିଛି ଯେ, ୨୦୧୯ ନିର୍ବାଚନ ଦୃଷ୍ଟିରୁ ଭାରତ ସରକାର ଶିଖ୍ ସମ୍ପ୍ରଦାୟକୁ ନିଜଆଡ଼କୁ ଆକର୍ଷିତ କରିବାକୁ ଚାହାନ୍ତି। ପାକିସ୍ତାନ ସେନା ଏହା ହୃଦୟଙ୍ଗମ କରି କରିଡର ନିର୍ମାଣକୁ ଭଣ୍ଡୁର କରିବା ପାଇଁ ଉଦ୍ୟମ କରିପାରେ।

ପାକିସ୍ତାନର ଚରିତ୍ର ସଦା ଭାରତବିରୋଧୀ। ଯେତେବେଳେ ଭାରତ ସହ ରୁଷିଆ ମିତ୍ରତା ବନ୍ଧନରେ ଆବଦ୍ଧ ଥିଲା, ପାକିସ୍ତାନ ଆମେରିକା ସହ ମିତ୍ରତା କରି ଅର୍ଥନୈତିକ ଫାଇଦା ଉଠାଉଥିଲା। ମାତ୍ର କ୍ରମେ ଦୃଶ୍ୟପଟ ପରିବର୍ତ୍ତିତ ହେଲା। ଆତଙ୍କବାଦକୁ କେନ୍ଦ୍ର କରି ଆମେରିକା-ପାକିସ୍ତାନ ସମ୍ପର୍କରେ ଭଟ୍ଟା ପଡ଼ିଲା। ପାକିସ୍ତାନ ଆମେରିକାଠାରୁ ମୁହଁ ଫେରାଇ ଚାଇନା ସହ ମିତ୍ରତା ସ୍ଥାପନ କଲା। ଭାରତ ଉପରେ ପ୍ରତିଶୋଧ ନେବା ପାଇଁ ଚାଇନା ଓ ପାକିସ୍ତାନ ମିତ୍ରତାର ହାତ ମିଶାଇଲେ। ତେବେ ସମ୍ପ୍ରତି ଚାଇନା ପାକିସ୍ତାନଠାରୁ ମୁହଁ ଫେରାଇବା ଆରମ୍ଭ କଲାଣି। ସ୍ୱଭାବତଃ ଚାଇନାର ଏକଚ୍ଛତ୍ରବାଦୀ ମନୋବୃତ୍ତିରେ ଆଞ୍ଚ ଆସିଲେ ସେ କିଛି ବି କରିପାରେ। ପ୍ରଥମଥର ପାଇଁ ଚାଇନାର ସରକାରୀ ଟିଭି ଚ୍ୟାନେଲରେ ପାକ୍-ଅଧିକୃତ କଶ୍ମୀର ପାକିସ୍ତାନର ନୁହେଁ ବୋଲି ଦର୍ଶାଯାଇଛି। ଏଭଳି କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଲା ପାକିସ୍ତାନ ନିଜ ମାଟିରେ ଚାଇନା ନାଗରିକଙ୍କ ନିରାପତ୍ତାକୁ ପ୍ରାଧାନ୍ୟ ଦେଉ। ମାତ୍ର ଆତଙ୍କବାଦର ଭୂସ୍ୱର୍ଗ ପାକିସ୍ତାନରେ ଚାଇନା କ'ଣ, କୌଣସି ଦେଶର ନାଗରିକ ବି ସୁରକ୍ଷିତ ନୁହନ୍ତି। ୨୩ ନଭେମ୍ବର ୨୦୧୮ରେ କରାଚୀସ୍ଥିତ ଚାଇନାର ବାଣିଜ୍ୟ ଦୂତାବାସ ଉପରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ହେଉଛି ଏହାର ପ୍ରତିଫଳନ। ପାକିସ୍ତାନର ବିଚ୍ଛିନ୍ନତାବାଦୀ ସଙ୍ଗଠନ ବେଲୁଚିସ୍ତାନ ଲିବରେଶନ ଆର୍ମି (ବିଏଲ୍ଏ) ଦ୍ୱାରା ଏହି ଆକ୍ରମଣ ହୋଇଥିଲା। ଚାଇନା ଦ୍ୱାରା ପ୍ରସ୍ତୁତ ମାନଚିତ୍ରରେ ସମୁଦାୟ କଶ୍ମୀର ଭାରତର ଅବିଚ୍ଛେଦ୍ୟ ଅଙ୍ଗ ଭାବେ ପ୍ରଦର୍ଶିତ ହୋଇଛି। ଆଶ୍ଚର୍ଯ୍ୟର କଥା, ଚାଇନା ପିଓକେ ମଧ୍ୟଦେଇ ନିର୍ମାଣ କରୁଥିବା ଅର୍ଥନୈତିକ କରିଡର ତେବେ କ'ଣ ଭାରତର? ଏଥିରେ ଚାଇନା ସରକାର ୬୦ ବିଲିୟନ ଡଲାର ଖର୍ଚ୍ଚ କରିସାରିଛି। ଯଦି ଏ କରିଡର ପାକିସ୍ତାନର ନୁହେଁ, ତେବେ ଭାରତ ଭୂଖଣ୍ଡରେ ଚାଇନା ଏ ପ୍ରକଳ୍ପ ନିର୍ମାଣର ଦୁଃସାହସ କଲା କିପରି? ଏ ସବୁ ଗୋଟିଏ ଗୋଟିଏ ନାଟକ। ଭାରତ ଏଥିରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ।

ସର୍ବଶେଷରେ ଏତିକି କୁହାଯାଇପାରେ, ଭାରତ ସଦା ଅଭିଯୋଗ କରି ଆସୁଥିଲା ଯେ ପାକିସ୍ତାନ ଆତଙ୍କବାଦୀଙ୍କ ଚରାଭୂଇଁ। ଆମେରିକା ଓ ଚାଇନା ଏହା ଅନୁଭବ କଲେଣି। ତେଣୁ କର୍ତ୍ତାରପୁର କରିଡର ନିର୍ମାଣ ପ୍ରସଙ୍ଗରେ ଭାରତ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାର ଆବଶ୍ୟକତା ରହିଛି। ଉକ୍ତ କରିଡର ନିର୍ମାଣରେ ଭାରତ ସଫଳ ହେଉ ଏବଂ ଏହାର ମହତ୍ ଉଦ୍ଦେଶ୍ୟ ବିପୂରଣ ହେଉ, ନବବର୍ଷରେ ଏତିକି କାମନା।

ସିଦ୍ଧଳ, ଜଗତ୍‌ସିଂହପୁର, ମୋ-୯୯୩୭୪୫୦୫୪୦

# ତୁମେ ଜାଣିଛ ମୁଁ କିଏ



ମନୋରଞ୍ଜନ ମହାନ୍ତି

ରାସ୍ତାରେ ଗଲାବେଳେ ଦୁଇଟି ଦୃଶ୍ୟ ଦେଖିବାକୁ ମିଳିଲା। ପ୍ରଥମଟି ହେଉଛି ଜଣେ ଯୁବ ଚାଳକ ଟ୍ରାଫିକ୍ ନିୟମ ଉଲ୍ଲଂଘନ କରି ଖୁବ୍ ଦ୍ରୁତ ବେଗରେ କାର୍ ଚଳାଉଥିବା ସମୟରେ କର୍ତ୍ତବ୍ୟରତ କର୍ମଚାରୀ କାର୍‌ଟିକୁ ଅଟକାଇଲେ। ଚାଳକ ସ୍ୱୟଂ ଥିଲେ କାର୍‌ର ମାଲିକ, ଯିଏ ଚଢ଼ା ଗଳାରେ କହିଲେ, ''ମୋ କାର୍‌କୁ ଅଟକାଉଛୁ! ତୁ ଜାଣିଛୁ ମୁଁ କିଏ? ମୋ ବାପା, ମା' ଏଇ ସହରର ବଡ଼ ଅଫିସର। ଆମେ ଚାହିଁଲେ ତୋ ଚାକିରି ଖାଇଦେବୁ।'' ଦ୍ୱିତୀୟ ଦୃଶ୍ୟଟି ଟିକେ ଭିନ୍ନ। ଆଉ ଗୋଟିଏ କାର୍ ପଛରେ ଥିଲା ଆମ୍ବୁଲାନ୍ସ। କର୍ତ୍ତବ୍ୟରତ କର୍ମଚାରୀ କାର୍ ଡ୍ରାଇଭର୍‌ଙ୍କୁ ଆମ୍ବୁଲାନ୍ସକୁ ବାଟ ଛାଡ଼ିଦେବାକୁ କହିବାରୁ କାର୍‌ରେ ବସିଥିବା ମାଲିକ ଓହ୍ଲାଇପଡ଼ି କହିଲେ, ''ଆରେ ମୂର୍ଖ, ତୁ ଜାଣିଛୁ ମୁଁ କିଏ? ତୁ ଯୋଉ ଡିପାର୍ଟମେଣ୍ଟରେ ଚାକିରି କରିଛୁ, ମୁଁ ସେଇ ଡିପାର୍ଟମେଣ୍ଟର ବଡ଼ ହାକିମ। ମୁଁ ଚାହିଁଲେ ଏଇକ୍ଷଣି ତୋ ଚାକିରି ଖାଇଦେବି।''

ଏହି ଦୁଇଟି ଦୃଶ୍ୟ ଦେଖିବା ଓ ଦୁଇଜଣ ଲୋକଙ୍କ ଉତ୍ତେଜନାପୂର୍ଣ୍ଣ କଥା ଶୁଣିବା ପରେ ମନକୁ ଅନେକ ପ୍ରଶ୍ନ ଆସୁଛି। ବେଳେବେଳେ ଅତିଶୟ ଅହଂକାରଜନିତ ଉତ୍ତେଜନାର ବଶବର୍ତ୍ତୀ ହୋଇ ଜଣେ ମଣିଷ ଆଉ ଜଣେ ମଣିଷକୁ କହେ, 'ତୁ ଜାଣିଛୁ ମୁଁ କିଏ?'

ଆଲେକ୍‌ଜାଣ୍ଡାର ପୁରୁଙ୍କ ସହିତ ଯୁଦ୍ଧ କଲେ। ପୁରୁଙ୍କ ବ୍ୟବହାରରେ ମୁଗ୍ଧ ହୋଇ ଭାରତଭୂମିରେ ଆଉ ଯୁଦ୍ଧ ନ କରିବା ପାଇଁ ସଂକଳ୍ପବଦ୍ଧ ହେଲେ ଓ ସେଲ୍ୟୁକସ୍‌ଙ୍କୁ ପ୍ରାଚ୍ୟଭୂଖଣ୍ଡର ଶାସନ ଦାୟିତ୍ୱ ଅର୍ପଣ କରି ଗ୍ରୀସ୍‌କୁ ପ୍ରତ୍ୟାବର୍ତ୍ତନ କରିବାକୁ ମନସ୍ଥ କଲେ। ଗ୍ରୀସ୍‌ର ଦାର୍ଶନିକ ଆରିଷ୍ଟଟଲ୍‌ଙ୍କଠାରୁ ଆଲେକ୍‌ଜାଣ୍ଡାର୍ ଜାଣିଥିଲେ ଯେ, ଭାରତରେ ବହୁ ପଣ୍ଡିତ ଦାର୍ଶନିକ ଅଛନ୍ତି, ଯେଉଁମାନେ ଅରଣ୍ୟ ମଧ୍ୟରେ ପର୍ଣ୍ଣକୁଟୀରରେ ବାସକରନ୍ତି। ସେମାନଙ୍କଠାରୁ ଜ୍ଞାନ ଅର୍ଜନ କରି ସେମାନଙ୍କ ରଚିତ ଗ୍ରନ୍ଥର ନକଲ ଗ୍ରୀସ୍‌କୁ ନେବା ଉଦ୍ଦେଶ୍ୟରେ ଦିନେ ଆଲେକ୍‌ଜାଣ୍ଡାର୍ ଗୋଟିଏ ଅଶ୍ୱପୃଷ୍ଠରେ ଆରୋହଣ କରି ହିମାଳୟର ପାଦଦେଶରେ ବୁଲିଲେ। ଦେଖିଲେ ଗୋଟିଏ କୁଟୀରରେ ଜଣେ ସନ୍ଥ ବସି ଲେଖାଲେଖି କରୁଛନ୍ତି। ସନ୍ଥଙ୍କ ନିକଟରେ ପହଞ୍ଚିଲେ। ସନ୍ଥ ତାଙ୍କୁ ସାମାନ୍ୟ ଚାହିଁଦେଇ ଲେଖାଲେଖିରେ ଲାଗିପଡ଼ିବାରୁ ଆଲେକ୍‌ଜାଣ୍ଡାର୍ ଏତଦ୍ୱାରା ଅପମାନିତ ବୋଧ କଲେ। ଉଭୟଙ୍କ ମଧ୍ୟରେ କଥୋପକଥନ ନିମ୍ନ ପ୍ରକାର ଥିଲା।

ଆଲେକ୍‌ଜାଣ୍ଡାର- ତୁମେ ମୋ ଆଡ଼କୁ ଚାହିଁଲ, ଅଥଚ ସମ୍ମାନ ଦେଲ ନାହିଁ। ତୁମେ ଜାଣିଛ ମୁଁ କିଏ? ସନ୍ଥ- ତୁମେ ଜାଣିଛ କି ତୁମେ ନିଜେ କିଏ? ଆଲେକ୍‌ଜାଣ୍ଡାର- ମୁଁ ଆଲେକ୍‌ଜାଣ୍ଡାର, ଗ୍ରୀସ୍‌ର ସମ୍ରାଟ୍। ସନ୍ଥ- ତୁମ ଚାକିରି କି ତୁମର ବୃତ୍ତି କ'ଣ ମୁଁ ପଚାରି ନାହିଁ। ମୁଁ ପଚାରୁଛି ତୁମେ କିଏ? ଆଲେକ୍‌ଜାଣ୍ଡାର- ମୁଁ ଆଲେକ୍‌ଜାଣ୍ଡାର, ପୃଥିବୀର ତିନିଭାଗରୁ ଦୁଇଭାଗ ଜୟ କରିସାରିଥିବା ବୀର ମୁଁ। ସନ୍ଥ- ତୁମ ଚାକିରିରେ ତୁମେ କେତେ ଦକ୍ଷ, କେତେ ପାରଦର୍ଶୀ ତାହା ମୁଁ ପଚାରି ନାହିଁ। ମୁଁ ପଚାରୁଛି ତୁମେ କିଏ? ଆଲେକ୍‌ଜାଣ୍ଡାର- ମୋ ଜନ୍ମ ମାସିଡୋନିଆରେ। ବାପାଙ୍କ ନାଁ ଫିଲିପ୍। ସନ୍ଥ- ମୁଁ ତୁମ ଜନ୍ମସ୍ଥାନ, ତୁମ ବାପାଙ୍କ ନାମ ପଚାରି ନାହିଁ। ମୁଁ ପଚାରୁଛି ତୁମେ କିଏ?

ସନ୍ଥଙ୍କର ଏପରି କ୍ରମାଗତ ପ୍ରଶ୍ନରେ ଆଲେକ୍‌ଜାଣ୍ଡାରଙ୍କ ଅହଂକାର ଭୂଲୁଣ୍ଠିତ ହେଲା। ସେ ଅଶ୍ୱପୃଷ୍ଠରୁ ଅବତରଣ କରି ସନ୍ଥଙ୍କୁ ସମ୍ମାନ ପ୍ରଦର୍ଶନ କଲେ ଓ କହିଲେ, ''ହେ ମହାତ୍ମା, ମୋତେ ବୁଝାଇଦିଅନ୍ତୁ ମୁଁ କିଏ?'' ସନ୍ଥ ଉତ୍ତର ଦେଲେ, ''ବୁଝାଇଦେବି, ଅନୁଭବ ମଧ୍ୟ କରାଇଦେଇ ପାରିବି। ତେବେ ସେଥିପାଇଁ ତୁମର ଇଚ୍ଛାଶକ୍ତି ଓ ସାଧନା ଆବଶ୍ୟକ।'' ସେହି ମୁହୂର୍ତ୍ତରେ ଉଭୟଙ୍କ ମଧ୍ୟରେ ଗୁରୁ-ଶିଷ୍ୟ ସମ୍ବନ୍ଧ ପ୍ରତିଷ୍ଠା ହେଲା। ସନ୍ଥ ଦୀର୍ଘ ବିଚାରବିଶ୍ଳେଷଣ ଦ୍ୱାରା ଆଲେକ୍‌ଜାଣ୍ଡାରଙ୍କୁ ବୁଝାଇଦେଲେ ଓ ଅନୁଭବ କରାଇଦେଲେ ଯେ ଆଲେକ୍‌ଜାଣ୍ଡାର ନିଜର ଯେଉଁ ପରିଚୟ ପ୍ରଦାନ କରିଛନ୍ତି ସେହି ସମସ୍ତ ତାଙ୍କର ଯଥାର୍ଥ ପରିଚୟ ନୁହେଁ। ସ୍ୱରୂପଜ୍ଞାନ ଅର୍ଜନ କରିବା ଅର୍ଥାତ୍ 'ମୁଁ ବ୍ରହ୍ମ, ମୁଁ ଆତ୍ମା'- ଏହି ଜ୍ଞାନ ଅର୍ଜନ କରିବା ହେଉଛି ମନୁଷ୍ୟର ଯଥାର୍ଥ ପରିଚୟ।

'ତୁ ଜାଣିଛୁ ମୁଁ କିଏ? ତୁ ଯେଉଁଠି ଚାକିରି କରିଛୁ ମୁଁ ସେଇ ବିଭାଗର ବଡ଼ ହାକିମ।' - ଏଭଳି ମନ୍ତବ୍ୟ ଦେଉଥିବା ବ୍ୟକ୍ତିମାନେ ଯଦି ନିଜ ନିଜ ଘରେ କିଛି ସମୟ ନିରବରେ ବସି ଆଲେକ୍‌ଜାଣ୍ଡାର ଓ ସନ୍ଥଙ୍କ କଥୋପକଥନକୁ ଅନୁଶୀଳନ କରନ୍ତେ ଓ ନିଜକୁ ନିଜେ ପଚାରନ୍ତେ 'ମୁଁ ଜାଣିଛି କି ମୁଁ କିଏ?', ତେବେ କେବଳ ସେମାନଙ୍କ ଜୀବନରେ ନୁହେଁ ସମଗ୍ର ଜଗତରେ କେଡ଼େ ବଡ଼ ପରିବର୍ତ୍ତନଟାଏ ହୁଅନ୍ତା ସତରେ!

ପ୍ରାଚୀନ କାଳରେ ଗ୍ରୀକ୍ ସଭ୍ୟତା ବିକଶିତ ହେବା ସମୟରେ ସନ୍ଧ୍ୟାବେଳେ ପାର୍କରେ ଭ୍ରମଣ କରିବାକୁ ଗ୍ରୀକ୍‌ବାସୀ ଆଗ୍ରହ ପ୍ରକଟ କରୁଥିଲେ। ଏକଦା ଗୋଟିଏ ପାର୍କରେ ରାତ୍ର ଜଗୁଆଳି ଫାଟକରେ ତାଲା ପକାଇବା ସମୟରେ ଦେଖିଲେ ଜଣେ ଶ୍ମଶ୍ରୁଧାରୀ ବୃଦ୍ଧ ଗୋଟିଏ ମଣ୍ଡପ ଉପରେ ବସିଛନ୍ତି। ଜଗୁଆଳି ତାଙ୍କୁ ପଚାରିଲେ, 'ତୁମେ କିଏ?' ବୃଦ୍ଧ ଜଣକ ସହସା ଉଠିପଡ଼ି କହିଲେ, ''ସେଇ ଗୋଟିଏ ପ୍ରଶ୍ନ ତ ମୁଁ ନିଜକୁ ନିଜେ ପଚାରୁଛି ଦୀର୍ଘ ପଚାଶ ବର୍ଷ ଧରି, 'ମୁଁ କିଏ'?'' ଶ୍ମଶ୍ରୁଧାରୀ ସେହି ବୃଦ୍ଧ ଜଣକ ଥିଲେ ବିଶ୍ୱବନ୍ଦ୍ୟ ଦାର୍ଶନିକ ସକ୍ରେଟିସ୍। 'ମୁଁ କିଏ' ପ୍ରଶ୍ନ ନିରବଚ୍ଛିନ୍ନ ଭାବରେ ନିଜକୁ ନିଜେ ପଚାରି ପଚାରି ସ୍ୱରୂପ ଜ୍ଞାନ ଅର୍ଜନ କରିଥିଲେ ସେ। ସ୍ୱରୂପ ଜ୍ଞାନ ଅର୍ଜନ କଲେ ମନୁଷ୍ୟ ନିଜ ସମେତ ସମସ୍ତଙ୍କ ମଧ୍ୟରେ ଏକ ଓ ଅଦ୍ୱିତୀୟ ବ୍ରହ୍ମଙ୍କୁ ଦର୍ଶନ କରିପାରିବ। ସେତେବେଳେ ସିଏ ସମଦର୍ଶୀ ହେବ, ନିଜକୁ ଉଚ୍ଚ ଓ ଅନ୍ୟକୁ ନୀଚ ମଣିବ ନାହିଁ, ଅନ୍ୟ କାହାରି ପ୍ରତି ଉଦ୍ଧତ ଆଚରଣ ପ୍ରଦର୍ଶନ କରିବ ନାହିଁ, ସମାଜ-ବ୍ୟବସ୍ଥାର ଯଥାର୍ଥ ନିୟମକୁ ମାନି ଚଳିବ।

ଯାଜପୁର, ମୋ- ୯୮୫୩୨୮୨୯୬୨

## ଏଇ ଭାରତରେ

ଅତି ପ୍ରାଚୀନ କାଳରୁ ଭାରତବର୍ଷରେ ଅନେକ ପ୍ରଥା ଓ ପରମ୍ପରା ଚଳିଆସୁଛି। ଋତୁମତୀ ବାଳିକାକୁ କଦଳୀଗଛ ସହିତ ବିବାହ କରିବା ଏକ ନିଆରା ପରମ୍ପରା ନିଶ୍ଚୟ। ଆସାମରେ ଏପରି ବିବାହ କରାଯାଇଥାଏ। ଉକ୍ତ ରାଜ୍ୟର ବୋଗାଁଇଗାଉଁ ଜିଲାର ସୋଲମାରି ଗାଁରେ ଅତି ପ୍ରାଚୀନ କାଳରୁ ରହିଛି ଏଭଳି ନିଆରା ପରମ୍ପରା। ଏଠାରେ କନ୍ୟା ଋତୁମତୀ ହେଲେ ଗାଁ ସାରା ଉତ୍ସବ ପାଳିତ ହୁଏ। ସଭିଏଁ ମନଖୁସିରେ ଭୋଜିଭାତ କରି ଉତ୍ସବରେ ମାତିଯାଆନ୍ତି। ଏହାପରେ ସମ୍ପୃକ୍ତ ବାଳିକାକୁ କଦଳୀ ଗଛ ସହିତ ବିବାହ କରିଦିଆଯାଏ। ଏହାକୁ ସ୍ଥାନୀୟ ଭାଷାରେ କୁହାଯାଏ ତୋଲନୀ ବିବାହ। ବିବାହ ଶେଷହେବା ପରେ ତାଙ୍କୁ ସୂର୍ଯ୍ୟାଲୋକ ପଡୁ ନ ଥିବା ଏକ ଅନ୍ଧକାର ଗୃହ ମଧ୍ୟରେ ୫ ଦିନ ପର୍ଯ୍ୟନ୍ତ ରଖାଯାଏ। କୌଣସି ରନ୍ଧାଖାଦ୍ୟ ବଦଳରେ ତାଙ୍କୁ କ୍ଷୀର ଓ ଫଳ ଖାଇବାକୁ ଦିଆଯାଏ। ବାଳିକା ଜଣକ ଅନ୍ଧାର ଘରେ ରହିବା ସହିତ ତଳେ ଶୋଇଥାଆନ୍ତି। ଏହି ସମୟରେ କୌଣସି ପୁରୁଷ ଲୋକଙ୍କ ମୁହଁ ଚାହିଁବାକୁ ବାଳିକାଙ୍କୁ ବାରଣ କରାଯାଇଥାଏ। ଏଭଳି ବିବାହ ଉତ୍ସବ ଦ୍ୱାରା ସମ୍ପୃକ୍ତ ବାଳିକାର ରିଷ୍ଟ ଖଣ୍ଡନ ହୋଇଯାଏ ବୋଲି ଲୋକେ ବିଶ୍ୱାସ କରନ୍ତି। କିନ୍ତୁ ଏକବିଂଶ ଶତାବ୍ଦୀର ଅତ୍ୟାଧୁନିକ ଯୁଗରେ ବି ଲୋକେ ମାନ୍ଧାତା ଅମଳର ଏଭଳି ପରମ୍ପରା ମାନିବା ଆଶ୍ଚର୍ଯ୍ୟକର ବିଷୟ ନିଶ୍ଚୟ।

## ୨୫ ବର୍ଷ ତଳର ଧରିତ୍ରୀ

### ୧ ଜାନୁୟାରୀ ୧୯୯୪

- ରୁଷିଆ ପକ୍ଷରୁ ଭାରତକୁ ମହାକାଶ ବୈଷୟିକ ଜ୍ଞାନକୌଶଳ ଯୋଗାଣ କ୍ଷେତ୍ରରେ ସ୍ୱତନ୍ତ୍ର ତାଲିମ ଦେବା ଓ ଯନ୍ତ୍ରପାତି ଯୋଗାଇଦେବା ପାଇଁ ହୋଇଥିବା ଚୁକ୍ତିକୁ ରୁଷିଆ ପୂରଣ ନ କରିବା ଯୋଗୁ କ୍ଷତିପୂରଣ ସ୍ୱରୂପ ଭାରତକୁ ୪ଟି ରକେଟ୍ ବୁଷ୍ଟର ଯୋଗାଇ ଦେବା ପାଇଁ ନିଷ୍ପତ୍ତି।
- ମଣିପୁରରେ ନାଗା ଓ କୁକି ଆଦିବାସୀ ସମ୍ପ୍ରଦାୟ ମଧ୍ୟରେ ଲଗାତର ସଂଘର୍ଷ ଓ ହିଂସାକାଣ୍ଡ ସାଙ୍ଗକୁ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଶୋଚନୀୟ ହୋଇପଡିବା କାରଣରୁ ସେଠାରେ ରାଷ୍ଟ୍ରପତି ଶାସନ ଜାରି କରାଗଲା।
- ସିକ୍ୟୁରିଟି ହେର୍‌ଫେର ମାମଲାରେ ମିଳିତ ସଂସଦୀୟ କମିଟି ରିପୋର୍ଟରେ ଦୋଷୀ ସାବ୍ୟସ୍ତ କେନ୍ଦ୍ର ଅର୍ଥମନ୍ତ୍ରୀ ମନମୋହନ ସିଂଙ୍କ ଇସ୍ତଫା ପତ୍ରକୁ ପ୍ରଧାନମନ୍ତ୍ରୀ ପି.ଭି. ନରସିଂହ ରାଓ ନାମଞ୍ଜୁର କରିଦେଇଛନ୍ତି।

## ପାଠକ ଶ୍ରେଷ୍ଠ ବିଚାରକ

### ଅଳସୁଆ ସୃଷ୍ଟି କରା ନ ଯାଉ

ମହାଶୟ,

ଆମ ଦେଶରେ ଅଳସୁଆ ସୃଷ୍ଟି କରିବା ପାଇଁ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରାଯାଉଛି। ଲୋକଙ୍କୁ ବିପିଏଲ୍ ଆଖ୍ୟା ଦେଇ ମାଗଣାରେ ବା ଅତି ଶସ୍ତାରେ ଖାଇବା, ପକ୍କାଘର, ବିଜୁଳି ଇତ୍ୟାଦି ଯୋଗାଇ ଦିଆଯାଉଛି। ଏହି ବର୍ଗର ଲୋକମାନେ ମାସକୁ ଦଶଦିନ କାମ କଲେ ଏକମାସ ଚଳିବା ପାଇଁ ଯଥେଷ୍ଟ ହେଉଛି। ଫଳରେ ଜୁଆଖେଳ, ତାସଖେଳରେ ସମୟ ବିତୁଛି। ମଦ, ଗଞ୍ଜେଇ ତ ସାଧାରଣ କଥା। ଲୋକମାନେ ବିନା କାମରେ ବସିରହିବା ଦେଶ ପକ୍ଷରେ ହିତକର ନୁହେଁ। ଲୋକଙ୍କୁ ପୂର୍ଣ୍ଣ ଭାବରେ କର୍ମରେ ନିୟୋଜିତ କରିବା ଦରକାର। ଏହାଦ୍ୱାରା ଦେଶର ଜିଡିପି ବୃଦ୍ଧି ପାଇବ, ଲୋକଙ୍କର ଅର୍ଥାଭାବ ରହିବ ନାହିଁ, ଅସାମାଜିକ କାର୍ଯ୍ୟକଳାପ ଅନେକ ପରିମାଣରେ କମିଯିବ।

ନବ ପଟ୍ଟନାୟକ, ଅଇଁଠାପାଲି, ସମ୍ବଲପୁର

### ବେକାର ସମସ୍ୟା

ଆମ ଦେଶରେ ବେକାରି ସମସ୍ୟା ଉଗ୍ରରୂପ ଧାରଣ କଲାଣି। ଏହି ସମସ୍ୟାର ସମାଧାନ ପାଇଁ ମଧ୍ୟ ରାଜନେତାଙ୍କ ଆନ୍ତରିକତା ନାହିଁ। କାରଣ ନିର୍ବାଚନ ଲଢ଼ିବା ପାଇଁ ହଜାର ହଜାର ସଂଖ୍ୟାରେ ବେକାର ଯୁବକଙ୍କୁ ପ୍ରଚାର କାର୍ଯ୍ୟରେ ନିୟୋଜିତ କରିବାକୁ ହୁଏ। ସମସ୍ତେ ଯଦି ନିଯୁକ୍ତି ପାଇଯିବେ, ତା'ହେଲେ ନିର୍ବାଚନ ପ୍ରଚାରରେ ସାହାଯ୍ୟ କରିବ କିଏ? ନେତାଙ୍କ ପଛରେ ଦଳୀୟ ବାନା ଉଡ଼େଇ ସ୍ଲୋଗାନ୍ ଦେଇ ବୁଲିବ କିଏ? ତେଣୁ ପ୍ରତ୍ୟେକ ବେକାରଙ୍କୁ ଚଳିବା ପାଇଁ ସରକାର କିଛି ଆର୍ଥିକ ସାହାଯ୍ୟ ଦେଇ ଦୈନିକ ଅଳ୍ପ ସମୟ ପାଇଁ ହେଲେ ମଧ୍ୟ ସାମାଜିକ ସେବାକ୍ଷେତ୍ରରେ ନିଯୁକ୍ତି ଦେଲେ ଦେଶର ବିକାଶ ଘଟିବା ସଙ୍ଗେସଙ୍ଗେ କିଛି ପରିମାଣରେ ବେକାରି ସମସ୍ୟାର ସମାଧାନ ହୋଇପାରିବ।

ହରିହର ଦାଶ, ଗାନ୍ଧୀନଗର, ପଞ୍ଚମ ଗଳି, ବ୍ରହ୍ମପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଫିଲ୍ମରେ ପ୍ରବେଶ କରିବା କଷ୍ଟକର: ନିଧି ସିଂ



**ମୁମ୍ବାଇ:** ଡିଜିଟାଲ୍ ଶୋ' ତୁଳନାରେ ଜଣେ ନବାଗତ ଫିଲ୍ମରେ ପ୍ରବେଶ କରିବା କଷ୍ଟକର ବୋଲି ଅଭିନେତ୍ରୀ ନିଧି ସିଂ ପ୍ରକାଶ କରିଛନ୍ତି। ତାଙ୍କ କହିବାନୁସାରେ, ଫିଚର ଫିଲ୍ମରେ ପୂର୍ବାପେକ୍ଷା ଅଧିକ ପୁଞ୍ଜିନିବେଶ ହେଉଛି। ତେଣୁ ପ୍ରଯୋଜକ ନବାଗତଙ୍କ ଅପେକ୍ଷା ଭଲ କଳାକାର ଏବଂ ଲୋକପ୍ରିୟ ଚରିତ୍ର ଦେଖି ବିଜ୍ଞତାର ସହିତ ପୁଞ୍ଜି ଖଟାଉଛନ୍ତି। ଅବଶ୍ୟ ବଲିଉଡର ପରିବର୍ତ୍ତିତ ଦୃଶ୍ୟପଟରେ ଜଣେ ଅଭିନେତ୍ରୀ ଆଶାବାଦୀ ହେବା ସ୍ୱାଭାବିକ। 'ବଧାଇ ହୋ'ର ଉଦାହରଣ ଦେଇ ସେ କହିଲେ, ଉକ୍ତ ଫିଲ୍ମରେ ସବୁ ଭଲ କଳାକାର ସେମାନଙ୍କ ପ୍ରଦର୍ଶନ ପାଇଁ ପ୍ରଶଂସା ପାଇଛନ୍ତି ଏବଂ ଏହି ଫିଲ୍ମ ବକ୍ସ ଅଫିସରେ ମଧ୍ୟ ହିଟ୍ ହୋଇଛି। ତେଣୁ ଏଭଳି ଧାରା ପରିବର୍ତ୍ତନ ଆଣିବ ଏବଂ ନବାଗତ କଳାକାରଙ୍କ ପାଇଁ ପ୍ରବେଶ ଦ୍ୱାର ଉନ୍ମୁକ୍ତ କରିପାରିବ। 'ପର୍ମାନେଣ୍ଟ ରୁମ୍‌ମେଟ୍‌ସ', 'ମ୍ୟାନ୍‌ସ ୱାର୍ଲଡ', 'ହ୍ୟୁମରସ୍‌ଲି ୟୋର୍ସ' ଏବଂ 'ଆଫରାନ୍' ଭଳି ୱେବ୍ ସିରିଜ୍‌ରେ ନିଧି ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଛନ୍ତି। ସେ ମଧ୍ୟ ନେଟଫ୍ଲିକ୍ସ ଫିଚର ଫିଲ୍ମ 'ବ୍ରିଜ ମୋହନ ଅମର ରହେ'ରେ ଅଭିନୟ କରିଛନ୍ତି। ଡିଜିଟାଲ୍ ଏଣ୍ଟରଟେନମେଣ୍ଟ ତାଙ୍କ ଭଳି ନୂଆ ଟ୍ୟାଲେଣ୍ଟଙ୍କ କଳା ପରିସ୍ଫୁଟନ କରିବାରେ ସହାୟକ ହୋଇପାରିଛି କି ପ୍ରଶ୍ନରେ ସେ କହିଲେ, ଏହା ଅନେକ ପ୍ରତିଭାଙ୍କୁ ସୁଯୋଗ ଦେଇଛି ଏବଂ ଅଭିନେତା, ଅଭିନେତ୍ରୀଙ୍କ ସମେତ ଅନେକଙ୍କ ନିମନ୍ତେ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି।

# ନୂଆବର୍ଷରେ ଶ୍ରୀମନ୍ଦିରରେ ଉପୁଜି ପାରେ ବିଶୃଙ୍ଖଳା

- ଏସ୍‌ପିଙ୍କୁ ଚିଠି ଲେଖିଲା ସ୍ପେଶାଲ ବ୍ରାଞ୍ଚ
- ସେବକଙ୍କ ସହଯୋଗ ରହିଛି, କିଛି ଆଶଙ୍କା ନାହିଁ: ମୁଖ୍ୟ ପ୍ରଶାସକ
- ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସବୁ ବ୍ୟବସ୍ଥା ହୋଇଛି: ଏସ୍‌ପି

**ପୁରୀ ଅଫିସ,୩୧।୧୨**

ନୂଆବର୍ଷରେ ଶ୍ରୀମନ୍ଦିରରେ ଉପୁଜିପାରେ ବିଶୃଙ୍ଖଳା। ଡିସେମ୍ବର ୨୮ ଘଟଣାର ହୋଇପାରେ ପୁନରାବୃତ୍ତି। ଦର୍ଶନ ବ୍ୟବସ୍ଥାରେ ଘଟିପାରେ ବିଭ୍ରାଟ। ଏଭଳି ଆଶଙ୍କା କରି ସୋମବାର ପୁରୀ ଏସ୍‌ପିଙ୍କୁ ଚିଠି କରିଛି ସ୍ପେଶାଲ ବ୍ରାଞ୍ଚ। ଏଥିସହ ରାଜ୍ୟ ଗୃହ ସଚିବ ଏବଂ ଆଇଜି (ଆଇନ ଶୃଙ୍ଖଳା)ଙ୍କୁ ମଧ୍ୟ ଅବଗତ କରାଯାଇଥିବା ଜଣାପଡିଛି। କିନ୍ତୁ ଏହାକୁ ନେଇ କୌଣସି ପ୍ରକାର ଆଶଙ୍କା ନାହିଁ ବୋଲି କହିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ।

ସ୍ପେଶାଲ ବ୍ରାଞ୍ଚ କରିଥିବା ଚିଠିରେ ଦର୍ଶାଯାଇଛି ଯେ, ୨୮ ତାରିଖ ଘଟଣା ପାଇଁ ସେବାୟତମାନେ କ୍ଷୁବ୍ଧ ଅଛନ୍ତି। ସେମାନଙ୍କ ସହ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ସକାରାତ୍ମକ ଆଲୋଚନା କରାଯାଇ ନାହିଁ। ବିକଳ୍ପ ନ ପାଇ ସେବାୟତମାନେ ନିଜ ତରଫରୁ ସେବା ଆରମ୍ଭ କରିଥିଲେ। ତେଣୁ ସେବାୟତଙ୍କ ମଧ୍ୟରେ ଥିବା ଅସନ୍ତୋଷ ଯୋଗୁ ସେମାନେ ମଙ୍ଗଳବାର ଅପରାହ୍ଣ ୪ଟାରେ ପହୁଡ଼ ପକାଇ ପାରନ୍ତି। ଏହାଦ୍ୱାରା ଦର୍ଶନରୁ ବଞ୍ଚିତ ହୋଇ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଭିତରକୁ ଧସେଇ ପଶିପାରନ୍ତି। ଫଳରେ ଏକ ଅପ୍ରୀତିକର ପରିସ୍ଥିତି ଉପୁଜିବାର ଆଶଙ୍କା ରହିଛି।

ଏ ସମ୍ପର୍କରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଛନ୍ତି, ସେମିତି କୌଣସି ଆଶଙ୍କା ନାହିଁ। ସବୁ ସେବାୟତ ମହାପ୍ରଭୁଙ୍କ ନୀତିକାନ୍ତିରେ ସହଯୋଗ କରୁଛନ୍ତି। ସୋମବାର ନୀତି ବେଶ୍ ସ୍ୱାଭାବିକ ରହିଛି। ରାତି ୧୨ଟା ପରେ ଯେକୌଣସି ମୁହୂର୍ତ୍ତରେ ଧାର୍ଯ୍ୟ ସମୟ ପୂର୍ବରୁ ମନ୍ଦିର ଦ୍ୱାର ଖୋଲାଯାଇପାରେ। ଅନ୍ୟପକ୍ଷରେ ଏସ୍‌ପି ଡା. ସାର୍ଥକ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ସେ କହିଛନ୍ତି, ଆମକୁ ସତର୍କ ରହିବା ଲାଗି ଚିଠିରେ ଉଲ୍ଲେଖ ଅଛି। କିନ୍ତୁ ଆମେ ପୂର୍ବରୁ ମଧ୍ୟ ଏ ନେଇ ସତର୍କ ଅଛୁ। ଭକ୍ତମାନେ କିପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ବ୍ୟବସ୍ଥା ହୋଇଛି। ଶ୍ରୀମନ୍ଦିର ଭିତରେ ୨୦ ପ୍ଲାଟୁନ ଏବଂ ବାହାରେ ୨୦ ପ୍ଲାଟୁନ ଫୋର୍ସ ମୁତୟନ ରହିବେ। ସୁରକ୍ଷା ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସେଭଳି କୌଣସି ଆଶଙ୍କା ନାହିଁ ବୋଲି ସେ ମଧ୍ୟ କହିଛନ୍ତି।

ସୂଚନାଥାଉ କି, ଗତ ୨୮ ତାରିଖରେ ଶ୍ରୀମନ୍ଦିରରେ ଚରମ ବିଶୃଙ୍ଖଳା ହୋଇଥିଲା। ସିଂହଦ୍ୱାର ଖୋଲିଥିଲେ ମଧ୍ୟ ସେବକମାନେ ଜୟ ବିଜୟ ଦ୍ୱାର ଖୋଲି ନ ଥିଲେ। ବେହେରଣ ଦ୍ୱାରରେ ଧାରଣା ଦେଇଥିଲେ। ଫଳରେ ମହାପ୍ରଭୁ ୧୪ ଘଣ୍ଟା ଅଖିଆ, ଅପିଆ ରହିଥିଲେ। ଭକ୍ତମାନେ ଦର୍ଶନ କରି ନ ପାରି ମନଦୁଃଖରେ ଫେରିଯାଇଥିଲେ।

# ଫେବୃୟାରୀରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର

- ଜାନୁୟାରୀ ଶେଷ ସୁଦ୍ଧା ସରିବ ଚୟନ ପ୍ରକ୍ରିୟା

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ)**

ରାଜ୍ୟ ଚଳଚ୍ଚିତ୍ର ପୁରସ୍କାରକୁ ନେଇ ଲାଗି ରହିଥିବା ସମସ୍ତ ଆଶା ଆଶଙ୍କା ଖୁବ୍‌ଶୀଘ୍ର ଶେଷ ହେବାକୁ ଯାଉଛି। ଉଭୟ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପ୍ରଦାନ କରିବା ନେଇ ଗ୍ରୀନ୍ ସିଗ୍‌ନାଲ ଦେଇଛନ୍ତି ସରକାର। ୨୦୧୯ ମସିହାରେ ୨୦୧୭ ମସିହାର ଚଳଚ୍ଚିତ୍ର ଓ ଟେଲି ପୁରସ୍କାର ପ୍ରଦାନ କରାଯିବ ବୋଲି ସୂଚନା ମିଳିଛି। ଆସନ୍ତା ଜାନୁୟାରୀ ଶେଷ ସୁଦ୍ଧା ଫିଲ୍ମ ଓ କଳାକାର ଚୟନ ଶେଷ ହୋଇ ଫେବୃୟାରୀ ଶେଷ ସପ୍ତାହରେ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ ହେବ। ପ୍ରତିବର୍ଷ ଭଳି ଏ ବର୍ଷ ମଧ୍ୟ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଚଳଚ୍ଚିତ୍ର ଏବଂ ଟେଲି ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରିବ। ଏ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି) ମଧ୍ୟରେ ଚାଲିଥିବା ଟଣାଓଟରା ଯୋଗୁ ୨୦୧୮ରେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ ହୋଇପାରି ନ ଥିଲା। ଉତ୍ସବ ତ ଦୂରର କଥା, ଚଳଚ୍ଚିତ୍ର ଚୟନ ପାଇଁ କମିଟି ବି ଗଠନ ହୋଇପାରି ନ ଥିଲା। ପ୍ରତିବର୍ଷ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପୁରସ୍କାର ପ୍ରଦାନ ଉତ୍ସବ ଆୟୋଜନ କରୁଥିବା ବେଳେ ଏଥର ଓଏଫ୍‌ଡିସି ଏହାକୁ ଆୟୋଜନ କରିବ ବୋଲି ଅଡ଼ି ବସିଥିଲା। ଏ ନେଇ ଓଏଫ୍‌ଡିସି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ଏକ ଚିଠି ମଧ୍ୟ ଲେଖିଥିଲା। ଫଳରେ ବିବାଦ ମଧ୍ୟରେ ଫସିଯାଇଥିଲା ବାର୍ଷିକ ରାଜ୍ୟ ଚଳଚ୍ଚିତ୍ର ଓ ଟେଲି ପୁରସ୍କାର। ତେବେ ଶେଷରେ ଘଟଣାର ସମାଧାନ ହୋଇ ୨୦୧୭ ମସିହା ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ସହ ଓଡ଼ିଆ ଚଳଚ୍ଚିତ୍ର କ୍ଷେତ୍ରରେ ସର୍ବୋଚ୍ଚ ସମ୍ମାନ ଜୟଦେବ ପୁରସ୍କାର ଏବଂ ଟେଲି ପୁରସ୍କାର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଜାନୁୟାରୀ ମାସରେ ଚୟନ କମିଟି ଗଠନ ହୋଇ ଫିଲ୍ମ ଓ କଳାକାର ଚୟନ ପ୍ରକ୍ରିୟା ଶେଷ ହେବ। ଫେବୃୟାରୀ ଶେଷ ସପ୍ତାହରେ ଉଭୟ ପୁରସ୍କାର ପ୍ରଦାନ କରାଯିବ ବୋଲି ସଚିବ କହିଛନ୍ତି।

CLASSIFIED DISPLAY


















**ସଂକ୍ଷେପରେ**

## ବିରିଡ଼ିରେ ଖୋଲିଲା ପ୍ରଥମ ଧାନମଣ୍ଡି



ବିରିଡ଼ି,୩୧।୧୨(ଡି.ଏନ.ଏ.): ବିରିଡ଼ି ବ୍ଲକ ଗୋପୀନାଥପୁର ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ପ୍ରଥମକରି ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଏହାକୁ ଜଗତ୍‌ସିଂହପୁର ଆରଏମସି ସମ୍ପାଦକ ସୂର୍ଯ୍ୟକାନ୍ତ ଦାଶ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧରେ ଜଗତ୍‌ସିଂହପୁର ଏସଏଆରସିଏସ ନିରଞ୍ଜନ ରାଉତରାୟ, ସୁପରଭାଇଜର ଅଭୟ କୁମାର ମହାନ୍ତି, ସମବାୟ ସମିତି ସଭାପତି ବିକ୍ରମ କୁମାର ସାହୁ, ସମ୍ପାଦକ ଅନ୍ତର୍ଯ୍ୟାମୀ ମୁଦୁଲି, ସମିତିସଭ୍ୟ ଅମୂଲ୍ୟ କୁମାର ମହାନ୍ତି, ସମବାୟ ସମିତି ପରିଚାଳନା କମିଟି ସଭ୍ୟ ଅରବିନ୍ଦ ସାହୁ, କ୍ରୟ କମିଟି ସଦସ୍ୟ ଅଶୋକ କୁମାର ମହାନ୍ତି ଉପସ୍ଥିତ ଥିଲେ। ପ୍ରତ୍ୟେକ ଚାଷୀ ମଙ୍ଗଳବାର ମଣ୍ଡିକୁ ଧାନ ବିକ୍ରି କରିବାକୁ ଆଣିବା ପାଇଁ ସଭାପତି ସାହୁ ସୂଚନା ଦେଇଥିଲେ। ଏହି ସମବାୟ ସମିତିରେ ୪୭୦ ଚାଷୀ ନାମ ପଞ୍ଜୀକରଣ କରିଛନ୍ତି। ଏହି ସମବାୟ ସମିତିରେ ମୋଟ ୨୨ ହଜାର କୁଇଣ୍ଟାଲ ଧାନ କ୍ରୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ସମ୍ପାଦକ ମୁଦୁଲି ପ୍ରକାଶ କରିଥିଲେ। ତେବେ ସୋମବାର ଏଠାରେ ୨ ଶହ କୁଇଣ୍ଟାଲ ଧାନ ୬ ଜଣ ଚାଷୀଙ୍କଠାରୁ କ୍ରୟ କରାଯାଇଛି।

## ପାରାଦୀପ ଉତ୍ସବ ଉଦ୍‌ଯାପିତ

ପାରାଦୀପ,୩୧।୧୨ (ସ୍ୱ.ପ୍ର.): ସ୍ଥାନୀୟ ଜୟଦେବ ସଦନ ପରିସରରେ ଗତ ୨୫ ତାରିଖରୁ ଚାଲିଥିବା ଅଟଳ ବିହାରୀ ବାଜପେୟୀଙ୍କ ଜୟନ୍ତୀ ତଥା ପାରାଦୀପ ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନ ଉତ୍ସବରେ ପୂର୍ବତନ ବିଧାୟକ ବାଇଧର ମଲ୍ଲିକ, ଭାଜପା ରାଜ୍ୟ ସମ୍ପାଦକ ଯତିନ ମହାନ୍ତି, ଇଫ୍‌କୋ ଡିଜିଏମ୍ ଏସ୍ ଆର ମୌର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଭାଜପା ଯୁବମୋର୍ଚ୍ଚା ଜିଲା ସଭାପତି ସମ୍ପଦ ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

■ ଆଞ୍ଚଳିକ ସୁରକ୍ଷା ସମିତିର ଆନ୍ଦୋଳନ ଡାକରା

# ୩୦ରେ ରାଜପଥ ଅବରୋଧ

■ ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲକୁ ବିରୋଧ
■ ୧୪ରେ ପ୍ରତୀକ ଧର୍ମଘଟ

କୁଜଙ୍ଗ,୩୧।୧୨(ସ୍ୱ.ପ୍ର.)

କୁଜଙ୍ଗ ବ୍ଲକର ଭୂତମୁଣ୍ଡାଇଠାରେ ସୁପର ସ୍ପେଶିଆଲିଟି ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଦାବି କରିଆସୁଥିବା ଆଞ୍ଚଳିକ ସୁରକ୍ଷା ସମିତି ପକ୍ଷରୁ ପବିତ୍ର ଶହୀଦ ଦିବସକୁ ଶପଥ ଦିବସ ରୂପେ ପାଳନ ପୂର୍ବକ ଆସନ୍ତା ୩୦ ତାରିଖରେ ଆନ୍ଦୋଳନ ଡାକରା ଦିଆଯାଇଛି। ଏନେଇ ବିଶ୍ୱାଳିସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ପରିସରରେ ରବିବାର ଏକ ବୈଠକ ହୋଇଥିଲା। ସମିତିର ସଂଯୋଜକ ରଘୁନାଥ ସାହୁ ଏଥିରେ ଅଧକ୍ଷତା କରିଥିଲେ। ସମିତିର ସହ ଆବାହକ ଦୁଷ୍ମନ୍ତ ମାଝୀ ପ୍ରାରମ୍ଭିକ ସୂଚନା ଦେବା ସହ ଦାବି ସମ୍ପର୍କରେ ବିଭିନ୍ନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା କହିଥିଲେ। ଭୂତମୁଣ୍ଡାଇ ଠାରେ ପ୍ରସ୍ତାବିତ ଟ୍ରକ ଟର୍ମିନାଲ ନିର୍ମାଣକୁ ସମସ୍ତ ସଭ୍ୟ ବିରୋଧ ଏଥିରେ ବିରୋଧ କରିଥିଲେ। ସେହିପରି ପାରାଦୀପ ସହରାଞ୍ଚଳରେ ସୁପର ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିବାକୁ ଘୋଷଣା ହୋଇଥିବାରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପାରାଦୀପ ବନ୍ଦର ସମେତ ସମସ୍ତ ଶିଳ୍ପ ସଂସ୍ଥା କୁଜଙ୍ଗ ଅଞ୍ଚଳରୁ ଜମି ଅଧିଗ୍ରହଣ କରିଛନ୍ତି। ବଦଳରେ ଜମିହରାଙ୍କୁ ନିଯୁକ୍ତି କିମ୍ବା ବ୍ୟବସାୟିକ ସୁବିଧା ପ୍ରଦାନ କରାଯାଇନାହିଁ। ଏଭଳି ସ୍ଥିତିରେ ସର୍ବନିମ୍ନ ଚିକିତ୍ସା ସୁବିଧା ଦେବାକୁ ମଧ ବନ୍ଦର କର୍ତ୍ତୃପକ୍ଷ ଅଞ୍ଚଳବାସୀଙ୍କ ସହ ଲୁଚକାଳି ଖେଳୁଛନ୍ତି। ଏହାର ପ୍ରତିବାଦରେ ଆସନ୍ତା ୩୦ ତାରିଖରେ ଭୂତମୁଣ୍ଡାଇଠାରେ ଜାତୀୟ ଏବଂ ରାଜ୍ୟ ରାଜପଥକୁ ଅବରୋଧ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା ୧୪ରେ ପ୍ରତୀକ ଧର୍ମଘଟ ଓ ସତ୍ୟାଗ୍ରହ କରାଯିବ ବୋଲି କୁହାଯାଇଛି। ଏନେଇ ଏକ ସଚେତନତା କାର୍ଯ୍ୟକ୍ରମ କରାଯିବା ସହିତ ବିଭିନ୍ନ ଗ୍ରାମରେ ଜନସଚେତନତା ସଭା କରିବାକୁ ସ୍ଥିର କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀବଲ୍ଲଭ କର, ପ୍ରକାଶ ଚନ୍ଦ୍ର ତ୍ରିପାଠୀ, ସଞ୍ଜୟ କୁମାର ସ୍ୱାଇଁ, ପବିତ୍ର କୁମାର ସାହୁ, ସୁବାସ ମହାପାତ୍ର, ସଞ୍ଜୟ କୁମାର ବେହେରା, ମାନଭଞ୍ଜନ ମଲ୍ଲ, ବାବୁରାମ ଚୌଧୁରୀ, ପ୍ରମୋଦ କୁମାର ଜେନା, ଦେବବାଳା ମହାପାତ୍ର, ଜାନକୀ ମହାରଥା, ଅତନୁ ସାମନ୍ତ, ଆଲୋକ ସାହୁ, ରଶ୍ମୀରଞ୍ଜନ ସାହୁ,ମିନର୍ଭା ପରିଡ଼ା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ୨ ତାରିଖରୁ ଏକ ସଚେତନତା ରଥ ଉଭୟ ଜଗତସିଂହପୁର ଓ କେନ୍ଦ୍ରାପଡ଼ାର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବ ବୋଲି ସମିତି ପକ୍ଷରୁ କୁହାଯାଇଛି।

## ରାଜ୍ୟର ପ୍ରଥମ ଏସି ଆହାର କେନ୍ଦ୍ର ଶୁଭାରମ୍ଭ



ଆହାର କେନ୍ଦ୍ରରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଓ ଅନ୍ୟମାନେ ଭୋଜନ କରୁଛନ୍ତି।

ପାରାଦୀପ,୩୧।୧୨:(ସ୍ୱ.ପ୍ର.)

ପାରାଦୀପ ପୌରାଞ୍ଚଳରେ ଥିବା ୨ ଆହାର କେନ୍ଦ୍ର ମଧ୍ୟରୁ ସୋମବାର ଅଠରବାଙ୍କୀ ବିଜୁ ମେମୋରିଆଲ ହସ୍‌ପିଟାଲ ନିକଟରେ ଥିବା କେନ୍ଦ୍ରରେ ରାତ୍ରି ଭୋଜନ ବ୍ୟବସ୍ଥା ଶୁଭାରମ୍ଭ ହୋଇଛି। ଏଠାରେ ରାତି ପାଇଁ ୨୫୦ ମିଲର ବ୍ୟବସ୍ଥା କରାଯାଇଛି। ଏହି କେନ୍ଦ୍ରକୁ ଶିତତାପ ନିୟନ୍ତ୍ରିତ କରାଯାଇଛି। ଯାହାକି ରାଜ୍ୟର ପ୍ରଥମ ଏସି ଆହାର କେନ୍ଦ୍ର ବୋଲି ପୌରପାଳିକା ପକ୍ଷରୁ କୁହାଯାଇଛି। ଏଥିସହିତ ଏହି କେନ୍ଦ୍ରରେ ହାତ ଧୋଇବା ଓ ଶୁଖାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏଠାରେ ପିପିଏଲ୍ ବାସନ ସଫା ମେଶିନ ଲଗାଇଛି। ସୂଚନାଯୋଗ୍ୟ, ଜଗତ୍‌ସିଂହପୁର ଜିଲାରେ ୩ ଆହାର କେନ୍ଦ୍ର ମଧ୍ୟରୁ ୨ଟି ପାରାଦୀପରେ ରହିଛି। ଗୋଟିଏ ଅଠରବାଙ୍କୀ ମେଡିକାଲ ନିକଟ ଓ ଅନ୍ୟଟି ବଡ଼ପଡ଼ିଆ ନିକଟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସନ୍ଧ୍ୟାରେ ଏହାକୁ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ ଉଦ୍‌ଘାଟନ କରିଛନ୍ତି। କାର୍ଯ୍ୟକ୍ରମରେ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ, ଏଏସ୍‌ପି ବିଷ୍ଣୁଚରଣ ମିଶ୍ର, ନିର୍ବାହୀ ଅଧିକାରୀ ଦିଲୀପ ମହାନ୍ତି, ପିପିଏଲ୍‌ର ମାନବସମ୍ବଳ ଅଧିକାରୀ ସୁଧୀରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଘରପୋଡ଼ି, ମହିଳା ଆହତ

ପାରାଦୀପ,୩୧।୧୨ (ସ୍ୱ.ପ୍ର.)

ପାରାଦୀପ ଅଠରବାଙ୍କୀ ରାଜୀବନଗର ବସ୍ତିରେ ରବିବାର ବିଳମ୍ବିତ ରାତିରେ ସୁଶାନ୍ତ ବିଶ୍ୱାଳଙ୍କ ଘର ପୋଡ଼ିଯାଇଛି। ପରିବାର ଲୋକେ ରାତିରେ ଶୋଇଥିବାବେଳେ ନିଆଁ ଲାଗିଯାଇଥିଲା। ପଡିଶା ଘର ଲୋକେ କବାଟ ବାଡେଇ ସୁଶାନ୍ତଙ୍କ ପରିବାର ଲୋକଙ୍କୁ ଉଠାଇବାରୁ ସେମାନେ ବିପଦରୁ ବର୍ତ୍ତି ଯାଇଥିଲେ। ତେବେ ଘରୁ ବାହାରିବା ବେଳେ ସୁଶାନ୍ତଙ୍କ ସ୍ତ୍ରୀ ସୁଜାତା ଆହତ ହୋଇଛନ୍ତି। ତାଙ୍କୁ ବିଜୁ ମେମୋରିଆଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘରର ସମସ୍ତ ଆସବାବପତ୍ର ପୋଡ଼ିଯାଇଛି। ପୌରାଧକ୍ଷ ବସନ୍ତ ବିଶ୍ୱାଳ ବିପନ୍ନଙ୍କ ପରିବାରକୁ ଭେଟି ସାମୟିକ ରହଣୀ ବ୍ୟବସ୍ଥା କରିଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅଳସ ପଣରେ ତୋଟାକୁ ନ ଗଲି**
**ଆମ୍ବ ଖାଇଗଲା ଭାଲୁ**
**ଅଳସ ପଣରେ ଔଷଧ ନ ଦେଲି**
**ପିଠି ଯାଦୁ କଲା ଗଲୁ ।**

ଅଳସୁଆ ସବୁବେଳେ ଦୁଃଖ ପାଏ। ଏହା ଜାଣି ମଧ କିଛି ବ୍ୟକ୍ତି ଆଳସ୍ୟର ବଶବର୍ତ୍ତୀ ହୋଇ ସୌଭାଗ୍ୟ ପରିବର୍ତ୍ତେ ଦୁର୍ଭାଗ୍ୟକୁ ଆଦରି ନେଇଥାନ୍ତି। ଆଳସ୍ୟ ସର୍ବଦା କ୍ଷତିକାରକ, ଏଣୁ ଏହା ବର୍ଜନୀୟ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଅତି ଭାବ ଯେଉଁଠି**
**ନ ଯା ନିତି ସେଇଠି ।**
**ଯଦି ଯିବୁ ନିଇତି**
**ଘଟିବ ନିଶ୍ଚେ ଦୁର୍ନୀତି ।**

ଅତି ପରିଚୟେ ଗୌରବ ନଷ୍ଟ। ଅତି ଗୋଡ଼ ଘୋଷରା ହେଲେ ସମ୍ମାନହାନି ଘଟିବାର ଆଶଙ୍କା ରହିଥାଏ। ଏହାକୁ ନଜର ଅନ୍ଦାଜ କରି ଯିବା ଆସିବା ଜାରି ରଖିଲେ ବ୍ୟକ୍ତି ନିଜର ଗରିମା ଓ ଓଜନ ହରାଇ ବସିଥାଏ। ତେଣୁ ସମ୍ପର୍କର ସ୍ଥାୟିତ୍ୱ ପାଇଁ ଏଥିପ୍ରତି ଦୃଷ୍ଟିଦେବା ଉଚିତ ବୋଲି ଏଭଳି ଉପଦେଶ ପ୍ରଦାନ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ. ପ୍ରା. ଲି.

## ବିରଳ ବ୍ୟକ୍ତିତ୍ୱ ଥିଲେ ଉପ ସାର୍




ସ୍ମୃତିସଭାରେ ଉପସ୍ଥିତ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ବିଷ୍ଣୁ ଦାସ ଓ ଅନ୍ୟମାନେ।

ରଘୁନାଥପୁର, ୩୧।୧୨( ଡି.ଏନ.ଏ.)

ଶିକ୍ଷାବିତ୍ ଓ ସାମଜ ସଂସ୍କାରକରୁ ରାଜନୀତି ପ୍ରତି ଆକୃଷ୍ଟ ହୋଇଥିବା ସ୍ୱର୍ଗତ ଉପେନ୍ଦ୍ରନାଥ ଲେଙ୍କାଙ୍କ ଏକାଦଶାଦରେ ସ୍ମୃତିଚାରଣ ସଭା ରଘୁନାଥପୁର ବ୍ଲକ ଚିକିଣିଆସ୍ଥିତ ବାସଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଜଗତ୍‌ସିଂହପୁର ନିମ୍ନ ମାଧମିକ ଅବସରପ୍ରାପ୍ତ ଶିକ୍ଷକ ସଂଘ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏଠାରେ ଉପସ୍ଥିତ ହୋଇ ଉପ ସାରଙ୍କ ସ୍ମୃତିଚାରଣ କରିବା ସହ ସର୍ବଦା କର୍ମ ତତ୍ପର ଓ ପରୋପକାରୀ ଆତ୍ମାର ସଦଗତି ନିମନ୍ତେ ପ୍ରାର୍ଥନା କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଫୁଲସଭାରେ ପୂର୍ବତନ ସରପଞ୍ଚ ବିଜନ ମହାପାତ୍ରଙ୍କ ସଭାପତିତ୍ୱରେ ଯୋଜନା ବୋର୍ଡ ଉାପାଧକ୍ଷ ବିଷ୍ଣୁ ଦାସ ଯୋଗ ଦେଇ, ବହୁ ମୁଖୀ ପ୍ରତିଭାର ବିରଳ ବ୍ୟକ୍ତିତ୍ୱ ଥିଲେ ଉପସାର ବୋଲି ବକ୍ତବ୍ୟରେ କହିଥିଲେ। ସାଧାରଣ ଜନତାଙ୍କ ପାଇଁ ଯେକୌଣସି ସମୟରେ କାହାର ସାହାଯ୍ୟ ନ ନେଇ ଖାଲି ପାଦରେ ଚାଲିଚାଲି କାର୍ଯ୍ୟ ହାସଲ କରିବାରେ ସେ ଥିଲେ ମାହିର ବୋଲି ଉପାଧକ୍ଷ ଦାସ ତାଙ୍କର ସ୍ମୃତିଚାରଣ ଉଦ୍ଦେଶ୍ୟରେ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବ୍ଲକ ଅଧକ୍ଷ ରଜତ କୁମାର ପାତ୍ର, ପୂର୍ବତନ ଜିଲାପରିଷଦ ସଭ୍ର ସରୋଜ କାନ୍ତ ସ୍ୱାଇଁ, ସରୋଜ ରାୟ, ସମିତିସଭ୍ୟ ମେହେବୁବ୍ ବେଗ୍ ବିଜୁ କୃଷକ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ପୂର୍ବତନ ସରପଞ୍ଚ ବିଷ୍ଣୁ ସେଠୀ, ସରପଞ୍ଚ ସରୋଜ କୁମାର ଦାସ ଓ ଶେଷଦେବ ସେଠୀଙ୍କ ସମେତ ବହୁ ବ୍ୟକ୍ତି ଯୋଗଦେଇ ସ୍ୱର୍ଗତ ଲେଙ୍କାଙ୍କ ସ୍ମୃତିଚାରଣ କରିଥିଲେ। ତାଙ୍କ ପୁତ୍ର ଚୌଧୁରୀ ଇନ୍ଦୁଭୂଷଣ ଲେଙ୍କା ଧନ୍ୟବାଦ ଦେଇଥିଲେ।

## ୨୧ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟିକା

ବିରିଡ଼ି/ବାଲିଆ,୩୧।୧୨(ଡି.ଏନ.ଏ.)

ବିରିଡ଼ି ବ୍ଲକ ଉତ୍ତରଶାସନ ଓ ଶିବପୁର ପଞ୍ଚାୟତରେ ଆମ ଗାଁ ଆମ ବିକାଶ ଯୋଜନାରେ ସୋମବାର ତିର୍ତ୍ତୋଲ ବିଧାୟିକା ଡା.ରାଜଶ୍ରୀ ମଲ୍ଲିକ ୨୧ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ପ୍ରଥମେ ଉତ୍ତରଶାସନ ପଞ୍ଚାୟତରେ ୧୧ ପ୍ରକଳ୍ପର ଶିଳାନ୍ୟାସ କରିଥିବାବେଳେ ଏକ ଅଙ୍ଗନୱାଡି କେନ୍ଦ୍ର ଉଦ୍‌ଘାଟନ କରିଥିଲେ। ସେହିପରି ଶିବପୁର ପଞ୍ଚାୟତରେ ୧୦ ପ୍ରକଳ୍ପର ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ବିଧାୟିକାଙ୍କ ସହ ବ୍ଲକ ଉପାଧକ୍ଷା ଗୀତାଞ୍ଜଳି ସାହୁ, ବିଜେଡି ଜିଲା ସମ୍ପାଦକ ପବିତ୍ର ପଶାୟତ, ସରପଞ୍ଚ ଶିଳ୍ପା ସାହୁ, ଦରଡ଼ା ସରପଞ୍ଚ ଧନଞ୍ଜୟ ମହାପାତ୍ର, ବୁଢ଼ାପଡ଼ା ସରପଞ୍ଚ ପୁଷ୍ପ ପ୍ରକାଶ ପ୍ରଧାନ, ସତ୍ତେଇଶାସନ ସରପଞ୍ଚ ଅମିତ ରାଉଳ, ସରପଞ୍ଚ ଶକୁନ୍ତଳା ବେହେରା, ସମିତିସଭ୍ୟା ମାନସୀ ବେହେରା, ବିଧାନ ଚନ୍ଦ୍ର ଜେନାଙ୍କ ସହ ଏସଏଚଜିର ସଭ୍ୟାମାନେ ଯୋଗ ଦେଇଥିଲେ। ଉତ୍ତରଶାସନ ପଞ୍ଚାୟତ ବିଜେଡି ସଭାପତି ଦିବାକର ସାହୁ, ଜ୍ଞାନରଞ୍ଜନ ମହାନ୍ତି, ପ୍ରସନ୍ନ ବାରିକ, ଗଣେଶ୍ୱର ସ୍ୱାଇଁ, ବିଜୟ ମୁଦୁଲି, ଗୌରାଙ୍ଗ ପଟ୍ଟନାୟକ, ସହଦେବ ସେଠୀ, ଅମୀୟ କୁମାର ରାୟ, ଶିବପୁର ସରପଞ୍ଚ ଶୁକାନ୍ତି ବେହେରା, ସମିତି ସଭ୍ୟା ମାନସୀ ଭୋଇ ଉପସ୍ଥିତ ଥିଲେ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD GAMS (PATNA)
DR. PREM KUMAR BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

GET INSTANT CASH AGAINST GOLD
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ। ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Branches-Bhubaneswar,Cuttack,Bhadrak, Rourkela & Brahmapur

ଭାରତର ନଂ. ୧ କମ୍ପାନୀ
ଦ୍ୱାରା ଆପଣଙ୍କର ଖାଲିଥିବା ଜମିରେ, ଛାତରେ, ଫ୍ଲାଟ୍‌ରେ, କ୍ଷେତରେ, ଘର ଉପରେ 3G, 4G, ଡିଜିଟାଲ ଟାୱାର ଲଗାନ୍ତୁ ଏବଂ ପାଆନ୍ତୁ ୮୦ ଲକ୍ଷ ଆଡଭାନ୍ସ + ୫୦ ହଜାର ମାସକୁ ରୋଜଗାର +୨୦ ବର୍ଷର କୋର୍ଟ ଏଗ୍ରିମେଣ୍ଟ + ଚାକିରି + BIKE + NET Call Free
Contact : 180012002563
Ansal Bhavan, Connaught Place, New Delhi

LOAN
ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର ସମସ୍ତ ବର୍ଗର ଲୋକମାନଙ୍କ ପାଇଁ କମ୍ ସୁଧରେ ଏବଂ ସହଜ କିସ୍ତିରେ ଋଣ ଯୋଗାଇ ଦିଆଯାଉଛି। (ମହିଳାମାନଙ୍କ ପାଇଁ ବିଶେଷ ରିହାତି)
B-19, New Moti Bagh, New Delhi- 110021
8658167603
7064382081

LOAN
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

NATIONAL FINANCE
ନୋ ଫାଇଲଚାର୍ଜ, ନୋ ଗ୍ୟାରେଣ୍ଟର, ୨୪ ଘଣ୍ଟାରେ ସରକାରୀ ଯୋଜନା ଅଧୀନରେ ଘରେ ବସି ଋଣ ପାଆନ୍ତୁ । ମାର୍କଶିଟ୍, ପ୍ରପର୍ଟି, ଏଗ୍ରିକଲ୍ଚର, ବିପିଏଲ୍ କାର୍ଡ, ବାମାଶା କାର୍ଯ୍ୟ ବେରୋଜଗାର ଋଣ, ମହିଳା ଗ୍ରୁପ୍ ଋଣ ସବୁ ଋଣ ବ୍ୟାଙ୍କରୁ ପାଆନ୍ତୁ। ୨% ସୁଧ ୪୦% ସରକାରୀ ସବ୍‌ସିଡି।
Helpline Numbers
7626989818
7626900218
T-51, Gali No.8, Gautampuri, Delhi-110053

ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ ଏବଂ ୨ଘଣ୍ଟାରେ ୧୦୦% ସମାଧାନ ପାଆନ୍ତୁ, ୧୧ ଇଲମରେ ମାହିର
କାମ ନହେଲେ ପଇସା ଫେରସ୍ତ
କୌଣସି ପ୍ରକାର ସମସ୍ୟାର ସମାଧାନ ପାଇଁ ମୋତେ ସମ୍ପର୍କ କରନ୍ତୁ
ସ୍ପେଶାଲିଷ୍ଟ: ବଶୀକରଣ ଓ ମୁଠ୍‌କରଣୀ
ବାବା ଆଲାମ ଖାନ
ସତ୍ୟ ନଗର, କାଳୀ ମନ୍ଦିର ପାଖ, ଭୁବନେଶ୍ୱର
9773820765
8512004851

କେମିତି ମଦ ଛାଡ଼ିବେ
ଆସକ୍ତ ବ୍ୟକ୍ତିଙ୍କୁ ନ ଆଣି ଏବଂ ନ ଜଣାଇ।
ସମୟ ପୂର୍ବାହ୍ନ ୧୦ ଘଟିକାରୁ ଅପରାହ୍ନ ୨ ଘଟିକା
ବାଲେଶ୍ୱର: ପ୍ରତିମାସ ୧ ଓ ୧୫, ହୋଟେଲ କଳିଙ୍ଗ, ଷ୍ଟେଶନ ଗୋଲେଇ। ଭଦ୍ରକ: ୨ ଓ ୧୬, ହୋଟେଲ ବ୍ଲୁଭାଇନ୍, ରାଜଘାଟ ଛକ। ଯାଜପୁର: ୩ ଓ ୧୭, ହୋଟେଲ ଭୀମସେନ ପ୍ୟାଲେସ୍, ଗୋପବନ୍ଧୁ ଛକ, ଯାଜପୁର ରୋଡ୍। କଟକ: ୪ ଓ ୧୮, ହୋଟେଲ ମା ମଙ୍ଗଳା, ବାଦାମବାଡ଼ି, ବସ୍‌ଷ୍ଟାଣ୍ଡ ନିକଟ। ଭୁବନେଶ୍ୱର: ୫ ଓ ୧୯ ହୋଟେଲ ଟ୍ରାଇଡେଣ୍ଟ (ଲଜ୍) ବଡ଼ଜେନା କମର୍ସିଆଲ୍ କମ୍ପ୍ଲେକ୍ସ, ୧୩୮, ଅଶୋକ ନଗର, ୟୁନିଟ୍-୩। ପୁରୀ: ୬ ଓ ୨୦, ହୋଟେଲ ପାରାଡାଇଜ୍, ଗ୍ରାଣ୍ଡ ରୋଡ୍, ବଡ଼ଦାଣ୍ଡ ନିକଟ। ବାରିପଦା: ୭ ଓ ୨୧, ହୋଟେଲ ଗଣେଶ, ଗଣେଶ ମାର୍କେଟ। ସମ୍ବଲପୁର: ପ୍ରତିମାସ ୮ ଓ ୨୨, ହୋଟେଲ ସୁଜାତା, ଭି.ଏସ୍.ଏସ୍. ମାର୍ଗ, ବସ୍ ଷ୍ଟାଣ୍ଡ ନିକଟ। ରାଉରକେଲା: ପ୍ରତିମାସ ୯ ଓ ୨୩, ହୋଟେଲ ଶ୍ୟାମ, ବିସ୍ରା ରୋଡ୍, ରେଳ ଷ୍ଟେଶନ ନିକଟ। ପାରାଦୀପ: ପ୍ରତିମାସ ୮ ଓ ୨୨, ହୋଟେଲ ଆରିଷ୍ଟୋକ୍ରାଟ୍। କେନ୍ଦ୍ରାପଡ଼ା: ପ୍ରତିମାସ ୯ ଓ ୨୩, ହୋଟେଲ ଗୋଲ୍ଡେନ୍ ପ୍ୟାଲେସ, ବସ୍ ଷ୍ଟାଣ୍ଡ ନିକଟ। କେନ୍ଦୁଝର: ପ୍ରତିମାସ ୧୦ ଓ ୨୪, ହୋଟେଲ ବରାଳ, ବସ୍ ଷ୍ଟାଣ୍ଡ ନିକଟ। ଝାରସୁଗୁଡ଼ା: ୧୦ ଓ ୨୪, ହୋଟେଲ ଉପହାର, ଏମ୍.ବି. ରୋଡ୍। ଅନୁଗୋଳ: ୧୧ ଓ ୨୫, ହୋଟେଲ ଶାନ୍ତି, ବସ୍ ଷ୍ଟାଣ୍ଡ ନିକଟ। ବ୍ରହ୍ମପୁର: ୧୨ ଓ ୨୬, ହୋଟେଲ ଲେକ୍‌ଭ୍ୟୁ, ରାମ ଲିଙ୍ଗ ଟ୍ରଙ୍କ ରୋଡ୍। ଭବାନୀପାଟଣା: ୧୩ ଓ ୨୭, ରବି ଲଜ୍, ଗାନ୍ଧୀ ଚୌକ। ବରଗଡ଼: ୧୪ ଓ ୨୮, ହୋଟେଲ ଓରିଏଣ୍ଟାଲ, କେନାଲ ଆଭେନ୍ୟୁ ନିକଟ। ଫୁଲବାଣୀ: ପ୍ରତିମାସ ୧୨ ତାରିଖ, ହୋଟେଲ ରାଜ କମଲ। ନୟାଗଡ଼: ପ୍ରତିମାସ ୧୧ ତାରିଖ, ହୋଟେଲ ତ୍ରିନାଥ, ଦିଘା ରୋଡ୍। ପୂଜା ହେଲ୍‌ଥ ସେଣ୍ଟର
ଶ୍ୱାସରୋଗ, ଗଣ୍ଠି ଯନ୍ତ୍ରଣା, ଅର୍ଶ, ଓଜନ ବୃଦ୍ଧି ପାଇଁ ପ୍ରଭାବୀ ଔଷଧ।

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

ନବବର୍ଷ ଧମାକା
ଲକ୍ଷ୍ମୀ ଫାଇନାନ୍ସ
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଗାଡ଼ି ଋଣ ମାତ୍ର 14 ଘଣ୍ଟାରେ 2% ସୁଧ, 50% ରିହାତି (ମହିଳାଙ୍କ ପାଇଁ ବିଶେଷ ରିହାତି)
09511074735
09528096099
Dakhin Galy, Town/Vill-Baijnathpur, Gaya-205131

ମୁଦ୍ରିକା ଫାଇନାନ୍ସ ଲୋନ
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

SMS JOB
ବେରୋଜଗାର ଯୁବକ, ଯୁବତୀ ଏବଂ ବେଟି ବଚାଓ, ବେଟି ପଢ଼ାଓ ଘରେ ବସି SMS JOB (Part/Full Time) କରି ମାସକୁ ୧୫୦୦୦/-ରୁ ୩୫୦୦୦/- ପର୍ଯ୍ୟନ୍ତ ରୋଜଗାର କରନ୍ତୁ ।
କମ୍ପାନୀ ଦ୍ୱାରା Mobile+ Laptop+ Medical Exp. FREE
CALL/SMS କରନ୍ତୁ
7352180541
7673881573

MAHALAXMI FINANCE LTD
ଆଗେ ଆସନ୍ତୁ ଆଗେ ପାଆନ୍ତୁ
ନବବର୍ଷର ଶୁଭ ଅବସରରେ ସମସ୍ତ ଋଣ କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ, ଗ୍ରୁପ୍, ଗୃହ ଋଣ ଆଦି, ୭୨ ଘଣ୍ଟାରେ ୧% ସୁଧ ୫୦% ରିହାତି।
Helpline Numbers
9499219022
Dagarpada, Bania Sahi, Chandini Chowk, Cuttack Sadar, Cuttack-753002

ନବବର୍ଷ ଧମାକା
ଗଣପତି ଫାଇନାନ୍ସ
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଗେ କାମ - ପରେ ଦାମ
ସରକାରୀ ମୁଦ୍ରା ଯୋଜନା ଅଧୀନରେ ପ୍ରଥମ 100 କଲର୍‌ଙ୍କୁ ବିଶେଷ ରିହାତି
ମାର୍କଶିଟ୍, ପ୍ରପର୍ଟି ପର୍ସନାଲ, ବ୍ୟବସାୟ ରାଶନ କାର୍ଡ, ଆଧାର କାର୍ଡ ଚାଷ, ଏଗ୍ରିକଲ୍ଚର
ସବୁ ପ୍ରକାର ଋଣ 24 ଘଣ୍ଟାରେ ପାଆନ୍ତୁ
2% ସୁଧ - 40% ରିହାତି
ଲକ୍ଷ ଲକ୍ଷ ଗ୍ରାହକଙ୍କ ସମ୍ପୂର୍ଣ୍ଣ ବିଶ୍ୱାସ
ଠକ କମ୍ପାନୀଗୁଡ଼ିକ ପ୍ରତି ସାବଧାନ
8126592819
8126568293
SCO-106, Second Floor, Vishal Tower, Connaught Place, Delhi

ଆକର୍ଷଣୀୟ ବାଇକ୍ ଶୁଭାରମ୍ଭ ଅଫର୍
ମାସିକ 9765/-ର ରୋଜଗାର
ଡ୍ରାଇଭର, ଇନ୍ଧନ, ରକ୍ଷଣାବେକ୍ଷଣ ସବୁ ସୁବିଧା କମ୍ପାନୀ ତରଫରୁ
ଜିଆଇପିଏଲ୍ ବାଇକ୍ ବଟ୍ କନ୍‌ସେପ୍ଟ ବାଇକ୍ ଭଡ଼ାରେ ଘରେ ନିଶ୍ଚିନ୍ତରେ ବସି ଟ.62100, ମାସିକ ରୋଜଗାର 9765 କିମ୍ବା ସର୍ବାଧିକ 1 ଲକ୍ଷ
ଠିକଣା: ସେକ୍ଟର 3, ନୋଏଡା ଉତ୍ତରପ୍ରଦେଶ
ମୋ. 8445085978

ନବବର୍ଷର ଶୁଭକାମନା
ଆପଣ ସମସ୍ତଙ୍କ ପାଇଁ ଉପଲବ୍ଧ କମ୍ ସୁଧରେ ଋଣର ସୁବିଧା । ମାତ୍ର 2% ସୁଧ 35% ସରକାରୀ ସବ୍‌ସିଡି । ଗ୍ରୁପ୍ ଋଣର ସୁବିଧା ମଧ ଉପଲବ୍ଧ ରିହାତି ସହିତ।
SHRI JAGANNATH FINANCE GROUP
ଭାରତର ନଂ.1 କମ୍ପାନୀ
Helpline Numbers
7497815594
9485831878
Jamtara, Siskela, Balangir, Odisha - 767032

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଜାନୁୟାରୀ, ୨୦୧୯

ନିଜ ସୁଖ ପାଇଁ କରାଯାଉଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟନୂତନ ଆନନ୍ଦ ଦେଇଥାଏ।
- ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ଦୁର୍ଘଟଣାରେ ଭଉଣୀ ମୃତ, ଭାଇ ଗୁରୁତର

**ରସୁଲପୁର,୩୧।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ଖଣ୍ଡିତର ଛକ ନିକଟରେ ସୋମବାର ଅପରାହ୍ଣରେ ଅଜଣା ଗାଡି ଧକ୍କାରେ ଭଉଣୀଙ୍କର ମୃତ୍ୟୁ ହୋଇଥିବା ବେଳେ ଭାଇ ଗୁରୁତର ଅଛନ୍ତି। ମୃତକ ହେଲେ କୁଆଖିଆ ଥାନା ଅନ୍ତର୍ଗତ ରସୁଲପୁର ପଞ୍ଚାୟତ ଚଣ୍ଡିପୁର ଗ୍ରାମର ପ୍ରମିଳା ମଲିକ(୨୧) ଓ ଗୁରୁତର ହେଲେ ବିଷ୍ଣୁ ଚରଣ ମଲିକ(୧୮)। ସ୍ଥାନୀୟ ଲୋକେ ସେମାନଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ପ୍ରମିଳାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ଅନୁଯାୟୀ, ଭାଇ ଓ ଭଉଣୀ ବାଇକ୍ ଯୋଗେ ଯାଜପୁର ଜିଲା ମୁଖ୍ୟ ଚିକିତ୍ସାକେନ୍ଦ୍ରକୁ ଯାଇଥିଲେ। ଫେରିବା ବେଳେ ଖଣ୍ଡିତର ଛକ ନିକଟରେ ଏକ ଅଜଣା ଗାଡି ସେମାନଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ବିଷ୍ଣୁ ରାସ୍ତାରେ ଛିଟିକି ପଡ଼ିଥିବାବେଳେ ପ୍ରମିଳା ଟ୍ରକ୍‌ର ପଛ ଚକାରେ ପିଟି ହୋଇଯାଇଥିଲେ। ଏ ନେଇ ପରିବାର ପକ୍ଷରୁ କୁଆଖିଆ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏକ ମାମଲା(୨୧୯/୧୮) ରୁଜୁକରି ତଦନ୍ତ କରୁଛି।

### ଡିଭାଇଡରରେ ପିଟିହେଲା ବାଇକ୍, ୨ଗୁରୁତର

**ରସୁଲପୁର,୩୧।୧୨(ଡି.ଏନ.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ସୁଆଁସାହି ଛକ ନିକଟରେ ସୋମବାର ସନ୍ଧ୍ୟାରେ ଏକ ବାଇକ୍ ଭାରସାମ୍ୟ ହରାଇ ଡିଭାଇଡରରେ ପିଟି ହେବା ଫଳରେ ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତରମାନେ ହେଲେ ରମେଶ ମଲିକ(୩୫) ଓ ଶଙ୍କର୍ଷଣ ସାହୁ(୫୮)। ୧୦୮ ଆମ୍ବୁଲାନ୍ସ ଯୋଗେ ସେମାନଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରମେଶଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ଼ ଡାକ୍ତରଖାନା ପଠାଯାଇଛି। ରମେଶ ଓ ଶଙ୍କର୍ଷଣ କୁଆଖିଆରୁ ପାଣିକୋଇଲି ଆଡକୁ ଯିବାବେଳେ ପଛରେ ଆସୁଥିବା ଏକ ଟିପ୍ପର ବୋଝେଇ ଟ୍ରକ୍ ଚକା ଫାଟି ଯାଇଥିଲା। ଏହି ଶବ୍ଦରେ ଭୟଭୀତ ହୋଇ ବାଇକ ଚାଳକ ରାସ୍ତାକଡରେ ଥିବା ଡିଭାଇଡରରେ ପିଟି ହୋଇଯାଇଥିଲେ।

### ଫେରାର ଅଭିଯୁକ୍ତ ଗିରଫ

**ଛତିଆ,୩୧।୧୨(ଡି.ଏନ.ଏ.):** ବୈରୀ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅସଦାଚରଣ କରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ସୋମବାର ବୈରୀ ପୋଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଥାନା ଅଧୀନ ଅମିୟଝରୀ ଗାଁର ନାରଣ ଦେହୁରୀ(୨୫)। ନାରଣ ଘରେ ଶୋଇଥିବା ବେଳେ ରବିବାର ବିଳମ୍ବିତ ରାତିରେ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଅଶୋକ ଦାସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଚରମ୍ପା ଏକାଡ଼େମୀ ବିଜୟୀ

**ବିରଜାକ୍ଷେତ୍ର,୩୧।୧୨(ଡି.ଏନ୍.ଏ):** ଯାଜପୁର ସହରର ବାଳାଶ୍ରମ ପଡ଼ିଆରେ ସର୍ବଭାରତୀୟ ଅଶୋକ ଦାସ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ସୋମବାର ତୃତୀୟ ଦିନରେ ପହଞ୍ଚିଛି। ତୃତୀୟ ଦିବସରେ ବିଶାଖାପାଟଣା ଫ୍ରେଣ୍ଡସ୍ କ୍ଲବ ଓ ଭଦ୍ରକର ଚରମ୍ପା ଏକାଡ଼େମୀ ମଧରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ବିଶାଖାପାଟଣା ଫ୍ରେଣ୍ଡସ୍ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ୩୦ ଓଭରରେ ସମସ୍ତ ୱିକେଟ୍ ହରାଇ ୧୩୧ ରନ୍ ସଂଗ୍ରହ କରିଥିଲା। ଭଦ୍ରକର ଚରମ୍ପା ଏକାଡ଼େମୀ ୨୬ଓଭରରେ ୭ ୱିକେଟ୍ ହରାଇ ୧୩୨ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଚରମ୍ପା କ୍ରିକେଟ୍ ଏକାଡ଼େମୀର ବ୍ୟାଟ୍ସମ୍ୟାନ ହରେକୃଷ୍ଣ ବାରିକ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଉଦ୍‌ଘୋଷକଭାବେ କାହ୍ନୁଚରଣ ସେଠୀ, ଅମ୍ପାୟାର ଭାବେ ପରାସର ବିଶ୍ୱାଳ ଓ ରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ସ୍କୋରରଭାବେ ଜଗନ୍ନାଥ ସାମଲ, ଶୁଭ୍ରାଂଶୁ ବେହୁରିଆ କାର୍ଯ୍ୟ ସମ୍ପାଦନ କରିଥିଲେ।

### ନୂତନ ବର୍ଷର ଅଭିନନ୍ଦନ କାର୍ଯ୍ୟକ୍ରମ

**ବିରଜାକ୍ଷେତ୍ର,୩୧।୧୨(ଡି.ଏନ.ଏ.):** ଜିଲା ପ୍ରଶାସନ ସଂସ୍କୃତି ପରିଷଦ ପକ୍ଷରୁ ନୂତନ ବର୍ଷର ଅଭିନନ୍ଦନ ଓ ୨୦୧୮କୁ ବିଦାୟ ଦେବା ପରିପ୍ରେକ୍ଷୀରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ସୋମବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରି ଜିଲାବାସୀ ସମସ୍ତେ ମା' ବିରଜା ଓ ଜଗନ୍ନାଥଙ୍କ କୃପାରୁ ସୁଖଶାନ୍ତିରେ କାଳାତିପାତ କରନ୍ତୁ ବୋଲି କାମନା କରିଥିଲେ। ଡିଆରଡିଏ ପିଡି ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ବିଜେଡି ନେତା ସନ୍ତୋଷ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ ଦାସଙ୍କ ରଚିତ କେତେକ ସୁମଧୁର ଗୀତକୁ ପରିବେଷଣ କରାଯାଇଥିଲା।

## ଦିନକ ପରେ କଳିଙ୍ଗନଗର ଗୁଳିକାଣ୍ଡକୁ ପୂରିବ ୧୩ବର୍ଷ

# ହୋଇପାରିଲାନି କଟା ପାପୁଲିର ଡିଏନ୍‌ଏ ଟେଷ୍ଟ

**ଯାଜପୁର ଅଫିସ,୩୧।୧୨**

ଲୋକଙ୍କୁ ନିଯୁକ୍ତି ଓ ସ୍ଥାନୀୟ ଅଞ୍ଚଳର ବିକାଶ କଥା କହି ସରକାର ଶିଳ୍ପପତିଙ୍କ ହାତରେ ବନ୍ଧା ପଡିଛନ୍ତି। ଆଦିବାସୀଙ୍କ ସ୍ୱାର୍ଥକୁ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ଯେଉଁ ଆଦିବାସୀମାନେ ନିହତ ହୋଇଛନ୍ତି, ସେମାନଙ୍କ ପାପୁଲିର ଡିଏନଏନ ଟେଷ୍ଟ କରି ପରିବାରବର୍ଗଙ୍କୁ ସରକାରଙ୍କ ହସ୍ତାନ୍ତର ପ୍ରତିଶ୍ରୁତି ଏପର୍ଯ୍ୟନ୍ତ ପୂରଣ ହୋଇ ପାରିନାହିଁ। ଫଳରେ ସେହି ପାପୁଲି ଏଯାଏ ସଂସ୍କାର ହୋଇପାରି ନାହିଁ। ଏଥିଯୋଗୁ ଆଦିବାସୀଙ୍କ ପାରମ୍ପାରିକ ପ୍ରଥା ଅନୁଯାୟୀ ଗୁଳିକାଣ୍ଡରେ ନିହତ ଆମ୍ବାର ସଦଗତି ହେବ ନାହିଁ। ସରକାର ଆଦିବାସୀଙ୍କ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଶିଳ୍ପ ପାଇଁ କାମ କରୁଛି ବୋଲି ମତପ୍ରକାଶ ପାଇଛି। କଳିଙ୍ଗନଗର ଗୁଳିକାଣ୍ଡ ଘଟଣାକୁ ଆଉ ଦିନକ ପରେ ୧୩ବର୍ଷ ପୂରିବ। ଏହିକ୍ରମରେ ପି.କେ. ମହାନ୍ତି କମିଶନ ରିପୋର୍ଟ ପ୍ରକାଶ ପାଇବାକୁ ମଧ ବର୍ଷେ ପୂରିଛି। ହେଲେ ପୋଲିସ ସପକ୍ଷରେ କମିଶନ ରିପୋର୍ଟ ଯିବା ଦୁର୍ଭାଗ୍ୟଜନକ ବୋଲି କଳିଙ୍ଗନଗର ଗୁଳିକାଣ୍ଡରେ ନିହତ ଆଦିବାସୀଙ୍କ ପରବାର ଓ ବନ୍ଧୁବାନ୍ଧବ ମତ ଦେଇଛନ୍ତି।

ଅମାପ ସମ୍ବଳ, ଅଖଣ୍ଡ ଐଶ୍ୱର୍ଯ୍ୟ ସତ୍ତ୍ୱେ ଯାଜପୁର ଜିଲାର ଆଦିବାସୀଙ୍କ ବିକାଶ ହୋଇ ପାରିନାହିଁ। ସୁକିନ୍ଦା ବ୍ଲକରେ ଏବେ ବି ନଗଡା ଭଳି ଆହୁରି ଅନେକ ଗ୍ରାମ ରହିଛି, ଯେଉଁଠାରେ ଅପପୁଷ୍ଟି ଓ ରାସ୍ତାଘାଟର ଅବସ୍ଥା ଖୁବ୍ ଶୋଚନୀୟ। ଉଦାହରଣ ଭାବେ ଲେମ୍ବୋ ପଞ୍ଚାୟତର କେନ୍ଦୁଆକଣ, ପଳାସଖଲି, ମାଝିସାହି, ସଂସାଇଲୋ ପଞ୍ଚାୟତର ଶ୍ରୀରାମପୁର, ଖରଡି ପଞ୍ଚାୟତର ତାମରା, ସୁକିନ୍ଦାଗଡ ପଞ୍ଚାୟତର ବରିଗଡା ଭଳି ୨୫ରୁ ଊର୍ଦ୍ଧ୍ୱ ଗ୍ରାମ ରହିଛି, ଯେଉଁଠାରେ ବିକାଶ ଅପହଞ୍ଚ। ବୃହତ ପ୍ରକଳ୍ପ ନାମରେ ଲୋକଙ୍କୁ ବିସ୍ଥାପିତ କରାଯାଇ ସେମାନଙ୍କ ଥଇଥାନ ପ୍ରତି

> ■ଆତ୍ମାର ସଦ୍‌ଗତି ହେବା ନେଇ ସନ୍ଦିହାନ
> ■କମିଶନ ରିପୋର୍ଟ ଦୁର୍ଭାଗ୍ୟଜନକ

ଚରମ ଅବହେଳା କରାଯାଇଛି। ଆଗାମୀ ଦିନରେ ମଧ ସେମାନଙ୍କ ପ୍ରତି ହୋଇଥିବା ଏହି ଅନ୍ୟାୟର ପ୍ରତିକାର ହେବାର କୌଣସି ସମ୍ଭାବନା ନାହିଁ। ଶାସନରେ ସଙ୍କଟ, ସ୍ଥାନୀୟ ନେତୃତ୍ୱରେ ପରାକାଷ୍ଠା ଓ ପ୍ରଜ୍ଞାପୁରୁଷଙ୍କ ଅଭାବ ତଥା ଲୋକଙ୍କୁ ଉଦ୍‌ଯୋଗୀ କରି ନ ପାରିବା ଜିଲା ବିକାଶରେ ପ୍ରତିବନ୍ଧକ ବୋଲି ତଥ୍ୟାଭିଜ୍ଞ ମହଲରେ ଆଲୋଚନା ହେଉଛି।

ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଶିଳ୍ପାୟନ ଓ ପ୍ରାଇଭେଟ କମ୍ପାନୀର ଜମି ଅଧିଗ୍ରହଣ ଉଦ୍ଦେଶ୍ୟରେ କଳିଙ୍ଗନଗର ଗୁଳିକାଣ୍ଡ ଘଟଣା ବହୁ କଷ୍ଟଦାୟକ ଥିଲା। ଏହାସହ ପିକେ ମହାନ୍ତି କମିଶନ ରିପୋର୍ଟ ତାଠାରୁ ଅଧିକ ଯନ୍ତ୍ରଣାଦାୟକ। ପୋଲିସର ବର୍ବର ଗୁଳିକାଣ୍ଡ ଓ ମହାନ୍ତି କମିଶନ ଏହାକୁ ଯଥାର୍ଥ ଦର୍ଶାଇବା ବିରୋଧରେ ସର୍ବଭାରତୀୟସ୍ତରୀୟ ୧୩ଟି ଅନୁଷ୍ଠାନକୁ ନେଇ ନାଗରିକ କମିଟି ଏହାକୁ ତୀବ୍ର ବିରୋଧ କରିଥିଲା। ୨୦୧୮ ଜାନୁୟାରୀ ୨ରେ ଭୁବନେଶ୍ୱରରେ ଏକ ପ୍ରତିବାଦ କନଭେନଶନର ମଧ ଆୟୋଜିତ ହୋଇଥିଲା। ପୂର୍ବତନ ଜିଲାପାଳଙ୍କ ତଥ୍ୟ ଆଧାରରେ କମିଶନ ଦର୍ଶାଇଛନ୍ତି ଯେ, ପ୍ରାୟ ୧ହଜାର ଗ୍ରାମବାସୀ ୨୦୦୬ ଜାନୁୟାରୀ ୨ରେ ଏକାଠି ହେଲାବେଳେ ସେମାନଙ୍କ ହାତରେ ଲାଠି, ଟାଙ୍ଗିଆ ଭଳି ମାରଣାସ୍ତ୍ର ଥିଲା। ଟାଟା କମ୍ପାନୀର ପାଚେରୀ ନିର୍ମାଣରେ ଆଇନ ଶୃଙ୍ଖଳା ବ୍ୟାଘାତ ହେବାର ସମ୍ଭାବନା ହେତୁ ନିୟୋଜିତ ହୋଇଥିବା ୫୦୦ରୁ ଊର୍ଦ୍ଧ୍ୱ ପୋଲିସ ଅତ୍ୟାଧୁନିକ ଆଗ୍ନେୟାସ୍ତ୍ରରେ ସଜ୍ଜିତ ହୋଇଥିଲେ। ଗ୍ରାମବାସୀ ନିଜ ଜୀବନ ଓ ଜୀବିକାର ସୁରକ୍ଷା ଲାଗି ପାରମ୍ପରିକ ଅସ୍ତ୍ର ସହିତ ଏକାଠି ହେବାକୁ କମିଶନ ବେଆଇନ ଓ ଅସାମ୍ବିଧାନିକ ଦର୍ଶାଇଛନ୍ତି। ଅଥଚ ଟାଟା ଭଳି ଏକ କର୍ପୋରେଟ ପାଇଁ ଏତେ ସଂଖ୍ୟକ ସଶସ୍ତ୍ର ବାହିନୀ ନିଜର ଆତ୍ମରକ୍ଷା ନାମରେ ଅତ୍ୟନ୍ତ ବର୍ବରତାର ସହିତ ଗଣହତ୍ୟା କରିବାକୁ କମିଶନ ଯଥାର୍ଥ ଦର୍ଶାଇଛନ୍ତି। ଏଠାରେ ଉଭୟ ରାଷ୍ଟ୍ର ଓ ଏହାର ପରିଚାଳନା ଦାୟିତ୍ୱ ନେଇଥିବା ସରକାରଙ୍କର ହିଂସା କରିବାର ଏକଚାଟିଆ ଓ ନିର୍ବିବାଦୀୟ ଅଧିକାର ରହିଛି ତାହା ପ୍ରମାଣିତ ହୋଇଛି।

### ଆଦିବାସୀଙ୍କ ମୁହଁରୁ

କଳିଙ୍ଗନଗର ଗୁଳିକାଣ୍ଡ ଘଟଣାରେ ଆଦିବାସୀଙ୍କୁ ଦାୟୀ କରାଯାଇଛି। ଯାହାକି ଦୁର୍ଭାଗ୍ୟଜନକ। ୧୩ ବର୍ଷ ହେଲା କଟା ପାପୁଲିର ଡିଏନଏନ ପରୀକ୍ଷା ହୋଇପାରି ନାହିଁ। ଯେଉଁଠାରେ କଟା ପାପୁଲିକୁ ସୁରକ୍ଷିତ ରଖାଯାଇଛି ତାର ସୁରକ୍ଷା ଦାୟିତ୍ୱ ମଧ ସରକାର ନେଇ ନାହାନ୍ତି। ଫଳରେ କମ୍ପାନୀର ଗୁଣ୍ଡାମାନେ ବାରମ୍ବାର ହାତ ପାପୁଲିକୁ ଅନ୍ୟତ୍ର ଫିଙ୍ଗି ଦେଉଛନ୍ତି। ଏହି ପାପୁଲି ଆହୁରି ଅଧିକ ଦିନ ସୁରକ୍ଷିତ ରହିବ ନାହିଁ। ତେଣୁ ଉକ୍ତ ପାପୁଲି କେଉଁ ଆଦିବାସୀଙ୍କର ବୋଲି ସ୍ପଷ୍ଟ ଜଣା ପଡୁନାହିଁ। ଆଦିବାସୀଙ୍କ ପ୍ରଥା ଅନୁସାରେ ମୃତ ଦେହର ସମ୍ପୂର୍ଣ୍ଣ ସଂସ୍କାର ନ ହେଲେ ଆତ୍ମାର ସଦ୍‌ଗତି ହୁଏ ନାହିଁ। ଏଥିପାଇଁ ସରକାର ଦାୟୀ ରହିବେ।

**ରାମୁରାଇ ଜାରିକା, ଚାନ୍ଦିଆ**

ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇବା କଥା ତାହା ମିଛ। ଏହା ପୋଲିସର ଯୋଜନାବଦ୍ଧ ଆକ୍ରମଣ ଥିଲା। ପୂର୍ବରୁ ଭୂଷଣ ଓ ମହାରାଷ୍ଟ୍ର ସିମ୍ଲେକ୍ସ ସେଠାରେ କାରଖାନା ପ୍ରତିଷ୍ଠା କରିବାକୁ ଯୋଜନା କରିଥିଲେ। ହେଲେ ସ୍ଥାନୀୟ ଆଦିବାସୀଙ୍କ ବିରୋଧ ଯୋଗୁ ସେମାନେ ଫେରି ଯାଇଥିଲେ। ତେଣୁ ଟାଟା କମ୍ପାନୀ ବଳପୂର୍ବକ ଏଠାରେ ଶିଳ୍ପ ପ୍ରତିଷ୍ଠା କରି ବିହାର ରାଜ୍ୟର ଅଧିକାଂଶ ଲୋକଙ୍କୁ ନିଯୁକ୍ତି ଦେଇ ଆସୁଛି।

**ସୁରେନ୍ଦ୍ର ହାଇବ୍ରୁ, ଗାଡପୁର**

## କଳାକାରଙ୍କ ପକ୍ଷରୁ 'ଧନ୍ୟବାଦ ମୁଖ୍ୟମନ୍ତ୍ରୀ' କାର୍ଯ୍ୟକ୍ରମ

**ଯାଜପୁର ଅଫିସ,୩୧।୧୨**


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ଯାଜପୁର ଜିଲାର କଳାକାରଙ୍କ ପକ୍ଷରୁ ସୋମବାର ଗୌତମ ବୁଦ୍ଧ ସଂସ୍କୃତି ଭବନରେ ଧନ୍ୟବାଦ ମୁଖ୍ୟମନ୍ତ୍ରୀ ନାମରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା କଳା ସଂସ୍କୃତି ସଂଘର ଉପସଭାପତି ଅନିରୁଦ୍ଧ ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଯାଜପୁର ଜିଲା କଳାରେ ପରିପୂର୍ଣ୍ଣ। ଯାଜପୁର ଭବିଷ୍ୟତରେ ରାଜ୍ୟର କଳା କ୍ଷେତ୍ର ଭାବେ ପରିଚିତି ଲାଭ କରିବ। ଯେଉଁ ଜାତି, ବ୍ୟକ୍ତି କୃତଜ୍ଞତା ନ ଜଣାଏ ସେ ଆଗକୁ ବଢିପାରେ ନାହିଁ ବୋଲି ଜିଲାପାଳ ଦାସ କହିବା ସହ ଅନ୍ୟ ଜିଲା ଏହାଦ୍ୱାରା ଅନୁପ୍ରାଣିତ ହେବେ। ଜିଲାକୁ ଅଧିକ କଳାକାର ସହାୟତା ପାଇଁ ସରକାରଙ୍କୁ ଅନୁରୋଧ କରାଯାଇଛି ବୋଲି ସେ ସୂଚନା ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଉପଜିଲାପାଳ ନାରାୟଣ ଚନ୍ଦ୍ର ଧଳ, ପୂର୍ବତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ ପ୍ରମୁଖ ଯୋଗଦେଇ କଳା, କଳାର ଉନ୍ନତି ଓ କଳାକାରର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିବା ସହ କଳାକାରମାନେ ସେମାନଙ୍କର କଳାକୁ ଋଦ୍ଧିମନ୍ତ କରି ଜିଲାକୁ ସମୃଦ୍ଧି ଆଣିବାକୁ ଅନୁରୋଧ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରାରମ୍ଭରେ ରସୁଲପୁର ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତି ମୋହନ ଚରଣ ମଲ୍ଲିକ ଅତିଥି ପରିଚୟ, କୋରେଇ ବ୍ଲକ ଉପସଭାପତିପ୍ରଫୁଲ୍ଲଆଚାର୍ଯ୍ୟ ଶ୍ଲୋକପାଠ ଓ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। କଳାକାରଙ୍କ ପକ୍ଷରୁ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ସଂସ୍କୃତି ଭବନରେ ପହଞ୍ଚିଥିଲା। ବିଭିନ୍ନ ବ୍ଲକର କଳାକାର ଖୁସିରେ ବିବିଧ କଳା ପ୍ରଦର୍ଶନ କରିଥିଲେ। ସମସ୍ତ ୧୦ ଟି ଯାକ ବ୍ଲକ କଳା ସଂସ୍କୃତି ସଂଘର ଉପସଭାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ମିନି ମାରାଥନ

**ବିଞ୍ଝାରପୁର,୩୧।୧୨(ଡି.ଏନ.ଏ)**

ସୁନ୍ଦର ସ୍ୱାସ୍ଥ୍ୟ ଓ ନୀରୋଗ ଶରୀର ପ୍ରତେକ ପ୍ରତ୍ୟେକ ସଫଳତାର ମୂଳମନ୍ତ୍ର। ସୁସ୍ଥ ସମାଜ ଗଠନ ପାଇଁ ମନ ପ୍ରାଣ ସହିତ ନିଜ ଶରୀରକୁ ସୁନ୍ଦର ରୂପେ ଗଢି ତୋଳିବାକୁ ପଡିବ ବୋଲି ସୋମବାର ସକାଳେ ସୁନ୍ଦର ସ୍ୱାସ୍ଥ୍ୟ ସଚେତନତା ପାଇଁ ବାଛୋଳଠାରେ ହୋଇଥିବା ମିନି ମାରାଥନ ପ୍ରତିଯୋଗିତାରେ ମୁଖ୍ୟ ଅତିଥିରୂପେ ବିଞ୍ଝାରପୁର ଆରକ୍ଷୀ ନିରୀକ୍ଷକ ସୂଚିତ୍ରବିର୍ଯ୍ୟ ଦାସ ମତବ୍ୟକ୍ତ କରିଥିଲେ। ବାବା ମଲ୍ଲି ଜିମ୍ ପକ୍ଷରୁ ବାଛୋଳଠାରେ ମିନି ମାରଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଅଧକ୍ଷ ମନ୍ଦରଧର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ମାରାଥନରେ ରାଜ୍ୟର ୩୪୭ଜଣ ଯୁବତୀଯୁବକ ଅଂଶଗ୍ରହଣ କରିଥିଲେ। ଏହି ମାରାଥାନ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

ଖରସ୍ରୋତା ମହାବିଦ୍ୟାଳୟ ନିକଟରୁ ଆରମ୍ଭ ହୋଇ ମଲ୍ଲିଆଛକ ପର୍ଯ୍ୟନ୍ତ ହୋଇଥିଲା। ଏଥିରେ ଝାଡଖଣ୍ଡ ଅଞ୍ଚଳର ଯୋଗେନ୍ଦର ତିରିଆ ପ୍ରଥମସ୍ଥାନ ଅଧିକାର କରିଥିବା ବେଳେ ମୟୁରଭଞ୍ଜର ଭିମସେନ୍ ହେମ୍ବ୍ରମ ଦ୍ୱିତୀୟ ଓ ମୟୁରଭଞ୍ଜ ଅଞ୍ଚଳର ସଞ୍ଜୀବ କୁମାର ତିରିଆ ତୃତୟ ସ୍ଥାନ ଅଧିକାର କରିଥିଲେ। ସେହିପରି ମହିଳା ବିଭାଗରେ ମୟୁରଭଞ୍ଜର ଇତିଶ୍ରୀ ମହାନ୍ତ ପ୍ରଥମ, ସ୍ୱର୍ଣ୍ଣପ୍ରିୟା ମହାନ୍ତ ଦ୍ୱିତୀୟ ଓ ମୋନାଲିସା ମହାନ୍ତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଉତ୍ସବଟି ବାଛୋଳ ସମିତିସଭ୍ୟ ସୁରେନ୍ଦ୍ର କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ବିଡିଓ ଦାମୋଦର ଖୁଣ୍ଟିଆ, ବାବା ମଲ୍ଲି ଜିମ୍‌ର ଅଧକ୍ଷ ମନ୍ଦରଧର ସାହୁ, ଏସ୍ଆଇ ଘନଶ୍ୟାମ ହେସା ପ୍ରମୁଖ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

## ମାଙ୍କଡ଼ ଆକ୍ରମଣରେ ୬ ଗୁରୁତର

**ବିଞ୍ଝାରପୁର,୩୧।୧୨(ଡି.ଏନ.ଏ)**

ବିଞ୍ଝାରପୁର ବ୍ଲକ କଏଣା-ରଘୁନାଥପୁର ପଞ୍ଚାୟତର ବାଙ୍କିପାଳ ଗ୍ରାମରେ ୧୫ଦିନ ହେବ ଏକ ପାଗଳ ମାଙ୍କଡ ଉପଦ୍ରବ ଗ୍ରାମବାସୀଙ୍କ ନିଦ ହଜାଇ ଦେଇଛି। ଖବର ମୁତାବକ, ବିଞ୍ଝାରପୁର ବ୍ଲକ କଏଣା-ରଘୁନାଥପୁର ପଞ୍ଚାୟତର ବାଙ୍କିପାଳ ଗ୍ରାମରେ ୧୫ଦିନ ହେବ ଏକ ମାଙ୍କଡ ଗ୍ରାମବାସୀଙ୍କୁ ଆକ୍ରମଣ କରିବାରେ ଲାଗିଛି। ଇତିମଧ୍ୟରେ ୬ଜଣ ଗ୍ରାମବାସୀ ଉକ୍ତ ମାଙ୍କଡ଼ ଆକ୍ରମଣରେ ଲହୁଲୁହାଣ ହୋଇଥିବା ଜଣାପଡିଛି। ବାଙ୍କିପପାଳ ଗ୍ରାମର ଶୁକଦେବ ସାହୁ (୫୬), ଅଇଁଠି ପ୍ରଧାନ (୭୦) ଗୁରୁତର ହୋଇ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିଲାବେଳେ କୁଳମଣି ସୁନ୍ଦରରାୟ(୭୭), ବାବୁଲା ବାରିକ(୩୦), କୁନୁ ବାରିକ(୨୮), ସବିତା ବିଶ୍ୱାଳ(୪୫), ମାଙ୍କଡ଼ କାମୁଡାରେ ଆହତ ହୋଇ ଯାଜପୁର ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଫେରିଥିବା ଜଣାପଡିଛି। ଏହି ମାଙ୍କଡକୁ କାବୁ କରିବା ପାଇଁ ପ୍ରଶାସନ ଓ ବନ ବିଭାଗ ନିକଟରେ ଗ୍ରାମବାସୀ ଫେରାଦ ହୋଇଥିଲେ ମଧ ବିଭାଗ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପାଗଳ ମାଙ୍କଡ ଦାଉରୁ ରକ୍ଷା କରିବା ପାଇଁ ସ୍ଥାନୀୟ ଲୋକେ ଯାଜପୁର ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।

## ରାସ୍ତା ନିର୍ମାଣ ନେଇ ମାରପିଟ

**କୋରେଇ,୩୧।୧୨(ସ୍ୱ.ପ୍ର.)**

କୋରେଇ ଥାନା ଅନ୍ତର୍ଗତ ଅନ୍ଦାଣୀ ପଞ୍ଚାୟତ ରଗଡି ଗ୍ରାମରେ ସାହି ରାସ୍ତା ନିର୍ମାଣକୁ କେନ୍ଦ୍ର କରି ସୋମବାର ୨ ପରିବାର ମଧ୍ୟରେ ମାରପିଟ ହୋଇଛି। ଏଥିରେ ଜଣେ ମହିଳା ଆହତ ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ରାସ୍ତା ନିର୍ମାଣକୁ କେନ୍ଦ୍ରକରି ରଗଡ଼ି ଗ୍ରାମର ନୀଳମଣି ପାତ୍ର ଓ ଲକ୍ଷ୍ମଣ ପାତ୍ରଙ୍କ ପରିବାର ମଧରେ ବଚସା ହୋଇ ପରେ ଗଣ୍ଡଗୋଳ ହୋଇଥିଲା। ନୀଳମଣିଙ୍କ ପରିବାର ଲକ୍ଷ୍ମଣ ସ୍ତ୍ରୀଙ୍କୁ ମାରିଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିଯାଇଥିଲା। ଏ ନେଇ ଉଭୟ ପକ୍ଷରୁ କୋରେଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ପୋଲିସ (୨୫୮/୧୮ ଓ ୨୫୯/୧୮) ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

## ଖୁଣ୍ଟରେ ଚଢ଼ି ମରାମତି କରିବା ବେଳେ ଶ୍ରମିକଙ୍କ ମୃତ୍ୟୁ

**ରସୁଲପୁର,୩୧।୧୨(ଡିଏନଏ)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତରେ ବିଦ୍ୟୁତ ମରାମତି ଚାଲିଥିବା ବେଳେ କରେଣ୍ଟ ଲାଗି ଜଣେ ଯୁବକଙ୍କର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ କେନ୍ଦୁଝର ଜିଲା ରାଇସୁଆଁ ଥାନା ଅନ୍ତର୍ଗତ ଦନୁଆପୁର ଗ୍ରାମର ଚତୁର୍ଭୁଜ ସେଠୀଙ୍କ ପୁଅ ଦିନବନ୍ଧୁ(୨୫)। ଏହି ପଞ୍ଚାୟତର ବେତଣ୍ଡା ଗ୍ରାମରେ ପାନୀୟ ଜଳ ଯୋଗାଣ କେନ୍ଦ୍ରକୁ ବିଦ୍ୟୁତ ସଂଯୋଗ ପାଇଁ କାର୍ଯ୍ୟ ଚାଲୁଥିଲା। ଶ୍ରମିକଙ୍କୁ ଅସୁରକ୍ଷିତ ଭାବେ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ଶ୍ରମିକ ଜଣକ ଗ୍ଲୋବସ, ହେଲମେଟ କିମ୍ବା ସୁରକ୍ଷା ଜୋତା ନ ପିନ୍ଧି ବିଦ୍ୟୁତ୍ ଖୁଣ୍ଟରେ ଚଢି ମରାମତି କରୁଥିବା ବେଳେ ଏଭଳି ଦୁର୍ଘଟଣା ଘଟିଥିଲା। ମରାମତି କାର୍ଯ୍ୟ ଚାଲୁଥିବା ସମୟରେ ହଠାତ୍ ବିଦ୍ୟୁତ ଚାର୍ଜ ହୋଇଯିବାରୁ ଘଟଣାସ୍ଥଳରେ ଶ୍ରମିକଙ୍କର ମୃତ୍ୟୁ ଘଟିଛି। ଧର୍ମଶାଳା ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହ ତଦନ୍ତ ଜାରି ରଖିଛି। ରିପୋର୍ଟ ଲେଖା ହେଲାବେଳକୁ ଥାନାରେ ଏ ନେଇ କୌଣସି ଅଭିଯୋଗ ହୋଇ ନ ଥିବା ଜଣାଯାଇଛି। ଅଭିଯୋଗ ହେଲାପରେ ଯାହାକିଛି ନିଷ୍ପତ୍ତି ନିଆଯିବ ବୋଲି ଥାନାଧିକାରୀ ଉମାକାନ୍ତ ନାୟକ କହିଛନ୍ତି।


ଅଭିନନ୍ଦନ
ଜଗତସିଂହପୁର ଜିଲ୍ଲାର ସମସ୍ତ ଗୁରୁଜନ, ଭାଇଭଉଣୀ, ବନ୍ଧୁ ଏବଂ କୁନିକୁନି ପିଲାମାନଙ୍କୁ ନୂତନ ବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

ଇଂ. ହିମାଂଶୁ ଭୂଷଣ ମଲ୍ଲିକ
ଯୁବ ସମାଜସେବୀ
ଗରାମ ଶାସନ, ତିର୍ତ୍ତୋଲ, ଜଗତସିଂହପୁର


ଅଭିନନ୍ଦନ-୨୦୧୯
ଜଗତସିଂହପୁର ଜିଲ୍ଲାର ସମସ୍ତ ଗୁରୁଜନ, ମା'-ମାଉସୀ ଓ ଯୁବକ ଯୁବତୀ, ଛାତ୍ରଛାତ୍ରୀମାନଙ୍କୁ ନୂତନ ବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।
ଦେବପ୍ରସାଦ ନାୟକ (ଫେଲୁଭାଇ)
ଯୁବନେତା, ତିର୍ତ୍ତୋଲ, ଜଗତସିଂହପୁର ଜିଲ୍ଲା

## ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଯାପିତ


ପୁସ୍ତକମେଳା ଉଦ୍‌ଯାପନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିବୃନ୍ଦ।

**ବିରଜାକ୍ଷେତ୍ର,୩୧।୧୨(ଡି.ଏନ୍.ଏ)**

ଅନନ୍ୟା ସାହିତ୍ୟ ସଂସଦ ଓ ଯାଜପୁର ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୧୦ମ ରାଜ୍ୟସ୍ତରୀୟ ପୁସ୍ତକମେଳା ଉଦ୍‌ଯାପନୀ ସନ୍ଧ୍ୟା ସଭାପତି ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଯାପକ ଭାବେ ପୂର୍ବତନ ରାଜ୍ୟସଭା ସାଂସଦ ତଥା ଏଆଇସିସି ସାଧାରଣ ସମ୍ପାଦକ ରାମଚନ୍ଦ୍ର ଖୁଣ୍ଟିଆ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ପଣ୍ଡିତ ଅଦ୍ୱୈତ ପ୍ରସାଦ ମିଶ୍ର ସ୍ତୋତ୍ରପାଠ କରିଥିଲେ। ସାଂସ୍କୃତିକ ସମ୍ପାଦକ ପାଣ୍ଡବ ଚରଣ ସାହୁ ଅତିଥିଙ୍କୁ ସ୍ୱାଗତ କରିବାବେଳେ ଉପସଭାପତି ବିଭୂତି ଭୂଷଣ ମହାପାତ୍ର ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ କାହ୍ନୁଚରଣ ମିଶ୍ର ପୁସ୍ତକମେଳା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଉଦ୍‌ଘାଟକ ଭାବେ ଖୁଣ୍ଟିଆ ଯୋଗଦେଇ ଓଡ଼ିଆ ଭାଷା ଓ ସାହିତ୍ୟ ଅପଭ୍ରଂଶ ହେବାକୁ ଯାଉଛି ବୋଲି ପ୍ରକାଶ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଯୋଗଦେଇ ପୁସ୍ତକମେଳା ପାଠକ, ପ୍ରକାଶକ, ଲେଖକ ଓ ବିକ୍ରେତାଙ୍କର ଏକ ସୁନ୍ଦର ଓ ନିବିଡ଼ ସମନ୍ୱୟ ବୋଲି କହିଥିଲେ। ମୁଖ୍ୟବକ୍ତାଭାବେ ଓଡ଼ିଶା ଲେଖିକା ସଂସଦ ସମ୍ପାଦିକା ତଥା ବିଶିଷ୍ଟ ଅନୁବାଦିକା ଶକୁନ୍ତଳା ବଳିଆର ସିଂ ଯୋଗଦେଇ ପୁସ୍ତକର ଭାଷା ଓ ତା'ର ଶବ୍ଦ ବିନ୍ୟାସ ତା'ର ଆବୃତ୍ତିକୁ ବଢ଼ାଇଥାଏ ଏବଂ ତାହା ଯେପରି ସର୍ବଦା ଜ୍ଞାନ ବିତରଣ କରେ ତାହା ଲେଖକର ଧ୍ୟେୟ ହେବା ଉଚିତ୍। ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟା ସଂଯୁକ୍ତା ମହାପାତ୍ର, ଓଡ଼ିଶା ଲେଖିକା ସଂସଦ ସହସମ୍ପାଦିକା କାନନବାଳା ପଟ୍ଟନାୟକ, କୋଷାଧ୍ୟକ୍ଷା ଗୋଲାପ ମଞ୍ଜରୀ କର ଏବଂ କାର୍ଯ୍ୟକାରୀ ସଦସ୍ୟା ଆରତୀ ମହାନ୍ତି ଓ ବିଜୟ ଲକ୍ଷ୍ମୀ ସାହୁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। କୁଇଜ୍ ପ୍ରତିଯୋଗିତାରେ ଓ ଚିତ୍ରାଙ୍କନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରଫେସର ଉଦୟ ନାରାୟଣ ପରିଡ଼ା, ବିନୋଦ ଚନ୍ଦ୍ର ନାୟକ, ଅଧକ୍ଷ ଅଶୋକ ଦାଶ, ମଳୟ କୁମାର ଜେନା, ସୁଧାଂଶୁ ରଥ, ବୃନ୍ଦାବନ ମିଶ୍ର, ଡ. ପ୍ରତିମା କୁମାରୀ ମହାନ୍ତି, ଅଭିମନ୍ୟୁ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ସଙ୍ଗଠନ ସମ୍ପାଦକ ହୃଷିକେଶ ପତି ଧନ୍ୟବାଦ ଅର୍ପଣ କରିଥିଲେ।



# ବାର୍ଷିକ ରାଶିଫଳ-୨୦୧୯

## ମେଷ

ଅଶ୍ୱିନୀ/ମେଷ- ପୂର୍ବରୁ ଲାଗିରହିଥିବା ଅସୁସ୍ଥତା କ୍ରମଶଃ ଦୂରେଇଯିବ। ଆତ୍ମୀୟଙ୍କ ଆନ୍ତରିକ ପ୍ରଚେଷ୍ଟା ଓ ସହଯୋଗରେ ସନ୍ତାନଙ୍କ ବିବାହକାର୍ଯ୍ୟ ସମ୍ପନ୍ନ କରିପାରିବେ। ନୂତନ ଗୃହପ୍ରବେଶ, ଯାନବାହନ, ଧାତୁ ଅଳଙ୍କାରାଦି କ୍ରୟ କରିବା ଦିଗରେ ଚେଷ୍ଟିତ ରହିପାରନ୍ତି। ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ ଶତ୍ରୁତାଜନିତ ସମସ୍ୟା ସାମୟିକ ଭାବରେ କାର୍ଯ୍ୟର ଅଗ୍ରଗତିରେ ବାଧା ସୃଷ୍ଟି କରିପାରେ। ବୃହସ୍ପତି ଓ ନବମସ୍ଥ ଶନିଙ୍କ ହେତୁ ମଧ୍ୟଭାଗରେ ପରିବାରରେ ଭୁଲ ବୁଝାମଣା, ଇତର ଲୋକଙ୍କ ପ୍ରାଦୁର୍ଭାବ, ପ୍ରିୟଜନଙ୍କ ଦେହାନ୍ତ ପ୍ରଭୃତି ଦୁଃଖଦ ଖବରରେ ମ୍ରିୟମାଣ ହୋଇପାରନ୍ତି। କର୍ମକ୍ଷେତ୍ରରେ ନୀଚଜନ ସହ ବିବାଦ ଓ କୂଟଚକ୍ରାନ୍ତର ଶିକାର ହୋଇ ହଇରାଣ ହେବାକୁ ପଡ଼ିପାରେ।
ଦ୍ୱିଜା/ମେଷ- ନୂଆବର୍ଷ ପ୍ରବେଶର ପ୍ରଥମ ଦିବସରୁ କଳ୍ପନାର ରଙ୍ଗିନ ସ୍ୱପ୍ନରେ ଆତ୍ମବିଭୋର ହେବେ। ଅବଶ୍ୟ ସ୍ୱଜନ ଶତ୍ରୁତା, ଭ୍ରାତୃବିବାଦ, ସହକର୍ମୀଙ୍କ ଅସହଯୋଗ ମନୋଭାବ ଅଭିଳଷିତ କାମ ସକାଶେ ପ୍ରତିବନ୍ଧକ ସୃଷ୍ଟି କରିବ। ପ୍ରବାସୀଙ୍କ ସ୍ଥାନାନ୍ତର, କର୍ମକ୍ଷେତ୍ରରେ ଅନିଚ୍ଛାକୃତ ବଦଳି ମାନସିକ ଅସ୍ଥିରତା ସୃଷ୍ଟି କରିବାର ସୂଚନା ରହିଛି। ପରିବାରରେ ଯୁକ୍ତିତର୍କ, ପକ୍ଷପାତିତା ଓ ମତାନ୍ତରଜନିତ ମନର ଅମେଳ ମଝିରେ ମଝିରେ ଶାନ୍ତି ଭଗ୍ନ କରିପାରେ। ଅବଶ୍ୟ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ, କାର୍ଯ୍ୟସିଦ୍ଧି, କଳା, କ୍ରୀଡ଼ା, ସାଂସ୍କୃତିକ କାମରେ ସମ୍ମାନିତ ହେବାର ଯୋଗ ରହିଛି। ବିଳାସବ୍ୟସନ ଉପକରଣ ଏବଂ ସ୍ୱର୍ଣ୍ଣାଳଙ୍କାର ପ୍ରଭୃତି କ୍ରୟ କରି ଖୁସି ହେବେ।
କୃତ୍ତିକା/ମେଷ- ଦୃଢ଼ ମନୋବଳ ଓ ସାହସର ସହିତ ଅଟକି ରହିଥିବା କାମ ଆରମ୍ଭ କରିବେ। ବର୍ଷାର୍ଦ୍ଧରେ ଅନ୍ୟ କେତେକ ନୂତନ କାମ ହାତକୁ ନେବେ। ମାନସିକ ସ୍ଥିରତା, ଅର୍ଥଲାଭ, କଳା ଓ ସାହିତ୍ୟ, ବିଦେଶ ଯାତ୍ରା ଓ ତୀର୍ଥାଟନର ସୁଯୋଗ ପାଇପାରନ୍ତି। ପାରିବାରିକ ସଦ୍‌ଭାବ, ଗୃହ ଓ ଭୂମି କ୍ରୟବିକ୍ରୟ, ନୂତନ ବନ୍ଧୁସମ୍ପର୍କ ସ୍ଥାପନ କରିପାରିବେ। ସାମୟିକ ଭାବରେ ଅର୍ଥ ସଙ୍କଟ, ବିବାଦୀୟ ପରିସ୍ଥିତି, ଜମିଜମା ବିବାଦ, ପାରିବାରିକ ଅସ୍ଥିରତା ଅନର୍ଥ ସୃଷ୍ଟି କରିବାର ଆଶଙ୍କା ରହିଛି। ବ୍ୟବସାୟିକ ସଫଳତା, ଶାରୀରିକ ଅସୁସ୍ଥତା, ଯାନବାହନ ଦୁର୍ଘଟଣା ପ୍ରତି ସତର୍କ ରହିବା ଭଲ। ନୂତନ କର୍ମନିଯୁକ୍ତି, କୃଷି ପଶୁରେ ଉନ୍ନତି ଏବଂ ପ୍ରଶାସନିକ, ରାଜନୈତିକ ସଫଳତା ମଧ୍ୟ ପାଇବାର ଯୋଗ ରହିଛି।

## ବୃଷ

କୃତ୍ତିକା/ବୃଷ- ସଂଘର୍ଷ ଓ ବିବାଦୀୟ ପରିସ୍ଥିତି ମଧ୍ୟରେ ଲକ୍ଷ୍ୟ ପୂରଣ କରିବେ। ସମୟୋଚିତ ପଦକ୍ଷେପ ନେଇ ସମସ୍ୟାର ସମାଧାନ, ମିତ୍ରତା ସ୍ଥାପନ, ଶିଳ୍ପ, ବାଣିଜ୍ୟରେ ପୁଞ୍ଜି ଲଗାଣ କରି ଭିତ୍ତିଭୂମିକୁ ସୁଦୃଢ଼ କରିପାରନ୍ତି। ପ୍ରିୟଜନଙ୍କ ସହଯୋଗ ମାଧ୍ୟମରେ ବୃତ୍ତିଗତ ଧନ୍ଦା, ସାମାଜିକ ଓ ମାଙ୍ଗଳିକ କାମ ସମ୍ପନ୍ନ ହୋଇପାରିବ। ସୁସ୍ଥତା, ପାରିବାରିକ ଶାନ୍ତି, ସନ୍ତାନଙ୍କ ଉଚ୍ଚଶିକ୍ଷା ଓ ବିଦେଶଯାତ୍ରା ଦିଗରେ ସଫଳତା ପାଇବେ। କିନ୍ତୁ ଏପ୍ରିଲ୍ ପରଠାରୁ ସାମୟିକ ଆର୍ଥିକ ଅନଟନ, ଚୌର, ଭିଜିଲାନ୍ସଜନିତ ଧନହାନି ଘଟିପାରେ। ପ୍ରତିବନ୍ଧକ ଜନିତ ମନସ୍ତାପ, କାର୍ଯ୍ୟ ହାସଲରେ ବିଳମ୍ବ, ପୁରାତନ ପୀଡ଼ା ଓ ବିଚ୍ଛେଦାତ୍ମକ ଖବରରେ ବିଚଳିତ ରହିପାରନ୍ତି। ଶିକ୍ଷା, ପରୀକ୍ଷାରେ କୃତକାର୍ଯ୍ୟ, ସାହିତ୍ୟ, କ୍ରୀଡ଼ା, ଚଳଚ୍ଚିତ୍ର ପ୍ରଭୃତିରେ ଉଚ୍ଚ ସମ୍ମାନ ପାଇବେ।
ରୋହିଣୀ/ବୃଷ-ଦୈହିକ ସୁସ୍ଥତା, ବୈଷୟିକ ସୁଖ, ସମ୍ପଦର ଅଭିବୃଦ୍ଧି ମଧ୍ୟରେ ମାନସିକ ଶାନ୍ତି ବର୍ଷତମାମ ଅକ୍ଷୁଣ୍ଣ ରହିବ। ସାମାଜିକ ସ୍ତରରେ ନୂତନ ବନ୍ଧୁସମ୍ପର୍କ, କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ଅନୁକମ୍ପା ଏବଂ ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣା ଅବ୍ୟାହତ ରହିବ। ନୂତନ ବାଣିଜ୍ୟାରମ୍ଭ, ମନପସନ୍ଦର କମ୍ପାନୀରେ ଚାକିରି ଅଫର, ବିଦେଶ ଯାତ୍ରା, ତୀର୍ଥାଟନ ପ୍ରଭୃତିର ସୁଯୋଗ ପାଇପାରନ୍ତି। ବର୍ଷାର୍ଦ୍ଧରୁ କାର୍ଯ୍ୟହାନି, ଆତ୍ମୀୟଙ୍କ ବିରୁଦ୍ଧାଚରଣ, ଧନକ୍ଷୟ, ଅଚାନକ କଳହ, ଦୁର୍ଘଟଣା ପ୍ରଭୃତି କାରଣରୁ ବହୁବିଧ ସମସ୍ୟା ଆସିବାର ସୂଚନା ରହିଛି। ନୀଚସଙ୍ଗ, ସନ୍ଦେହଜନକ କାମରେ ଅନୁପ୍ରବେଶ ପ୍ରତି ଅସାବଧାନତା ସମସ୍ୟାର କାରଣ ହେବ।
ମୃଗଶିରା/ବୃଷ- କର୍ମକ୍ଷେତ୍ରରେ ସଫଳତା ସାଙ୍ଗକୁ ନୂତନ ଗୃହ, ଭୂମିଲାଭ ଓ ଗାଡ଼ିମୋଟର ପ୍ରଭୃତି କ୍ରୟ କରିବାର ଅଭିଳାଷ ପୂରଣ ହେବ। ଭାଇ, ବନ୍ଧୁ ଓ ପଡ଼ୋଶୀଙ୍କ ସହ ସୁସମ୍ପର୍କର ଅଭାବ ଘରୋଇ ବ୍ୟାପାରରେ ଅନ୍ତରାୟ ସୃଷ୍ଟି କରିପାରେ। ପୁରାତନ ରୋଗର ପ୍ରାଦୁର୍ଭାବ ସାଙ୍ଗକୁ ସନ୍ତାନଙ୍କ ସମସ୍ୟା ସାମୟିକ ମନକୁ ବିଚଳିତ ରଖିବ। ପରିବାରରେ ସନ୍ଦେହ, ମନରେ ଅଜଣା ଭୟ ଓ ଆଶଙ୍କା ଅସ୍ଥିରତା ସୃଷ୍ଟି କରିପାରେ। ତଥାପି ପରିବହନ କ୍ଷେତ୍ର, ବ୍ୟବସାୟିକ ସ୍ଥିତି, ଆନୁଷ୍ଠାନିକ କର୍ମ, ଶୁଭକାର୍ଯ୍ୟ ସମ୍ପାଦନ କରିପାରିବେ। ଦୂରଯାତ୍ରା, ସଭାସମିତି, ପ୍ରଶାସନିକ ସ୍ତରରେ ମନ୍ତ୍ରଣା, କଳା, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ।

## ମିଥୁନ

ମୃଗଶିରା/ମିଥୁନ- ବର୍ଷ ଆରମ୍ଭରୁ ଅସୁସ୍ଥତା, କାର୍ଯ୍ୟ ସାଧନରେ ଅହେତୁକ ବିଳମ୍ବ, ନିଜ ଲୋକଙ୍କ ସହ ବୈରୀଭାବରୁ ମାନସିକ ସନ୍ତୁଳନ ହରାଇବେ। ପାରିବାରିକ ମତପାର୍ଥକ୍ୟ, ଧନହାନି ଓ ବିବାଦୀୟ ଘଟଣାରେ ମନସ୍ତାପ କରିବେ। ମାତ୍ର ବର୍ଷର ମଧ୍ୟଭାଗରେ ଅବସ୍ଥା ସୁଧୁରିଯିବ। ଶତ୍ରୁତାର ଅବସାନ ଘଟିବ ଓ ବିଦେଶ ଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରୁ ଅର୍ଥ ଓ ସମ୍ମାନ ଊଣା ହେବନାହିଁ। ନୂତନ ଗୃହ, ଯାନବାହନ କ୍ରୟ, ପ୍ଲଟ ଓ ପରିବହନ ବ୍ୟବସାୟ, ଆମଦାନୀ ବାଣିଜ୍ୟରୁ ଲାଭବାନ୍ ହେବେ। କୁସଙ୍ଗ, ନୀଚଜନ ସହ ବିବାଦ, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁମାନଙ୍କ ସାମୟିକ ଈର୍ଷା ଓ ଅସୂୟା ପ୍ରତି ସାବଧାନ ରହିବା ଭଲ।
ଆର୍ଦ୍ରା/ମିଥୁନ- ସ୍ଥଗିତ ରହିଥିବା କର୍ମସମୂହକୁ ପୁନଃ ଆରମ୍ଭ କରିବା ଦିଗରେ ମନ ବଳାଇ କୃତକାର୍ଯ୍ୟ ହେବେ। ବନ୍ଧୁ, ସହକର୍ମୀଙ୍କ ସାହାଯ୍ୟ, ସହାୟତା ପ୍ରାପ୍ତ ହେବ। ବ୍ୟବହାରରେ ଅସଂଯମ, ଚୋରି, ଭିଜିଲାନ୍ସ ଅଥବା ଅର୍ଥ ସମ୍ପର୍କିତ ବିବାଦ ଭିତରକୁ ଟାଣିନେଇପାରେ। ଈର୍ଷାପରାୟଣତାରେ ଅପପ୍ରଚାର, କ୍ରନିକ୍ ରୋଗରେ ଦେହପୀଡା ଲାଗିରହିବ। ଗବେଷଣା, ନୂଆ ପ୍ରକଳ୍ପ, ଶିଳ୍ପ, ବାଣିଜ୍ୟାଦି କ୍ଷେତ୍ରରୁ ଲାଭବାନ୍ ହେବେ। ଆନୁଷ୍ଠାନିକ ତଥା ରାଜନୀତି କ୍ଷେତ୍ରରେ ଜନସମ୍ପର୍କ ବୃଦ୍ଧି ପାଇବ। ବ୍ୟବସାୟୀମାନେ ଅସ୍ଥିରତା ଓ ଆଶଙ୍କା ମଧ୍ୟରେ ଗତିକରିବେ। ପ୍ରଶାସନ, ପ୍ରକାଶନ, କଳା, ସାହିତ୍ୟ, ସାମ୍ବାଦିକତା ତଥା ଦୂର ବ୍ୟବସାୟର ସମ୍ପ୍ରସାରଣ ଘଟିବ।
ପୁନର୍ବସୁ/ମିଥୁନ- ପ୍ରବଳ ଇଚ୍ଛାଶକ୍ତି ଓ କାମ ହାସଲର ଜିଦ୍ ଜନିତ ଦୁଃସାହସିକ ପଦକ୍ଷେପ ଲକ୍ଷ୍ୟପୂରଣରେ ସହାୟକ ହେବ। ସଭାସମିତିରେ ଉଚ୍ଚ ସମ୍ମାନ, କର୍ମକ୍ଷେତ୍ରରେ ପ୍ରତିଷ୍ଠା ଓ ପ୍ରାଧାନ୍ୟ ବୃଦ୍ଧି, ପରିବହନରେ ଉନ୍ନତି ଓ ନିର୍ମାଣ କାର୍ଯ୍ୟର ପୂର୍ଣ୍ଣାଙ୍ଗରୁ ଖୁସି ରହିବେ। ଆରୋଗ୍ୟଲାଭ, ମିତ୍ରବନ୍ଧୁ ମିଳନ, ବାଣିଜ୍ୟ, ବ୍ୟବସାୟର ନବୀକରଣ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ କାର୍ଯ୍ୟରେ ସାମିଲ ହୋଇପାରନ୍ତି। ତଥାପି ବର୍ଷାରମ୍ଭରୁ ସାମୟିକ ଅଶାନ୍ତ ପରିବେଶ, ଅପ୍ରୀତିକର ପରିସ୍ଥିତି, ପାରିବାରିକ ବିଚ୍ଛିନ୍ନତା ମନଦୁଃଖର କାରଣ ହୋଇପାରେ। ପ୍ରତିଯୋଗିତାରେ, ମାଲିମକଦ୍ଦମାରେ, ମଧ୍ୟସ୍ଥତା କରିବାରରେ, ଚାକିରି କ୍ଷେତ୍ରରେ ବିଫଳ ହୋଇପାରନ୍ତି। ଋଣଗ୍ରସ୍ତ, ବନ୍ଧୁ ମନାନ୍ତର, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି କିମ୍ବା ବୟସ୍କବ୍ୟକ୍ତିଙ୍କ ଦେହାନ୍ତ ପ୍ରଭୃତି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

## କର୍କଟ

ପୁନର୍ବସୁ/କର୍କଟ-ବର୍ଷର ପୂର୍ବାର୍ଦ୍ଧରେ ଅର୍ଥଲାଭ, ଶାରୀରିକ ସୁସ୍ଥତା, କର୍ମକ୍ଷେତ୍ରରେ ସମ୍ମାନ, ନୂତନ ଗୃହ, ଯାନବାହନାଦି ଲାଭକରିବେ। ଧୀରେ ଧୀରେ ଅର୍ଥର ପ୍ରାଚୁର୍ଯ୍ୟ, ପାରିବାରିକ ସୌଖ୍ୟ, ନୂତନ ବନ୍ଧୁ ସମ୍ପର୍କରୁ ବର୍ଷଟି ଉପଭୋଗ୍ୟ ହେବ। ରାହୁ ରାଶିରେ ରହି ଆପଣଙ୍କୁ ସ୍ଥିରଭାବରେ କୌଣସି ଗୋଟିଏ ସ୍ଥାନରେ ସ୍ଥାୟୀଭାବରେ ରଖାଇ ଦେବେ ନାହିଁ। ଶିକ୍ଷା, ସନ୍ତାନ, ପ୍ରେମ ସମ୍ପର୍କ, ରଚନାତ୍ମକ କାମ ଓ ସଭାସମିତିରେ ବିଶିଷ୍ଟବ୍ୟକ୍ତିଙ୍କ ସାନ୍ନିଧ୍ୟଲାଭ କରାଇବେ। ସାମାଜିକ ସ୍ତରରେ ମାନପତ୍ର, ଉପଢ଼ୌକନ, ପ୍ରଶଂସାପ୍ରାପ୍ତିର ସୌଭାଗ୍ୟ ଅର୍ଜନ କରିବେ। ଗୁପ୍ତଶତ୍ରୁତା, ଈର୍ଷାଳୁବନ୍ଧୁଙ୍କ ଛଳନା ଓ ପ୍ରତାରଣା, ସ୍ତ୍ରୀଙ୍କ ସ୍ୱାସ୍ଥ୍ୟହାନି, ସ୍ଥଗିତ ପଦୋନ୍ନତି, କଚେରି ମାମଲାରେ ଦୁଶ୍ଚିନ୍ତା ଆସିବ। ନୂତନ ଯାନବାହନ, ଋଣ ପରିଶୋଧ, ନିର୍ମାଣାଧୀନ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରି ଆତ୍ମତୃପ୍ତି ଲାଭ କରିବେ।
ପୁଷ୍ୟା/କର୍କଟ- ରାହୁ ଆପଣଙ୍କୁ ଜୀବନଯାତ୍ରାରେ ଅଗ୍ରଗାମୀ କରାଇବେ। ଷଷ୍ଠଭାବରେ ଶନିଙ୍କ ପ୍ରଭାବରେ ସାଙ୍ଗଠନିକ କାର୍ଯ୍ୟ, ରାଜନୈତିକ ସ୍ଥିତି, ପ୍ରଶାସନିକ ନିଷ୍ପତ୍ତି, ନୂତନ କୃତି ମାଧ୍ୟମରେ ସଫଳତା ପାଇପାରନ୍ତି। ମାଙ୍ଗଳିକ କାର୍ଯ୍ୟ, ଶିଳ୍ପ, ବାଣିଜ୍ୟର ଅଭିବୃଦ୍ଧି, ନୂତନ କର୍ମନିଯୁକ୍ତି, ସରକାରୀ ସହାୟତା ପ୍ରଭୃତି ପାଇବେ। କିନ୍ତୁ ଏହାସାଙ୍ଗକୁ ବନ୍ଧୁ, ସହକର୍ମୀମାନଙ୍କ ପରୋକ୍ଷ ଶତ୍ରୁମନୋଭାବ, ପାରିବାରିକ ସ୍ତରରେ କୁମନ୍ତ୍ରଣାଜନିତ ଶାନ୍ତିଭଗ୍ନର ଆଶଙ୍କାକୁ ଏଡିହେବ ନାହିଁ। ରୋଗପୀଡା, ଅନ୍ୟମନସ୍କତା, ଆଘାତପ୍ରାପ୍ତିର ଆଶଙ୍କା ମଧ୍ୟ ରହିଛି।
ଅଶ୍ଳେଷା/କର୍କଟ- ପରିବାରର ସମସ୍ୟା ଓ ବିବାଦୀୟ ସ୍ଥିତି ହିତୈଷୀମାନଙ୍କ ସାହାଯ୍ୟରେ ଦୂରେଇଯିବ। ମିତ୍ରବନ୍ଧୁମାନଙ୍କ ପରିସର ବୃଦ୍ଧି ପାଇବ। ନୂତନ କର୍ମ ସଂସ୍ଥାନର ଯୋଗ ରହିଛି। କିନ୍ତୁ ମେଠାରୁ ସ୍ୱାସ୍ଥ୍ୟପ୍ରତି ଅବହେଳା, ପାରିବାରିକ ଉଦାସୀନତା, ଯାନବାହନରେ କ୍ଷୟକ୍ଷତି, ବ୍ୟବସାୟ ବାଧା ମାନସିକ ଅଶାନ୍ତିର କାରଣ ହୋଇପାରେ। ସାଧାରଣ କଥାରେ କଳହ, ଅନ୍ତିମ ସମୟରେ ସୁଯୋଗ ହାନି, ଋଣ ପରିଶୋଧ, କଚେରି ମାମଲା ମାନସିକ ସ୍ଥିତିକୁ ବିଗାଡ଼ି ଦେଇପାରେ। ଅବଶ୍ୟ ଶୁକ୍ରଙ୍କ ପ୍ରଭାବରେ କଳା, ସଙ୍ଗୀତ, ଚଳଚ୍ଚିତ୍ର, ନୃତ୍ୟବାଦ୍ୟ କ୍ଷେତ୍ରରେ ସୁନାମ ଅର୍ଜନ କରବେ। ଲୋକ ସମ୍ପର୍କ ବଢିବ, କୂଟନୀତି ଓ କାଳକ୍ଷେପଣ ପଦ୍ଧତି ଅନୁଯାୟୀ ସମସ୍ୟାକୁ ନିୟନ୍ତ୍ରଣ କରିପାରିବେ।

## ସିଂହ

ମଘା/ସିଂହ- ଦୈହିକ ଅସୁସ୍ଥତା ପ୍ରାୟତଃ ଦୁଶ୍ଚିନ୍ତାର କାରଣ ହେବ। ବିଭିନ୍ନ ପରିସ୍ଥିତିରେ ବନ୍ଧୁ ସମ୍ପର୍କ, ପାରିବାରିକ ଶାନ୍ତିଭଗ୍ନ କରି ସାମାଜିକ ସ୍ଥିତିକୁ ଦୁର୍ବଳ କରିଦେଇପାରେ। ଦୈହିକ ଅସୁସ୍ଥତା, କରଜଦାତାଙ୍କ ଚାପ, ଉପରିସ୍ଥଙ୍କ କୋପ, ମାଙ୍ଗଳିକ କାମରେ ସମସ୍ୟା ପ୍ରଭୃତି ଅଶୁଭଦ୍ୱ ପ୍ରତି ସଚେତନ ରହିବା ଭଲ। ଅବଶ୍ୟ ଶୁଭଫଳ ମଧ୍ୟରେ ପଦୋନ୍ନତି, ସାମାଜିକ ସମ୍ମାନ,ବାଣିଜ୍ୟ ବ୍ୟବସାୟର ଉନ୍ନତି, ମାଲିମକଦ୍ଦମାରେ ବିଜୟ, ଯାନ୍ତ୍ରିକ ଜିନିଷ, ଧାତୁ, ଅଳଙ୍କାର ପ୍ରାପ୍ତି ଯୋଗ ରହିଛି। ସାହିତ୍ୟ, ସାଧନା, ଗବେଷଣା, ଆନୁଷ୍ଠାନିକ କାମ ଅଥବା ସଭାସମିତିରୁ ପ୍ରତିଷ୍ଠା, ପ୍ରୋତ୍ସାହନ ଓ ସମ୍ମାନ ପାଇବାର ସୌଭାଗ୍ୟ ମିଳିବାର ସମ୍ଭାବନା ରହିଛି।
ପୂର୍ବାଫାଲ୍‌ଗୁନୀ/ସିଂହ- ଅର୍ଥନୈତିକ ସ୍ଥିତି ଦୃଢୀଭୂତ ହେବ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟରୁ ଲାଭବାନ୍ ହେବେ। କର୍ମକ୍ଷେତ୍ରରେ ପଦୋନ୍ନତି, ବୈବାହିକ କାର୍ଯ୍ୟ ଓ ବୈଷୟିକ ଅଭିବୃଦ୍ଧିରୁ ଖୁସିରହିବେ। ସ୍ୱାସ୍ଥ୍ୟ ପ୍ରାୟତଃ ଭଲ ରହିବ ଓ ଗୃହ, ଭୂମି, ଯାନବାହନ, ଧାତୁ, ଅଳଙ୍କାରାଦି କ୍ରୟକରିବାର ମାନସିକତା ସୃଷ୍ଟିହେବ। ମାଙ୍ଗଳିକ କାମରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ। ସାହିତ୍ୟ ଓ ସଙ୍ଗୀତ ସାଧନା, ଯୋଗ ଓ ଶରୀର ଚର୍ଚ୍ଚାରୁ ମନୋବଳ ବୃଦ୍ଧି ପାଇବ। ପ୍ରଶାସନ, ସାମ୍ବାଦିକତା, ଆଇନ ଅଦାଲତ, ରାଜନୀତି କ୍ଷେତ୍ରରେ ପ୍ରଭାବ ବୃଦ୍ଧି ହେବ। ସହକର୍ମୀଙ୍କ ସନ୍ଦେହ ଓ ଭୁଲ୍ ବୁଝାମଣା ପ୍ରଭୃତି ସାମୟିକ ବ୍ୟତିକ୍ରମ କର୍ମକ୍ଷେତ୍ରରେ ଅନ୍ତରାୟ ସୃଷ୍ଟି କରିପାରେ।
ଉତ୍ତରାଫାଲ୍‌ଗୁନୀ/ସିଂହ- ଏକାଦଶସ୍ଥାନରେ ରାହୁ ମିତ୍ର ଶନିଙ୍କ ସହ ସମ୍ପର୍କରେ ଆସି ସଂଘର୍ଷମୟ ସ୍ଥିତିକୁ ସଜାଡି ନେବେ। କିନ୍ତୁ ଶିକ୍ଷା, ସନ୍ତାନ, ବିବାଦୀୟ ପରିସ୍ଥିତି, ସଭାସମିତିରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ଦିଗରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକର ସମ୍ମୁଖୀନ ହେବାକୁ ପଡିପାରେ। ରୋଜଗାରର ସ୍ୱଳ୍ପତା, ପାରିବାରିକ ଅସ୍ଥିରତା ଓ ପିଲାମାନଙ୍କ ମଧ୍ୟରେ ସହମତି ଓ ସମନ୍ୱୟର ଅଭାବ ପରିସ୍ଥିତିକୁ ବିଗାଡ଼ିଦେଇପାରେ। କୋର୍ଟ କଚେରି ଧନ୍ଦାରେ ଅପଦସ୍ଥ ହୋଇପାରନ୍ତି। ତଥାପି ସାଙ୍ଗଠନିକ, ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ପ୍ରତିଷ୍ଠିତ ହେବେ। ସତ୍‌ସଙ୍ଗ, ବିଜାତୀୟବ୍ୟକ୍ତିଙ୍କ ସାହାଯ୍ୟ, ତୀର୍ଥାଟନ, ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ ଓ ଆଇନ ସହାୟତା ପ୍ରଦାନ କରିପାରନ୍ତି।

## କନ୍ୟା

ଉତ୍ତରାଫାଲ୍‌ଗୁନୀ/କନ୍ୟା- କେନ୍ଦ୍ରସ୍ଥାନରେ ବକ୍ରୀ ବୃହସ୍ପତିଙ୍କ ସହ ଶନି ଗୁରୁଶୌରୀ ଯୋଗ ସୃଷ୍ଟିକରି ଆପଣଙ୍କ ପଦ ମର୍ଯ୍ୟାଦା ବୃଦ୍ଧି, ଉଚ୍ଚବର୍ଗଙ୍କ ସହାୟତା, ଅର୍ଥ, ସମ୍ମାନ ଓ ସାମାଜିକ ସ୍ତରରେ ପ୍ରଶଂସାଲାଭ କରାଇବେ। ନୂତନ ଯୋଜନା, ବ୍ୟବସାୟର ସମ୍ପ୍ରସାରଣ, ବନ୍ଧୁଙ୍କ ସାହାଯ୍ୟରେ ନୂତନ କର୍ମନିଯୁକ୍ତିର ଆଶା ରହିଛି। ଗୃହ, ସୀମାବିବାଦ, ପୁରାତନ ଗାଡି କିମ୍ବା ଯାନ୍ତ୍ରିକ ଜିନିଷର ମରାମତି ପାଇଁ ଧ୍ୟାନ ଦେବେ। ଆରୋଗ୍ୟଲାଭ, ମାଲିମକଦ୍ଦମା, ରାଜନୀତି, ପ୍ରତିଯୋଗିତାମୂଳକ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ସାହିତ୍ୟ, ସାମ୍ବାଦିକତା, କଳା, କ୍ରୀଡା, ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟାର ସମାଧାନ ହୋଇଯିବ। କେତୁଙ୍କ ପ୍ରଭାବରେ ସାମୟିକ ପାରିବାରିକ ଅଶାନ୍ତି, ବନ୍ଧୁଜନେ କଳହ, ଲୋକସମ୍ପର୍କହାନି, ଅପପ୍ରଚାରାଦି ମାନସିକ ସ୍ଥିତିକୁ ବିଡମ୍ବିତ କରିପାରେ।
ହସ୍ତା/କନ୍ୟା- ବର୍ଷାରମ୍ଭରୁ ଥିବା ଶାରୀରିକ, ମାନସିକ ଅସୁସ୍ଥତା, ବନ୍ଧୁବିଗ୍ରହ, କର୍ମହାନିଜନିତ ଅଶାନ୍ତ ପରିସ୍ଥିତି ମାସ କେଇଟାରେ ଉଭେଇଯିବ। ଯୋଜନାରେ ସଫଳତା, ନିର୍ମାଣମୂଳକ କାମରେ ଅଗ୍ରଗତି, ପରିବହନରେ ଉନ୍ନତି, ମାଙ୍ଗଳିକ କାମ ସମ୍ପନ୍ନ କରିବାରେ ସଫଳ ହେବେ। କୋର୍ଟ କଚେରି ମାମଲାରେ ବିଜୟ ପ୍ରାପ୍ତି, ଧାତୁ ଅଳଙ୍କାର ଓ ବିଳାସ ବ୍ୟସନ ସମ୍ପର୍କିତ ଜିନିଷ କ୍ରୟ କରିବେ। ବନ୍ଧୁ ପ୍ରୀତି, ତୀର୍ଥାଟନ ତଥା ପ୍ରେମ ପ୍ରଣୟରେ ସଫଳତା, ସାଙ୍ଗଠନିକ କାମ ଓ ସଭା ସମିତିରେ ସମ୍ମାନିତ ହେବେ। ସାମୟିକ ଦୁଶ୍ଚିନ୍ତା, ଜମିବାଡି, ଗୃହସମ୍ପର୍କିତ କଳହ, ଧାରକରଜ, ଆତ୍ମୀୟଙ୍କ ସହ ଶତ୍ରୁତା, ସନ୍ତାନଙ୍କ ସମସ୍ୟା ଓ ପ୍ରଶାସନିକ ଚାପର ସମ୍ମୁଖୀନ ହୋଇପାରନ୍ତି।
ଚିତ୍ରା/କନ୍ୟା- ନୂଆବର୍ଷଟିରେ ଅର୍ଥପ୍ରାଚୁର୍ଯ୍ୟ, ବିଳାସ ବ୍ୟସନ, ନବଜାତ ସନ୍ତାନ ହେତୁକ ଆନନ୍ଦ, ବନ୍ଧୁ ପ୍ରୀତି, ତୀର୍ଥାଟନ ତଥା କାରବାରରେ ସଫଳତା ଏବଂ ସଭାସମିତିରେ ସମ୍ମାନ ପ୍ରାପ୍ତି ଘଟିବ। ସାମୟିକ ଭାବରେ ପାରିବାରିକ ଝଡଝଞ୍ଜା, ସ୍ୱାସ୍ଥ୍ୟହାନି, ଖର୍ଚ୍ଚ ବୃଦ୍ଧି ପ୍ରଭୃତିର ସମ୍ମୁଖୀନ ହେବେ। କଳକାରଖାନା, ଲୁହା, ସିମେଣ୍ଟ, ତୈଳ ବ୍ୟବସାୟରେ ଉନ୍ନତି ଘଟିବ। ଗୃହୋପଯୋଗୀ ଜମି, ଯାନବାହନ ଲାଭ ସାଙ୍ଗକୁ ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସିରହିବେ। ବ୍ୟବସାୟ କ୍ଷେତ୍ରରେ ସମସ୍ୟା, ସ୍ୱାସ୍ଥ୍ୟ ଓ ଧନହାନି ହେତୁକ ମନସ୍ତାପ ଦେଖାଦେବ କିନ୍ତୁ ଅନ୍ୟ ସମୟ ମଧ୍ୟରେ କାର୍ଯ୍ୟ ସିଦ୍ଧି, କର୍ମ ସଂସ୍ଥାନ, ମିତ୍ର ବନ୍ଧୁ ଲାଭ, ଧନ ସମ୍ମାନ ପ୍ରାପ୍ତି, ଶତ୍ରୁ ବିଜୟ ଓ ଶୁଭ କାମ କରିବେ।

## ତୁଳା

ଚିତ୍ରା/ତୁଳା- ଅର୍ଥନୈତିକ ଅଭିବୃଦ୍ଧି ସହ କର୍ମକ୍ଷେତ୍ରରେ ପଦୋନ୍ନତି, ଆନୁଷ୍ଠାନିକ କ୍ଷେତ୍ରରେ ଉନ୍ନତି କରିପାରନ୍ତି। ନୂତନ ବ୍ୟବସାୟ, ଚାକିରି ଅଫର ପାଇବା, ଗୃହ ନିର୍ମାଣ ସାଙ୍ଗକୁ ଯାନବାହନ କ୍ରୟ କରିବା ପାଇଁ ମନ ବଳାଇପାରନ୍ତି। ଧାତୁ ଅଳଙ୍କାର ଓ ବିଳାସବ୍ୟସନ ପ୍ରତି ରୁଚି ବଳିବ। ମଧ୍ୟଭାଗରେ ସନ୍ତାନ ପୀଡା, ପରିବାରରେ ଝଗଡା, ଆତ୍ମସମ୍ମାନରେ ବାଧା ହେଲାଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ବନ୍ଧୁବାନ୍ଧବ, ଆତ୍ମୀୟ ଓ ପାଖ ପଡୋଶୀଙ୍କ ସମ୍ପର୍କରେ ଉନ୍ନତି ଘଟିବ। ଋଣ ସୂତ୍ରରେ କାରବାର ବଢାଇ ପାରନ୍ତି। ସରକାରୀ କିମ୍ବା ପ୍ରଶାସନିକ ସ୍ତରରେ ସମସ୍ୟା ଦୂରହେବା ସହ ଶିକ୍ଷା, ସନ୍ତାନ, ନୂତନ ସମ୍ପର୍କ, ମନୋରଞ୍ଜନ ଓ ମାଙ୍ଗଳିକ କାମରୁ ଖୁସି ରହିବେ।
ସ୍ୱାତୀ/ତୁଳା- ଆର୍ଥିକ ସ୍ଥିତି, ଉଚ୍ଚ ସମ୍ମାନ, ଧାର୍ମିକ କାର୍ଯ୍ୟପାଇଁ ଅନୁକୂଳ ପରିବେଶ ସୃଷ୍ଟି ହେବ। ଶନିଙ୍କ ସୁପ୍ରଭାବରୁ ଟେକ୍‌ନିକାଲ କାର୍ଯ୍ୟ, ସାଂଗଠନିକ କାର୍ଯ୍ୟ, ସଭାସମିତିରେ ସମ୍ମାନିତ ହୋଇପାରନ୍ତି। ରାହୁଙ୍କ କୁପ୍ରଭାବରେ ଭୁଲ୍ ବୁଝାମଣା, ସନ୍ତାନଙ୍କ ପାଇଁ ଦୁଶ୍ଚିନ୍ତା, ସମ୍ପର୍କ ହ୍ରାସ ଓ ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହେବାକୁ ପଡିପାରେ। ବନ୍ଧୁମିଳନ, ଉତ୍ସବାନୁଷ୍ଠାନ, ଯାନବାହନରେ ସଂସ୍କାର ଆଣିବା ସହିତ ନୂତନ ସ୍ଥାନ ପରିଦର୍ଶନର ସୁଯୋଗ ମଧ୍ୟ ଜୁଟିବ। ବ୍ୟବସାୟୀମାନଙ୍କ ସକାଶେ ବର୍ଷଟି ମନ୍ଦ ହେବନାହିଁ। କଳା, ସାହିତ୍ୟ, ସଙ୍ଗୀତ, ରାଜନୀତି କ୍ଷେତ୍ରରେ ଉଠାପକା ସ୍ଥିତି ଦେଖାଦେବ।
ବିଶାଖା/ତୁଳା-ଦୈହିକ ସୁସ୍ଥତା ସାଙ୍ଗକୁ ମାନସିକ ଶାନ୍ତି ମିଳିବ। ନୂତନ ଯୋଜନାର ଅୟମାରମ୍ଭ କରିବେ। ସାମାଜିକ ସ୍ତରରେ ସମ୍ମାନିତ ହେବା ସହ କର୍ମକ୍ଷେତ୍ରରେ ଉଚ୍ଚ ପଦପଦବୀ ପ୍ରାପ୍ତ କରିପାରନ୍ତି। ପାରିବାରିକ ସ୍ଥିତି, ବାଣିଜ୍ୟ, ବ୍ୟବସାୟ, କଳା, ସାହିତ୍ୟ, ସାମ୍ବାଦିକତା, ପ୍ରଶାସନିକ ସ୍ଥିତି ପାଇଁ ବର୍ଷଟି ଶୁଭଙ୍କର। ସାମୟିକ ଭାବରେ ଆଳସ୍ୟ, ଅବହେଳାଜନିତ କର୍ମହାନି, ଶରୀର ପୀଡା, ପୁରୁଣା କଥାର ପର୍ଯ୍ୟାଲୋଚନା କରି ମାନସିକ ଅଶାନ୍ତି ଅନୁଭବ କରିପାରନ୍ତି। ଅସାବଧାନତା କିମ୍ବା ଅନ୍ୟମନସ୍କ କାରଣରୁ ବେଳେବେଳେ ନିରୁତ୍ସାହିତ ହୋଇପଡିବେ। ସହକର୍ମୀଙ୍କ ଅସହଯୋଗ ଓ ପରୋକ୍ଷ ଷଡଯନ୍ତ୍ର ମନରେ ହତାଶ ଭରିଦେବ। ଉପରିସ୍ଥଙ୍କ ସହାନୁଭୂତି, ଉଚ୍ଚବର୍ଗର ସତ୍‌ପରାମର୍ଶ, ସରକାରୀ ସ୍ତରରୁ କେତେକ ସୁବିଧା ହେତୁ ଖୁସି ରହିବେ।

## ବିଛା

ବିଶାଖା/ବିଛା- ବିଭିନ୍ନ ଦିଗରୁ ଅର୍ଥର ସୁଅ ଛୁଟିବ। ଆନୁଷ୍ଠାନିକ କ୍ଷେତ୍ରରୁ, ସଭାସମିତିରୁ, ଗବେଷଣାରୁ ଅଧ୍ୟୟନ ଓ ଅଧ୍ୟାପନାରୁ, ବାଣିଜ୍ୟ ଓ ପରିବହନରୁ ସୁଫଳ ମିଳିବ। ନୀଚଜାତିର ବ୍ୟକ୍ତି, ନିଜ ଲୋକମାନଙ୍କ ଦ୍ୱାରା, ସହକର୍ମୀଙ୍କ ବିରୋଧରୁ, ସମସ୍ୟା ସାଙ୍ଗକୁ ସ୍ୱାସ୍ଥ୍ୟହାନିର ସୂଚନା ମଧ୍ୟ ରହିଛି। କୌଣସି ରାଜନୈତିକ ଅଥବା ପଦସ୍ଥବ୍ୟକ୍ତିଙ୍କ ସାହାଯ୍ୟରୁ ମନୋବଳ ବୃଦ୍ଧି, ବିବାଦ ସମାଧାନ ସାଙ୍ଗକୁ ପରୋପକାର, ବନ୍ଧୁମିଳନ, ଉତ୍ସବାନୁଷ୍ଠାନ କରିପାରନ୍ତି। ସାମୟିକ ଭାବରେ ଭୁଲ୍ ବୁଝାମଣା, ଠକେଇଜନିତ ଦୁଃଖ ଭୋଗିବାକୁ ପଡିପାରେ। ସନ୍ତାନଙ୍କ ଶିକ୍ଷା, ବୈବାହିକ ସମ୍ପର୍କ, ସଭାସମିତି, ଜମିଜମା ଚୁକ୍ତିପତ୍ର କ୍ଷେତ୍ରରେ ପ୍ରତିରୋଧର ସାମନା କରିବାକୁ ପଡିବ।
ଅନୁରାଧା/ବିଛା- ଅତୀତର ଅପୂରଣୀୟ ଅଭିଳାଷ ପୂରଣ ପାଇଁ ଅନୁକୂଳ ପରିବେଶ ପାଇବେ। କର୍ମକ୍ଷେତ୍ରରେ ପଦୋନ୍ନତି, ତୀର୍ଥାଟନ, ବିଦେଶ ଯାତ୍ରା, ଧର୍ମ କାର୍ଯ୍ୟରେ ସାହାଯ୍ୟ ସହଯୋଗର ଅଭାବ ରହିବ ନାହିଁ।। ଗତବର୍ଷର ବିବାଦୀୟ ପରିସ୍ଥିତି ବଦଳିଯିବ। ବନ୍ଧୁଙ୍କ ସହ ଅର୍ଥ ସମ୍ପର୍କ, ଜମିଜମା ସୀମା କିମ୍ବା କାରବାର କ୍ଷେତ୍ରରେ ମନାନ୍ତର ସୃଷ୍ଟିର ଆଶଙ୍କା ରହିଛି। ସନ୍ତାନ, ଶିକ୍ଷା, ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି ଲାଭ ଯୋଗ ରହିଛି। ବିଶିଷବ୍ୟକ୍ତିଙ୍କ ସାନ୍ନିଧ୍ୟ,ସାମାଜିକ ପ୍ରତିଷ୍ଠା ଲାଭରେ ସହାୟକ ହେବ। କଚେରି ମାମଲାରେ ବିଜୟୀ ହେବେ।
ଜ୍ୟେଷ୍ଠା/ବିଛା-ଗୁରୁଶୌରୀ ଯୋଗରେ ଅର୍ଥର ପ୍ରଚୁର୍ଯ୍ୟ, କର୍ମକ୍ଷେତ୍ରରେ ସମ୍ମାନ, ଅଭିଳଷିତ ଦ୍ରବ୍ୟପ୍ରାପ୍ତିଜନିତ ବର୍ଷଟି ଉପଭୋଗ୍ୟ ରହିବ। ରଚନାତ୍ମକ କାର୍ଯ୍ୟ, ସନ୍ତାନବର୍ଗରେ ଉନ୍ନତି, ସାଙ୍ଗଠନିକ ନେତୃତ୍ୱ, ରାଜନୈତିକ ସ୍ଥିତିକୁ ସୁଦୃଢ କରିପାରିବେ। ପାରିବାରିକ ସ୍ତରରେ ସୁବୁଝାମଣା, ସଂଗଠନ, ଲୋକ ସମ୍ପର୍କ ଓ ସମର୍ଥନ ଅକ୍ଷୁଣ୍ଣ ରଖିବାରେ ସମର୍ଥ ହେବେ। ଆତ୍ମୀୟ ସ୍ୱଜନ ବିରୋଧ କଲେ ମଧ୍ୟ କିଛି କ୍ଷତି କରିପାରିବେ ନାହିଁ। ଉଚ୍ଚଶିକ୍ଷା, ସୁଖସମ୍ମାନ, ଅର୍ଥ ଦ୍ରବ୍ୟ ଲାଭ, ଶୁଭ ସମ୍ବାଦ, ଆମୋଦ ପ୍ରମୋଦ, ସତ୍ୟ, ସଚ୍ଚୋଟତା ହେତୁ ସମାଜରେ ପ୍ରତିଷ୍ଠିତ ହୋଇପାରନ୍ତି। ସାମୟିକ ଦୁଶ୍ଚିନ୍ତା, ଦେହପୀଡା, ଦ୍ୱନ୍ଦ୍ୱ, ଅସ୍ଥିରତା, ଦୁର୍ଘଟଣା, ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି କଳହର ସମ୍ମୁଖୀନ ହୋଇପାରନ୍ତି। ଅଶୌଚ ଖବର, ବନ୍ଧୁଙ୍କ ପରୋକ୍ଷ ଅପପ୍ରଚାର, ଅପବ୍ୟୟ, ସ୍ୱଜନଙ୍କ ବେଖାତିର ମନୋଭାବ ମାନସିକ ଅଶାନ୍ତିର କାରଣ ପାଲଟିଯାଇପାରେ।

## ଧନୁ

ମୂଳା/ଧନୁ- ଆଳସ୍ୟ, ଅବହେଳାଜନିତ ଶରୀର ପୀଡା ସାଙ୍ଗକୁ କର୍ମହାନି ଘଟିବ। ପାରିବାରିକ କ୍ଷେତ୍ର, ବନ୍ଧୁସମ୍ପର୍କ ଠିକ୍ ରହିବ ନାହିଁ। ଅବଶ୍ୟ ଆର୍ଥିକ ଅଭିବୃଦ୍ଧି , ମାଙ୍ଗଳିକ କାର୍ଯ୍ୟ, ନୂତନ ପ୍ରକଳ୍ପାଦି ଯୋଜନାକୁ ବାସ୍ତବରୂପ ଦେଇପାରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ କ୍ଷେତ୍ର ସାମାନ୍ୟ ପ୍ରତିବନ୍ଧକ ମଧ୍ୟରେ ଲକ୍ଷ୍ୟପୂରଣ କରିପାରିବ। କଳା, ସାହିତ୍ୟ, ସଙ୍ଗୀତ ଚଳଚ୍ଚିତ୍ର, ଗବେଷଣା ପ୍ରଭୃତିରେ ପ୍ରତିଦ୍ୱନ୍ଦ୍ୱିତା ଲାଗିରହିବ। କର୍ମଜଞ୍ଜାଳ ବୃଦ୍ଧି ପାଇବା ସହ ଭାବପ୍ରବଣତା ଓ ଅନ୍ୟମନସ୍କତା କେତେକ ବ୍ୟତିକ୍ରମ ସୃଷ୍ଟିକରିପାରେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଅସହଯୋଗ ଓ ପରୋକ୍ଷ ଷଡ଼ଯନ୍ତ୍ର ମନରେ ହତାଶା ଭରିଦେବାର ସୂଚନା ମଧ୍ୟ ରହିଛି।
ପୂର୍ବାଷାଢ଼ା/ଧନୁ- ଚଳିତ ବର୍ଷ ଏକାଧାରରେ ନୂତନ କର୍ମାରମ୍ଭ, ସମ୍ମାନ ଓ ପ୍ରତିଷ୍ଠା, ଭୂମି, ଯାନବାହନ ଓ ମୂଲ୍ୟବାନ୍ ଜିନିଷ କ୍ରୟ କରିବାର ସୁଯୋଗ ଆପଣାଛାଏଁ ଜୁଟିଯିବ। ଶତ୍ରୁମାନେ ମିତ୍ରଭାବରେ ହାତ ବଢାଇବେ। ଉପରିସ୍ଥଙ୍କ ସହାନୁଭୂତି, ଉଚ୍ଚବର୍ଗର ସତ୍‌ପରାମର୍ଶ, ସରକାରୀ ସ୍ତରରୁ କେତେକ ସୁବିଧା ପାଇବା ହେତୁ ଖୁସିରହିବେ। ଆନୁଷ୍ଠାନିକ କ୍ଷେତ୍ରରୁ, ସଭାସମିତିରୁ, ବାଣିଜ୍ୟ ଓ ପରିବହନରୁ ସୁଫଳ ମିଳିବ। ତଥାପି ପାରିବାରିକ ସମର୍ଥନରେ ମାଙ୍ଗଳିକ କାର୍ଯ୍ୟ, ଉତ୍ସବାନୁଷ୍ଠାନ କରିପାରନ୍ତି। ଭୁଲ୍ ବୁଝାମଣା, ଆଳସ୍ୟ, ପ୍ରତୀକ୍ଷା, ଦେହପୀଡା, ଭିଜିଲାନ୍‌ସ ଠକେଇ, ଚୋରି ଓ ପ୍ରତାରଣାଜନିତ ଦୁଃଖଯନ୍ତ୍ରଣା ଭୋଗିବାକୁ ପଡିପାରେ।
ଉତ୍ତରାଷାଢା/ଧନୁ- ଉଚ୍ଚଆଶା, ଉନ୍ନତ ଚିନ୍ତା, କଠିନଶ୍ରମ ଓ ଦୂରଦର୍ଶିତା ଚଳିତବର୍ଷର ସୁଫଳଲାଭର ପୃଷ୍ଠଭୂମି ହୋଇପାରେ। ନୂଆ ନୂଆ କାମ କରିବାରେ, ଅର୍ଥ, ଜନ ଓ ମନୋବଳ ସାଙ୍ଗକୁ ବନ୍ଧୁମାନଙ୍କ ସାହାଯ୍ୟ ଓ ସମର୍ଥନ ଲକ୍ଷ୍ୟହାସଲରେ ସହାୟକ ହୋଇପାରିବ। ବ୍ୟବସାୟରୁ ଲାଭ, ବିବାଦର ଅବସାନ, ଧର୍ମ ଓ ସାଂସ୍କୃତିକ କାର୍ଯ୍ୟରେ ଅଗ୍ରଣୀ ହୋଇ ସାମାଜିକ ସ୍ଥିତିକୁ ସୁଦୃଢ କରିବେ। ତଥାପି ସାମୟିକ ଭାବରେ ଖଳଲୋକଙ୍କ କାନକୁହା କଥାରେ ପାରିବାରିକ ସମସ୍ୟା ଦେଖାଦେବ। ଦେହପୀଡା, ସ୍ତ୍ରୀଙ୍କ ସହ ମତଭେଦ, ବୟସ୍କବ୍ୟକ୍ତିଙ୍କ ଦେହାନ୍ତ, ପଡୋଶୀଙ୍କ କୁମନ୍ତ୍ରଣା ପରିସ୍ଥିତିକୁ ସଙ୍ଗିନ କରିପାରେ। ଆନୁଷ୍ଠାନିକ କ୍ଷେତ୍ରରେ ପଳାୟନପନ୍ଥୀ ହୋଇପାରନ୍ତି। ଋଣପରିଶୋଧ, ପ୍ରଶାସନିକ ହଟଚମଟର ସମ୍ମୁଖୀନ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ।

## ମକର

ଉତ୍ତରାଷାଢ଼ା/ମକର-ବର୍ଷସାରା ବିଭିନ୍ନ ପ୍ରକାରର ସମସ୍ୟା ଓ ସ୍ୱାସ୍ଥ୍ୟହାନି ମଧ୍ୟରେ ବ୍ୟସ୍ତବିବ୍ରତ ହୋଇପାରନ୍ତି। ନୂତନ ଯୋଜନା ବର୍ଷର ଅନ୍ତିମ ଭାଗରେ କାର୍ଯ୍ୟକାରୀ ହୋଇପାରେ। କର୍ମଜଞ୍ଜାଳ ମଧ୍ୟରେ ବୁଡିରହି ଗୁରୁତ୍ୱପୂର୍ଣ୍ଣ କାମଗୁଡିକୁ ଭୁଲିଯିବେ। ଫଳତଃ ବନ୍ଧୁବାନ୍ଧବରେ ସୁସମ୍ପର୍କ ନଷ୍ଟ ହେବାର ଆଶଙ୍କା ଦେଖାଦେବ। ଅବଶ୍ୟ ପାରିବାରିକ ସ୍ଥିରତା, ଧର୍ମକାର୍ଯ୍ୟ, ତୀର୍ଥାଟନ, ବନ୍ଧୁସମାଗମ ଓ ଭ୍ରମଣାଦି ଯୋଗ ରହିଛି। ବ୍ୟବସାୟୀମାନେ ଅସ୍ଥିରତା ଓ ଆଶଙ୍କା ମଧ୍ୟରେ ଗତି କଲେ ବି ପରିଶ୍ରମ ତୁଳନାରେ ରୋଜଗାର କିଛି କମିବ ନାହିଁ। ବୌଦ୍ଧିକ ଦିଗରୁ ଲାଭବାନ ହେବେ। କଳା, ସାହିତ୍ୟ, ସାମ୍ବାଦିକତା, ନୂତନ ପ୍ରକଳ୍ପ, ନିର୍ମାଣାଦି କାମରେ ଅଗ୍ରଗତି ଘଟିବ।
ଶ୍ରବଣା/ମକର-ବିଭିନ୍ନ ପ୍ରକାର ସମସ୍ୟା, ଶାରୀରିକ ଅସୁସ୍ଥତା ସହିତ ମୂଲ୍ୟହୀନ କାର୍ଯ୍ୟରେ ବ୍ୟସ୍ତ ରହି ମନସ୍ତାପକୁ ନିମନ୍ତ୍ରଣ କରିପାରନ୍ତି। ବ୍ୟବସାୟିକ ଓ ପାରିବାରିକ ସ୍ଥିତି ମନ୍ଦ ହେବନି। ଦର୍ଶନୀୟ ସ୍ଥାନ ଭ୍ରମଣ, ମୂଲ୍ୟବାନ୍ ଦ୍ରବ୍ୟଲାଭ, ଭୋଗବିଳାସ ତଥା ମାଙ୍ଗଳିକ କାର୍ଯ୍ୟରେ ଖୁସି ରହିବେ। ସାଂସ୍କୃତିକ କିମ୍ବା ଆନୁଷ୍ଠାନିକ କାମ ବା ସଭାସମିତିରେ ପୁରସ୍କୃତ ହୋଇପାରନ୍ତି। ଜମିଜମା, ଯାନବାହନ, ଯାନ୍ତ୍ରିକ ଜିନିଷ , ଅଳଙ୍କାରାଦି କ୍ରୟ କରିବାର ଯୋଗ ରହିଛି।
ଧନିଷ୍ଠା/ମକର- ଧନାଧିପ ଶନିଙ୍କ ସ୍ନେହପୂର୍ଣ୍ଣ ଦୃଷ୍ଟି ଆପଣଙ୍କୁ ପ୍ରଚୁର ଅର୍ଥାଗମର ମାର୍ଗଦର୍ଶକ ସାଜିବେ। ପାରିବାରିକ ତଥା ସାମାଜିକ ସ୍ତରରେ ପରିସ୍ଥିତିର ମୁକାବିଲା ସକାଶେ ଅସୀମ ଧୈର୍ଯ୍ୟ, ସହନଶୀଳତା ପ୍ରଦାନ କରି ସମ୍ମାନଜନକ ସ୍ଥିତିରେ ରଖିପାରନ୍ତି। ଶିଳ୍ପ, ବାଣିଜ୍ୟ, ସଂଗଠନ, ସ୍ଥାୟୀ ଲୋକସମ୍ପର୍କ ସହ ଇଣ୍ଡଷ୍ଟ୍ରି, ନୂତନ କମ୍ପାନୀରେ ନିଯୁକ୍ତି ଅଫର, ସାଧୁସଙ୍ଗ, ତୀର୍ଥାଟନ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟିପାଇଁ ଖୋରାକ ଯୋଗାଇବ। ପ୍ରକାଶନରେ ପ୍ରଚାର ପ୍ରସାର, ବହୁମୁଖୀ ପରିବହନ, ଦୂର ବ୍ୟବସାୟର ସମ୍ପ୍ରସାରଣ ଘଟିପାରେ। ପ୍ରଶାସନିକ ସ୍ତରରେ ସମନ୍ୱୟ ଓ ସହମତିର ଅଭାବ ଓ ଅବହେଳାଜନିତ ସମସ୍ୟା ଦେଖାଦେଇପାରେ। ଗସ୍ତ କାର୍ଯ୍ୟକ୍ରମ ଲାଗି ରହିବ ଓ ତହିଁରୁ ଲାଭବାନ୍ ହେବେ। ନିମ୍ନବର୍ଗରୁ ସମ୍ମାନ ମିଳିବ। ଉଚ୍ଚକ୍ଷେତ୍ରରୁ ବେଳେବେଳେ ଅପମାନିତ ହୋଇପାରନ୍ତି। ପାରିବାରିକ ଦୂରତା ବା ବିଚ୍ଛିନ୍ନତା ହେତୁକ ସମସ୍ୟା ଘେର ମଧ୍ୟରେ ପଡି ଛଟପଟ ହୋଇପାରନ୍ତି।

## କୁମ୍ଭ

ଧନିଷ୍ଠା/କୁମ୍ଭ- ଶାରୀରିକ ସୁସ୍ଥତା, ପ୍ରଖର ଇଚ୍ଛାଶକ୍ତି ଓ ଅର୍ଥର ପ୍ରାଚୁର୍ଯ୍ୟ ରହିବ। ସୁନ୍ଦର ଗୃହ, ଯାନବାହନ, ଜମିଜମା, ନୂତନବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ। ନୂତନ ନିଯୁକ୍ତି, ଉଚ୍ଚପଦପଦବୀ, ପୁରସ୍କାର, ଉପଢୌକନାଦି ପ୍ରାପ୍ତିର ସୁଯୋଗ ଅଛି। କିନ୍ତୁ ଅନ୍ୟମାନଙ୍କ କୁମନ୍ତ୍ରଣାରେ ପ୍ରଭାବିତ ହୋଇ ପାରିବାରିକ ଅଶାନ୍ତିର କେନ୍ଦ୍ରବିନ୍ଦୁ ସାଜିପାରନ୍ତି। ଗାଡିମୋଟର ଦୁର୍ଘଟଣା, ଲୋକସମ୍ପର୍କ ହ୍ରାସ, କର୍ମକ୍ଷେତ୍ରରେ ଶତ୍ରୁତା, ରାଜଦଣ୍ଡରେ ଅର୍ଥହାନି ପ୍ରଭୃତିର ଆଶଙ୍କାକୁ ମଧ୍ୟ ଏଡାଇ ଦିଆଯାଇ ନ ପାରେ। ରାଜନୀତି କ୍ଷେତ୍ରରେ ଉଠାପକା ସ୍ଥିତି ଲାଗିରହିବ। କଳା, କାରିଗରି, ବାଣିଜ୍ୟ, ବ୍ୟବସାୟ, ଆଇନ ଅଦାଲତ କ୍ଷେତ୍ରରେ ମିଶ୍ରିତଫଳ ପାଇବେ।
ଶତଭିଷା/କୁମ୍ଭ- ଆର୍ଥିକ ସ୍ଥିତିରେ ଉନ୍ନତି, ଆରୋଗ୍ୟ ଲାଭ ଓ ବିଭିନ୍ନ କ୍ଷେତ୍ରରୁ ସମ୍ମାନ ଓ ପ୍ରଶଂସା ମଧ୍ୟରେ ବର୍ଷଟି ଅତିବାହିତ ହେବ। କଠିନ ପରିଶ୍ରମ, ସ୍ଥାନାନ୍ତର, ଦୁଶ୍ଚିନ୍ତା ଓ ନିଦ୍ରାହୀନତାଜନିତ ସ୍ୱାସ୍ଥ୍ୟହାନି ଘଟିପାରେ। ଉଦ୍‌ଯୋଗ ଭଙ୍ଗ, ସ୍ଥାନତ୍ୟାଗ ଓ ଯୋଜନା ପରିବର୍ତ୍ତନ କରି ଅସୁଖୀ ରହିପାରନ୍ତି। ତଥାପି ନିର୍ମାଣ ବା ଉନ୍ନତିମୂଳକ କାର୍ଯ୍ୟରେ ଦୁଃସାହସିକ ପଦକ୍ଷେପ ଗ୍ରହଣ କରିବେ। ଚାଷୋପଯୋଗୀ ଭୂମି ବା ଗୃହନବୀକରଣ, ମାଙ୍ଗଳିକ କାର୍ଯ୍ୟ ପାଇଁ ଆନୁଷଙ୍ଗିକ ସାହାଯ୍ୟ ସହଯୋଗ ମିଳିପାରିବ। ପରିବାରରେ ବୁଝାମଣା ଭଲ ରହିବ, ପରସ୍ପର ପ୍ରତି ସହଯୋଗ ସନ୍ତୋଷଜନକ ହୋଇପାରେ। ଆମୋଦ ପ୍ରମୋଦର ସୁଯୋଗ ପାଇବେ।
ପୂର୍ବଭାଦ୍ର/କୁମ୍ଭ- ସାମଜିକ ସମ୍ମାନ, ଆର୍ଥିକ ସ୍ୱଚ୍ଛଳତା ଓ ସମସ୍ୟା ସମାଧାନ ଦିଗରେ ନୂତନବର୍ଷଟି ଏକ ମାଇଲ୍‌ଖୁଣ୍ଟ ସଦୃଶ ହେବ। ନୂତନ ବାଣିଜ୍ୟାରମ୍ଭ, ବ୍ୟବସାୟରେ ଉନ୍ନତି ଅଥବା ନୂତନ ଯୋଜନାକୁ କାର୍ଯ୍ୟରୂପ ଦେବାପାଇଁ ମନସ୍ଥ କରିପାରନ୍ତି। ବନ୍ଧୁସମ୍ପର୍କ, ପାରିବାରିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ସାମୟିକ ମତାନ୍ତର, ଝଗଡାର ଆଶଙ୍କା ରହିଛି। କର୍ମକ୍ଷେତ୍ର ସମସ୍ୟାବହୁଳ ରହିବା ସହ ମାନସିକ ଅଶାନ୍ତି, କାର୍ଯ୍ୟରେ ବିଳମ୍ବ, ଭୟ ଓ ଆଶଙ୍କାଗ୍ରସ୍ତ ହୋଇପାରନ୍ତି। ସ୍ୱାସ୍ଥ୍ୟ ନିୟନ୍ତ୍ରିତ ରହିବା ସହ ରଚନାତ୍ମକ କାର୍ଯ୍ୟ, ସାଂଗଠନିକ କାର୍ଯ୍ୟ, ସଭାସମିତିରେ ସମ୍ମାନିତ ହେବେ। ଭୁଲ୍ ବୁଝାମଣା, ସନ୍ତାନଙ୍କ ପାଇଁ ଦୁଶ୍ଚିନ୍ତା, ନିଷ୍ପତ୍ତି ନେବାରେ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

## ମୀନ

ପୂର୍ବଭାଦ୍ର/ମୀନ- ବର୍ଷାରମ୍ଭରୁ ଶୁଭକାର୍ଯ୍ୟ ସମ୍ପାଦନ, ବନ୍ଧୁସମାଗମ, ଉତ୍ସବାନୁଷ୍ଠାନ, ଯାନବାହନରେ ସଂସ୍କାର ଆଣିବା ସହିତ ଭ୍ରମଣର ସୁଯୋଗ ପାଇପାରନ୍ତି। କାର୍ଯ୍ୟସାଧନରେ ବିଳମ୍ବ, ନୀଚଜନ ସହ ବିବାଦ, ପାରିବାରିକ ଅଶାନ୍ତି ଦେଖାଦେଇପାରେ। ପଡୋଶୀମାନଙ୍କ ସହ ସୁସମ୍ପର୍କ ରହି ନ ପାରେ। ବ୍ୟବସାୟୀମାନଙ୍କ ସକାଶେ ବର୍ଷଟି ମନ୍ଦ ହେବନାହିଁ। ଶିଳ୍ପ କ୍ଷେତ୍ରରେ ଉତ୍ପାଦନ ସୀମିତ ରହିବ। ସଂଘର୍ଷ ଓ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ରାଜନୀତି, ପ୍ରଶାସନ, ବାଣିଜ୍ୟ, ବ୍ୟବସାୟ କ୍ଷେତ୍ର ଅସ୍ଥିର ରହିବ। ବନ୍ଧୁମାନେ ଅସହଯୋଗ କରିପାରନ୍ତି।
ଉତ୍ତରଭାଦ୍ର/ମୀନ- ଗତବର୍ଷର ଅଧୁରା କାମ, ନିର୍ମାଣାଧୀନ ଗୃହ, ଚାରିଚକିଆ ଯାନ, ନୂଆ ଯୋଜନାର କାମକୁ ପୂର୍ଣ୍ଣାଙ୍ଗ କରିବା ସକାଶେ ମାର୍ଗ ଉନ୍ମୁକ୍ତ ହୋଇଯିବ। ଈର୍ଷାପରାୟଣ ଖଳବ୍ୟକ୍ତିମାନେ ଶତ୍ରୁତା କଲେ ମଧ୍ୟ କ୍ଷତି ଘଟାଇ ପାରିବେ ନାହିଁ। ବନ୍ଧୁ ସହଯୋଗ ଦ୍ୱାରା କଠିନ କର୍ମସମ୍ପନ୍ନ କରି ପ୍ରଶଂସା ଅର୍ଜନ କରିବେ। ବିବାଦୀୟ ଘଟଣା କିମ୍ବା କଚେରି ମାମଲାରେ ଜୟଲାଭ କରିବେ। କର୍ମକ୍ଷେତ୍ରରେ ଶନି ଆପଣଙ୍କୁ ଯଶସମ୍ମାନରେ ବିଭୂଷିତ କରାଇବେ। ସାମୟିକ ଭାବରେ ପରିବାରରେ ସ୍ତ୍ରୀ ଓ ସନ୍ତାନ ପୀଡା ଦେଖାଦେବ।
ରେବତୀ/ମୀନ- ଘାତ ପ୍ରତିଘାତ ଓ ବହୁବିଧ ସମସ୍ୟା ମଧ୍ୟରେ ଜୀବନଯାତ୍ରା ଅବ୍ୟାହତ ରଖିପାରିବେ। ସନ୍ତାନବର୍ଗଙ୍କ ବିଶୃଙ୍ଖଳା, ଶିକ୍ଷା, ପରୀକ୍ଷାରେ ବିଫଳତା, ଲେଖାପଢାରେ ସମସ୍ୟା ଫଳରେ ମାନସିକ ସନ୍ତୁଳନ ହରାଇପାରନ୍ତି। ଗୃହସୀମା, ଜମିଜମା, କଚେରି ମାମଲା ଓ ଶତ୍ରୁତା ସାଙ୍ଗକୁ କରଜଦାତାଙ୍କ ଚାପ ଦୁର୍ବିଷହ ହୋଇପଡିବ। ଦୁଃଖସୁଖର ଉଠାଣିଗଡାଣି ମଧ୍ୟରେ ମଧ୍ୟଭାଗରୁ ଧୀରେ ଧୀରେ ଉନ୍ନତିର ଶିଡି ଆରୋହଣ କରିପାରିବେ। ନୂତନ କର୍ମ ସଂସ୍ଥାନ, ଯାନ୍ତ୍ରିକ ଜିନିଷ କ୍ରୟ, ସାହିତ୍ୟ, ସାମ୍ବାଦିକତା, କ୍ରୀଡା, ଚଳଚ୍ଚିତ୍ରରେ ସୁନାମ ଅର୍ଜନ କରିବେ। ଶୁଭକାର୍ଯ୍ୟ ସମ୍ପାଦନ, ମୂଲ୍ୟବାନ୍ ଦ୍ରବ୍ୟଲାଭ ସାଙ୍ଗକୁ ତୀର୍ଥାଟନର ସୁଯୋଗ ପାଇବେ।

—ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

# ପୋଷାକୁ ଖାପ ଖାଉନାହିଁ ଦାୟିତ୍ୱ

**ଭୁବନେଶ୍ୱର,୩୧।୧୨(ବ୍ୟୁରୋ): ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନ କ୍ରମେ ରବିବାର ବିଜୁ କୃଷକ ଜନତା ଦଳର ଜିଲା ସଭାପତିଙ୍କ ନାମ ଘୋଷଣା କରାଯାଇଛି । କୃଷକଙ୍କ ଜୀବନଧାରାରେ ପରିବର୍ତ୍ତନ ଆଣିବା ପାଇଁ ଦଳ ପକ୍ଷରୁ ଜିଲା ସଭାପତିମାନଙ୍କୁ ପରାମର୍ଶ ଦିଆଯାଇଛି । ହେଲେ ନିଯୁକ୍ତି ପାଇଥିବା ଜିଲା ସଭାପତିମାନଙ୍କ ମଧ୍ୟରୁ ଅଧିକାଂଶଙ୍କର କୃଷି ସହିତ କୌଣସି ସମ୍ପର୍କ ନାହିଁ । କିଏ ବିଧାୟକ ତ ଆଉ କିଏ ଠିକାଦାରୀ କରୁଛନ୍ତି । ବିଭିନ୍ନ ଲାଭଜନକ ବ୍ୟବସାୟରେ ସମ୍ପୃକ୍ତ ଥିବା ବ୍ୟକ୍ତିବିଶେଷଙ୍କୁ କୃଷକ ଜନତା ଦଳ ପକ୍ଷରୁ ଜିଲା ସଭାପତି ଦାୟିତ୍ୱ ଦିଆଯାଇଥିବା ସାଧାରଣରେ ଆଲୋଚନା ଜୋର ଧରିଛି । ଆମେ ରାଜ୍ୟର ବିଭିନ୍ନ ଜିଲାରୁ ଏ ନେଇ ତଥ୍ୟ ସଂଗ୍ରହ କରିଛୁ ।**

ବିଜୁ କୃଷକ ଜନତା ଦଳର ଅନୁଗୋଳ ଜିଲା ସଭାପତି ଭାବେ ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନଙ୍କୁ ମନୋନୀତ କରାଯାଇଛି। ୪୩ ବର୍ଷୀୟ ପ୍ରଧାନ ଗତ ୧୫ ବର୍ଷ ହେଲା ରାଜନୀତିରେ ଅଛନ୍ତି। ଏବେ ବିଧାୟକ ଥିବା ପ୍ରଧାନ କହିଛନ୍ତି, ଶିଳ୍ପାଞ୍ଚଳ ଅନୁଗୋଳରେ ଜଳସେଚନ ପ୍ରମୁଖ ସମସ୍ୟା। ଏହାର ସମାଧାନ କରିବା ସହ ସରକାରଙ୍କ ସମସ୍ତ କୃଷି ସମ୍ପର୍କିତ ଯୋଜନା ଚାଷୀମାନଙ୍କ ପାଖରେ ପହଞ୍ଚାଇବା ତାଙ୍କର ଲକ୍ଷ୍ୟ ବୋଲି ସେ କହିଛନ୍ତି। ସେହିପରି ମାଲ ପରିବହନ ବ୍ୟବସାୟ ସହ ରାଜନୀତିରେ ପ୍ରତ୍ୟକ୍ଷ ସମ୍ପର୍କରେ ଥିବା ଢେଙ୍କାନାଳ ଜିଲା ଓଡ଼ାପଡା ବ୍ଲକ ଉପର ବାଘଲୁଣ୍ଡା ଗ୍ରାମର ୫୮ ବର୍ଷୀୟ ନରୋତ୍ତମ ସାହୁଙ୍କୁ ଏହି ଦାୟିତ୍ୱ ମିଳିଛି। ସେ କହିଛନ୍ତି ଯେ, କୃଷକ ପରିବାରର ହୋଇଥିବାରୁ ଚାଷୀଙ୍କୁ ନ୍ୟାଯ୍ୟ ଦାବି ମିଳିବା ତାଙ୍କର ଲକ୍ଷ୍ୟ। କୃଷି କ୍ଷେତ୍ରରେ ସେମାନେ ଯେପରି ସବୁପ୍ରକାର ସହଯୋଗ ପାଇପାରିବେ ସେଥିପାଇଁ ଉଦ୍ୟମ ଜାରି ରଖିବେ।

ଯାଜପୁର ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଭାବେ ନିତ୍ୟାନନ୍ଦ ରାଉତଙ୍କୁ ମନୋନୀତ କରାଯାଇଛି। ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ଗ୍ରାମର ୫୮ବର୍ଷୀୟ ରାଉତ ବିଜୁ ବାବୁଙ୍କ ସମୟରୁ ଜନତା ଦଳରେ କାର୍ଯ୍ୟ କରିଆସୁଛନ୍ତି। ଏବେ ଦାୟିତ୍ୱ ମିଳିବା ପରେ ସେ କହିଛନ୍ତି ଯେ, ଚାଷୀଙ୍କୁ ଉନ୍ନତ ଧରଣର ବିହନ ଯୋଗାଇବା ସହିତ ଜଳସେଚନ ବ୍ୟବସ୍ଥାରେ ଉନ୍ନତି ଆଣିବାକୁ ଚେଷ୍ଟା କରିବେ। ଅନୁରୂପ ଭାବେ କେନ୍ଦ୍ରାପଡା ଦାୟିତ୍ୱରେ ଥିବା ପୁରୁଷୋତ୍ତମପୁର ପଞ୍ଚାୟତ କୋରୁଆ ଗ୍ରାମର ୩୭ ବର୍ଷୀୟ ସୌମେନ୍ଦ୍ର ଦାସ ଜଣେ ରାଜନେତା। ନିଜକୁ ସାମାଜିକ କର୍ମୀ କହୁଥିବା ଦାସ ଶିଳ୍ପବିହୀନ କେନ୍ଦ୍ରାପଡ଼ା ଜିଲାରେ ଚାଷର ଉନ୍ନତି ପାଇଁ କାର୍ଯ୍ୟ କରିବେ ବୋଲି କହିଛନ୍ତି। ଜଳ ପରିଚାଳନା, ମଣ୍ଡି, ଶୀତଳ ଭଣ୍ଡାର ଜିଲାର କୃଷକଙ୍କ ପାଇଁ ସମସ୍ୟା ପାଲଟିଥିବାରୁ ଏହାର ସମାଧାନ ଦିଗରେ ସେ କାମ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଜଗତସିଂହପୁର ଜିଲା ଦାୟିତ୍ୱ ନାଉଗାଁ ବ୍ଲକ ଡାବରା ପଞ୍ଚାୟତ ମହନାପାରିର ପ୍ରକାଶ ଚନ୍ଦ୍ର ବସ୍ତିଆଙ୍କ ଉପରେ ନ୍ୟସ୍ତ କରାଯାଇଛି। ୪୮ବର୍ଷ ବୟସ୍କ ବସ୍ତିଆ ୨୦୦୦ରୁ ୨୦୧୩ ପର୍ଯ୍ୟନ୍ତ ବିଜେଡି ଭୁବନେଶ୍ୱର ଜିଲା ସଭାପତି ଦାୟିତ୍ୱ ତୁଲାଇଥିଲେ। ଟ୍ରେଡ ୟୁନିୟନ ନେତା ଭାବେ ପରିଚିତ ବସ୍ତିଆ ଭାଗଚାଷୀ ନ୍ୟାୟ ପାଇବାରୁ ବଞ୍ଚିତ ହେଉଥିବାରୁ ସେଥିପାଇଁ କାମ କରିବେ ବୋଲି କହିଛନ୍ତି।

କଟକ ଜିଲା ଦାୟିତ୍ୱ ନ୍ୟସ୍ତ କରାଯାଇଛି ଟାଙ୍ଗୀ-ଚୌଦ୍ୱାର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଧର୍ମାନନ୍ଦ ବେହେରାଙ୍କ ପୁଅ ପ୍ରଶାନ୍ତ ବେହେରାଙ୍କ ଉପରେ। ଶଙ୍କରପୁର ଗ୍ରାମର ୪୨ବର୍ଷୀୟ ପ୍ରଶାନ୍ତ ୨୦୦୨ରୁ ରାଜନୀତିରେ ସକ୍ରିୟ ଅଛନ୍ତି। ସେ ଟାଙ୍ଗୀ-ଚୌଦ୍ୱାର ପଞ୍ଚାୟତ ସମିତି ଅଧକ୍ଷ ଓ ଜିଲା ପରିଷଦ ଅଧକ୍ଷ ଭାବେ କାର୍ଯ୍ୟ ତୁଲାଇଛନ୍ତି। ଏବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ କୁହନ୍ତି, ଚାଷୀମାନେ ଧାନର ଉଚିତ୍ ଏମ୍ଏସ୍ପି ନ ପାଇବା ବଡ଼ ସମସ୍ୟା ହୋଇଥିବାରୁ ସେ ସେହି ଦିଗରେ ଗୁରୁତ୍ୱ ଦେବେ। ଖୋର୍ଦ୍ଧା ଜିଲା ଦାୟିତ୍ୱ ଖୋର୍ଦ୍ଧା ବ୍ଲକ ଟାଙ୍ଗିଆପଡ଼ା ପଞ୍ଚାୟତ କୁମାରବସ୍ତ ଗାଁର ୪୭ ବର୍ଷୀୟ ରାମଚନ୍ଦ୍ର ସାମନ୍ତରାୟଙ୍କ ଉପରେ ନ୍ୟସ୍ତ କରାଯାଇଛି। ନିଜକୁ ସାମାଜିକ କର୍ମୀ କହୁଥିଲେ ହେଁ ସେ ୨୦୦୧ରେ ବିଜେଡିର ସଦସ୍ୟ ହୋଇଥିଲେ। ସରକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ଅବଗତ କରାଇବା ସହ ସେମାନଙ୍କ ବିକାଶକୁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି ।

ବାଲେଶ୍ୱର ଜିଲା ବିଜୁ କୃଷକ ଜନତା ଦଳ ସଭାପତି ହୋଇଛନ୍ତି ୫୪ ବର୍ଷୀୟ ଅଜୟ କୁମାର ସାମଲ। ବାଲିଆପାଳ ବ୍ଲକ ସଫା ଗ୍ରାମର ଅଜୟ ରାଜ୍ୟ ସମବାୟ ସଂଘର ସଦସ୍ୟ, ରାଜ୍ୟ ଉପଭୋକ୍ତା ମହାସଂଘ ନିର୍ଦ୍ଦେଶକ ଏବଂ ନୂଆଦିଲ୍ଲୀ ଇଫିକଲର ରିଜିଓନାଲ ଜେନେରାଲ ବଡି ସଦସ୍ୟ ଭାର ତୁଲାଉଛନ୍ତି। କଂଗ୍ରେସରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଅଜୟ କିଛିବର୍ଷ ତଳେ ବିଜେଡିରେ ଯୋଗଦେଇଥିଲେ। ଏବେ ଦାୟିତ୍ୱ ନେବା ପରେ କହିଛନ୍ତି, କୃଷକ ଓ ଭୂମିହୀନଙ୍କ ପାଇଁ ଯେଉଁ 'କାଳିଆ' ଯୋଜନା ପ୍ରଣୟନ କରାଯାଇଛି ତାହାକୁ ସେମାନଙ୍କ ନିକଟରେ ପହଞ୍ଚାଇବାକୁ ଚେଷ୍ଟା କରିବେ। ମୟୁରଭଞ୍ଜ ଜିଲାରେ ୨ଟି ସଭାପତି ପଦବୀ ସୃଷ୍ଟି କରାଯାଇଛି। ବଡସାହି ବ୍ଲକ ବଳଭଦ୍ର ପୁର ଗ୍ରାମର ୫୭ ବର୍ଷୀୟ ରାଜକିଶୋର ଆଚାର୍ଯ୍ୟ ବିଜେଡିର ଜିଲା ଉପସଭାପତି ଦାୟିତ୍ୱ ତୁଲାଉଛନ୍ତି। 'କାଳିଆ' ଯୋଜନାର ଲାଭ କିଭଳି ଭାବେ ପ୍ରକୃତ ଚାଷୀ ପାଇ ପାରିବେ ସେ ଦିଗରେ ଗୁରୁତ୍ୱ ଦେବା ତାଙ୍କ ଲକ୍ଷ୍ୟ ବୋଲି କହିଛନ୍ତି। ଅନୁରୂପ ଭାବେ ମୟୁରଭଞ୍ଜ-୨ର ଦାୟିତ୍ୱରେ ଅଛନ୍ତି ଦୁର୍ଗା ହେମ୍ବ୍ରମ। ଜାମଦା ବ୍ଲକ ହେସେଲପେଟା ଗ୍ରାମର ୫୨ ବର୍ଷୀୟ ଦୁର୍ଗା ଛାତ୍ର ଜୀବନରୁ ରାଜନୀତି ଆରମ୍ଭ କରି ପର୍ଯ୍ୟାୟକ୍ରମେ ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ବିଜେଡିରେ ସାମିଲ ହୋଇ ଦଳରେ ସକ୍ରିୟ ଅଛନ୍ତି । ଚାଷୀଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ଲଢ଼େଇ କରିବା ତାଙ୍କର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଭଦ୍ରକ ବିଜୁ କୃଷକ ଜନତା ଦଳର ଜିଲା ସଭାପତି ହୋଇଛନ୍ତି ଭଦ୍ରକ ବ୍ଲକ ଅଧକ୍ଷ ତଥା ଜିଲା ପରିଷଦ ଅଧକ୍ଷ ଭାବେ ଦାୟିତ୍ୱ ତୁଲାଇଥିବା ଜଗନ୍ନାଥ ସ୍ୱାଇଁ। ୫୭ବର୍ଷୀୟ ସ୍ୱାଇଁ କହିଛନ୍ତି ଯେ, ଚାଷୀଙ୍କ ପାଇଁ ଆସୁଥିବା ବିଭିନ୍ନ ସରକାରୀ ଯୋଜନାକୁ ଜିଲାରେ କାର୍ଯ୍ୟକାରୀ କରିବା ଦିଗରେ ସେ ଗୁରୁତ୍ୱ ଦେବେ। ସେହିପରି କେନ୍ଦୁଝର ଜିଲା ଦାୟିତ୍ୱ ସାହାରପଡ଼ା ବ୍ଲକ ଉଦୟପୁର ଗ୍ରାମର ୫୬ବର୍ଷୀୟ ଦୀପକ ରାଜ୍ଙ୍କୁ ଦିଆଯାଇଛି। ସେ ସାହାରପଡ଼ା ବ୍ଲକର ଅଧ୍ୟକ୍ଷ ରହିଥିଲେ। ୧୦ ଏକର ଜମିରେ ସେ ଚାଷ କରୁଥିବାରୁ ଚାଷୀଙ୍କ ସମସ୍ୟା ବିଷୟରେ ଜାଣିଛନ୍ତି ବୋଲି କହିଛନ୍ତି। ତେଣୁ କୃଷକ ଓ କୃଷିର ବିକାଶ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଗଞ୍ଜାମ ଜିଲା ସଭାପତି ଭାବେ ସୋରଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁଙ୍କୁ ଦାୟିତ୍ୱ ଦିଆଯାଇଛି। ସୋରଡ଼ା ବ୍ଲକ ଅମୃତୁଲୁ ପଞ୍ଚାୟତ ଅମୃତୁଲୁ ଗାଁରେ ଜନ୍ମିତ ୪୬ ବର୍ଷୀୟ ସ୍ୱାଇଁ କହିଛନ୍ତି, ଜିଲାରେ ଅସମ୍ପୂର୍ଣ୍ଣ ଥିବା ସେଚ ପ୍ରକଳ୍ପଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ସହ କୃଷକଙ୍କ କଲ୍ୟାଣକାରୀ ଯୋଜନାକୁ ଲୋକାଭିମୁଖୀ କରିବା ଦିଗରେ କାର୍ଯ୍ୟ କରିବେ। ପୁରୀ ଜିଲା ସଭାପତି ଦାୟିତ୍ୱ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ଦିଆଯାଇଛି। କଣାସ ବ୍ଲକ ଦୋଛିଆରେ ଜନ୍ମିତ ୪୮ ବର୍ଷୀୟ ଉମାକାନ୍ତ ସରକାରୀ ଚାଷୀଙ୍କ ପାଇଁ ଯେଉଁସବୁ ଯୋଜନା କରିଛନ୍ତି ତାହା ତୃଣମୂଳସ୍ତର କୃଷକଙ୍କ ପାଖରେ କିଭଳି ପହଞ୍ଚିପାରିବ ତା'ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

ସୁନ୍ଦରଗଡ଼ ବିଜୁ କୃଷକ ଜନତା ଦଳ ସଭାପତି ଭାବେ ଗୋପାଳ ପ୍ରଧାନ ମନୋନୀତ ହୋଇଛନ୍ତି। ହେମଗିରିରେ ଜନ୍ମିତ ୫୭ ବର୍ଷୀୟ ଗୋପାଳ ବ୍ଲକ ଅଧ୍ୟକ୍ଷ ଓ ଜିଲାପରିଷଦ ସଭ୍ୟ ରହିଥିଲେ। ହେମଗିରି ବ୍ଲକ ଟ୍ରକ ମାଲିକ ସଂଘ ସଭାପତି ଭାବେ ସେ କାର୍ଯ୍ୟରତ। ଛତିଶଗଡ଼ ବ୍ୟବସାୟୀ କୁଇଣ୍ଟାଲ ପିଛା ୨୫ଶହ ଟଙ୍କାରେ ଧାନ କିଣି ନେଉଛନ୍ତି। ଓଡ଼ିଶାରେ ଏମ୍ଏସ୍ପି ବୃଦ୍ଧି ସହ ଉଠାଜଳସେଚନ ବ୍ୟବସ୍ଥାରେ ଉନ୍ନତି ଆଣି କ୍ଷେତକୁ ପାଣି ଯୋଗାଇବା ଦିଗରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି। ସମ୍ବଲପୁର ଦାୟିତ୍ୱ ମୁଦିପଡ଼ା ନିବାସୀ ଆନନ୍ଦ ଜେନାଙ୍କୁ ଦିଆଯାଇଛି। ବ୍ୟବସାୟୀରୁ ନେତା ପାଲଟିଥିବା ୬୫ ବର୍ଷୀୟ ଆନନ୍ଦ କିଛି ବର୍ଷ ତଳେ ବିଜେଡିରେ ଯୋଗଦେଇଥିଲେ। ସାରା ଜୀବନ କୃଷି ଓ କୃଷକଙ୍କଠାରୁ ଦୂରେଇ ରହିଆସିଥିବା ଆନନ୍ଦ ଏହି ଦାୟିତ୍ୱ ନେବା ପରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତଥାପି ସେ କହିଛନ୍ତି, ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବେ।

ଦେବଗଡ଼ ଦାୟିତ୍ୱ ୫୪ ବର୍ଷୀୟ ଚିତ୍ତରଞ୍ଜନ ପ୍ରଧାନଙ୍କ ଉପରେ ନ୍ୟସ୍ତ ହୋଇଛି। ସେ ପେସାରେ ଜଣେ ବ୍ୟବସାୟୀ। ଜିଲାର ୭୫ ପ୍ରତିଶତ ଚାଷୀ ଥିବା ବେଳେ ଚାଷ ସହିତ ସମ୍ପର୍କରେ ନ ଥିବା ବ୍ୟକ୍ତିଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ ଚର୍ଚ୍ଚା ହେଉଛି। ଶସ୍ୟ ସଂରକ୍ଷଣ ପାଇଁ ଆବଶ୍ୟକ ଶୀତଳ ଭଣ୍ଡାର ନ ଥିବାରୁ ସେ କୃଷକଙ୍କ ହକ୍ ପାଇଁ ଲଢ଼େଇ କରିବେ କହିଛନ୍ତି।

ଅନ୍ୟପକ୍ଷରେ ମାଲକାନଗିରି ଜିଲା ଗୋରାଖୁଣ୍ଟା ପଞ୍ଚାୟତର ଏମ୍ଭି-୨୦ ଗ୍ରାମର ୬୦ ବର୍ଷୀୟ ସୁବାସ ବାନାର୍ଜୀଙ୍କୁ ବିଜୁ କୃଷକ ଜନତା ଦଳ ସଭାପତି ଦାୟିତ୍ୱ ଦିଆଯିବାରୁ ଜିଲାରେ ସ୍ୱାଗତ କରାଯାଇଛି । ଜଣେ ସଚ୍ଚା ଚାଷୀ ହୋଇଥିବାରୁ ସେ କୃଷକମାନଙ୍କ ଦୁଃଖ ବୁଝିବେ ବୋଲି କୁହାଯାଇଛି। ମାଥିଲି, ଖଇରପୁଟ, ଚିତ୍ରକୋଣ୍ଡା ବ୍ଲକରେ ଜଳସେଚନ ସୁବିଧା ନ ଥିବାରୁ ସାବେରୀ, କୋଲାପ, ପାଙ୍ଗାମ ନଦୀଜଳ ଚାଷୀଙ୍କୁ କି ଭଳି ମିଳି ପାରିବା ସହିତ ଶୀତଳଭଣ୍ଡାର ପ୍ରତିଷ୍ଠା ତାଙ୍କ ଲକ୍ଷ୍ୟ ବୋଲି ସେ କହିଛନ୍ତି।


ପ୍ରଶାନ୍ତ ବେହେରା


ଉମାକାନ୍ତ ସାମନ୍ତରାୟ


ରାମଚନ୍ଦ୍ର ସାମନ୍ତରାୟ


ଦୀପକ ରାଜ


ଅଜୟ କୁମାର ସାମଲ


ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ


ରାଜକିଶୋର ଆଚାର୍ଯ୍ୟ


ଗୋପାଳ ପ୍ରଧାନ


ବ୍ରଜକିଶୋର ପ୍ରଧାନ


ସୌମେନ୍ଦ୍ର ଦାସ


ଦୁର୍ଗା ହେମ୍ବ୍ରମ୍


ଆନନ୍ଦ ଜେନା


ନରୋତ୍ତମ ସାହୁ


ପ୍ରକାଶ ଚନ୍ଦ୍ର ବସ୍ତିଆ


ଜଗନ୍ନାଥ ସ୍ୱାଇଁ


ସୁବାସ ବାନାର୍ଜୀ


ନିତ୍ୟାନନ୍ଦ ରାଉତ


ଚିତ୍ତରଞ୍ଜନ ପ୍ରଧାନ

(**ତଥ୍ୟ:** ତାଳଚେରରୁ ମନୋଜ କୁମାର ପ୍ରଧାନ, ଢେଙ୍କାନାଳରୁ ରତନ ନାୟାର, କଟକରୁ ନିର୍ମଳ ପଣ୍ଡା, ଯାଜପୁରରୁ ହର୍ଷବର୍ଦ୍ଧନ ବେହେରା, କେନ୍ଦ୍ରାପଡ଼ାରୁ ଜଗନ୍ନାଥ ଧଳ, ଜଗତସିଂହପୁରରୁ ପ୍ରମୋଦ କୁମାର ନାୟକ, ପୁରୀରୁ ହେମନ୍ତ କୁମାର ନାୟକ, ସମ୍ବଲପୁରରୁ ଶୁଭାଶୀଷ ପାଢ଼ୀ, କେନ୍ଦୁଝରରୁ ନରେଶ ପଟ୍ଟନାୟକ, ଭଦ୍ରକରୁ ବିଭୁପ୍ରସାଦ ବେହେରା, ବ୍ରହ୍ମପୁରରୁ ନରସିଂହ ସାହୁ, ବାରିପଦାରୁ ରବି ନାରାୟଣ ତାଲାନ, ବାଲେଶ୍ୱରରୁ ମାନସ ବିଶ୍ୱାଳ, ସୁନ୍ଦରଗଡ଼ରୁ ଜୟନାରାୟଣ ମେଣ୍ଟୁଳି, ଖୋର୍ଦ୍ଧାରୁ ଲୋକନାଥ ମିଶ୍ର, ଦେବଗଡ଼ରୁ ଶଶାଙ୍କ ଶେଖର ଝାଙ୍କର, ମାଲକାନଗିରିରୁ ଦୁର୍ଯ୍ୟୋଧନ ପାତ୍ର)

---

**ଅନେକ ଆଶା ଆକାଂକ୍ଷା ନେଇ ଆସିଛି ନୂଆବର୍ଷ ୨୦୧୯। ବିଦାୟୀ ବର୍ଷର ସଫଳତା ଓ ବିଫଳତାକୁ ଆଧାର କରି ନୂଆବର୍ଷ ପାଇଁ କେଉଁସବୁ ଯୋଜନା, ପରିକଳ୍ପନା କରାଯାଇଛି ତାହା ଆମେ ଜାଣିବାକୁ ପାଇଛୁ କେତେଜଣ ମନ୍ତ୍ରୀ, ନେତା, ପଦାଧିକାରୀଙ୍କଠାରୁ।**

# ୨୦୧୯ ନୂଆ ସକାଳ

## ସେବା, ସାହାଯ୍ୟ, ବିକାଶ ଚ୍ୟାଲେଞ୍ଜ



ଲୋକଙ୍କ ସେବା, ଲୋକଙ୍କୁ ସାହାଯ୍ୟ ଓ ରାଜ୍ୟର ବିକାଶ ଏହା ହିଁ ଆମ ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ। ୧୮ ବର୍ଷ ଧରି ରାଜ୍ୟର ବିକାଶ ଯେଉଁଭଳି ଭାବେ ହେଉଛି ତାହାକୁ ଅଧିକ ଗତିଶୀଳ କରିବା ପାଇଁ ଆମେ ବଦ୍ଧପରିକର। ୨୦୧୯ରେ ଉକ୍ତ ବିକାଶର ରଥକୁ କିଭଳି ଆହୁରି ଅଧିକ ଆଗକୁ ନେଇହେବ ସେ ନେଇ ଯୋଜନା ପ୍ରସ୍ତୁତ କରାଯିବ। ମୁଖ୍ୟତଃ କାଳିଆ ଯୋଜନାକୁ କିଭଳି ହିତାଧିକାରୀଙ୍କ ନିକଟରେ ପହଞ୍ଚାଯିବ ସେ ନେଇ ମଧ ପ୍ରସ୍ତୁତ ହେବାକୁ ପଡ଼ିବ।

- ସୂର୍ଯ୍ୟନାରାୟଣ ପାତ୍ର, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ

## ଟେକ୍ନୋଲୋଜି ବ୍ୟବହାରକୁ ଗୁରୁତ୍ୱ



୨୦୧୮ ଆମ ପାଇଁ ବହୁତ ଚ୍ୟାଲେଞ୍ଜ ଥିଲା। ବିଶେଷ କରି ମାଓବାଦୀ ଦମନ ସହ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବା। ଅପରାଧ ରୋକିବା ପାଇଁ ଆମେ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛୁ। ୨୦୧୯ରେ ନିର୍ବାଚନ ଥିବାରୁ ଆମ ପାଇଁ ଏହା ଏକ ବଡ ଚ୍ୟାଲେଞ୍ଜ ରହିବ। ତେଣୁ ଆଇନଶୃଙ୍ଖଳା କିଭଳି ଭଲ ଭାବେ ରକ୍ଷା କରାଯାଇପାରିବ ସେଥିପାଇଁ ଆମେ ଯୋଜନା କରିଛୁ। ମାଓବାଦୀ ଦମନ ପାଇଁ ଯଥାସମ୍ଭବ ଉଦ୍ୟମ କରାଯିବ। ବିଶେଷକରି ନୂତନ ଟେକ୍ନୋଲୋଜି ବ୍ୟବହାର କରିବୁ। ମାଓବାଦୀଙ୍କ ଗତିବିଧିକୁ ନଜର ରଖିବା ପାଇଁ ଡ୍ରୋନ ବ୍ୟବହାର କରାଯିବ। ଥାନା କାର୍ଯ୍ୟ, ତଦନ୍ତ, ଅପରାଧ ନିୟନ୍ତ୍ରଣ ଓ ତଥ୍ୟ ପରିଚାଳନାରେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାକୁ ବ୍ୟବହାର କରାଯିବା ପାଇଁ ଯୋଜନା ରହିଛି। ବିଶେଷ କରି ଟେକ୍ନୋଲୋଜି ମାଧମରେ ସବୁ ଥାନାକୁ ଯୋଡ଼ାଯିବ। ସେହିପରି ମହିଳାଙ୍କ ଉପରେ ହେଉଥିବା ଅପରାଧ ରୋକିବା ପାଇଁ ସମସ୍ତଙ୍କ ସହଯୋଗ ଦରକାର, ଯଦ୍ୱାରା ପୋଲିସକୁ ବଡ଼ ସାହାଯ୍ୟ ମିଳିବ।

- ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା, ପୋଲିସ ଡିଜି

## ଶ୍ରଦ୍ଧାଳୁଙ୍କ ସୁଖଦ ଅନୁଭୂତିକୁ ଗୁରୁତ୍ୱ



ରାଜ୍ୟ ବାହାରରୁ ପ୍ରତିଦିନ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରିବାକୁ ଶ୍ରୀମନ୍ଦିର ଆସୁଛନ୍ତି। ସେମାନେ କିପରି ଶୃଙ୍ଖଳିତ ଭାବେ ଠାକୁରଙ୍କ ଦର୍ଶନ ପାଇ ସୁଖଦ ଅନୁଭୂତି ନେଇ ଫେରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ସୁପ୍ରିମ୍କୋର୍ଟଙ୍କ ୧୨ଟି ପ୍ରସ୍ତାବ କାର୍ଯ୍ୟକାରୀ ପାଇଁ ପ୍ରକ୍ରିୟା ଜାରି ରହିଛି। ନିଶ୍ଚିତ ଯେ କୌଣସି କ୍ଷେତ୍ରରେ ସଂସ୍କାର ଆଣିବାକୁ ହେଲେ ପ୍ରଥମେ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡିଥାଏ। ହେଲେ ଚ୍ୟାଲେଞ୍ଜକୁ ଠିକ୍ ଢଙ୍ଗରେ କଢେଇ ନେଲେ ତାହା ସହଜ ହୋଇଯାଏ। ଶ୍ରୀମନ୍ଦିରର ଐତିହ୍ୟ, ପରମ୍ପରାକୁ ଆହୁରି ଆଗେଇ ନେବାକୁ ହେଲେ ସମସ୍ତଙ୍କ ସହଯୋଗ ଦରକାର। ନୂଆବର୍ଷରେ ଏହି ସହଯୋଗ ସମସ୍ତଙ୍କଠାରୁ ମିଳିବ ବୋଲି ଆଶା ରଖିବି।

- ପ୍ରଦୀପ୍ତ ମହାପାତ୍ର, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ

## ଏମ୍ଏସ୍ଏମ୍ଇକୁ ପ୍ରୋତ୍ସାହନ ଜାରି ରହିବ



ଅଣୁ କ୍ଷୁଦ୍ର ମଧମ (ଏମ୍ଏସ୍ଏମ୍ଇ) ଏବଂ ଫୁଡ ପ୍ରୋସେସିଂ କ୍ଷେତ୍ରର ବିକାଶ ଲାଗି ରାଜ୍ୟ ସରକାର ସର୍ବଦା ଚେଷ୍ଟିତ। ଏମ୍ଏସ୍ଏମ୍ଇଗୁଡ଼ିକୁ ପ୍ରୋତ୍ସାହନ ପୂର୍ବକ ସରକାର ଗତ ୪ ବର୍ଷରେ ୧୧୯ କୋଟି ଟଙ୍କାର ସହାୟତା ପ୍ରଦାନ କରିଛନ୍ତି। ଚଳିତ ବର୍ଷ ଏହି କ୍ଷେତ୍ର ମଧ ଫୋକସରେ ରହିବ। ରାଜ୍ୟରେ ଷ୍ଟାର୍ଟଅପ ଭିତ୍ତିଭୂମି ବିକାଶ ଲାଗି କେନ୍ଦ୍ର ସରକାର ରାଜ୍ୟକୁ ଟପ୍ ପର୍ଫର୍ମର୍ର ମାନ୍ୟତା ଦେଇଛନ୍ତି। ଚଳିତ ବର୍ଷ ଷ୍ଟାର୍ଟ ଅପ୍ ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟକୁ ଆରମ୍ଭ କରାଯିବ।

- ଏଲ୍.ଏନ୍. ଗୁପ୍ତା, ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଏମ୍ଏସ୍ଏମ୍ଇ

## ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ ଲକ୍ଷ୍ୟ



୨୦୧୮ରେ ୩ଟି ବୃହତ୍ ଜଳସେଚନ ପ୍ରକଳ୍ପ ଯଥା- ରୁକୁରା, ତେଲଙ୍ଗିରୀ, ରେତ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇପାରିଲା। ପାଇପ୍ ଯୋଗେ ଭୂତଳ ଜଳ ଯୋଗାଣ ସହ ବନ୍ୟା ନିୟନ୍ତ୍ରଣ ଠିକ୍ ଭାବେ କରାଯାଇଥିଲା। ସାମୁଦ୍ରିକ ଝଡ଼ ତିତ୍ଲି ସମୟରେ ବନ୍ୟାର ଆକଳନ କରାଯାଇ ନ ଥିଲା। କିନ୍ତୁ ଜଳ ସମ୍ପଦ ବିଭାଗ ଘଡ଼ିସନ୍ଧି ମୁହୂର୍ତ୍ତରେ ଯଥାସମ୍ଭବ ବନ୍ୟା ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲା। ୪୬ଟି ମେଗା ଲିଫ୍ଟ ଜଳସେଚନ ପ୍ରକଳ୍ପ ଚୂଡ଼ାନ୍ତ ରୂପ ନେଇଛି। ୨୦୧୯ ପ୍ରଥମାର୍ଦ୍ଧରେ ଆହୁରି ୫୦ଟି ପ୍ରକଳ୍ପ କାର୍ଯ୍ୟ ସରିବ। ତେଣୁ ୨୦୧୯ରେ ଅସମ୍ପୂର୍ଣ୍ଣ ରହିଥିବା କାର୍ଯ୍ୟକୁ ସମାପ୍ତ କରିବା ପ୍ରାଥମିକତା ଦିଆଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଲକ୍ଷ ହେକ୍ଟର ଜମିକୁ ଜଳସେଚନ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ମହାନଦୀ-ପୋଲାଭରମ୍ ପରି ବିବାଦ ଅଦାଲତ ଏବଂ ଟ୍ରିବ୍ୟୁନାଲରେ ରହିଛି। ଉକ୍ତ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ରକ୍ଷା ପାଇଁ ଆବଶ୍ୟକ ସମସ୍ତ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରାଯିବ।

- ପ୍ରଦୀପ ଜେନା, ପ୍ରମୁଖ ଶାସନ ସଚିବ, ଜଳ ସମ୍ପଦ ବିଭାଗ

## ନିରବଚ୍ଛିନ୍ନ ବିଜୁଳି ଯୋଗାଣ ପ୍ରତି ଧ୍ୟାନଦେବୁ



୨୦୧୮ ଆମ ବିଭାଗ ପାଇଁ ଚ୍ୟାଲେଞ୍ଜିଂ ଥିଲା। 'ତିତ୍ଲି' ପାଇଁ ବହୁତ କାମ କରିବାକୁ ପଡ଼ିଛି। ଏହି ସମୟରେ ଶକ୍ତି ବିଭାଗ ପୂରା ସକ୍ରିୟ ଥିଲା ଏବଂ କାମ କିପରି ସୁରୁଖୁରୁରେ ଶେଷ ହେବ ସେଥିପ୍ରତି ମଧ ଗୁରୁତ୍ୱ ଦେଇଥିଲୁ। ୨୦୧୯ରେ ନିରବଚ୍ଛିନ୍ନ ବିଜୁଳି ଯୋଗାଣ ଯେପରି ହୋଇପାରିବ ସେଥିପ୍ରତି ଧାନ ଦେବୁ। ଯେକୌଣସି ପ୍ରାକୃତିକ ବିପର୍ଯ୍ୟୟରେ କିପରି କ୍ଷୟକ୍ଷତି କମ୍ ହେବ ସେଥିପ୍ରତି ଆମେ ଦୃଷ୍ଟି ଦେବୁ।

- ହେମନ୍ତ ଶର୍ମା, ସଚିବ, ଶକ୍ତି ବିଭାଗ

## ସବୁ ସହରରେ ଏଲ୍ଇଡି ଲାଗିବ



ଜଳ ସମ୍ପଦ ବିଭାଗ ଦ୍ୱାରା ୨୦୧୮ରେ ଅନେକ ଗୁରୁତ୍ୱପୂର୍ଣ୍ଣ କାମ ହୋଇଛି। ରାଜ୍ୟର ୧୦ଲକ୍ଷ ହେକ୍ଟର ଜମି ଜଳସେଚିତ ହେବାକୁ ଯାଉଛି। କୃଷି ପ୍ରଧାନ ଜିଲାଗୁଡ଼ିକରେ ଉଠା ଜଳସେଚନ ପଦକ୍ଷେପ ନିଆଯାଇଛି। ଆସନ୍ତା ବର୍ଷ ସବୁ ସହରରେ ଏଲ୍ଇଡି ଲାଗିବ। ସ୍ୱଚ୍ଛତା ଏବଂ ବସ୍ତି ବାସିନ୍ଦାଙ୍କୁ ଜମି ପଟ୍ଟା ପ୍ରଦାନ ସହ ସେମାନଙ୍କ ପାଇଁ ଘର ନିର୍ମାଣ ପ୍ରାଥମିକତା ରହିବ।

- ନିରଞ୍ଜନ ପୂଜାରୀ, ମନ୍ତ୍ରୀ, ଗୃହ ନିର୍ମାଣ, ନଗର ଉନ୍ନୟନ ଏବଂ ଜଳସମ୍ପଦ ବିଭାଗ

## ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ହେବ

୨୦୧୮ରେ ଓଡ଼ିଶାର ଭାଷା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ଲାଗି ସରକାର ଅନେକ ପଦକ୍ଷେପ ନେଇଛନ୍ତି। କଳାକାରଙ୍କୁ ୧୨୦୦ ଟଙ୍କା ଭତ୍ତା, ସ୍ୱତନ୍ତ୍ର ହେରିଟେଜ୍ କ୍ୟାବିନେଟ୍, ନୂତନ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଆ ବିଶ୍ୱବିଦ୍ୟାଳୟ ଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା। ହେଲେ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଦିଆଯା ଇପାରିଲାନି। ସେଣ୍ଟ୍ରାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ ଓଡ଼ିଆ ପ୍ରତିଷ୍ଠା ହୋଇପାରିନି। ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଓ ଉପସଭାପତି ପଦ ପୂରଣ ହୋଇପାରିଲାନି।



"୨୦୧୯ରେ ସେଣ୍ଟ୍ରାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ କ୍ଲାସିକାଲ ଓଡ଼ିଆ ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବ। ହାଇଦ୍ରାବାଦ ଏବଂ ଗୁଜରାଟ ସେଣ୍ଟ୍ରାଲ ୟୁନିଭର୍ସିଟିରେ ଦୁଇଟି ଓଡ଼ିଆ ଚେୟାର ପ୍ରତିଷ୍ଠା ହେବ। ଭାଷା କମିଶନକୁ ତ୍ୱରାନ୍ୱିତ କରାଯିବ। ପ୍ରଥମଥର ପାଇଁ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ଫେବୃୟାରୀରେ ଏକ ଆନ୍ତର୍ଜାତିକ ପୁସ୍ତକ ମେଳା ଆୟୋଜନ କରାଯିବ। କ୍ୟାବିନେଟ୍ ନିଷ୍ପତ୍ତି ମୁତାବକ ୨୦୧୯ରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ପ୍ରଥମ ସଂସ୍କରଣ ଅନୁଷ୍ଠିତ ହେବ। ଫକୀରମୋହନଙ୍କ ୧୭୫ତମ ଜନ୍ମ ଏବଂ ୧୦୦ବର୍ଷ ଶ୍ରାଦ୍ଧଦିବସ ଉପଲକ୍ଷେ ଜାନୁୟାରୀ ୧୪ରେ ଏକ ସ୍ୱତନ୍ତ୍ର ପୁରସ୍କାର ପ୍ରଦାନ କରାଯିବ।

- ମନୋରଞ୍ଜନ ପାଣିଗ୍ରାହୀ, ପ୍ରମୁଖ ଶାସନ ସଚିବ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ

## ଛୋଟ ଅପରାଧକୁ ବି ଗୁରୁତ୍ୱ ଦେବୁ



ପୁରୁଷ ହକି ବିଶ୍ୱକପ୍, ମେକ୍ଇନ୍ ଓଡିଶା କନ୍କ୍ଲେଭ ଭଳି ବଡ଼ କାର୍ଯ୍ୟକ୍ରମ ସୁଚାରୁ ରୂପେ ଆୟୋଜନ ହେବା ଆମେ ପାଇଁ ବଡ଼ ସଫଳତା। ରଣନୀତି ଓ ସମନ୍ୱୟ ଯୋଗୁ ଏହା ସମ୍ଭବ ହେଲା। ଏହି ପ୍ରଶଂସାର ହକ୍ଦାର ଓଡିଶା ପୋଲିସ। ୨୦୧୮ ଆମକୁ ବହୁତ କିଛି ଶିଖିବାର ସୁଯୋଗ ଦେଇଛି। ବିଶେଷ କରି ଅନେକେ ଛୋଟ ଛୋଟ ଅପରାଧ ଘଟାଇଥାନ୍ତି ଏବଂ ଭାବନ୍ତି ପୋଲିସ ଆମ ଉପରେ ନଜର ରଖୁନି। ୨୦୧୯ରେ ଆମେ ଛୋଟ ଅପରାଧକୁ ବିଶେଷ କରି ଗୁରୁତ୍ୱ ଦେବୁ। ଏହାଦ୍ୱାରା ଅପରାଧୀମାନେ ଛୋଟ ଅପରାଧ କରିବାକୁ ୧୦ ଥର ଭାବିବାକୁ ପଡ଼ିବ। ଏହାସହ ବସ୍ତିରେ ଅପରାଧ ରୋକିବାକୁ ଆମେ ବିଶେଷ କାର୍ଯ୍ୟକ୍ରମ ହାତକୁ ନେବୁ। ଯୁବକମାନଙ୍କୁ ପୋଲିସ ସହିତ ଜଡିତ କରି ଅପରାଧ ରୋକିବୁ।

- ସତ୍ୟଜିତ୍ ମହାନ୍ତି, କଟକ-ଭୁବନେଶ୍ୱର ପୋଲିସ କମିଶନର

## ନୂଆବର୍ଷ ପରିବର୍ତ୍ତନର ବର୍ଷ ହେଉ



ନୂଆବର୍ଷ ପରିବର୍ତ୍ତନର ବର୍ଷ ହେଉ। ୨୦୧୮ ବର୍ଷ ସଫଳତାର ସହ ଶେଷ ହୋଇଛି। ୨୦୧୯ ନୂତନ ଉର୍ଜ୍ଜାର ବର୍ଷ ହେଉ। ଏକବିଂଶ ଶତାବ୍ଦୀରେ ମହାପ୍ରଭୁଙ୍କ ଆଶୀର୍ବାଦ ପାଇ ଓଡ଼ିଶା ବିଶ୍ୱର ଏକ ଅଗ୍ରଣୀ ଅଞ୍ଚଳ ଭାବେ ପ୍ରତିଷ୍ଠିତ ହେଉ। ଏହି ଦୃଢ ବିଶ୍ୱାସ ସହ ସାଢେ ୪ କୋଟି ଓଡିଆ ଭାଇ, ଭଉଣୀଙ୍କୁ ନବବର୍ଷର ଅଭିନନ୍ଦନ।

- ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ

## ସରକାରଙ୍କ ବିଫଳତାକୁ ଲୋକଙ୍କୁ ଜଣାଇବୁ



୨୦୧୮ରେ ବିରୋଧୀ ଦଳ ଭାବେ କଂଗ୍ରେସ ରାଜ୍ୟବାସୀଙ୍କ ସମସ୍ୟା ବିଧାନସଭାରେ ଉପସ୍ଥାପନ କରି ସରକାରଙ୍କୁ ବାଟ ଦେଖାଇଥିଲା। ଆଉ ଗୋଟିଏ ମାତ୍ର ବିଧାନସଭା ଅଧିବେଶନ ବାକି ରହିଛି। ସରକାରୀ ଦଳର ଅପରାଗତାକୁ ଲୋକଲୋଚନକୁ ଆଣିବାକୁ ପୂରା ଉଦ୍ୟମ କରିବୁ । ୨୦୧୯ ନିର୍ବାଚନର ବର୍ଷ। ସରକାରଙ୍କ ବିଫଳତାକୁ ଗାଁ ଗଣ୍ଡାରେ ଲୋକଙ୍କ ପାଖରେ ପହଞ୍ଚାଇ ବିଧାନସଭା ଓ ଲୋକ ସଭା ପାଇଁ ରଣନୀତି ପ୍ରସ୍ତୁତ କରାଯିବ।

- ନରସିଂହ ମିଶ୍ର, ବିରୋଧୀ ଦଳ ନେତା

## ୨୦୧୯ ଦଳ ପାଇଁ ଭଲ ହେବ



୨୦୧୮ ବିଜେଡି ପାଇଁ ବହୁ ସଫଳତା ଆଣିଥିଲା। ଏହିବର୍ଷ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରେଷ୍ଠ ପ୍ରଶାସକ ପୁରସ୍କାର ପାଇ ରାଜ୍ୟବାସୀଙ୍କ ପାଇଁ ଗର୍ବ ଆଣି ଦେଇଥିଲେ। ୨୦୧୯ ନିଶ୍ଚିତ ଭାବେ ଦଳ ପାଇଁ ଭଲ ହେବ। ମୁଖ୍ୟମନ୍ତ୍ରୀଙ୍କ ଉପରେ ରାଜ୍ୟବାସୀଙ୍କର ଯେଉଁ ବିଶ୍ୱାସ, ଭରସା ରହିଛି ତାହା ସେମିତି ଜାରି ରହୁ। ନବୀନ ପଟ୍ଟନାୟକ ପୁଣିଥରେ ମୁଖ୍ୟମନ୍ତ୍ରୀ ହୁଅନ୍ତୁ, ଏତିକି ଜଗନ୍ନାଥଙ୍କ ନିକଟରେ ମୋର ପ୍ରାର୍ଥନା।

- ସମୀର ଦାଶ, ବିଜେଡି ମୁଖପାତ୍ର

## ଭାଜପା ସରକାର କରିବ



୨୦୧୮ ଭାଜପାର ସାଙ୍ଗଠନିକ ବର୍ଷ ଥିଲା। ରାଜ୍ୟରେ ୮ହଜାର ଶକ୍ତିକେନ୍ଦ୍ର ତିଆରି କରି ଆମେ ଦଳର ସାଙ୍ଗଠନିକ ଶକ୍ତି ବୃଦ୍ଧି କରିଛୁ। ସବୁ ବ୍ଲକ୍, ଜୋନ୍ ଏବଂ ମଣ୍ଡଳସ୍ତରରେ କର୍ମୀମାନଙ୍କୁ ସଙ୍ଗଠିତ କରିପାରିଛୁ। ୨୦୧୮ର ସବୁ ଚ୍ୟାଲେଞ୍ଜକୁ ଆମେ ବହୁତ ଭଲରେ ଗ୍ରହଣ କରିଛୁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦକ୍ଷ ନେତୃତ୍ୱକୁ ଦେଖି ଦେଶବାସୀ ୨୦୧୯ରେ ତାଙ୍କୁ ପୁନର୍ବାର ପ୍ରଧାନମନ୍ତ୍ରୀ କରାଇବେ ଏବଂ ରାଜ୍ୟବାସୀଙ୍କ ଆଶୀର୍ବାଦରେ ଭାଜପା ଓଡିଶାରେ ସରକାର କରିବ।

- ବସନ୍ତ ପଣ୍ଡା, ଭାଜପା ରାଜ୍ୟ ସଭାପତି

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଜାନୁୟାରୀ, ୨୦୧୯



ମନୁଷ୍ୟ ନିଜର ଓ ପରିବାରର ଭରଣପୋଷଣ ପାଇଁ ଆବଶ୍ୟକ ପରିମାଣର ଅର୍ଥ ସଂଗ୍ରହ କରିବା ଉଚିତ। ଯିଏ ତା'ଠାରୁ ଅଧିକ ଅର୍ଥ ଯଦି ସଂଗ୍ରହ କରେ, ସିଏ ଚୋର ଅଟେ।

–ବ୍ୟାସଦେବ



# ତେଲଟାଙ୍କିରେ ଠକାମିର ଶିକାର ଗ୍ରାହକ

- ତୈଳ କମ୍ପାନୀ, ବିଭାଗୀୟ ଅଧିକାରୀ ନୀରବଦ୍ରଷ୍ଟା
- ଚଣ୍ଡିଖୋଲ ଚତୁଃପାର୍ଶ୍ୱରେ ରହିଛି ୭୬ ତେଲ ଟାଙ୍କି
- ନକଲି ବିଲ୍ ବାହାର କରି ତୈଳ କମ୍ପାନୀକୁ ଠକୁଥିବା ଅଭିଯୋଗ

ଚଣ୍ଡିଖୋଲ,୩୧।୧୨(ଡି.ଏନ.ଏ.)





ପେଟ୍ରୋଲ୍ ଓ ଡିଜେଲ ଦର ଧୀରେ ଧୀରେ ହ୍ରାସ ପାଉଛି। ତେଲ ଟାଙ୍କି ମାଲିକମାନେ ଗ୍ରାହକଙ୍କୁ ଶୋଷଣ କରି ଲାଭ ବଢାଇବା ପାଇଁ ଏବେ ଅଭିନବ ଉପାୟରେ ଠକୁଥିବା ଅଭିଯୋଗ ହୋଇଛି। ଅଧିକାଂଶ ଟାଙ୍କିରେ ଗ୍ରାହକଙ୍କୁ ଓଜନରେ କମ୍ ତେଲ ଦେଉଥିବା ବେଳେ କୌଣସି ଯୋଗାଣ ବିଭାଗ ଅଧିକାରୀ କିମ୍ବା ତୈଳ କମ୍ପାନୀଗୁଡ଼ିକ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ୧୬ ନଂ., ୫୩ ନଂ. ଓ ୫ ନଂ (କ) ଜାତୀୟ ରାଜପଥ ସମେତ ଚଣ୍ଡିଖୋଲ ଚତୁଃପାର୍ଶ୍ୱରେ ୭୬ ପେଟ୍ରୋଲ ଟାଙ୍କି ରହିଛି। ଦୈନିକ ତୈଳ ଦର ସ୍ଥିର କରାଯାଉଥିବାରୁ ଟାଙ୍କିଗୁଡ଼ିକରେ ଷ୍ଟକ୍ ରହୁଥିବା ତେଲ ଯୋଗୁ ମାଲିକମାନେ କ୍ଷତି ସହୁଛନ୍ତି। ଏହି କ୍ଷତି ପାଇଁ ସେମାନେ ତୈଳ କମ୍ପାନୀ ଉପରେ ଚାପ ପକାଇବା ପରିବର୍ତ୍ତେ ଟାଙ୍କିଗୁଡ଼ିକରେ ଲାଗିଥିବା ମେଶିନ୍‌ରେ ଜାଲିଆତି କରି ପ୍ରତି ୧୦୦ ଲିଟରରେ ୫ରୁ ୬ ଲି. ତେଲ କମ୍ କରୁଥିବା ଅଭିଯୋଗ ହୋଇଛି। ଟାଙ୍କିରେ ଲାଗିଥିବା ମେଶିନ୍‌କୁ ମାଲିକମାନେ ଭୁଲ୍ ଭାବେ ସେଟ୍ କରି ଠକୁଛନ୍ତି। ଫଳରେ ଗ୍ରାହକମାନେ ମେଶିନ୍‌କୁ ଲକ୍ଷ୍ୟ କରି ଠିକ୍ ପରିମାଣର ତେଲ ପକାଉଥିବା ଭାବୁଥିଲେ ମଧ୍ୟ ପରବର୍ତ୍ତୀ ଅବସ୍ଥାରେ ମାଇଲେଜ୍ କମ୍ ଦେଖାଉଥିବାରୁ ଠକାମି ପଦାକୁ ଆସୁଛି। ପ୍ରତ୍ୟେକ ଟାଙ୍କିରେ ଦିନକୁ ପ୍ରାୟ ୧୨ ହଜାର ଲିଟର ଡିଜେଲ୍ ଓ ୬ ହଜାର ଲିଟର ପେଟ୍ରୋଲ ବିକ୍ରି ହୋଇଥାଏ। ଏହି ହିସାବ ଅନୁଯାୟୀ ଚଣ୍ଡିଖୋଲ ଚାରିପାଖରେ ଥିବା ୭୬ ତେଲ ଟାଙ୍କିରେ ଦୈନିକ ୯ ଲକ୍ଷ ଲିଟର ଡିଜେଲ ଓ ୫ ଲକ୍ଷ ଲିଟର ପେଟ୍ରୋଲ ବିକ୍ରି ହେଉଛି। ପ୍ରତ୍ୟେକ ଦିନ ଟାଙ୍କି ମାଲିକ ମିଳିମିଶି ୪ ହଜାର ଲିଟର ଡିଜେଲ ଓ ୨ ହଜାର ୮ ଶହ ଲିଟର ପେଟ୍ରୋଲ ଠକେଇ କରୁଛନ୍ତି। ଗ୍ରାହକମାନେ ଠିକ୍ ପାଇସା ଦେଇ କମ୍ ପରିମାଣର ତେଲ ପକାଇ ଶୋଷଣର ଶିକାର ହେଉଥିବା ଅଭିଯୋଗ ହୋଇଛି। ଏପରି କି ଟାଙ୍କି ମାଲିକମାନେ ଡ୍ରାଇଭରଙ୍କୁ ହାତ କରି ନକଲି ବିଲ୍ ମାଧ୍ୟମରେ ତୈଳ କମ୍ପାନୀକୁ ଠକୁଥିବା ଗାଡ଼ିମାଲିକମାନେ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ନେଇ କେତେକ ତେଲ ଟାଙ୍କିରେ ଗାଡ଼ିମାଲିକ ଓ କର୍ମଚାରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିବାର ନଜିର ରହିଛି। ଯୋଗାଣ ବିଭାଗ ତରଫରୁ ତୁରନ୍ତ ସମସ୍ତ ତେଲ ଟାଙ୍କି ଉପରେ ଚଢ଼ାଉ କରାଯାଇ ମାପ ଓ ଓଜନ ଯାଞ୍ଚ କରିବା ପାଇଁ ଗ୍ରାହକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ଜିଲା ସହ ଯୋଗାଣ ଅଧିକାରୀ ବିଶ୍ୱଜିତ ମିଶ୍ରଙ୍କୁ ପଚାରିବାରେ, ତୈଳ କମ୍ପାନୀଗୁଡ଼ିକ ପକ୍ଷରୁ ଚିଠି କରାଗଲେ, ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ବରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ, ଅଡଙ୍ଗ ଚାମ୍ପିୟନ୍

କୋରେଇ,୩୧।୧୨(ସ୍ୱ.ପ୍ର.)- ପଥରପଦା ପଞ୍ଚାୟତ ଅନ୍ତର୍ଗତ କାଜିପାଟଣା ଗ୍ରାମର ମା' ମଙ୍ଗଳା ଯୁବକ ସଂଘ ପକ୍ଷରୁ ୩ୟ ବାର୍ଷିକ ବରୁଣ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏମସିସି ବାଲିପାଟଣା ଓ ବନାମ ଅଡଙ୍ଗ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଅଡଙ୍ଗ ବ୍ୟାଟିଂ କରି ୧୩.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୬୩ ରନ ସଂଗ୍ରହ କରିଥିଲା। ଜବାବରେ ବାଲିପାଟଣା ୧୫ ଓଭରରେ ୮ ଉଇକେଟ ହରାଇ ପରାସ୍ତ ହୋଇଥିଲା। ସୌମ୍ୟରଞ୍ଜନ ସାହୁ ମ୍ୟାନ ଅଫ ଦି ମ୍ୟାଚ୍ ଓ ରତିକାନ୍ତ ଭୋଇ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଥିଲେ। ଦୀପକ ବେହେରା ଓ ହରିହର ଦାସ ଖେଳ ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ବ୍ୟାସନଗର ପୂର୍ବତନ ପୌରାଧ୍ୟକ୍ଷା ବନ୍ଦିତା ପରିଡା ମୁଖ୍ୟ ଅତିଥି, ବ୍ଲକ କଂଗ୍ରେସ ସଭାପତି ମଧୁସୂଦନ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ୍ ଓ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ।

### ରାଜନେତାଙ୍କ ପୋଷ୍ଟର ଯୁଦ୍ଧ
### ସବୁଠି ଅଭିନନ୍ଦନର ଶୁଭେଚ୍ଛା

ଯାଜପୁରରୋଡ, ୩୧।୧୨(ନି.ପ୍ର)- ନବ ବର୍ଷରେ ଜନ ସାଧାରଣଙ୍କୁ ଅଭିନନ୍ଦନ ଜଣାଇବା ପାଇଁ ଯାଜପୁର ରୋଡ ସହରରେ ପୋଷ୍ଟର ଯୁଦ୍ଧ ଆରମ୍ଭ ହୋଇଛି। ନିର୍ବାଚନମଣ୍ଡଳୀର ସହରଠାରୁ ଆରମ୍ଭ କରି ପୁର ପଲ୍ଲିର ସବୁଠି ମାଳମାଳ ହୋଡିଂ ଓ ପୋଷ୍ଟର ଲଗାଯାଇଛି। ରାଜନୈତିକ ବ୍ୟକ୍ତିବିଶେଷ ଓ ଆଶାୟୀପାର୍ଥୀମାନେ ବ୍ୟାନର ଓ ହୋଡିଂରେ ନିଜର ଫଟୋ ମାରି ଅଭିନନ୍ଦନ ବାର୍ତ୍ତା ଜଣାଇଛନ୍ତି। ତେବେ ବିଗତ ବର୍ଷ ଅପେକ୍ଷା ଚଳିତ ବର୍ଷ ନିର୍ବାଚନମଣ୍ଡଳୀରେ କଂଗ୍ରେସ ଓ ବିଜେଡି ଅପେକ୍ଷା ଭାଜପା ନେତାଙ୍କର ହୋଡିଂ ଓ ପୋଷ୍ଟର ଅଧିକା ଦେଖିବାକୁ ମିଳିଛି। ୨୦୧୯ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ରାଜନୈତିକ ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ପ୍ରତିଯୋଗିତା ଚାଲିଥିବା ସାଧାରଣରେ ଚର୍ଚ୍ଚା ଯୋର ଧରିଛି।

### ପୋଷାକ ବ୍ୟାଙ୍କରୁ ଗରିବ ଶିଶୁଙ୍କୁ ମିଳିଲା ଶୀତବସ୍ତ୍ର

ରସୁଲପୁର,୩୧।୧୨(ଡି.ଏନ.ଏ.)- ରସୁଲପୁର ବ୍ଲକ ଅନ୍ତର୍ଗତ ବ୍ରହ୍ମବରଦାଠାରେ ୨ମାସ ତଳେ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ପୋଷାକ ବ୍ୟାଙ୍କ ଉଦ୍‌ଘାଟନ କରିଥିଲେ। ଉକ୍ତ ବ୍ୟାଙ୍କରୁ ଗରିବ ଓ ଅନାଥ ଶିଶୁଙ୍କୁ ମାଗଣାରେ ପୋଷାକ ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ବିଭିନ୍ନ ସ୍ଥାନରୁ ସଂଗ୍ରହ କରାଯାଇଥିବା ପୋଷାକକୁ ନେଇ ବ୍ୟାଙ୍କ ଗଠନ କରାଯାଇଛି। ଏହି ବ୍ୟାଙ୍କରୁ ଶନିବାର ଗରିବ ପିଲାଙ୍କୁ ମାଗଣାରେ ଶୀତବସ୍ତ୍ର ଯୋଗାଇ ଦିଆଯାଇଛି। ଏ ନେଇ ଏକ ପୋଷାକ ବଣ୍ଟନ ମେଳା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମବରଦା ଯୁକ୍ତ ୨ କଲେଜର ଅଧ୍ୟକ୍ଷ କିଶୋର ଚନ୍ଦ୍ର ଜେନା, ଯୁକ୍ତ ୩ ଅଧ୍ୟକ୍ଷ ସୌଭାଗ୍ୟ ରଞ୍ଜନ ସାହୁ, ହିନ୍ଦ ମଜୁଦ୍ ସଭା ସଭାପତି ପ୍ରଦୀପ ଦାସ, ଅଦିତ୍ ବେହେରା, ସମାଜିକ କର୍ମୀ ମଣ୍ଟୁ ଦାସ ପ୍ରମୁଖ ଉପସ୍ଥିତ ରହି ପୋଷାକ ବାଣ୍ଟିଥିଲେ। ନୁରଯାହା ନସିମ୍, ସେକ୍ ସାହାଯାଦା, ଜଟାଧାରୀ ମହାଳିକ, ନିର୍ମଳ ବେହେରା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ୨୫ଜଣ ଶିଶୁଙ୍କୁ ପୋଷାକ ବିତରଣ କରାଯାଇଥିଲା। ନବବର୍ଷରେ ୧୦୦ ଶିଶୁଙ୍କୁ ପୋଷାକ ବଣ୍ଟନ କରାଯିବ ବୋଲି ବ୍ୟାଙ୍କ ପକ୍ଷରୁ ଯୋଜନା କରାଯାଉଛି।

### ମୋହରିର ସଂଘର ପ୍ରତୀକ ଧର୍ମଘଟ

ଧର୍ମଶାଳା, ୩୧।୧୨(ଡି.ଏନ୍.ଏ.)
ରାଜ୍ୟ ଦଲିଲ୍ ଲେଖକ ମୋହରିର୍ ସଂଘ ଆହ୍ୱାନକ୍ରମେ ସୋମବାର ଧର୍ମଶାଳା ମୋହରିର ସଂଘ ପକ୍ଷରୁ ଏକ ଦିନିକିଆ ଧର୍ମଘଟ ଦିଆଯାଇଛି। ସଭାପତି ସୁରେନ୍ଦ୍ର ମହାନ୍ତି ଓ ସମ୍ପାଦକ କୈଳାସ ଚନ୍ଦ୍ର ବାରିକଙ୍କ ନେତୃତ୍ୱରେ ସବ୍‌ରେଜିଷ୍ଟ୍ରାର ଅଫିସର ସମସ୍ତ ମୋହରିର ଧର୍ମଘଟରେ ସାମିଲ ହୋଇଥିଲେ। ପୂର୍ବତନ ସଭାପତି ପ୍ରାଣକୃଷ୍ଣ ମହାନ୍ତି, ବିଜୟ କୁମାର ଦାସ, ଜଳଧର ମହାନ୍ତି, ନିର୍ମଳଚନ୍ଦ୍ର ପଣ୍ଡା, ନିରଞ୍ଜନ ପଣ୍ଡା, ଅଭିରାମ ବରାଳ, ଠାକୁର ଦାସ ପ୍ରମୁଖ ଧର୍ମଘଟରେ ଯୋଗଦେଇ ସରକାରଙ୍କ ଅନଲାଇନ୍ ବ୍ୟବସ୍ଥାକୁ ତୁରନ୍ତ ପ୍ରତ୍ୟାହାର ପାଇଁ ଦାବି କରାଯାଇଛି। ସତ୍ୟନାରାୟଣ ପଣ୍ଡା, ହେମନ୍ତ କୁମାର ଦାସ, ପୂର୍ଣ୍ଣଚନ୍ଦ୍ର ଦାସ, ଶୁସାନ୍ତ କୁମାର ଦାସ, ଯତୀନ୍ଦ୍ର କୁମାର ମହାନ୍ତି, ଅନିଲ ମୁଦୁଲି, ନିଗମାନନ୍ଦ କର, ଅଭୟ ଆଏଚ୍ ପ୍ରମୁଖ ଯୋଗଦେଇଥିଲେ। ତେବେ ସଂଘ ପକ୍ଷରୁ ୭ଦଫା ଦାବିକୁ ଧର୍ମଶାଳା ତହସିଲ ବାରଆସୋସିଏଶନ୍, ଷ୍ଟାମ୍ପଭେଣ୍ଡର ସଂଘ ସମର୍ଥନ ଜଣାଇଛି।

## ବର୍ଷପୂର୍ତ୍ତି କବିତା ପାଠୋତ୍ସବ

ଧର୍ମଶାଳା, ୩୧।୧୨(ଡି.ଏନ୍.ଏ.)
ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ଗୋକର୍ଣ୍ଣେଶ୍ୱର ମନ୍ଦିର ପରିସରରେ ସୋମବାର ବର୍ଷପୂର୍ତ୍ତି କବିତା ପାଠୋତ୍ସବ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ସଭାପତି ରାଜକିଶୋର ପାଢୀଙ୍କ ସଭାପତିତ୍ୱରେ ଡ. ଚକ୍ରଧର ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥିଭାବେ ଡ. ରାମଚନ୍ଦ୍ର ନାୟକ, ଅତିଥି ଭାବେ ପୂର୍ବତନ ବିଧାୟକ ରବି ଲାବଣ୍ୟ ଯୋଗଦେଇ ଥିଲେ। ଏହି ଅବସରରେ କବି ରାଜ କିଶୋର ପାଢୀଙ୍କ ପୁସ୍ତକ "ହାତି ନେ ଘୋଡା ନେ ମୋ ପେଁକାଳି ବଜାଇ ଦେ" ଡ.କଳ୍ପନା ମହାନ୍ତିଙ୍କ ପୁସ୍ତକ 'ଶୂନ୍ୟ', ଶ୍ରୀଧର ସାହୁଙ୍କ 'ମୋହରୁ ମୁକ୍ତି ଯାଏ' ଉନ୍ମୋଚିତ ପୁସ୍ତକ ଗୁଡିକ ଉପରେ ଅର୍ଜୁନ ପୃଷ୍ଟି ଓ ପ୍ରଦୀପ କୁମାର ସାମଲ ସମୀକ୍ଷା କରିଥିଲେ। ଉତ୍ସବରେ ରାମଚନ୍ଦ୍ର ନାୟକ ଓ ପରମାନନ୍ଦ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଯଧିର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବେଣୁଧର ନାୟକ ଅତିଥି ସ୍ୱାଗତ ଭାଷଣ ଓ ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ବିବରଣୀ ପାଠ କରିଥିଲେ।

■ବିଦ୍ୟୁତ୍ ଉପଭୋକ୍ତାଙ୍କୁ ନବବର୍ଷ ଭେଟି

## ବରୀ ବିଦ୍ୟୁତ୍ ସବ୍‌ଡିଭିଜନରେ ହେବ ନୂଆ ଗ୍ରୀଡ୍

ବରୀ,୩୧।୧୨(ସ୍ୱ.ପ୍ର.)

ଓଡିଶା ଇଲେକ୍ଟ୍ରିସିଟି ରେଗୁଲେଟୋରି କମିଶନରଙ୍କ ପକ୍ଷରୁ ବରୀ ଅଞ୍ଚଳର ବିଦ୍ୟୁତ୍ ଉପଭୋକ୍ତାଙ୍କ ପାଇଁ ନୂଆବର୍ଷରେ ଖୁସି ଖବର। ବରୀ ଅଞ୍ଚଳର ଉପଭୋକ୍ତାଙ୍କ ପାଇଁ ଆଉ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ। ଲୋକେ ୨୪ ଘଣ୍ଟା ବିଦ୍ୟୁତ୍ ସେବା ପାଇବେ। ଏ ନେଇ ନୂତନ ଗ୍ରୀଡ୍ ସ୍ଥାପନ ହେବ ବୋଲି ଚିଠି ମାଧ୍ୟମରେ ଉପଭୋକ୍ତା କମିଟିକୁ ସୂଚନା ଦିଆଯାଇଛି। କମିଶନରଙ୍କ ଚିଠି ନଂ. ୧୬୭୯, ୪।୧୨।୨୦୧୮ରେ ବରୀ ବିଦ୍ୟୁତ ସବଡିଭିଜନର ବିଦ୍ୟୁତ୍ ସମସ୍ୟାକୁ ସମାଧାନ କରିବା ପାଇଁ ଓପିଟିସିଏଲ ଏମ୍‌ଡିଙ୍କୁ ନିର୍ଦ୍ଦେଶ ଆସିବା ସହ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କୁହାଯାଇଛି। ଏହାର ଏକ ନକଲ କପି ଉପଭୋକ୍ତା କମିଟି ଆବାହକ ଲୋକନାଥ ଦାସଙ୍କ ନିକଟକୁ ଆସିଥିବା ସେ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ସୂଚନାଯୋଗ୍ୟ, ୧୯୬୭ରୁ ଯାଜପୁର ଟାଉନ ଗ୍ରୀଡ୍ ୧୩୨/୩୩ କେ.ଭି. ଲାଇନ୍ ବରୀ ଅଞ୍ଚଳକୁ ଟଣାଯାଇ ବିଦ୍ୟୁତ୍ ସଂଯୋଗ କରାଯାଇଥିଲା। ଚାଷ ଜମି ଓ ଜଳବନ୍ଦୀ ଅଞ୍ଚଳ ଦେଇ ବିଦ୍ୟୁତ୍ ଯୋଗାଣ କରାଯାଇଥିଲା। ସମସ୍ୟା ଉପୁଜିଲେ ୪/୫ ଦିନ ଧରି ବିଦ୍ୟୁତ କାଟ ହୋଇଥାଏ। ବିଦ୍ୟୁତ୍ ତାର, ଖୁଣ୍ଟ ଆଦି ଉପକରଣକୁ ୫୦ ବର୍ଷରୁ ଉର୍ଦ୍ଧ୍ୱ ହୋଇଗଲାଣି। ଏହାର ପରିବର୍ତ୍ତନର ଆବଶ୍ୟକତା ରହିଛି। ଏସବୁ ସମସ୍ୟା ନେଇ ଉପଭୋକ୍ତା କମିଟି ପକ୍ଷରୁ ଆବାହକ ଲୋକନାଥ ଦାସ, ବରିଷ୍ଠ ସଭ୍ୟ ଗଜହରି ମହାପାତ୍ର, କିଶୋର ଚନ୍ଦ୍ର ଦାସ, ବିଷ୍ଣୁ ଚରଣ ମହାନ୍ତି, ସୁରମୋହନ ମହାପାତ୍ର, ତ୍ରିଲୋଚନ ସେନାପତି, ଶିବ ପ୍ରସାଦ ପଟ୍ଟନାୟକ, ବୃନ୍ଦାବନ ସାମଲ ପ୍ରମୁଖ ଶତାଧିକ ଉପଭୋକ୍ତା କମିଶନରଙ୍କୁ ଚିଠି ମାଧ୍ୟମରେ ପୂର୍ବରୁ ଜଣାଇଥିଲେ। ଏହି ଚିଠିର ଉତ୍ତର ଆସିଲା ପରେ ନୂଆବର୍ଷର ଭେଟି ମିଳିଛି ବୋଲି ବରୀ ଉପଭୋକ୍ତା କମିଟି ପକ୍ଷରୁ କୁହାଯାଇଛି।

## ମହିଳା ଆତ୍ମସୁରକ୍ଷା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଛତିଆ,୩୧।୧୨(ଡି.ଏନ.ଏ.)

ଛତିଆସ୍ଥିତ ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ ପରିସରରେ ୧୨ ଦିନିଆ ମହିଳା ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ଦାସ ଅଧ୍ୟକ୍ଷତା କରିଥିଲେ। ବୈରୀ ଥାନାଧିକାରୀ ନିରଞ୍ଜନ ଶବର ମୁଖ୍ୟ ଅତିଥିଭାବେ ଯୋଗଦେଇ ମହିଳାଙ୍କ ସୁରକ୍ଷା ପାଇଁ ସରକାରଙ୍କ ଏହି ପ୍ରୟାସକୁ ସାଧୁବାଦ ଜଣାଇଥିଲେ। ଅଧ୍ୟାପକ ନିତ୍ୟାନନ୍ଦ ନାୟକ, ପ୍ରତାପ ରାଉତରାୟ ପ୍ରମୁଖ ଯୋଗଦେଇ ଶିବିରାର୍ଥୀଙ୍କୁ ଉତ୍ସାହିତ କରିଥିଲେ।

## ମଝିପଡ଼ା ପ୍ରିମିୟମ୍ ଲିଗ୍ ଉଦ୍‌ଯାପିତ: ବନମାଳୀପୁର ଚାମ୍ପିୟନ

ଚଣ୍ଡିଖୋଲ,୩୧।୧୨(ଡି.ଏନ୍.ଏ.)

ବଡ଼ଚଣା ବ୍ଲକ ଅନ୍ତର୍ଗତ ମଝିପଡ଼ା ଖେଳ ପଡ଼ିଆରେ ସୋମବାର ମଝିପଡ଼ା ପ୍ରିମିୟମ୍ ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୮ ଟି ଦଳ ଅଂଶଗ୍ରହଣ କରିଥିଲେ। ବ୍ରହ୍ମବରଦା ଓ ବନମାଳୀପୁର କ୍ରିକେଟ୍ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ବନମାଳୀପୁର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ୍ ହରାଇ ୨୩୮ ରନ୍ ସଂଗ୍ରହ କରିଥିଲା। ଜବାବରେ ବ୍ରହ୍ମବରଦା ୧୩୦ ରନ୍‌ରେ ସମସ୍ତ ଉଇକେଟ୍ ହରାଇ ପରାସ୍ତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଦେଶ କଂଗ୍ରେସ କମିଟି ଉପସଭାପତି ଶୁଭେନ୍ଦୁ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। କଂଗ୍ରେସ ନେତା ପୂର୍ବତନ ଜିଲାପରିଷଦ ସଦସ୍ୟ ଅଜୟ କୁମାର ସାମଲ ସମ୍ମାନିତ ଅତିଥି ଓ ପ୍ରତାପ ଜେନା ଯୋଗଦେଇ ରନର୍ସ ଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବିଜୟୀ ଟିମ୍‌ର ରଣବୀର ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ସଂଗ୍ରାମ ନାୟକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ପ୍ରଦାନ କରାଯାଇଥିଲା।

■ଧର୍ମଶାଳା ମହୋତ୍ସବର ୭ମ ସନ୍ଧ୍ୟା

## ଆକର୍ଷଣ ପାଲଟିଲା ନୃତ୍ୟ ପ୍ରତିଯୋଗିତା



ସ୍କୁଲ ଛାତ୍ରୀଛାତ୍ରଙ୍କ ନୃତ୍ୟ ପରିବେଷଣ।

ଧର୍ମଶାଳା, ୩୧।୧୨(ଡିଏନଏ)

ଜାରକାସ୍ଥିତ ମହୋତ୍ସବ ପଡିଆ ଅନୁଷ୍ଠିତ ଧର୍ମଶାଳା ମହୋତ୍ସବ ସୋମବାର ୭ମ ଦିନ ସନ୍ଧ୍ୟାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଛି। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ନୃତ୍ୟ ପ୍ରତିଯୋଗିତା ବେଶ ମନଛୁଆଁ ହୋଇଥିଲା। ଏହାକୁ ଅଭିଭାବକଙ୍କ ସମେତ ବହୁ ଦର୍ଶକଙ୍କ ଉପଭୋଗ କରୁଥିବାର ଦେଖିବାକୁ ମିଳିଛି। ମେଳାରେ ବିଭିନ୍ନ ପ୍ରକାର ମାଟିର ଖେଳନା, ମାଟିର ପାତ୍ର ଓ ମୁଗୁନି ପଥରର ଗିନା, ବେଲଣା ପେଡୀ, ଚୂନଘଡି ପ୍ରଭୃତି ଘରକରଣା ଜିନିଷ ଆଜି ବହୁ ପରିମାଣରେ ବିକ୍ରି ହେଉଥିବାର ଦେଖିବାକୁ ମିଳିଛି। ଏଥିସହ ମେଳାରେ ପଡିଥିବା ନୂଆନୂଆ ପ୍ରକାରର ଦୋଳି ନିକଟରେ ଭିଡ ଲାଗିରହିଛି। ପୁରୁଣା ବର୍ଷକୁ ବିଦାୟ ଦେଇ ନୂତନ ବର୍ଷକୁ ସ୍ୱାଗତ କରିବା ପାଇଁ ମହୋତ୍ସବ କମିଟି ପକ୍ଷରୁ ଅତସବାଜିର ବ୍ୟବସ୍ଥା କରାଯାଇଥିବା ଜଣାପଡିଛି। କମିଟି ସଭାପତି ଜଳଧର ମହାନ୍ତି, ଉପସଭାପତି ଇନ୍ଦ୍ରମଣି ନାୟକ, ସତ୍ୟପ୍ରିୟ ମହାନ୍ତି, ଆନନ୍ଦ ବିହାରୀ ନାୟକ, ସୁଦୀପ୍ତ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଛନ୍ତି। ମହୋତ୍ସବ ପଡିଆ ଭିତରକୁ ଯିବାକୁ ଜାତୀୟ ରାଜପଥ ଗଳିପୋଲର ଉଭୟ ପାର୍ଶ୍ୱରେ ଗାଡି ଅଟକି ରହିବା ଯୋଗୁ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଥିଲା।

## ପୂର୍ବତନ ବିଧାୟକ ଅଶୋକ ଦାସଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ

ଯାଜପୁରରୋଡ, ୩୧।୧୨(ନି.ପ୍ର)

ପାକ୍ଷିକ ସମ୍ବାଦ ଭିତ୍ତିକ ପତ୍ରିକା 'ଉଦୟବଟ' ପକ୍ଷରୁ କୋରେଇ ପୂର୍ବତନ ବିଧାୟକ ତଥା 'ଉଦୟବଟ'ର ପ୍ରତିଷ୍ଠାତା ସ୍ୱର୍ଗତ ଅଶୋକ ଦାସଙ୍କ ୧୦ମ ଶ୍ରାଦ୍ଧ ବାର୍ଷିକ ସୋମବାର ସ୍ଥାନୀୟ ହୋଟେଲ ରୟାଲ କଳିଙ୍ଗଠାରେ ପାଳିତ ହୋଇଯାଇଛି। ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସ୍ମୃତିଚାରଣ ସଭାରେ କୋରେଇ ବିଧାୟକ ଆକାଶଦାସ ନାୟକ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ବକ୍ତାଭାବେ ଯାଜପୁର ଜିଲା କ୍ରୀଡ଼ା ସଂସଦର କାର୍ଯ୍ୟକାରୀ ସଭାପତି ରସାନନ୍ଦ ମହାନ୍ତି, ରାଜ୍ୟ ମହିଳା କଂଗ୍ରେସ କାର୍ଯ୍ୟକାରୀ ସଭାନେତ୍ରୀ ବନ୍ଦିତା ପରିଡ଼ା, ସବିତା ରାଉତ, ଚନ୍ଦ୍ରମଣି ସାମଲ, କାହ୍ନୁଚରଣ ଦାଶ, ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅକ୍ଷୟ କୁମାର ପଣ୍ଡା, ନିରନ ଘଡ଼ାଇ, ସୁରେନ୍ଦ୍ର ସାହୁ, ଉପେନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୫ ତାରିଖରେ ଅଶୋକ ଦାସ ସ୍ମାରକୀ ନୃତ୍ୟ ସଂଗୀତ, ଅଭିନୟ, ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଛି।

■ଜିଲାପାଳଙ୍କ ଜନଶୁଣାଣି ଶିବିର

## ୪୨ ଅଭିଯୋଗର ତତ୍କାଳ ସମାଧାନ

କଳିଙ୍ଗନଗର, ୩୧।୧୨(ଡି.ଏନ୍.ଏ.)

ଦାନଗଦୀ ବ୍ଲକ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି କାର୍ଯ୍ୟକ୍ରମରେ ସମୁଦାୟ ୧୩୫ଟି ଅଭିଯୋଗ ଦାଖଲ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ୧୩୨, ସାମୁହିକ ୩ ଓ ତତ୍କାଳ ସମାଧାନ ୪୨ଟି କରାଯାଇଥିବା ଜଣାପଡିଛି। ଶୁଣାଣିରେ କଳିଙ୍ଗନଗର ଏଡିଏମ୍ ସନ୍ତୋଷ କୁମାର ମିଶ୍ର, ଜିଲା ମଙ୍ଗଳ ଅଧିକାରୀ ଚେତନା ସେଠି,ଏପିଡି ଇନ୍ଦ୍ରମଣି ନାୟକ, ଦାନଗଦୀ ତହସିଲଦାର ବୁଲବୁଲ ବେହେରା, ବିଡିଓ ବିଶ୍ୱଜିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ଲୋପାମୁଦ୍ରା ନାୟକ, ଜିଲା ସ୍ୱାସ୍ଥ୍ୟ ଅଧିକାରୀ ରୁଦ୍ରପ୍ରକାଶ କର ଏସଡିପିଓ କେଦାରନାଥ ସାହୁ, ଯାଜପୁରରୋଡ ଥାନାଧିକାରୀ ଅମିତାବ ମହାପାତ୍ରଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଉପସ୍ଥିତ ଥିଲେ।

## ବୌଦ୍ଧପୀଠ ଉଦୟଗିରିରେ ସଂଗ୍ରହାଳୟ ପ୍ରତିଷ୍ଠା ଦାବି

ଚଣ୍ଡିଖୋଲ,୩୧।୧୨(ଡି.ଏନ.ଏ.)

ବିଶ୍ୱପ୍ରସିଦ୍ଧ ବୌଦ୍ଧପୀଠ ଉଦୟଗିରି ଏବେବି ଅବହେଳିତ ଅବସ୍ଥାରେ ରହିଛି। ହୀରକ ତ୍ରିଭୁଜ ସଂଲଗ୍ନ ଏହି ପୀଠରେ ଅତୀତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଥିବାର ଐତିହାସିକମାନେ ମତ ଦେଇଛନ୍ତି। ହେଲେ ଏଥିପ୍ରତି ପ୍ରତ୍ନତତ୍ତ୍ୱ ବିଭାଗ କିମ୍ବା ସରକାରଙ୍କ ଦୃଷ୍ଟି ପଡ଼ିନାହିଁ। ଏଠାରୁ ଆବିଷ୍କୃତ ପ୍ରାଚୀନ ବୌଦ୍ଧ କୀର୍ତ୍ତିରାଜି ସଂରକ୍ଷଣ ପାଇଁ ଅଦ୍ୟାବଧି ସଂଗ୍ରହାଳୟ ସ୍ଥାପନ ହୋଇପାରିଲା ନାହିଁ। ମାଧବପୁର ଓ ସିଂହପ୍ରସ୍ଥ ମହାବିହାର ଏହାର ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ତେବେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ପାଇଁ ଉଦୟଗିରିରେ ସଂଗହାଳୟ ପ୍ରତିଷ୍ଠା କରିବାକୁ ଗତ ଶୁକ୍ରବାର ବିଶିଷ୍ଟ ବୌଦ୍ଧ ଗବେଶକ ହରିଶ ଚନ୍ଦ୍ର ପୃଷ୍ଟି, ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ନିର୍ଦ୍ଦେଶିକା ଅରୁନ୍ଧତୀ ଦେବୀ ପ୍ରତ୍ନତତ୍ତ୍ୱ ବିଭାଗ ନିକଟରେ ଦାବି କରିଛନ୍ତି। ଏଥିରେ ସ୍ଥାନୀୟ ଅଞ୍ଚଳବାସୀ ସାମିଲ ଥିଲେ। ଖ୍ରୀ.ଅ ୫ମ ଶତାବ୍ଦୀରୁ ଆରମ୍ଭ କରି ୧୨ଶ ଶତାବ୍ଦୀ ପର୍ଯ୍ୟନ୍ତ ନିର୍ମାଣ କରାଯାଇଥିବା ବହୁ କଳାକୃତି ଏଠାରୁ ମିଳିଛି। ହେଲେ କୀର୍ତ୍ତିରାଜି ଭୁବନେଶ୍ୱର ସଂଗ୍ରହାଳୟରେ ରହିଥିବା ବେଳେ ଆଉ କିଛି ରତ୍ନଗିରିସ୍ଥିତ ସଂଗ୍ରହାଳୟରେ ରହିଛି। ଉଦୟଗିରିରୁ ବୁଦ୍ଧଙ୍କର ବିଭିନ୍ନ ପ୍ରକାର ମୂର୍ତ୍ତି ଯଥା– ଧ୍ୟାନବୁଦ୍ଧ, ଉପାସନା ବୁଦ୍ଧ, ଧର୍ମଚକ୍ର ବୁଦ୍ଧ ଆଦି ଆବିଷ୍କୃତ ହୋଇଥିଲା ବେଳେ ମୈତ୍ରେୟ, ତାରା ଆଦି ବହୁ ଦେବଦେବୀଙ୍କ ମୂର୍ତ୍ତି ମିଳିଥିଲା। ଏଠାରେ ଆବିଷ୍କୃତ ବିରଳ ବୌଦ୍ଧଯୁଗୀୟ ବାମ୍ପି ଅନ୍ୟ କୌଣସି ସ୍ଥାନରେ ଦେଖାଯାଏନାହିଁ। ଅଦ୍ୟାବଧି ଉଦୟଗିରିର ଚତୁଃପାର୍ଶ୍ୱ ପାଚେରି ନିର୍ମାଣ କାମ ଶେଷ ହୋଇନାହିଁ। ଏ ସମ୍ପର୍କରେ ପ୍ରତ୍ନତତ୍ତ୍ୱ ବିଭାଗ ଉପ ଅଧୀକ୍ଷକ ସୁଶାନ୍ତ କୁମାର କରଙ୍କୁ ପଚାରିବାରେ, ଉଦୟଗିରିରେ ସଂଗ୍ରହାଳୟ ପ୍ରତିଷ୍ଠା ଯୋଜନା କେନ୍ଦ୍ର ସରକାରଙ୍କ ବିଚାରାଧୀନ ରହିଛି ବୋଲି କହିଥିଲେ।

■ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଗଣଧାରଣା ଜାରି

## ଆଜିଠୁ ତୀବ୍ରତର ହେବ ଆନ୍ଦୋଳନ

କୋରେଇ,୩୧।୧୨(ସ୍ୱ.ପ୍ର.)

ପାଣିକୋଇଲିଠାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ସୋମବାର ୫୦ଦିନରେ ପହଞ୍ଚିଛି। ଏହି ଧାରଣାରେ କ୍ରିୟାନୁଷ୍ଠାନ କମିଟି ସଦସ୍ୟ ସାମିଲ ହୋଇଥିଲେ। କଲେଜ ପ୍ରତିଷ୍ଠା ଦାବିରେ ଆରଡିସିଙ୍କଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ, ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ହେଲେ ଜିଲା ପ୍ରଶାସନ ଏପର୍ଯ୍ୟନ୍ତ ଧାରଣାସ୍ଥଳରେ ପହଞ୍ଚି ନାହିଁ। ଯଦି ପ୍ରଶାସନ ଧାରଣାସ୍ଥଳକୁ ଆସି ଧାରଣାକାରୀଙ୍କ ସହ ଆଲୋଚନା ନ କରେ କିମ୍ବା ବୈଷୟିକ କମିଟି ଦ୍ୱାରା ତଦନ୍ତ ନ କରାଏ, ତେବେ ରାଜରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି।ଫଳରେ ଅସନ୍ତୋଷ ବୃଦ୍ଧି ପାଉଛି। ନୂଆବର୍ଷରୁ ଆନ୍ଦୋଳନ ତୀବ୍ରତର ହେବ ବୋଲି ନିଷ୍ପତ୍ତି ନିଆଯାଇଛି। କ୍ରିୟାନୁଷ୍ଠାନ କମିଟି ଆବାହକ ଧରଣୀଧର ଘଡେଇ, ଯୁଗ୍ମ ଆବାହକ ସୁବାସ ଧଳ, ପ୍ରଫୁଲ୍ଲ ନାୟକ, କୃଷକ ନେତା ବଳରାମ ସାହୁ, ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳାଇ, ସମ୍ପାଦକ ସୁରେନ୍ଦ୍ର ରାୟ, ମଧୁ ରାୟ, ଶଶିକାନ୍ତ ମଲିକ, ଅରୁପାନନ୍ଦ ମଲ୍ଲିକ, ଉପେନ୍ଦ୍ର ପାତ୍ର, ରାକେଶ କୁମାର ସାହୁ, ସେକ ଜହର ଅଲ୍ଲୀ, ରାମଚନ୍ଦ୍ର ମାଝୀ, ଗଣନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ସାଜିଦ ଖାଁ, ନୀଳମଣି ନାୟକ, ରବୀନ୍ଦ୍ର ପଣ୍ଡା, ଅନାମ ମହାପାତ୍ର, ନରେନ୍ଦ୍ର ଘଡାଇଙ୍କ ସମେତ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଧାରଣାସ୍ଥଳରେ ଉପସ୍ଥିତ ଥିଲେ।

## ଆସୁନାହାନ୍ତି ମିଲର, ଚାଷୀ ଅସନ୍ତୁଷ୍ଟ

ଦଶରଥପୁର, ୩୧।୧୨ (ଡି.ଏନ.ଏ.)



ମଣ୍ଡିରେ ପଡିରହିଛି ଧାନ।

ସରକାର ସମବାୟ ସମିତି ସଂସ୍ଥା ମାଧ୍ୟମରେ ସିଧାସଳଖ ଚାଷୀଙ୍କଠାରୁ ଧାନ କିଣୁଛନ୍ତି। ଧାନ କିଣିବାର ୨୪ ଘଣ୍ଟା ମଧ୍ୟରେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ଯିବ ବୋଲି କହୁଛନ୍ତି। ଅପରପକ୍ଷରେ ଚାଷୀ ମଣ୍ଡିକୁ ଧାନ ଆଣି ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ପରେ ମଧ୍ୟ ମିଲର ଆସୁନାହାନ୍ତି। ମିଲର ପ୍ରଶାସନକୁ ହାତକରି ଇଚ୍ଛା ଅନୁସାରେ ଚାଷୀଙ୍କଠାରୁ ଧାନ କ୍ରୟ କରୁଥିବା ଅଭିଯୋଗ ହୋଇଛି। ସରକାରଙ୍କ କହିବାନୁଯାୟୀ ଚାଷୀଙ୍କ ଧାନରୁ କୌଣସି କାଣ୍ଟ ଛାଣ୍ଟ ହେବ ନାହିଁ। ହେଲେ ଏଠାରେ ମିଲରମାନେ ଚାଷୀଙ୍କଠାରୁ ପ୍ରାୟ କୁଇଣ୍ଟାଲ ପିଛା ୩ରୁ ୧୦ କେଜି ପର୍ଯ୍ୟନ୍ତ କାଟ୍ କରୁଛନ୍ତି। ଏପରି ଘଟଣା ଦେଖାଦେଇଛି ଦଶରଥପୁର ବ୍ଲକ ଅଧୀନ ତଳିହା ସେବା ସମବାୟ ସମିତିରେ। ଶନିବାର ଏହି ସମବାୟ ସମିତିରେ ମଣ୍ଡି ଖୋଲିଥିଲା। ଚାଷୀଙ୍କୁ ଟୋକନ ମଧ୍ୟ ଦିଆଯାଇଥିଲା। ଚାଷୀମାନେ ସକାଳ ୯ଟାରୁ ମଣ୍ଡିକୁ ଧାନ ଆଣି ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ଅପେକ୍ଷା କରିଥିଲେ। ହେଲେ ଧାନ ନେବାକୁ ସ୍ଥିର ହୋଇଥିବା ଇଷ୍ଟର୍ଣ୍ଣ ରାଇସ୍ ମିଲ ଓ ଏସ୍‌ଜିଏସ୍ ରାଇସ୍ ମିଲର ମିଲରଙ୍କ ଦେଖା ନ ଥିଲା। ଫଳରେ ଚାଷୀ ମିଲରଙ୍କୁ ଅପେକ୍ଷା କରି ହତାଶ ହୋଇଥିଲେ। ଚାଷୀଙ୍କ କହିବାନୁଯାୟୀ ମିଲରମାନେ ଜୋର ଜବରଦସ୍ତ କୁଇଣ୍ଟାଲ ପିଛା କାଣ୍ଟ ଛାଣ୍ଟ କରୁଛନ୍ତି, କରୁଛନ୍ତି। ଚାଷୀ ଏହାକୁ ବିରୋଧ କରିବାରୁ ସେମାନେ ହଇରାଣ କରୁଛନ୍ତି। ମଣ୍ଡିକୁ ଧାନ ବିକ୍ରି କରିବାକୁ ଆସିଥିବା ଚାଷୀ ପ୍ରଶାନ୍ତ ଜେନା, ସୁରେଶ ଜେନା, ବିଦ୍ୟାପତି ବିଶ୍ୱାଳ, ଚୈତନ୍ୟ ଚରଣ ଦାସ, ବିଷ୍ଣୁପ୍ରିୟା ରାଉତରାୟ, ଭାବଗତ ରାଉତ, ଗଦାଧର ମହାନ୍ତି, ଅଜୟ କୁମାର ରାଉତରାୟ, ପ୍ରମୋଦ ରାଉତ, ଆଲୋକ ଜେନା, ଅଜିତ ମଲ୍ଲିକ, ସନ୍ତୋଷ ରାଉତ, ଅଧର କୁମାର ଜେନା ପ୍ରମୁଖ ହଇରାଣର ଶିକାର ହୋଇଛନ୍ତି। ମିଲରଙ୍କ ଏପରି ମନମୁଖି କାର୍ଯ୍ୟ ପ୍ରତି ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନ ପାଇଁ ଏକ ବିରାଟ ଚାଷୀ ଆନ୍ଦୋଳନ ଦାନା ବାନ୍ଧୁଥିବାବେଳେ ପ୍ରଶାସନ ଏଥିପ୍ରତି ଦାୟୀ ରହିବ ବୋଲି ଶତାଧିକ ଚାଷୀ କହିଛନ୍ତି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତାଙ୍କୁ ପଚାରିବାରେ, ତାଙ୍କ ପାଖରେ କୌଣସି ଲିଖିତ ଅଭିଯୋଗ ନାହିଁ। ଅଭିଯୋଗ ଆସିଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ।

## ସଂକ୍ଷେପରେ

### ସାନବଡ଼ଗୋପାଳପୁର ବଜାରରୁ ଚୋରି

**ରାଜନଗର, ୩୧।୧୨ (ଡି.ଏନ୍.ଏ.):** ରାଜନଗର ଥାନା ଅଧୀନ ସାନବଡଗୋପାଳପୁରସ୍ଥିତ ବୀଣାପାଣି ବଜାରର ବାବାଜୀ ନାୟକଙ୍କ ଗାଡ଼ି ଗ୍ୟାରେଜରୁ ରବିବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଚୋରମାନେ ଚାରିଚକିଆ ଓ ଦୁଇଚକିଆ ଯାନ ବ୍ୟାଟେରି ୨୨ଟି, ଏକ ଚାର୍ଜର ମେଶିନ, ଇନଭଟର, କ୍ରମ୍ପଟନମୋଟର ଓ ୨୦ଟି ଡିଷ୍ଟିଲୱାଟର ବ୍ୟାଟେରି ଚୋରି କରିନେଇଛନ୍ତି। ଏ ନେଇ ସୋମବାର ବାବାଜୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛି।

### ଷ୍ଟେଟ୍ ବ୍ୟାଙ୍କରୁ ଡକାୟତି ଉଦ୍ୟମ ବିଫଳ

**ରାଜନଗର, ୩୧।୧୨ (ଡି.ଏନ୍.ଏ.):** ରାଜନଗର ବ୍ଲକ ଗୁପ୍ତିସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ରବିବାର ରାତିରେ ଡକାୟତି ଉଦ୍ୟମ କରି ଦୁର୍ବୃତ୍ତମାନେ ବିଫଳ ହୋଇଛନ୍ତି। ସୋମବାର ଏହା ଜଣାପଡିବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ସିସିଟିଭି ଫୁଟେଜ୍ ଯାଞ୍ଚ କରି ତଦନ୍ତ ଚଳାଇଛି। ଘଟଣା ମୁତାବକ, ସୋମବାର ସକାଳେ କର୍ମଚାରୀମାନେ ବ୍ୟାଙ୍କକୁ ଆସିବା ପରେ ଲାଇଟ୍ ଜଳୁ ନଥିବା ଦେଖିଥିଲେ। ବ୍ୟାଙ୍କ ପଛପଟ ଦେଇ ବିଦ୍ୟୁତ୍ ଖୁଣ୍ଟରୁ ସଂଯୋଗ ଆସିଥିବା ବେଳେ ସେଠାରେ ତାର କଟା ଯାଇଥିବା କର୍ମଚାରୀମାନେ ଦେଖିଥିଲେ। ସନ୍ଦେହ ହେବାରୁ ଶାଖା ପରିଚାଳକ ଓ ଅନ୍ୟମାନେ ବ୍ୟାଙ୍କ ଚାରିପଟେ ବୁଲି ଦେଖିଥିଲେ। ତେବେ ବ୍ୟାଙ୍କ ପଛପଟେ ୩ରୁ ୪ଫୁଟ୍ ଗଭୀର ଏକ ଗାତ ଖୋଳାଯାଇ ପୋତା ହୋଇଥିବା ଦେଖିବାକୁ ମିଳିଥିଲା। ଏହାପରେ କର୍ମଚାରୀମାନେ ସିସିଟିଭି ଚେକ୍ କରିଥିଲେ। ରବିବାର ରାତି ୧୧.୩୧ରେ ୨ଜଣ ଦୁର୍ବୃତ୍ତ ମୁହଁରେ ପଟି ବାନ୍ଧି ବ୍ୟାଙ୍କର ମୁଖ୍ୟ ଫାଟକ ତାଲା ତାଡିବାକୁ ଉଦ୍ୟମ କରିଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଶାଖା ପରିଚାଳକ ରତିକାନ୍ତ ସେଠୀ ଉଚ୍ଚପଦସ୍ଥ ଅଧିକାରୀଙ୍କୁ ଜଣାଇବା ସହ ରାଜନଗର ଥାନାକୁ ଜଣାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଜାରି ରଖିଛି।

### ଅଣତାଲିମପ୍ରାପ୍ତ କାର୍ଯ୍ୟରତ ଶିକ୍ଷକଙ୍କ କର୍ମଶାଳା ଉଦ୍‌ଯାପିତ

**କେନ୍ଦ୍ରାପଡା ଅଫିସ, ୩୧।୧୨:** କେନ୍ଦ୍ରାପଡା ସହରର ଗୋପସ୍ଥିତ ତୁଳସୀ ମହିଳା ବିଦ୍ୟାଳୟ ପରିସରରେ ରାଷ୍ଟ୍ରୀୟ ମୁକ୍ତ ବିଦ୍ୟାଳୟ ଶିକ୍ଷା ପ୍ରତିଷ୍ଠାନ ପକ୍ଷରୁ ଚାଲିଥିବା ଅଣତାଲିମପ୍ରାପ୍ତ କାର୍ଯ୍ୟରତ ଶିକ୍ଷକଙ୍କ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି । ସଂଯୋଜକ ପ୍ରଭାକର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ସୌଭାଗ୍ୟ କୁମାର ବରାଳ, ଅନୁସୂୟା ମିଶ୍ର, ସହକାରୀ ଜିଲାପାଳ ନମିତା ବାରିକ, ଶିକ୍ଷାବିତ ଗୋପବନ୍ଧୁ ରାଉତ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନେ ଶିକ୍ଷାର୍ଥୀଙ୍କ ସାମଗ୍ରିକ ବିକାଶ ସହ ସୁସ୍ଥ ସମାଜ ଗଠନ ସମ୍ପର୍କରେ ଆଲୋକପାତ କରିଥିଲେ । ଶିକ୍ଷୟିତ୍ରୀ ମନିଷା ସାହୁ, ରବୀନ୍ଦ୍ର ନାଥ ପରିଡା, ଇନ୍ଦୁମତୀ ସାହୁ, ବଳରାମ ବାରିକ, ଦୈତାରୀ ସାହୁ ଓ ଶୁକଦେବ ସେନାପତି ପ୍ରମୁଖ କର୍ମଶାଳା ସହ ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ ।

### ଏଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ : ରାମିଆଗଞ୍ଜ ଟିମ୍ ଚାମ୍ପିୟନ

**ମାର୍ଶାଘାଇ,୩୧।୧୨( ଡି.ଏନ୍.ଏ.):** ମାର୍ଶାଘାଇ ଥାନା ଆଶ୍ରମ ବାଲିକୁଦା ଖେଳ ପଡ଼ିଆରେ ଚାଲିଥିବା ୧୫ ତମ ଏଏମ୍‌ସିସି କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ସୋମବାର ଉଦ୍‌ଯାପିତ ହୋଇଯାଇଛି । ଶନିବାରଠାରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟରେ ୮ ଟିମ୍ ଅଂଶ ଗ୍ରହଣ କରିଥିଲେ । ଫାଇନାଲ ମ୍ୟାଚ ରାମିଆଗଞ୍ଜ ଓ ବଛରାଇ ମଧରେ ଅନୁଷ୍ଠିତ ହୋଇଥିଲା । ବଛରାଇ ପ୍ରଥମେ ବ୍ୟାଟିଂ କରି ୧୪ ଓଭରରେ ସମସ୍ତ ଉଇକେଟ୍ ହରାଇ ୫୮ ରନ୍ ସଂଗ୍ରହ କରିଥିଲା। ଜବାବରେ ରାମିଆଗଞ୍ଜ ୫୯ ରନ୍ ସଂଗ୍ରହ କରି ଚାମ୍ପିୟନ ହୋଇଥିଲା । ଏଥିଲାଗି ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଆଲଫା ଚାରିଟେବୁଲଟ୍ରଷ୍ଟର ଜିଲା ସଭାପତି ଲଲାଟ କିଶୋରୀ ନାୟକ, ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ କୁମାର ମହାନ୍ତି, ଅଶୋକ କୁମାର ପାଇଟାଲ ଓ ବାଦଲ କୁମାର ମଲ୍ଲିକ୍ ପ୍ରମୁଖ ଯୋଗଦେଇଥିଲେ ।

# ୨୨୬ ଗ୍ରାମରେ ପହଞ୍ଚୁନାହିଁ ପାନୀୟ ଜଳ

**କେନ୍ଦ୍ରାପଡା ଅଫିସ, ୩୧।୧୨**

■ମେଗା ପାନୀୟ ଜଳ ପ୍ରକଳ୍ପ ପର୍ଯ୍ୟାପ୍ତ ନ ହେବା ଆଶଙ୍କା
■୧୦ ଭାଗ ନଳକୂପରେ ଫ୍ଲୋରାଇଡ, ଆଇରନ ଓ ଲୁଣା ଅଂଶ ରହିଛି

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କେନ୍ଦ୍ରାପଡା ଜିଲାର ମହାକାଳପଡା ଓ ମାର୍ଶାଘାଇ ବ୍ଲକ ଲୁଣାଞ୍ଚଳବାସୀଙ୍କ ପାଇଁ ଗତ ଡିସେମ୍ବର ୮ରେ ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ଲୁଣାନଦୀର ମଧୁର ଜଳକୁ ବିଶୋଧନ କରି ପାନୀୟ ଜଳ ଭାବେ ବ୍ୟବହାର କରାଯାଇପାରିବ। ମାତ୍ର ଏହା ପର୍ଯ୍ୟାପ୍ତ ହେବ ନାହିଁ ବୋଲି ପରିବେଶବିତ୍‌ମାନେ ଆକଳନ କରୁଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ସଂଗୃହୀତ ସ୍ଥାନ ଲୁଣାନଦୀର ମଣିକୁଣ୍ଡାଠାରୁ ୫ କିଲୋମିଟର କେନାଲ ବ୍ରିଜ୍ ପର୍ଯ୍ୟନ୍ତ ସମୁଦ୍ରରେ ଜୁଆରିଆ ପାଣି ମାଡି ଆସୁଛି। । ଖରାଦିନେ ଏହାର ଜଳ ସ୍ରୋତ କମି ଆହୁରି ଆଗକୁ ୨ କିଲୋମିଟର ମାଡ଼ିଯାଉଛି । ଏହି କ୍ରମଧାରା ଆଗକୁ ଜାରି ରହିଲେ ଆସନ୍ତା ୫ ବର୍ଷ ମଧ୍ୟରେ ଲୁଣାନଦୀରେ ମଧୁର ଜଳ ପରିବର୍ତ୍ତେ ଲୁଣାପାଣି ମିଳିବ ବୋଲି ପରିବେଶବିତ୍‌ମାନେ ଆଶଙ୍କା ପ୍ରକଟ କରିଛନ୍ତି। ଏହାଛଡା କେନ୍ଦ୍ରାପଡା ଜିଲାର ୧୫୬୯ ରାଜସ୍ୱ ଗ୍ରାମ ମଧ୍ୟରୁ ୬୭୮ ଗ୍ରାମରେ ପାଇପ ଯୋଗେ ପାନୀୟ ଜଳ ଯୋଗାଣ ହେଉଛି । ଏଥିରୁ ୪୫୨ ଗ୍ରାମବାସୀ ଏହି ସୁବିଧା ପାଉଥିବା ବେଳେ ୨୨୬ ଗ୍ରାମର ଶେଷ ମୁଣ୍ଡରେ ପାଣି ପହଞ୍ଚିପାରୁନାହିଁ । ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଭାଗ ଗ୍ରାମାଞ୍ଚଳବାସୀ ଏହି ସୁବିଧା ପାଇବାରୁ ବଞ୍ଚିତ ହେଉଛନ୍ତି। ଗ୍ରାମାଞ୍ଚଳର ସମୁଦାୟ ୧୬,୨୨୮ ନଳକୂପ ମଧ୍ୟରୁ ଶତକଡା ୧୦ ଭାଗ ନଳକୂପରେ ଫ୍ଲୋରାଇଡ, ଆଇରନ ଓ ଲୁଣା ଅଂଶ ରହିଛି । ଜିଲା ପ୍ରଶାସନ ପକ୍ଷରୁ ଶତକଡା ୭୯ ଭାଗ ଜିଲାବାସୀ ଶୁଦ୍ଧ ପାନୀୟ ଜଳ ପାଉଥିବା ଦର୍ଶାଯାଉଥିବା ବେଳେ ବାସ୍ତବିକ ସ୍ଥିତି କିନ୍ତୁ ଭିନ୍ନ । ଜିଲାର ନଦୀ ଓ ପୋଖରୀ ଜଳକୁ ପାନୀୟ ଭାବେ ବ୍ୟବହାର କରି ବହୁ ଲୋକ ଜଳବାହିତ ରୋଗରେ ପଡିଥିବା ଜିଲା ସ୍ୱାସ୍ଥ୍ୟ ବିଭାଗ ରିପୋର୍ଟରୁ ପ୍ରକାଶ । ଅପରପକ୍ଷରେ ଜିଲାର ୪୫ ବୋରୱେଲ ନିର୍ମାଣ ଦୀର୍ଘଦିନ ଧରି ଅସମ୍ପୂର୍ଣ୍ଣ ହୋଇ ରହିଛି । ଫଳରେ ମାର୍ଶାଘାଇ ବ୍ଲକ ଓ ଗରଦପୁର ବ୍ଲକର ବହୁ ଗ୍ରାମରେ ପାନୀୟ ଜଳର ଅଭାବ ଦେଖାଯାଇଛି । ପାନୀୟ ଜଳ ସଙ୍କଟ ସମ୍ପର୍କରେ ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ଜିଲାର ୭ ନଦୀ ଓ ୨୭ ଉପନଦୀଗୁଡିକ ବୈତରଣୀ, ମହାନଦୀ ଓ ବ୍ରାହ୍ମଣୀ ସିଷ୍ଟମରୁ ଜଳଗ୍ରହଣ କରିଥାନ୍ତି। ୨୦୧୧ ଷ୍ଟେଟ ୱାଟର ମିଶନ ସର୍ଭେ ରିପୋର୍ଟଅନୁଯାୟୀ, ବୈତରଣୀର ୫୫.୮୧ ପ୍ରତିଶତ ମଧୁର ଜଳ ସମୁଦ୍ରରେ ମିଶୁଥିବା ବେଳେ ବ୍ରାହ୍ମଣୀର ୪୦.୭୮ ପ୍ରତିଶତ ଜଳ ସମୁଦ୍ରରେ ନଷ୍ଟ ହେଉଛି । ମହାନଦୀ ସିଷ୍ଟମ ଏବେ ଶୃଙ୍ଖଳା ପଡିଛି । ଫଳରେ ଲୁଣା, ଚିତ୍ରୋତ୍ପଳାରେ ଜଳଧାରା କମ୍ ରହୁଛି । ଏବେ କେନ୍ଦ୍ରାପଡା ସହରରେ ଲୁଣାନଦୀ ଜଳକୁ ପାନୀୟ ଜଳ ଭାବେ ବ୍ୟବହାର କରାଯାଉଛି । ମାତ୍ର ନଦୀରେ ଜଳାଭାବ ଯୋଗୁ ମଟରପମ୍ପକୁ ବାରମ୍ବାର ବନ୍ଦ କରି ଦିଆଯାଉଛି । ଜିଲା ଜନ ସୁରକ୍ଷା ସଭାପତି ଗଣେଶ ଚନ୍ଦ୍ର ସାମଲ କୁହନ୍ତି, ଜଳ ସଙ୍କଟ ଦୂର ପାଇଁ ପ୍ରାକୃତିକ ଜଳ ଉତ୍ସର ସୁରକ୍ଷା, ନଦୀକୂଳରେ ବୃକ୍ଷରୋପଣ, ଚେକ୍‌ଡ୍ୟାମ ନିର୍ମାଣ ଆଦି ଜରୁରୀ ହୋଇପଡିଛି । ଏ ସମ୍ପର୍କରେ ଜିଲାପାଳ ଦାଶରଥି ଶତପଥୀ କୁହନ୍ତି, ଜିଲା ପ୍ରଶାସନ ପକ୍ଷରୁ ଏଥିପ୍ରତି ଦୃଷ୍ଟି ଦିଆଯାଉଛି । ନିକଟରେ ମେଗା ପାନୀୟ ଜଳ ପ୍ରକଳ୍ପର ଶିଳାନ୍ୟାସ କରାଯାଇ ୨୦୦ ଗ୍ରାମକୁ ଜଳ ଯୋଗାଇ ଦେବା କାର୍ଯ୍ୟ ଆରମ୍ଭ ହୋଇଛି । ଆସନ୍ତା ୨ ବର୍ଷ ମଧ୍ୟରେ ଜିଲାର ସମସ୍ତଙ୍କ ଘରକୁ ମଧୁର ପାନୀୟ ଜଳ ଯୋଗାଣ ହେବ ବୋଲି ସେ କହିଛନ୍ତି।

## ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ



ଅତିଥିମାନେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

**କେନ୍ଦ୍ରାପଡା ଅଫିସ, ୩୧।୧୨**

କେନ୍ଦ୍ରାପଡା ଜିଲା ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ କେନ୍ଦ୍ରାପଡା ବ୍ଲକ ଇନ୍ଦୁପୁରସ୍ଥିତ ପାୟଲ ମ୍ୟୁଜିକ ସ୍କୁଲ ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଜିଲାର ବିଭିନ୍ନ ବ୍ଲକର ଯୁବ କଳାକାରମାନେ ଏଠାରେ ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ । ଶେଷରେ ସ୍କୁଲ ସଭାପତି ନୀଳମାଧବ ପତିଙ୍କ ଅଧ୍ୟକ୍ଷତାରେ ଏକ ପୁରସ୍କାର ପ୍ରଦାନ ସଭା ଆୟୋଜିତ ହୋଇଥିଲା । ଏଥିରେ ଗାୟକ ସମ୍ରାଟ ଲକ୍ଷ୍ମୀଧର ରାଉତ, ସରପଞ୍ଚ ରୀନା ମଲ୍ଲିକ, ସମିତିସଭ୍ୟ ସନ୍ତୋଷ କୁମାର ବେହେରା, ନୃତ୍ୟ ନିର୍ଦ୍ଦେଶିକା ନିର୍ଝରିକା ଦାସ, ଯୁବ ନିର୍ଦ୍ଦେଶକ ଦେବାଶିଷ ସାମଲ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ କେନ୍ଦ୍ରାପଡା ସଂସ୍କୃତି ସମ୍ପର୍କରେ ଆଲୋକପାତ କରାଇବା ସହ ପୁରସ୍କାର ବିତରଣ କରିଥିଲେ । ନେହେରୁ ଯୁବକେନ୍ଦ୍ର ସଂଯୋଜକ ବିବେକ ସିଂ, ସ୍ନେହଲତା ପଲାଇ, ଲକ୍ଷ୍ମୀକାନ୍ତ ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ।

## ଉଜ୍ଜ୍ୱଳା ସାନିଟାରି ନାପ୍‌କିନ୍‌ର ଶୁଭାରମ୍ଭ

**ରାଜକନିକା,୩୧।୧୨(ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ପ୍ରଧାନପଡା ପଞ୍ଚାୟତ ଜନସେବା କେନ୍ଦ୍ରରେ ରବିବାର କେନ୍ଦ୍ର ପେଟ୍ରୋଲିୟମ ଓ ଦକ୍ଷତା ବିକାଶ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସ ଜରିଆରେ ଉଜ୍ଜ୍ୱଳା ସାନିଟାରି ନାପ୍‌କିନର ଶୁଭାରମ୍ଭ କରିଛନ୍ତି । ଏହି ଉପଲକ୍ଷେ ଆୟୋଜିତ ସଭାରେ କମନ ସର୍ଭିସ ସେଣ୍ଟର ଜିଲା ପରିଚାଳକ ରଜନୀକାନ୍ତ ରାଉତ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥିଭାବେ ପଧାନପଡା ପଞ୍ଚାୟତର ସରପଞ୍ଚ ପ୍ରବୀଣା ଦାସ, ସମ୍ମାନିତ ଅତିଥି ଭାବେ ଆଳି ପଞ୍ଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ ଅନୁପମା ତ୍ରିପାଠୀ, ସାମାଜିକ କର୍ମୀ ସଂଘମିତ୍ରା ବିଶ୍ୱାଳ ଓ ଏଲ୍‌ପିଜିର କେନ୍ଦ୍ରାପଡା ସହକାରୀ ନୋଡାଲ ଅଫିସର ସୁବ୍ରତ କୁମାର ନାଥ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଅତିଥିମାନେ ଉଜ୍ଜ୍ୱଳା ଯୋଜନାରେ ମହିଳାଙ୍କୁ ଗ୍ୟାସ ସଂଯୋଗ ଓ ସାନିଟାରୀ ନାପ୍‌କିନର ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ । ଜନସେବା କେନ୍ଦ୍ରର ପରିଚାଳିକା ଏବଂ ରାଜକନିକା ବ୍ଲକ ସାନିଟାରୀ ନାପ୍‌କିନର ମୁଖ୍ୟ ସରୋଜିନୀ ଦାସ ଏହି ସରକାରୀ ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମରେ ହାଟସାହି, କଣ୍ଡିଆ, ଅବଦୁଲପୁର, ଅହମଦପୁର, ଚରପଡା ଓ ନମତରା ଆଦି ଅଞ୍ଚଳର ବହୁ ମହିଳା ଯୋଗଦେଇଥିଲେ ।

## ରାତ୍ରିକାଳୀନ ଆହାର କେନ୍ଦ୍ର ଉଦ୍‌ଘାଟିତ

**କେନ୍ଦ୍ରାପଡା ଅଫିସ, ୩୧।୧୨**

ଜିଲା ମୁଖ୍ୟ ଚିକିତ୍ସାଳୟରେ ରାତ୍ରିକାଳୀନ ଆହାର କେନ୍ଦ୍ର ସୋମବାରଠାରୁ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମକୁ ଜିଲା ପରିଷଦ ଅଧ୍ୟକ୍ଷ ମାନସ କୁମାର ପରିଡା, ଜିଲାପାଳ ଦାଶରଥି ଶତପଥୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଜିଲାପାଳ ଶତପଥୀ ସୂଚନା ଦେଇଛନ୍ତି, କେନ୍ଦ୍ରରେ ୫ ଟଙ୍କା ଦରରେ ଦିନ ସମୟରେ ୫୦୦ ଜଣଙ୍କୁ ଓ ରାତ୍ର ସମୟରେ ୨୫୦ ଜଣଙ୍କୁ ଖାଦ୍ୟ ଯୋଗାଇ ଦେବାପାଇଁ ବ୍ୟବସ୍ଥା ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ପିଡି ଦିଲୀପ ପରିଡା, ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଓ ପୌରକାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରସାଦ ବଳ ଯୋଗ ଦେଇଥିଲେ।

## ଦଲିଲ ଲେଖକଙ୍କ କଲମ ଛାଡ଼ ଆନ୍ଦୋଳନ

**ପଟ୍ଟାମୁଣ୍ଡାଇ, ୩୧।୧୨ (ସ୍ୱ.ପ୍ର.)**




ଗଣଧାରଣାରେ ସଂଘ ସଦସ୍ୟମାନେ।

ଜମି ବିକ୍ରି ଓ ଖର୍ଦ୍ଦି ପାଇଁ ଓଡ଼ିଶା ସରକାର କରିଥିବା ଅନଲାଇନ ରେଜିଷ୍ଟ୍ରେସନ ବ୍ୟବସ୍ଥାକୁ ନିଖିଳ ଉତ୍କଳ ଦଲିଲ ଲେଖକ ସଂଘ ପକ୍ଷରୁ ବିରୋଧ କରାଯାଇଛି। ଏ ନେଇ ପଟ୍ଟାମୁଣ୍ଡାଇ ବ୍ଲକ ଦଲିଲ ଲେଖକ ସଂଘ ସମ୍ପାଦକ ସନ୍ତୋଷ କୁମାର ସାହୁଙ୍କ ନେତୃତ୍ୱରେ ସୋମବାର ପଟ୍ଟାମୁଣ୍ଡାଇ ସବରେଜିଷ୍ଟ୍ରାରଙ୍କ ଅଫିସ ସମ୍ମୁଖରେ ଧାରଣା ଦିଆଯାଇଥିଲା। ଅନଲାଇନ ରେଜିଷ୍ଟ୍ରେସନ କରିବାକୁ ରାଜ୍ୟ ସରକାର ଯେଉଁ ଯୋଜନା କରିଛନ୍ତି, ସେଥିଯୋଗୁ ଓଡ଼ିଶାର ସମସ୍ତ ଦଲିଲ ଲେଖକ ବେକାର ହୋଇଯିବେ। କର୍ମ ସଂସ୍ଥାନ ହରାଇବାକୁ ଯାଉଥିବା ନିଖିଳ ଉତ୍କଳ ଦଲିଲ ଲେଖକ ସଂଘ ସମ୍ପାଦକ ଅଶୋକ ମହାନ୍ତି ସରକାରଙ୍କ ଏହି ଯୋଜନାକୁ ବିରୋଧ କରିଛନ୍ତି। ରାଜ୍ୟ ସରକାର ଜମି ବିକ୍ରି ଖର୍ଦ୍ଦି ବାବଦରେ ଯେଉଁ ଅନଲାଇନ ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ତାହାର ପୁନର୍ବିଚାର ନ କରିବାକୁ ଦାବି କରିଛି ନିଖିଳ ଉତ୍କଳ ଦଲିଲ ଲେଖକ ସଂଘ। ନଚେତ୍ ଆଗାମୀ ଦିନରେ ରାଜ୍ୟର ସମସ୍ତ ଦଲିଲ ଲେଖକ ବାଧ ହୋଇ ରାଜରାସ୍ତାକୁ ଓହ୍ଲାଇବା ସହିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ଧାରଣା ଦେବେ ବୋଲି ସଂଘ ଚେତାବନୀ ଦେଇଛି। ଏହି ଧାରଣାରେ ସଂଘ ସଦସ୍ୟ ଯୁଧିଷ୍ଠୀର ରାୟ, ସୁକାନ୍ତ ଜେନା, ରବୀନ୍ଦ୍ର ଦାଶ, ଅରୁଣ ଲେଙ୍କା, କପିଳ ରାଉତ, ପ୍ରତାପ ରାଉତ, କେଶବ ସେଠୀ, ଶ୍ରୀକାନ୍ତ ଦାଶ, ସଞ୍ଜୟ ଚୌଧୁରୀ, ଅରବିନ୍ଦ ରାଉଳ, ତ୍ରିଲୋଚନ ସେଠୀ, ରଞ୍ଜନ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

■ ନାଟ୍ୟକାର ଅନନ୍ତ ଓଝାଙ୍କ ସ୍ମୃତିସଭା

## ନାଟ୍ୟ ଜଗତର ଥିଲେ ବାଦ୍‌ଶାହା

**ଡେରାବିଶ, ୩୧।୧୨ (ସ୍ୱ.ପ୍ର.)**



ସ୍ମୃତିସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ଅର୍ଦ୍ଧଶତାବ୍ଦୀ ଧରି ନିଜ କଲମ ମୁନରେ ବହୁ ନାଟକ ରଚନା କରି ନାଟ୍ୟ ଜଗତର ବାଦ୍‌ଶାହା ଭାବେ ନିଜୟ ପରିଚୟ ସୃଷ୍ଟି କରିଥିବା ବିଶିଷ୍ଟ ନାଟ୍ୟକାର ଅନନ୍ତ ଓଝାଙ୍କ ପାଇଁ ଡେରାବିଶ ମାଟି ଗର୍ବିତ। ସୋମବାର ଅନନ୍ତଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେଇ ଅତିଥିମାନେ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ଏହି ଅବସରରେ ଅନନ୍ତ ଓଝା ଫାଉଣ୍ଡେଶନ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ବୀରନୀଳକଣ୍ଠପୁର ଗ୍ରାମରେ ଅନୁଷ୍ଠିତ ସ୍ମୃତିସଭାରେ ସଭାପତି ସାମାଜିକ କର୍ମୀ ହଳଧର ଦାଶ ଅଧ୍ୟକ୍ଷତା କରିଥିଲେ। ଏଥିରେ ଶିଳ୍ପପତି କୈଳାସ ଚନ୍ଦ୍ର ମହାରଣା ମୁଖ୍ୟଅତିଥି, ନାଟ୍ୟ ନିର୍ଦ୍ଦେଶକ ଲାଲା ବୀରେନ୍ଦ୍ର ରାୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ସେହିପରି ଉପସ୍ଥାପକ ହୃଷୀକେଶ, ବିରଞ୍ଚି ନାରାୟଣ, ଅଭିନେତା ବାହୁବଳୀ, ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଗାୟକ ଲକ୍ଷ୍ମୀଧର ରାଉତ, ଚଳଚ୍ଚିତ୍ର ନିର୍ଦ୍ଦେଶକ ଡା. ସଚ୍ଚି ଦାସ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ବରିଷ୍ଠ ବିଜେଡି ନେତା ରବି ସାମଲ, ପ୍ରାଧ୍ୟାପକ ଅଜୟ କୁମାର ରାଉତ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ଓଝାଙ୍କ ସ୍ମୃତି ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଓଡ଼ିଆ ଯାତ୍ରାର ସଫଳ ନାୟକ ଅନନ୍ତ ଓଡ଼ିଆ ଯାତ୍ରାରେ ଥିବା ପାରମ୍ପରିକ ଶୈଳୀକୁ ଭାଙ୍ଗି ନୂତନ ଚିନ୍ତାଧାରାର ନାଟକ ପରିକଳ୍ପନା କରିଥିବା ଉପରେ ଅତିଥିମାନେ ବକ୍ତବ୍ୟ ରଖିଥିଲେ। ନାଟକ ମାଧ୍ୟମରେ ନିଜର ବୈପ୍ଳବିକ ଚିନ୍ତାଧାରାକୁ ପରିପ୍ରକାଶ କରି ସମାଜ ଉପରେ ନାଟକର ପ୍ରଭାବ କିପରି ପଡ଼ିବ ସେ ଦିଗରେ ଅନନ୍ତଙ୍କ ଉଦ୍ୟମ ଐତିହାସିକ ବୋଲି ଅତିଥିମାନେ କହିଥିଲେ। ଏହି ସଭାରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁ ସଂଖ୍ୟାରେ ଚଳଚ୍ଚିତ୍ର, ଅପେରା ଓ ପାଲା କଳାକାର ଯୋଗ ଦେଇଥିଲେ। ଅନନ୍ତଙ୍କ ଉଦ୍ଦେଶ୍ୟରେ ପ୍ରକାଶିତ ବିଶେଷାଙ୍କ 'ଗୋବରୀ ପୁତ୍ର'କୁ ଉନ୍ମୋଚନ କରାଯାଇଥିଲା। ଶରଣାରବିନ୍ଦ ଓଝାଙ୍କ ଦ୍ୱାରା ପରିଚାଳିତ ସଭାରେ ଶିକ୍ଷାବିତ୍ ଈଶ୍ୱର ଚନ୍ଦ୍ର ପୃଷ୍ଟି ସ୍ୱାଗତ ଭାଷଣ, ଫାଉଣ୍ଡେଶନ ସମ୍ପାଦକ ବିଜୟ କୁମାର ନାୟକ ଅତିଥି ପରିଚୟ ଦେଇଥିଲେ। ଅଧ୍ୟାପକ ଧନେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଗୋଲକ ଚନ୍ଦ୍ର ମହାଭୋଇ, ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପଣ୍ଡା, ସାମାଜିକ କର୍ମୀ ଅଭିମନ୍ୟୁ ରାଉତ, ନିଗମ ସାହୁ, ନବକିଶୋର ସାମଲ, ନାରାୟଣ ଲେଙ୍କା, କୈଳାସ ଚନ୍ଦ୍ର ଲେଙ୍କା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନ ବୈଠକ

**କେନ୍ଦ୍ରାପଡା ଅଫିସ, ୩୧।୧୨**

କେନ୍ଦ୍ରାପଡା ଜିଲା ଅବସରପ୍ରାପ୍ତ ଶିକ୍ଷା ପରିଦର୍ଶକ ସଂଗଠନର ୨୫ତମ ବାର୍ଷିକ ଉତ୍ସବ ଆସନ୍ତା ଜାନୁୟାରୀ ୩୦ରେ ଅନୁଷ୍ଠିତ ହେବ । ଏହି ଉପଲକ୍ଷେ ସହରର ତିନିମୁହାଣିସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ସୋମବାର ଆୟୋଜିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ଉତ୍ସବର ସ୍ଥାନ ନିରୂପଣ, ସମୟ ଓ ପରିଚାଳନା ସମ୍ପର୍କରେ ଆଲୋଚନା ହୋଇଥିଲା । ଦୁହୁରିଆସ୍ଥିତ ମାଧ୍ୟମିକ ଶିକ୍ଷକ ସଂଘ କାର୍ଯ୍ୟାଳୟ ପରିସରରେ ଉତ୍ସବ ଆୟୋଜନ କରିବା ଲାଗି ସ୍ଥିର ହୋଇଥିଲା । ସେହିପରି ଅତିଥିଚୟନ ଓ ପରିଚାଳନା ସମ୍ପର୍କରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ । ପ୍ରାରମ୍ଭରେ ସଂଗଠନର ସମ୍ପାଦକ ହେମନ୍ତ କୁମାର ଜେନା ପୂର୍ବ ସଭାର ବିବରଣୀ ପାଠ କରିଥିଲେ। ବୈଠକରେ କାର୍ଯ୍ୟକର୍ତ୍ତା ମନ୍ମଥ କୁମାର ରାୟ, ଗିରିଧାରୀ ତ୍ରିପାଠୀ, ଗୋବିନ୍ଦ ଚନ୍ଦ୍ର ସେନାପତି ଓ ନରୋତ୍ତମ ଜେନା ପ୍ରମୁଖ ସାମିଲ ହୋଇଥିଲେ।

## ପେଣ୍ଠ ବେଳାଭୂମି ସଫେଇ



ବେଳାଭୂମି ସଫେଇ କରାଯାଉଛି।

**ରାଜନଗର, ୩୧।୧୨ (ଡି.ଏନ୍.ଏ.)**

ରାଜନଗର ବ୍ଲକସ୍ଥିତ ପେଣ୍ଠ ବେଳାଭୂମିର ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟୁଛି। ପର୍ଯ୍ୟଟକମାନେ ଏଠାରେ ବେଳାଭୂମିର ମଜା ନେବା ସହ ବଣଭୋଜି କରିଥାନ୍ତି। ବଣଭୋଜି ପରେ ଏଠାରେ ପଡ଼ି ରହୁଥିବା ପଲିଥିନ ଆଳିଆ ଆବର୍ଜନାକୁ ସୋମବାର ଏଣ୍ଡୁଳାପୁରର ମା'ପାଟକୁମାରୀ କଳା ବିକାଶ ଯୁବ ସଂଗଠନ ମେଘମହ୍ଲାର ପକ୍ଷରୁ ସଫେଇ କରାଯାଇଛି। ୨ କି.ମି. ବ୍ୟାପୀ ଏହି ବେଳାଭୂମିକୁ ସଂଗଠନର ଯୁବକମାନେ ସଫେଇ କରିବା ସହ ଆବର୍ଜନାକୁ କୁଣ୍ଡରେ ପକାଇ ପୋଡିଥିଲେ। ଏଥିସହ ପଲିଥିନ ବ୍ୟବହାର ନକରିବା ଓ ଆବର୍ଜନାକୁ କୁଣ୍ଡରେ ପକାଇବାକୁ ପର୍ଯ୍ୟଟକମାନଙ୍କୁ ସଂଗଠନ ସଦସ୍ୟମାନେ ସଚେତନ କରିଥିଲେ। ସଂଗଠନ ପକ୍ଷରୁ ମଙ୍ଗଳବାର ବରୁଣେଇ ମୁହାଣ ଓ ୨ ତାରିଖରେ ଭିତରକନିକା ଜାତୀୟ ଉଦ୍ୟାନ ସଫେଇ କରାଯିବାର କାର୍ଯ୍ୟକ୍ରମ ରହିଛି। ଏଥିରେ ରାଜେନ୍ଦ୍ର ପ୍ରସାଦ ରାଉତ, ପ୍ରେମାନନ୍ଦ ରାଉତ, ଶିବପ୍ରସାଦ ସେଠୀ, ନଳିନୀକାନ୍ତ ଜେନା, ବାବାଜୀ ଜେନା, ଦାମୋଦର ରାଉତ, ଜନ୍ମେଜୟ ପରିଡା, ଜ୍ୟୋତିର୍ମୟ ରାଉତ, ବିଶ୍ୱଜିତ ଜେନା, ରବୀନ୍ଦ୍ର ସେଠୀ, ସୁମନ୍ତ ସେଠୀ, ନିଶିକେଶ ରାଉତ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

■ ଆନ୍ତଃରାଜ୍ୟ କଳିଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ୟୁନିୟନ ସ୍ପୋର୍ଟିଂ କଟକ ଚାମ୍ପିୟନ

**ମାର୍ଶାଘାଇ,୩୧।୧୨ ( ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଓସ୍ତର ହାଟ ପଡ଼ିଆରେ ଚାଲିଥିବା ଆନ୍ତଃରାଜ୍ୟ କଳିଙ୍ଗ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ଅନୁଷ୍ଠିତ ହୋଇଯାଇଛି । ଫାଇନାଲ ମ୍ୟାଚ ବାଲାବାବା କେନ୍ଦ୍ରାପଡ଼ା ସହ ୟୁନିୟନ ସ୍ପୋର୍ଟିଂ କଟକ ମଧ୍ୟରେ ହୋଇଥିଲା । ଏଥିରେ ୟୁନିୟନ ସ୍ପୋର୍ଟିଂ କଟକ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ୩ ପର୍ଯ୍ୟାୟରେ ହେଉଥିବା ଏହି ଫାଇନାଲ ମ୍ୟାଚରେ ପ୍ରଥମ ୧୫ ଓଭର ବିଶିଷ୍ଟ ମ୍ୟାଚକୁ କେନ୍ଦ୍ରାପଡ଼ାର ବାଲାବାବା ଜିତି ନେଇଥିଲା। ୨ୟ ପର୍ଯ୍ୟାୟରେ ଆୟୋଜିତ ୮ ଓଭର ବିଶିଷ୍ଟ ମ୍ୟାଚକୁ ୟୁନିୟନ୍ ସ୍ପୋର୍ଟିଂ କଟକ ଜିତି ସ୍ଥିତି ବରାବର କରିଥିଲା । ଅନ୍ତିମ ପର୍ଯ୍ୟାୟରେ ୫ ଓଭର ବିଶିଷ୍ଟ ମ୍ୟାଚ ହୋଇଥିଲା । ଏଥିରେ ୟୁନିୟନ୍ ସ୍ପୋର୍ଟିଂ କଟକ ୨ ଉଇକେଟ୍ ହରାଇ ୮୪ ରନ୍ ସଂଗ୍ରହ କରିଥିଲା । ଜବାବରେ କେନ୍ଦ୍ରାପଡ଼ା ବାଲାବାବା ମାତ୍ର ୬୪ ରନ୍ କରିବାକୁ ସକ୍ଷମ ହୋଇଥିଲା । ଫଳରେ କଟକ ୟୁନିୟନ୍ ସ୍ପୋର୍ଟିଂ ଫାଇନାଲ ମ୍ୟାଚର ୩ଟି ପର୍ଯ୍ୟାୟରେ ୨-୧ ରେ ବିଜୟ ଲାଭ କରି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମାର୍ଶାଘାଇ ଅମ୍ବିକା ଓ ଅଶୋକା ପ୍ରତିଷ୍ଠାନର ରାଜେଶ ମାହେଶ୍ୱରୀ ମୁଖ୍ୟଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ନଗଦ ଅର୍ଥ ସହ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥିଭାବେ ରେଳ ବିକାଶ ନିଗମ ଲିମିଟେଡ଼ର ସତ୍ୟ ପ୍ରକାଶ ଯୋଗଦେଇ କେନ୍ଦ୍ରାପଡ଼ା ବାଲାବାବାକୁ ରନର୍ସଅପ୍ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ ।

■ ଜିଲାସ୍ତରୀୟ ଜନଶୁଣାଣି ଶିବିର

## ୨୬୦ ଅଭିଯୋଗ ଶୁଣିଲେ ଜିଲାପାଳ

**ଡେରାବିଶ, ୩୧।୧୨ (ସ୍ୱ.ପ୍ର.)**




ଶିବିରରେ ଜିଲାପାଳ ଦାଶରଥି ଶତପଥୀ ଓ ଅନ୍ୟ ପଦାଧିକାରୀମାନେ।

ଡେରାବିଶ ପଞ୍ଚାୟତ ସମିତି ସଭାଗୃହରେ ସୋମବାର ଜିଲାସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପଳ ଦାଶରଥି ଶତପଥୀ, ଏଏସ୍‌ପି ଅରୁଣ କୁମାର ଜେନା, ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ଦିଲ୍ଲୀପ କୁମାର ପରିଡ଼ା, ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ବିଡିଓ ଗୋପବନ୍ଧୁ ଭୋସାଗର, ତହସିଲଦାର କାହ୍ନୁଚରଣ ଲେଙ୍କା ଶିବିରରେ ଉପସ୍ଥିତ ରହି ଅଭିଯୋଗଗୁଡ଼ିକର ଶୁଣାଣି କରିଥିଲେ। ଶିବିରରେ ମୋଟ ୨୬୦ ଅଭିଯୋଗ ଆସିଥିଲା। ତନ୍ମଧ୍ୟରୁ ୧୦ ସାମୂହିକ ଅଭିଯୋଗ ଥିବା ବେଳେ ୨୫୦ ବ୍ୟକ୍ତିଗତ ଥିଲା। ବ୍ୟକ୍ତଗତ ଅଭିଯୋଗଗୁଡ଼ିକ ମଧ୍ୟରେ ବାସଗୃହ ଯୋଜନାରେ ଘର ଓ ରାଶନକାର୍ଡ ପ୍ରଦାନରେ ଅନିୟମିତତା ନେଇ ବହୁ ଅଭିଯୋଗ ଆସିଥିଲା। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ଆଦି ସମସ୍ୟା ସମ୍ପର୍କରେ ଲୋକମାନେ ଅଭିଯୋଗ ଆଣିଥିଲେ। ଶିବିରରେ ସ୍ୱାସ୍ଥ୍ୟ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ନୃପେନ୍ଦୁ ଶତପଥୀ, ଜିଲା ସମାଜମଙ୍ଗଳ ଅଧିକାରୀ ଚିନ୍ମୟୀ ରଥ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ କୁମାର ଦାସ, ବ୍ଲକ ମହିଳା ଓ ଶିଶୁ ବିକାଶ ଅଧିକାରୀ ସରସ୍ୱତୀ ସେଠୀ, ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଚିତ୍ତରଞ୍ଜନ ବେହେରା, ବ୍ଲକ କୃଷି ଅଧିକାରୀ ପ୍ରଭାତ କୁମାର ସାମଲ, ସର୍ବଶିକ୍ଷା ଯୋଜନା ବିଭାଗର ଇଂ. ଅନିଲ ମହାନ୍ତି, ବ୍ଲକ ଶିକ୍ଷାଧିକାରୀ ଅକ୍ଷୟ କୁମାର ସ୍ୱାଇଁ, ବ୍ଲକ ସାମାଜିକଶିଶୁ ସୁରକ୍ଷା ଅଧିକାରୀ ବିଶ୍ୱଜିତ ଚଇନୀ ପ୍ରମୁଖ ଶିବିରରେ ଉପସ୍ଥିତଥିଲେ।



ଉପା ସରକାର ଅମଳରେ ହୋଇଥିବା ଅଗୁସ୍ତା ୱେଷ୍ଟଲାଣ୍ଡ ହେଲିକପ୍ଟର କ୍ରୟ ଚୁକ୍ତି ବେଳେ କଂଗ୍ରେସ ନେତାମାନେ ୧୫୦ କୋଟି ଟଙ୍କା ଲାଞ୍ଚ ନେଇଥିଲେ।
- ଯୋଗୀ ଆଦିତ୍ୟନାଥ, ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ






## ■ ଜାତୀୟ ରାଜନୀତିରେ ମାଇଲଖୁଣ୍ଟ ହେବ ୨୦୧୯

# ସମ୍ଭାବନାର ୩୬୫ ଦିନ

ବିଦାୟ ନେଇଛି ୨୦୧୮ । ନୂଆ ଆଶା ଓ ସମ୍ଭାବନା ନେଇ ଧରାପୃଷ୍ଠକୁ ଛୁଇଁଛି ନୂଆବର୍ଷ । ଆଗାମୀ ୩୬୫ ଦିନ ଜାତୀୟ ରାଜନୀତି ଦୃଷ୍ଟିରୁ ବିଶେଷ ଗୁରୁତ୍ୱପୂର୍ଣ୍ଣ । କାରଣ ଏହି ବର୍ଷ ଏପ୍ରିଲରେ ହେବାକୁ ଯାଉଛି ଦେଶରେ ସାଧାରଣ ନିର୍ବାଚନ । ଏଇଠୁ ସ୍ଥିର ହେବ ଆଗାମୀ ୫ ବର୍ଷର ଖସଡ଼ା । ପୁଣି ଏପ୍ରିଲରୁ ନଭେମ୍ବର ମଧ୍ୟରେ ୭ଟି ରାଜ୍ୟର ମତଦାତା ବିଧାନସଭା ଭୋଟରେ ବାଛିବେ ସେମାନଙ୍କ ପ୍ରତିନିଧି ଓ ଗଢ଼ାହେବ ନୂଆ ସରକାର । ଏହି ଦୃଷ୍ଟିରୁ ନୂଆବର୍ଷ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇଥିବାବେଳେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ କଷଟି ପଥରରେ ଭାଗ୍ୟ ପରୀକ୍ଷାର ସୁଯୋଗ ଆଣିଦେବ । ସେପଟେ ଏହା ନିର୍ବାଚନୀ ବର୍ଷ ହୋଇଥିବାରୁ ମତଦାତାଙ୍କୁ ପ୍ରଲୋଭିତ କରିବା ଲାଗି ସରକାରଙ୍କ ଉଦ୍ୟମ ବଜେଟରେ ପ୍ରତିଫଳିତ ହେବ । କୃଷିଋଣ ଛାଡ଼ ଭଳି ଏକାଧିକ ଚାପରେ ଥିବା ଜାତୀୟ ଗଣତାନ୍ତ୍ରିକ ମେଣ୍ଟ(ଏନ୍‌ଡିଏ) ଏଥିରୁ ମୁକୁଳିବା ପାଇଁ ବଡ଼ ପଦକ୍ଷେପ ନେଇପାରେ । ସେହିପରି ନୂଆବର୍ଷରେ ସୁପ୍ରିମକୋର୍ଟଙ୍କ ଅଯୋଧ୍ୟା ରାୟ ଆସିବ । ଏହାପରେ ଅଯୋଧ୍ୟା ପ୍ରସଙ୍ଗକୁ ନେଇ ସରକାରଙ୍କ ଆଭିମୁଖ୍ୟ ଉପରେ ସମସ୍ତଙ୍କ ନଜର ରହିବ । ଜାତୀୟ ସ୍ତରରେ ମେଣ୍ଟ ରାଜନୀତିର ଭବିଷ୍ୟତ ଆଗାମୀ ଦିନରେ ଦେଶର ଦିଶା ଓ ଦଶା ବଦଳାଇବାର ସମ୍ଭାବନା ବହନ କରେ । ଏହି ଦୃଷ୍ଟିରୁ ଦୁଇହଜାର ଉଣେଇଶ ହେବ ମାଇଲଖୁଣ୍ଟ ।



## ମୋଦିଙ୍କ ମର୍ଯ୍ୟାଦାର ପ୍ରଶ୍ନ

କେନ୍ଦ୍ରରେ କ୍ଷମତାସୀନ ଭାଜପାକୁ ଶକ୍ତ ଝଟ୍‌କା ଦେଇ କ୍ୟାଲେଣ୍ଡର ପୃଷ୍ଠାରୁ ଅପସରିଯାଇଛି ୨୦୧୮। ଫାଇନାଲ ପୂର୍ବରୁ ୫ ରାଜ୍ୟର ସେମିଫାଇନାଲରେ ଭାଜପାକୁ ପରାଜୟର ମୁହଁ ଦେଖିବାକୁ ପଡ଼ିଛି। ଏହାସହ ଏହି ନିର୍ବାଚନ ଦୁଇହଜାର ଉଣେଇଶ ପାଇଁ ସତର୍କଘଣ୍ଟି ଭଳି ସନ୍ଦେଶ ଦେଇଯାଇଛି ଏନ୍‌ଡିଏକୁ ଘର ସଜାଡ଼, ନଚେତ ପରିଣାମ ଭଲ ହେବନାହିଁ । ଏହି ପୃଷ୍ଠଭୂମିରେ ଆଉ ୪ ମାସ ପରେ ଆସୁଛି ଆଉ ଏକ ବଡ଼ ନିର୍ବାଚନ। ୨୦୧୪ରେ ଦିଆଯାଇଥିବା ଅନେକ ପ୍ରତିଶ୍ରୁତି ଏବେ ବି ଅପୂରଣ ହୋଇ ରହିଥିବାବେଳେ ମୋଦି ସରକାର ୨୦୧୯ ସାଧାରଣ ନିର୍ବାଚନରେ ଲୋକଙ୍କୁ କିପରି ସାମ୍ନା କରିବେ ତାହା ଏକ ବଡ଼ ଚ୍ୟାଲେଞ୍ଜ। ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ପାଲଟିବ।

## ରାହୁଲଙ୍କ ଲାଗି ସୁଯୋଗ



ସଦ୍ୟ ସମାପ୍ତ ବିଧାନସଭା ନିର୍ବାଚନରେ ୩ ହିନ୍ଦୀଭାଷୀ ରାଜ୍ୟ ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଛତିଶଗଡ଼କୁ ଭାଜପା ହାତରୁ ଛଡ଼ାଇନେଇଛି କଂଗ୍ରେସ। ଏହାସହ ଏହି ସଫଳତା ଦଳକୁ ଦେଇଛି ବିଜୟର ନୂଆ ସୂତ୍ର। ଇତିମଧ୍ୟରେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀଙ୍କ ପାଇଁ ନୂଆବର୍ଷ ଅନେକ ସୁଯୋଗ ନେଇ ଆସିଛି। ରାହୁଲ ଏହାର ସଦୁପଯୋଗ କରି କେନ୍ଦ୍ରରେ କ୍ଷମତା ହାତେଇପାରିଲେ ତାହା ତାଙ୍କ ପାଇଁ ଜୀବନର ସବୁଠୁ ବଡ଼ ସଫଳତା ବୋଲି ଧରାହେବ। ଦଳୀୟ ସଙ୍ଗଠନକୁ ଆଗାମୀ ଦିନରେ ଅଧିକ ମଜଭୁତ କରି ସାଧାରଣ ନିର୍ବାଚନରେ ଉପାକୁ ବିଜୟୀ କରାଇବାର ଗୁରୁଦାୟିତ୍ୱ ରହିଛି ରାହୁଲଙ୍କ ହାତରେ। ଏହି ଦୃଷ୍ଟିରୁ ୨୦୧୯ ରାହୁଲଙ୍କ ରାଜନୈତିକ କ୍ୟାରିୟର ପାଇଁ ମଧ ମାଇଲଖୁଣ୍ଟ ହେବ ବୋଲି କୁହାଯାଉଛି।

## ୭ ରାଜ୍ୟରେ ଭୋଟ



ଏଥର ଏପ୍ରିଲ-ମେ'ରେ ସାଧାରଣ ନିର୍ବାଚନ ସହ ଅନୁଷ୍ଠିତ ହେବାକୁ ଯାଉଛି ଓଡ଼ିଶା, ଜମ୍ମୁ-କଶ୍ମୀର, ଅରୁଣାଚଳ ପ୍ରଦେଶ ଓ ସିକିମ ବିଧାନସଭା ଭୋଟ। ଏହାବାଦ୍ ଅକ୍ଟୋବରରେ ମହାରାଷ୍ଟ୍ର, ହରିୟାଣା ଓ ନଭେମ୍ବରରେ ଝାଡ଼ଖଣ୍ଡରେ ମଧ୍ୟ ବିଧାନସଭା ନିର୍ବାଚନ ହେବ। ଏହି ୭ ରାଜ୍ୟର ନିର୍ବାଚନ ଫଳ ପରବର୍ତ୍ତୀ ସମୟରେ ଜାତୀୟ ରାଜନୀତିକୁ ପ୍ରଭାବିତ କରିପାରେ। ଓଡ଼ିଶାରେ ବିଜେଡି ପୁନଃ କ୍ଷମତାସୀନ ହେବାକୁ ଉଦ୍ୟମ କରୁଥିବାବେଳେ ଭାଜପାର ବଳ ବୃଦ୍ଧି ଶାସକ ଦଳ ପାଇଁ ଚିନ୍ତାର କାରଣ ସାଜିଛି। ରାଷ୍ଟ୍ରପତି ଶାସନ ଜାରି ହୋଇଥିବା ଜମ୍ମୁ-କଶ୍ମୀରକୁ ୨୦୧୯ରେ ଦଖଲ କରିବା ପାଇଁ ଭାଜପା ଅଣ୍ଟାଭିଡୁଥିବାବେଳେ ବିରୋଧୀ ଦଳଗୁଡ଼ିକ ଏହାର ମୁକାବିଲା ପାଇଁ ମେଣ୍ଟ ରଣନୀତି ପ୍ରସ୍ତୁତ କରୁଥିବା ଜଣାପଡ଼ିଛି। ଅରୁଣାଚଳରେ ପେମା ଖଣ୍ଡୁ ସରକାରଙ୍କ ପାଇଁ ନିର୍ବାଚନ ଏଥର ସେତେଟା ସହଜ ହେବ ନାହିଁ ବୋଲି କୁହାଯାଉଛି। ମହାରାଷ୍ଟ୍ରରେ ଶିବସେନା ଅଲଗା ନିର୍ବାଚନ ଲଢ଼ିଲେ ଭାଜପାକୁ ମହଙ୍ଗା ପଡ଼ିପାରେ। ହରିୟାଣାରେ ମନୋହରଲାଲ ଖଟ୍ଟାର ସରକାର କଂଗ୍ରେସର ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହେବେ। ସେହିପରି ବର୍ଷ ଶେଷଆଡ଼କୁ ଝାଡ଼ଖଣ୍ଡରେ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ନେତୃତ୍ୱାଧୀନ ଭାଜପା ସରକାରର ହିସାବ ନିକାଶ କରିବେ ଭୋଟର।

## କୃଷିଋଣ ଛାଡ଼ ଚାପ



କେନ୍ଦ୍ର ସରକାରଙ୍କ ଉପରେ ଏବେ ସବୁଠୁ ବଡ଼ ଚାପ ହେଉଛି କୃଷକଙ୍କ ଋଣଛାଡ଼। ୨୦୧୮ ମେ'ରେ କୃଷିଋଣ ଛାଡ଼ ପ୍ରତିଶ୍ରୁତି ଦେଇ କଂଗ୍ରେସ କ୍ଷମତାସୀନ ହୋଇଥିଲା କର୍ଣ୍ଣାଟକରେ। ଦକ୍ଷିଣ ଭାରତର ଏହି ପ୍ରମୁଖ ରାଜ୍ୟରେ ଭାଜପାର ବିଜୟ ରଥ ଅଟକିଯିବା ପରେ କଂଗ୍ରେସ ଅନୁରୂପ ଫର୍ମୁଲା ପ୍ରୟୋଗ କରି ୩ ହିନ୍ଦୀଭାଷୀ ରାଜ୍ୟରେ ମଧ୍ୟ ସରକାର ଗଢ଼ିବାରେ ସଫଳ ହୋଇଛି। ଏହାପୂର୍ବରୁ ୨୦୦୮ରେ କଂଗ୍ରେସ ନେତୃତ୍ୱାଧୀନ ସଂଯୁକ୍ତ ପ୍ରଗତିଶୀଳ ମେଣ୍ଟ (ଉପା) ସରକାର ମଧ୍ୟ ଦେଶର ଚାଷୀମାନଙ୍କ ଋଣଛାଡ଼ କରିଥିଲେ। ତେଣୁ ନୂଆବର୍ଷରେ ଏନ୍‌ଡିଏ ଚାଷୀଙ୍କୁ ସୁହାଇଲା ଭଳି ବଡ଼ ଆର୍ଥିକ ପ୍ୟାକେଜ୍ ଘୋଷଣା କରିପାରେ ବୋଲି କୁହାଯାଉଛି। କାରଣ କୃଷି ଏକ ଅସଙ୍ଗଠିତ କ୍ଷେତ୍ର ହୋଇଥିଲେ ହେଁ ବାସ୍ତବରେ ଏହା ହିଁ ଦେଶର ସବୁଠୁ ବଡ଼ ଭୋଟବ୍ୟାଙ୍କ, ଯାହାକୁ ମୋଦି ସରକାର ହାତଛଡ଼ା କରିବାକୁ ଚାହିଁବେ ନାହିଁ।

## ଶେଷ ବଜେଟ

ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ଫେବୃୟାରୀ ୧ରେ ଲୋକ ସଭାରେ ଅନ୍ତରୀଣ ବଜେଟ ଉପସ୍ଥାପନ କରିବେ। ମୋଦି ସରକାର କ୍ଷମତାକୁ ନ ଫେରିଲେ ଏହା ହେବ ତାଙ୍କର ଶେଷ ବଜେଟ। ତେଣୁ ଏହାକୁ ନିର୍ବାଚନୀ ବଜେଟ ବୋଲି ମଧ କୁହାଯାଉଛି। ତେବେ ଏହି ବ୍ୟୟ ଅଟକଳ ଏକ ଲେଖାନୁଦାନ ହୋଇଥିବାରୁ ସରକାର ଏଥିରେ ବଡ଼ ନିଷ୍ପତ୍ତି ଘୋଷଣା କରି ନ ପାରନ୍ତି। ଏହା ପରେ ମାର୍ଚ୍ଚ ଆଡକୁ ନିର୍ବାଚନ କମିଶନ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିବା ସହ ନିର୍ବାଚନ ଆଚରଣ ବିଧି ଲାଗୁ ହେବ। ତେଣୁ ଜାନୁୟାରୀରେ ହିଁ ଲୋକଙ୍କୁ ସୁହାଇଲା ଭଳି କିଛି ଘୋଷଣା କରାଯାଇପାରେ ବୋଲି ତଥ୍ୟାଭିଜ୍ଞ ମହଲରୁ ପ୍ରକାଶ।





## ଅଯୋଧ୍ୟା ନିଷ୍ପତ୍ତି

୧୯୯୨ ଡିସେମ୍ବର ୬ରେ ଭଙ୍ଗାଯାଇଥିଲା ଅଯୋଧ୍ୟାସ୍ଥିତ ବାବ୍ରି ମସ୍‌ଜିଦ। ସେବେଠୁ ପ୍ରାୟ ସବୁ ସାଧାରଣ ନିର୍ବାଚନରେ ପ୍ରସଙ୍ଗ ହୋଇଆସିଛି ରାମମନ୍ଦିର। ୨.୭୭ ଏକର ଜମିରୁ କେଉଁ ପକ୍ଷ ଭାଗରେ କେତେ ପଡ଼ିବ ତାହା ନୂଆବର୍ଷରେ ସ୍ଥିର ହେବ। ଜାନୁୟାରୀ ୪ରେ ଏହାର ପରବର୍ତ୍ତୀ ଶୁଣାଣି କରିବାକୁ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠ ଡିସେମ୍ବର ୨୪ରେ ଧାର୍ଯ୍ୟ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶୀର୍ଷ ଅଦାଲତଙ୍କ ରାୟ ଉପରେ ସମସ୍ତଙ୍କ ନଜର ରହିଛି। ରାୟ ପରେ କେନ୍ଦ୍ର ସରକାରଙ୍କ ଆଭିମୁଖ୍ୟ ମଧ୍ୟ ନିର୍ଣ୍ଣାୟକ ହେବ। କାରଣ ଅଧ୍ୟାଦେଶ ଆଣି ରାମମନ୍ଦିର ନିର୍ମାଣ କରିବାକୁ ଉଭୟ କେନ୍ଦ୍ରର ମୋଦି ଓ ଉତ୍ତରପ୍ରଦେଶର ଯୋଗୀ ସରକାରଙ୍କ ଉପରେ ସାଧୁସନ୍ଥ ଏବଂ ବିଶ୍ୱହିନ୍ଦୁ ପରିଷଦର ଚାପ ବଢ଼ିବାରେ ଲାଗିଛି।

## ମେଣ୍ଟ ରାଜନୀତି







ସବୁ ବିରୋଧୀ ଦଳଙ୍କ ଇଚ୍ଛା କେନ୍ଦ୍ରରେ ମୋଦି ସରକାର କ୍ଷମତାଚ୍ୟୁତ ହୁଅନ୍ତୁ ବୋଲି। ତେଣୁ ଜାତୀୟ ସ୍ତରରେ ବିରୋଧୀ ମେଳି ବାନ୍ଧିବାରେ ଲାଗିଲେଣି। ଏଭଳି ସମୟରେ ନୂଆବର୍ଷ ନିର୍ବାଚନୀ ବର୍ଷ ହୋଇଥିବାରୁ ଏହା ମେଣ୍ଟ ରାଜନୀତି ପାଇଁ ନିର୍ଣ୍ଣାୟକ ହେବ ବୋଲି କୁହାଯାଉଛି। ଜାତୀୟ ସ୍ତରରେ ଏବେ ମୁଖ୍ୟତଃ ୨ ପ୍ରକାର ମେଣ୍ଟ ରହିଛି। ଗୋଟିଏ ଭାଜପା ନେତୃତ୍ୱାଧୀନ ଶାସକ ଏନ୍‌ଡିଏ ଏବଂ ଅନ୍ୟଟି କଂଗ୍ରେସ ନେତୃତ୍ୱାଧୀନ ବିରୋଧୀ ଉପା। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ତୃତୀୟ ମେଣ୍ଟ ଓ ସଂଘୀୟ ସାମ୍ମୁଖ୍ୟ ନାମରେ ଅନ୍ୟ ବିରୋଧୀ ଦଳଗୁଡ଼ିକ ଏକାଠି ହେବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ତଥା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଅଧ୍ୟକ୍ଷ ଏନ୍.ଚନ୍ଦ୍ରବାବୁ ନାଇଡୁ କଂଗ୍ରେସକୁ ମିଶାଇ କେନ୍ଦ୍ରରେ ଏକ ଅଣଭାଜପା ମେଣ୍ଟ ଗଠନର ମଙ୍ଗ ଧରିଛନ୍ତି। ସେପଟେ ଏକ ଅଣଭାଜପା ଏବଂ ଅଣକଂଗ୍ରେସ ମେଣ୍ଟ ଉଦ୍ୟମ ଜାରି ରଖିଛନ୍ତି ତେଲେଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ କେ.ଚନ୍ଦ୍ରଶେଖର ରାଓ (କେସିଆର୍)। ବିଜେଡି ଏବଂ ଏଆଇଏଡିଏମ୍‌କେ ଭଳି ଆଉ କେତୋଟି ପ୍ରଭାବଶାଳୀ ବିରୋଧୀ ଦଳ କୌଣସି ମେଣ୍ଟରେ ସାମିଲ ନ ହୋଇ ଉଚିତ ସମୟକୁ ଅପେକ୍ଷା କରିଛନ୍ତି। ନିର୍ବାଚନ ପରେ ପାଣିପାଗ ଅନୁସାରେ ମଧ୍ୟ ଏକ ଭିନ୍ନ ପ୍ରକାର ମେଣ୍ଟ ଗଠନ ହୋଇପାରେ ବୋଲି କୁହାଯାଉଛି। ଏନ୍‌ଡିଏ ଅଥବା ଉପା ସଂଖ୍ୟାଗରିଷ୍ଠତା ହାସଲ କରି ନ ପାରିଲେ ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଳି ଆଞ୍ଚଳିକ ଦଳର ମୁଖିଆ କିଙ୍ଗ୍‌ମେକର ଭୂମିକାରେ ଅବତୀର୍ଣ୍ଣ ହୋଇପାରନ୍ତି ବୋଲି ବିଶ୍ଳେଷକମାନେ ମତ ଦେଉଛନ୍ତି।

## ସଂକ୍ଷେପରେ

### ବିସ୍ଫୋରଣରେ ୪ ନିହତ

**ମସ୍କୋ,୩୧।୧୨(ଏଏଫ୍‌ପି)**-ରୁଷିଆର ଏକ ଆବାସିକ ବିଲ୍ଡିଂରେ ବିସ୍ଫୋରଣ ଘଟିବାରୁ ୪ ନିହତ ହୋଇଥିବାବେଳେ ୭୦ ଜଣ ନିଖୋଜ ଅଛନ୍ତି। ୨ ପିଲାଙ୍କ ସମେତ ୪ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଉଦ୍ଧାର କାର୍ଯ୍ୟ ଜାରି ରହିଛି। ବିଲ୍ଡିଂର ଏକ ବୃହତ ଅଂଶ ଧ୍ୱଂସ ହୋଇଯାଇଥିବାରୁ ଶତାଧିକ ଲୋକ ବିଯୁକ୍ତ ୧୮ ଡିଗ୍ରୀ ତାପମାତ୍ରାରେ ବାସହରା ହୋଇଛନ୍ତି। ୫୦ ଜଣ ଭଗ୍ନାବଶେଷ ତଳେ ଚାପିହୋଇ ରହିଛନ୍ତି।

### ବିଷାକ୍ତ ଖାଦ୍ୟ ଖାଇ ୧୦୩ ପିଲା ଅସୁସ୍ଥ

**ବେଙ୍ଗାଲୁରୁ,୩୧।୧୨(ପି.ଟି.)**-ଖାଦ୍ୟ ବିଷକ୍ରିୟାରୁ ବେଙ୍ଗାଲୁରୁସ୍ଥିତ ଏକ ସୁଧାର ଗୃହର ୧୦୩ ନାବାଳକ ସୋମବାର ଅସୁସ୍ଥ ହୋଇପଡିଛନ୍ତି। ସେମାନଙ୍କୁ ଇନ୍ଦିରା ଗାନ୍ଧୀ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପିଲାମାନେ ସକାଳେ ଜଳଖିଆ ଖାଇବା ପରେ ବାନ୍ତି କରିବା ସହ ପେଟରେ ଯନ୍ତ୍ରଣା ହେଉଥିବା କହିଥିଲେ ବୋଲି ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି।

## ପାକିସ୍ତାନକୁ ଚାପୁଡ଼ା

**ଶ୍ରୀନଗର,୩୧।୧୨(ପି.ଟି.)**

ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଅନ୍ତର୍ଗତ ଜମ୍ମୁ-କଶ୍ମୀରର ନାଉଗାମ୍ ସେକ୍ଟରରେ ପାକିସ୍ତାନର ସୀମା କାର୍ଯ୍ୟାନୁଷ୍ଠାନ ଟିମ୍ (ବ୍ୟାଟ୍)ର ବଡ଼ ଧରଣର ଆକ୍ରମଣ ଯୋଜନାକୁ ଭାରତୀୟ ସେନା ପଣ୍ଡ କରିଦେଇଛି। ଭାରତୀୟ ଯବାନଙ୍କ କାର୍ଯ୍ୟାନୁଷ୍ଠାନରେ ୨ ଅନୁପ୍ରବେଶକାରୀ ପ୍ରତିପକ୍ଷ ସୈନ୍ୟ ନିହତ ହୋଇଛନ୍ତି। ସେନାର ଏହି କାର୍ଯ୍ୟାନୁଷ୍ଠାନ ପାକିସ୍ତାନ ପାଇଁ ଚାପୁଡ଼ା ସଦୃଶ ହୋଇଛି।

ରବିବାର ରାତିରେ ପାକିସ୍ତାନୀ ସୈନ୍ୟବାହିନୀ ସୀମାରେ ଜୋରଦାର ମୋର୍ଟାର ଏବଂ ରକେଟ ଲଞ୍ଚର ମାଡ଼ କରୁଥିବାବେଳେ ଏହାର ସୁଯୋଗ ନେଇ ଅନୁପ୍ରବେଶକାରୀମାନେ ଘଞ୍ଚ ଜଙ୍ଗଲ ଦେଇ ଏଲ୍‌ଓସି ଅତିକ୍ରମ କରିଥିଲେ। ଏହା ସତ୍ତ୍ୱେ ଏଲ୍‌ଓସିରେ ନିୟୋଜିତ ଭାରତୀୟ ଯବାନ ସେମାନଙ୍କୁ ଚିହ୍ନଟ କରିଥିଲେ। ପାକ୍ ସେନା ଗୁଳିର ପାଲଟା ଜବାବ ଦେଇଥିଲା ଭାରତୀୟ ସେନା। ରାତିସାରା ଗୁଳି ବିନିମୟ ଜାରି ରହିଥିଲା। ଦୀର୍ଘ ସର୍ଚ୍ଚ ଅପରେସନ ପରେ ଘଞ୍ଚ ଜଙ୍ଗଲ ମଧ୍ୟରୁ ଦୁଇ ଜଣ ପାକିସ୍ତାନୀ ଯବାନଙ୍କ ମୃତଦେହ ଠାବ ହୋଇଥିଲା। ସେମାନଙ୍କଠାରୁ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଉକ୍ତ ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଛି।



■ ବ୍ୟାଟ୍‌ର ଆକ୍ରମଣ ଉଦ୍ୟମ ପଣ୍ଡ
■ ୨ ପାକିସ୍ତାନୀ ସୈନ୍ୟ ନିହତ

ତେବେ ଅନ୍ୟ ଅନୁପ୍ରବେଶକାରୀମାନେ ଏଲ୍‌ଓସି ଅତିକ୍ରମ କରି ଫେରିଯିବାରେ ସଫଳ ହୋଇଥିଲେ। ସେମାନେ ପାକିସ୍ତାନୀ ସେନା ପୋଷାକରେ ଥିଲେ। କେତେକ ବିଏସ୍‌ଏଫ ଏବଂ ପୁରୁଣା ଆଇଏ ପୋଷାକରେ ଥିଲେ ବୋଲି ସେନା ମୁଖପାତ୍ର କହିଛନ୍ତି। ସେମାନଙ୍କ ପାଖରେ ବିସ୍ଫୋରକ ଓ ଅସ୍ତ୍ରଶସ୍ତ୍ର ଥିଲା। ସେମାନେ ନାଉଗାମ୍ ସେକ୍ଟରସ୍ଥିତ ସେନା ଘାଟିକୁ ଆକ୍ରମଣ ପାଇଁ ଆସିଥିଲେ।

## ସୁଧୀର ଭାର୍ଗବ ନୂଆ ସିଆଇସି

**ନୂଆଦିଲ୍ଲୀ,୩୧।୧୨(ପି.ଟି.)**

ସୁଧୀର ଭାର୍ଗବ ନୂଆ ମୁଖ୍ୟ ସୂଚନା କମିଶନର (ସିଆଇସି) ନିଯୁକ୍ତ ହୋଇଛନ୍ତି। ସେ ପୂର୍ବରୁ ସୂଚନା କମିଶନର ଥିଲେ। କେନ୍ଦ୍ରୀୟ ସୂଚନା କମିଶନରେ ୧୧ ଜଣ କମିଶନରଙ୍କ ସ୍ଥାନରେ ମାତ୍ର ୩ ଜଣରେ କାର୍ଯ୍ୟ ଚାଲିଥିଲା। ଆଉ ଚାରିଜଣ ସୂଚନା କମିଶନରଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି। ସେମାନେ ହେଲେ ପୂର୍ବତନ ଆଇଏଫଏସ୍ ଅଫିସର ଯଶୱର୍ଦ୍ଧନ କୁମାର ସିହ୍ନା, ପୂର୍ବତନ ଆଇଏଏସ ଅଫିସର ନୀରଜ କୁମାର ଗୁପ୍ତା, ପୂର୍ବତନ ଆଇନ ସଚିବ ସୁରେଶ ଚନ୍ଦ୍ରା ଏବଂ ପୂର୍ବତନ ଆଇଆର୍‌ଏସ୍ ଅଫିସର ବଜନା ଏନ୍.ଶରଣ।



## ସଜ୍ଜନ କୁମାରଙ୍କ ଆତ୍ମସମର୍ପଣ

**ନୂଆଦିଲ୍ଲୀ,୩୧।୧୨(ପି.ଟି.)**

୧୯୮୪ ଶିଖ୍ ବିରୋଧୀ ଦଙ୍ଗା ମାମଲାରେ ଦୋଷୀସାବ୍ୟସ୍ତ ଓ ଆଜୀବନ କାରାଦଣ୍ଡରେ ଦଣ୍ଡିତ ପୂର୍ବତନ କଂଗ୍ରେସ ନେତା ସଜ୍ଜନ କୁମାର ସୋମବାର ଦିଲ୍ଲୀର କରକରଡୁମା କୋର୍ଟରେ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ୍ ଅଦିତି ଗର୍ଗଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ତିହାର ଜେଲ୍‌ରେ ସେ ସଜା କାଟିବାକୁ କରିଥିବା ଆବେଦନକୁ ମାଜିଷ୍ଟ୍ରେଟ୍ ଗର୍ଗ ଖାରଜ କରି ତାଙ୍କୁ ଉତ୍ତରପୂର୍ବ ଦିଲ୍ଲୀର ମାଣ୍ଡୋଲି ଜେଲ୍ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

ଦିଲ୍ଲୀର ରାଜନଗର ଅଞ୍ଚଳରେ ଗୋଟିଏ ପରିବାରର ୫ ସଦସ୍ୟ କେହାର ସିଂ, ଗୁରପିତ ସିଂ, ରଘୁବେନ୍ଦର ସିଂ, ନରେନ୍ଦ୍ର ପାଲ ସିଂ ଏବଂ କୁଲଦୀପ ସିଂଙ୍କୁ ହତ୍ୟା ମାମଲାରେ ଅଭିଯୁକ୍ତ ୭୩ ବର୍ଷୀୟ ସଜ୍ଜନ କୁମାରଙ୍କୁ ଡିସେମ୍ବର ୧୭ରେ ଦିଲ୍ଲୀ ହାଇକୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ ଓ ଆଜୀବନ କାରାଦଣ୍ଡ ସଜା ଦେଇଥିଲେ। ଏଥିପାଇଁ ଡିସେମ୍ବର ୩୧ ସୁଦ୍ଧା କୋର୍ଟରେ ନିଜକୁ ସମର୍ପଣ କରିବାକୁ ତାଙ୍କୁ ଆଦେଶ ହୋଇଥିଲା।

### ତିହାର ଜେଲ୍‌ରେ ରଖିବା ପାଇଁ ଆବେଦନ ଖାରଜ



ଏହି ଅବଧିକୁ ପରେ ଜାନୁଆରୀ ୩୧ ପର୍ଯ୍ୟନ୍ତ ବୃଦ୍ଧି କରାଯିବାକୁ ସଜ୍ଜନ କୁମାର ଦିଲ୍ଲୀ ହାଇକୋର୍ଟର ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଏହି ଆବେଦନ ପ୍ରତ୍ୟାଖାନ ହୋଇଥିଲା। ଏଥିରେ ସଜ୍ଜନ କୁମାର କଡ଼ା ସୁରକ୍ଷା ବଳୟରେ ଥିବା ତିହାର ଜେଲ୍‌କୁ ତାଙ୍କୁ ପଠାଯିବାକୁ କୋର୍ଟଙ୍କୁ ଅନୁରୋଧ କରିଥିଲେ। ତାଙ୍କ ନାମରେ ଆଉ ଏକ ଶିଖ୍ ବିରୋଧୀ ଦଙ୍ଗା ମାମଲା ରହିଥିବାରୁ ଜୀବନ ପ୍ରତି ବିପଦ ଥିବା ସେ ଦର୍ଶାଇଥିଲେ।

## ଅଗୁସ୍ତା ମଧ୍ୟସ୍ଥ ନେଇଛନ୍ତି ୪୩୧ କୋଟି

**ନୂଆଦିଲ୍ଲୀ,୩୧।୧୨**- ଭିଭିଆଇପି ହେଲିକପ୍ଟର କିଣା ଚୁକ୍ତି ଲାଗି ଭାରତୀୟ ରାଜନେତା ଓ ଅଫିସରଙ୍କୁ ୩୬୦୦ କୋଟି ଟଙ୍କା ଲାଞ୍ଚ ଦେଇଥିଲା ଅଗୁସ୍ତା ୱେଷ୍ଟଲ୍ୟାଣ୍ଡ। ଏହି କାରବାରରେ ମଧ୍ୟସ୍ଥତା କରୁଥିବା ଖ୍ରୀଷ୍ଟିଆନ ମିଶେଲ ଓ ଅନ୍ୟମାନଙ୍କୁ ୫୪ ନିୟୁତ ୟୁରୋ (୪୩୧ କୋଟି ଟଙ୍କା) ଦିଆଯାଇଥିଲା। ଏହାସହ ଆଉ ୪ ନିୟୁତ ୟୁରୋ ଭାରତରେ ଦିଆଯିବ ବୋଲି ଚୁକ୍ତି ହୋଇଥିଲା, ଯାହାର ଲିଖିତ ପ୍ରମାଣ ସିବିଆଇକୁ ମିଳିଯାଇଛି। ୨୦୧୧ ମେ ୮ରେ ଦୁବାଇରେ ମିଶେଲ ଏବଂ ଗୁଇଡୋ ହାଶ୍ଟକେଙ୍କ ଦ୍ୱାରା ପ୍ରସ୍ତୁତ ଚୁକ୍ତିନାମାରେ ୫୮ ନିୟୁତ ଉଲ୍ଲେଖ ଅଛି। ସେତେବେଳେ ମିଶେଲ ଓ ତାଙ୍କ ଟିମ୍ ଗୋଟିଏ ପାର୍ଶ୍ୱରେ ଥିବାବେଳେ ହାଶ୍ଟକେ, କାଲରୋ ଗେରୋସା ଏବଂ ତ୍ୟାଗୀ ଭ୍ରାତା ଅନ୍ୟ ପାର୍ଶ୍ୱରେ ଥିଲେ। ସେମାନଙ୍କ ମଧ୍ୟରେ ମତଭେଦ ଦୂର କରିବା ଲାଗି ଦୁବାଇ ବୈଠକ ଡକାଯାଇଥିଲା। ଶେଷରେ ମିଶେଲଙ୍କୁ ୩୦ ନିୟୁତ ଏବଂ ହାଶ୍ଟକେ ଓ ଅନ୍ୟ ମଧ୍ୟସ୍ଥଙ୍କୁ ୨୮ ନିୟୁତ ଦେବା ଲାଗି ଚୁକ୍ତିନାମା ହୋଇଥିଲା।

### ଏମ୍‌ପି, ରାଜସ୍ଥାନରେ କଂଗ୍ରେସକୁ ସମର୍ଥନ

## ପୁନର୍ବିଚାର କରିବେ ମାୟାବତୀ

**ଲକ୍ଷ୍ନୌ,୩୧।୧୨(ପି.ଟି.)**

ମଧ୍ୟପ୍ରଦେଶ ଏବଂ ରାଜସ୍ଥାନର କଂଗ୍ରେସ ସରକାରକୁ ବିଏସ୍‌ପି ବାହାରୁ ସମର୍ଥନ କରୁଥିବାବେଳେ ଏହାର ପୁନର୍ବିଚାର କରିବାକୁ ମାୟାବତୀ ସୋମବାର ସୂଚନା ଦେଇଛନ୍ତି। ଗତ ଏପ୍ରିଲ ୨ରେ ଭାରତ ବନ୍ଦ ବେଳର ହିଂସା ଘଟଣାରେ ଅଭିଯୁକ୍ତ କରାଯାଇଥିବା ନିରୀହ ଲୋକଙ୍କ ଉପରୁ ମାମଲା ପ୍ରତ୍ୟାହାର ନ ହେଲେ ସେ ସମର୍ଥନର ପୁନର୍ବିଚାର କରିବେ ବୋଲି ବିଏସ୍‌ପି ସୁପ୍ରିମୋ କହିଛନ୍ତି। ପୂର୍ବରୁ ଭାଜପା ସରକାର ଥିବା ଏହି ରାଜ୍ୟରେ ରାଜନୀତି ଏବଂ ଜାତି ବିଚାରରେ ନିରୀହ ଲୋକଙ୍କ ବିରୋଧରେ ମାମଲା ଦାଏର କରାଯାଇଥିଲା। ଏବେ ଉକ୍ତ ରାଜ୍ୟରେ କଂଗ୍ରେସ ସରକାର ଗଢ଼ିଛି। ତେଣୁ ମିଥ୍ୟା ମାମଲା ପ୍ରତ୍ୟାହାର କରିନେବାକୁ ମାୟାବତୀ ଆହ୍ୱାନ ଦେଇଛନ୍ତି। ମଧ୍ୟପ୍ରଦେଶ ବିଧାନସଭାରେ ବିଏସ୍‌ପିର ୨ ବିଧାୟକ ରହିଥିବାବେଳେ ରାଜସ୍ଥାନ ବିଧାନସଭାରେ ୬ ବିଧାୟକ ଅଛନ୍ତି। ୨ ରାଜ୍ୟରେ ସରକାର ଗଢ଼ିବା ଲାଗି ବିଏସ୍‌ପି କଂଗ୍ରେସକୁ ବାହ୍ୟ ସମର୍ଥନ ଦେଇଥିଲା।



ଧରିତ୍ରୀ Exam Mate

Mock Test Paper for Std X, XII CBSE Board, IIT - JEE Main & Advanced. FOR ANSWERS VISIT : www.dharitri.com

# MOCK TEST PAPER # 5

## CLASS-X (SCIENCE)

**Time Allowed : 3 hours** **Maximum Marks: 80**

### GENERAL INSTRUCTIONS

*i.* ***The question paper comprises two sections, A and B. You are to attempt both the section.***

*ii.* ***All questions are compulsory. However, an internal choice will be provided in two questions of 3 marks each and one question of 5 marks.***

*iii.* ***Question numbers 1 to 2 in Section A are one-mark questions. These are to be answered in one word or in one sentence.***

*iv.* ***Question numbers 3 to 5 in Section A are two marks questions. These are to be answered in about 30 words each.***

*v.* ***Question numbers 6 to 15 in Section A are three marks questions. These are to be answered in about 50 words each.***

*vi.* ***Questions number 16 to 21 in Section A are five marks questions. These are to be answered in about 70 words***

*vii.* ***Question numbers 22 to 27 in Section B are two marks questions based on practical skills. These are to be answered in brief.***

### SECTION-A

**1.** List any one application of A.C.

**2.** Why urethra of male is called urinogenital canal ?

**3.** Write the needs of local people living inside or near the forest area.

**4.** Write the IUPAC names of the following compounds

i. $CH_3–CH_2–Br$ ii. $H–C{=}O$ (with H below C) iii. $CH_3CH_2CH_2CH_2C{\equiv}CH$ iv. $CH_3CH_2COOH$

**5.** Give any two important changes in the uterus after fertilization of the ovum.

**6.** List three advantages of producing hydro-electricity by building dams on rivers.

**7.** Distinguish between 'Conservation' and 'Preservation'. Suggest any four practices which may help in protecting our environment.

**8.** Two metallic wires A and B of the same material are connected in parallel. Wire A has length l and radius r, wire B has a length 2l and radius 2r. Calculate the ratio of the equivalent resistance in parallel combination and the resistance of wire A.

**9.** Name the type of mirror used in the following situations:

i. Rear view mirror in vehicles

ii. Solar furnace

iii. Torch

iv. Solar cooker

v. To get the full length image of tall building.

**10.** A coil is insulated copper wire is connected to a galvanometer. What would happen if a bar magnet is:

i. Pushed into the coil.

ii. Withdrawn from inside the coil

iii. Held stationary inside the coil.

**11.** Identify the elements with the following properties and arrange them in increasing order of their reactivity:

i. A metal which is soft and reactive.

ii. The metal which is an important constituent of limestone.

iii. The metal which exists in liquid state at room temperature.

**12.** An element A reacts with water to form a compound B, which is used in white washing. The compound B on heating forms an oxide C, which on treatment with water gives back B. Identify A, B and C. Give the reactions involved.

**OR**

Of the three metals X, Y and Z, X reacts with cold water, Y with hot water and Z with steam only. Identify X, Y and Z. Also arrange them in order of increasing reactivity.

**13.** Komal uses colours to celebrate Holi with friends which are oxidized metals or industrial dyes mixed with engine oil. The doctors say these are toxic and can cause skin allergies, eye irritation and even blindness. On the other hand, Kavita uses edible colours which are obtained from natural substances like red colour prepared by red pomegranate peels boiled with water or rose petals can also be used, blue colour obtained by indigo plant and green colour can be made from thin paste of mint and spinach leaves.

a. What are the harmful effects of chemicals present in colours of Holi ?

b. What are the positive effects of edible colours ?

c. What values are possessed by Kavita using herbal colour ?

**14.** If accidentally we step on something sharp at once we move our foot away. What is this type of response known as ? State how it is controlled.

**15.** Explain the theory that explains origin of life as "abiogenesis first, but biogenesis ever since".

**OR**

The human hand; cat paw and the horse foot, when studied in detail show the same structure of bones and point towards a common origin.

i. What do you conclude from this ?

ii. What is term given to such structures ?

**16.** Explain the structure and functioning of Human eye. How are we able to see nearby as well as distant objects ?

**17.** i. State two factors which determine the resistance of a conductor for a given material

ii. Two resistors of 5Ω and 10Ω resistances of the same material are to be connected to a battery of emf 6V so as to obtain.

A. same potential across the end of the resistor.

B. different potential across each resistor.

Complete:

a. how will you connect these resistors in each case.

b. the ratio of current flows through the circuit.

c. whether resistivity of both resistors is same or different. Give reason.

**OR**

With the help of a ray diagram show the type of images formed when object is placed at the following positions in front of concave mirror.

i. at infinity ii. beyond C iii. at F iv. at C v. between F and C

vi. between F and O

[C = centre of curvature, O = optical centre of the mirror, F = focus].

**18.** Answer the following questions:

i. How is bleaching powder prepared ? Why does bleaching powder.

a. smell strongly of chlorine ?

b. not dissolve completely in water ?

ii. Why concentrated basic solutions have greater pH ?

**19.** What is autonomic nervous system ? Name the subsystems in which it is subdivided.

**20.** a. What is Modern Periodic Law ?

b. Atomic masses of nickel and cobalt are respectively 58.7 and 58.9. Which of them should appear first in the Periodic Table ?

c. In which groups of the Periodic Table are the elements germanium and strontium present ?

d. What is meant by the Law of Octaves ?

e. Which has the bigger size

i. out of chlorine and bromine ?

ii. out of sodium and magnesium ?

**21.** a. Complete the glucose breakdown pathway in case of aerobic respiration by filling the blanks.

$$\text{Glucose} \xrightarrow{\text{In cytoplasm}} \boxed{1} + \boxed{2} \xrightarrow[\boxed{3}]{\boxed{4}} \boxed{5} + \boxed{6} + \boxed{\text{Energy}}$$

b. Name the molecule in the cell which stores the energy produced at the end of the pathway.

c. Why do we get cramps during vigorous muscular activity ?

### SECTION-B

**22.** A zinc plate was kept in a glass container having $CuSO_4$ solution. On examining, it was found that the blue colour of the solution is getting fader and fader. After a few days when the zinc plate was taken out of the solution, a number of small holes were noticed in it. State the reason and give the chemical reactions involved.

**23.** Vinegar was taken in a test tube and blue litmus solution was added to it. A change in colour was observed. Then on adding sodium hydroxide solution to the test tube, the blue colour was restored. Explain the observations.

**24.** While experimentally verifying Ohm's Law a student observed that the pointer of the voltmeter coincide with 15th division when the voltmeter has a least count of 0.05 V. Find the observed reading of voltmeter.

**25.** In an electric circuit, a resistor of 5Ω resistance is connected to a battery of 5V through an ammeter and a plug key. Now in this circuit another resistor of 10Ω resistance is connected in series with the 5Ω resistor. Will there be any change in the ammeter reading ? How much ?

**26.** Why are germinating seeds taken in the experiment to test the release of carbon dioxide during respiration ? What would happen if germinating seeds are replaced by boiled seeds ?

**27.** A student is viewing under a microscope a permanent slide showing various stages of asexual reproduction by budding in yeast. Draw diagrams of what he sees (in proper sequence).

For Answers visit: www.dharitri.com

Vidyamandir Classes
GURUKUL FOR IITJEE AND MEDICAL PREPARATION
ADMISSION TEST ON 13th & 20th JANUARY 2019
(FOR CLASS VII, VIII, IX, X & XI STUDENTS) Ph. No. 0674 - 2421400, 2421800, 85990 87100 / 85990 87200
Preparation For: JEE Mains & Advanced, Medical (NEET / AIIMS), KVPY, Olympiad, NTSE & Board.
Jaydev Vihar Centre : 1st Floor Above HDFC Bank, Madhusudan Nagar, Kalinga Stadium Square, •Damana Centre: Plot No. 248, 1st Floor, Near Damana Square, Sailashree Vihar Road, Chandrasekharpur, Bhubaneswar
Corporate Office: Vidyamandir Classes, Aggrawal Corporate Heights, 3rd Floor, Plot No. A-7 Netaji Subhash Place, Opposite Wazirpur Depot, Pitampura, Delhi, www.vidyamandir.com

# ନିଶା ଦେଇଛି ପରିଚିତି

**ଲେଖା ଦିଏ ଆତ୍ମସନ୍ତୋଷ:** ରାଜ୍ୟ ସଂଗ୍ରହାଳୟରେ ଅଧୀକ୍ଷକ ଭାବେ କାର୍ଯ୍ୟରତ ଡ. ଜୟନ୍ତୀ ରଥଙ୍କ ସାହିତ୍ୟ ପ୍ରତି ରହିଛି ବିଶେଷ ରୁଚି। ସାହିତ୍ୟକୁ ନେଇ ବିଭିନ୍ନ ଗବେଷଣା କରିବା ବିଶେଷକରି ଓଡିଶା ସାହିତ୍ୟକୁ ନେଇ ବିଭିନ୍ନ ପ୍ରବନ୍ଧ ଲେଖିବା ତାଙ୍କର ନିଶା। ଚାକିରି କ୍ଷେତ୍ରରେ ସେ ଯେତିକି ଲୋକଙ୍କ ପାଖରେ ପରିଚିତ ନୁହନ୍ତି, ଜଣେ ସାହିତ୍ୟିକା ଭାବେ ସାରା ଓଡିଶାରେ ସେ ଜଣେ ବେଶ୍ ପରିଚିତ ଚେହେରା। ସେ ନିଜର ଅଗଣିତ ପାଠକଙ୍କୁ ଶବ୍ଦଖେଳ, ଅସତ୍ୟବଳୟ, ଭିନ୍ନ




ଜୟନ୍ତୀ

ବର୍ଣ୍ଣବୋଧ ଓ ଅନ୍ୟାନ୍ୟ ଗଳ୍ପ, ଛାୟାପଥ, ଜ୍ୟାମିତି ପରିମିତି, ଦୀପଧୂପ ଭଳି ଅନେକ ଉଚ୍ଚକୋଟୀର ଲେଖା ଭେଟି ଦେଇଛନ୍ତି। ଏଭଳି ସାରସ୍ୱତ କୀର୍ତ୍ତି ଲାଗି ସେ ଓଡିଶା ସାହିତ୍ୟ ଏକାଡେମୀ ଆୱାର୍ଡ, ଅକ୍ଷୟ ସାହିତ୍ୟ ସମ୍ମାନ ଭଳି ଅନେକ ସମ୍ମାନର ଅଧିକାରିଣୀ ହେବା ସହ ରାଜଧାନୀ ପୁସ୍ତକମେଳା, ଅଖିଳ ମୋହନ ଫାଉଣ୍ଡେଶନ ଭଳି ଅନେକ ଅନୁଷ୍ଠାନ ପକ୍ଷରୁ ସମ୍ମାନଜନକ ପୁରସ୍କାର ଲାଭ କରିଛନ୍ତି। ତେବେ ପେସାଠାରୁ ନିଶା ତାଙ୍କୁ ଅଧିକ ଲୋକପ୍ରିୟ କରିବା ସହ ଆତ୍ମସନ୍ତୋଷ ଦେଇପାରିଛି ବୋଲି ପ୍ରକାଶ କରିଛନ୍ତି ଏହି ବିଶିଷ୍ଟ ସାହିତ୍ୟିକା।

**ଦୁଃସାହସିକ ଯାତ୍ରାରୁ ମିଳେ ଆନନ୍ଦ:** ପାଠବହି, ଟ୍ୟୁଶନ ଓ ପଢ଼ାକୁ ନେଇ ତାଗିଦ ଭିତରେ କଟିଛି ପିଲାଦିନ। ଏଣୁ ପାଠ ସହ ଯୋଡ଼ି ହୋଇଥିବାରୁ ପେସାରେ ଏବେ ସେ ଭେଟେରିନାରି ଡାକ୍ତର ଭାବେ କାର୍ଯ୍ୟରତ। ହେଲେ ନିଶା ତାଙ୍କର ଦୁଃସାହସିକ ଯାତ୍ରା କରିବା କିମ୍ବା ପ୍ରାକୃତିକ ପରିବେଶ ଭିତରେ ସମୟ କାଟିବା । ସେ ହେଉଛନ୍ତି କଟକ ଲିଙ୍କ୍‌ରୋଡ ଅଞ୍ଚଳରେ ରହୁଥିବା ଅନସୂୟା ଏବଂ ସତ୍ୟପ୍ରିୟ ମିଶ୍ରଙ୍କ ଝିଅ ସାଗରିକା। ସେ ଗତ ଏକବର୍ଷ ମଧ୍ୟରେ ଦେଶର ବିଭିନ୍ନ ସ୍ଥାନରେ ହେଉଥିବା ଦୁଃସାହସିକ ପ୍ରତିଯୋଗିତାରେ ସାମିଲ ହେବା ସହ ନିଜ ଇଚ୍ଛାକୁ ପୂରଣ କରିଛନ୍ତି। ଇତିମଧ୍ୟରେ ସେ ଆଣ୍ଡାମାନରେ ସ୍କୁବା ଡାଇଭିଂ, ପୁରୀରୁ ବାଲିହରଚଣ୍ଡୀ ପର୍ଯ୍ୟନ୍ତ ୧୭ କିମି ଚାଲିବା ପ୍ରତିଯୋଗିତା, ଦୁର୍ଗମ ପାହାଡ଼ିଆ ରାସ୍ତା ଦେଇ କପିଳାସ ଯାତ୍ରା କରିସାରିଛନ୍ତି। ଗତ ସେପ୍ଟେମ୍ବରରେ ଲଦାଖ ପାହାଡ଼ ଉପରେ ଅନୁଷ୍ଠିତ ୭ କିମି ଚାଲିବା ପ୍ରତିଯୋଗିତାରେ ସାଗରିକା ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଛନ୍ତି। ତେବେ ଏହି ଦୁଃସାହସିକ କ୍ରୀଡ଼ା ବର୍ତ୍ତମାନ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାରେ ବେଶ୍ ସାହାଯ୍ୟ କରିଛି ବୋଲି ମତ ଦେଉଥିବା ସାଗରିକା ନିଜ ସଫଳତାର ଶ୍ରେୟ ସ୍ୱାମୀ ସୌଭାଗ୍ୟ କୁମାର ରଥଙ୍କୁ ଦିଅନ୍ତି।



ସାଗରିକା

**ବର୍ତ୍ତମାନ ପ୍ରତ୍ୟେକ କ୍ଷେତ୍ରରେ ନାରୀ ନିଜର ଦକ୍ଷତା ପ୍ରମାଣିତ କରିବାରେ ସକ୍ଷମ। ନିଜ ସାମର୍ଥ୍ୟ ଅନୁଯାୟୀ ବିଭିନ୍ନ ପେସା ଆପଣାଇ ହୋଇପାରିଛି ସ୍ୱରୋଜଗାରକ୍ଷମ। ହେଲେ ଏମିତି ବି କେତେଜଣ ମହିଳା ଅଛନ୍ତି, ଯେଉଁମାନଙ୍କୁ ପେସାଠାରୁ ନିଶା ଦେଇଛି ଅଧିକ ପରିଚିତି। ଏହି ନବବର୍ଷରେ ଏଭଳି କେତେଜଣ ମହିଳାଙ୍କ ସମ୍ପର୍କରେ...**


ସୁଧାଂଶୁବାଳା


ସାଇପ୍ରିୟା

**ଫୁଲଗଛ ଲଗାଇବାର ଖୁସି ନିଆରା:** ଫୁଲକୁ ସେ ଖୁବ୍ ଭଲ ପାଆନ୍ତି। କେଉଁଠି ନୂଆ ଫୁଲଗଛଟିଏ ଆଖିରେ ପଡିଲେ, ତା'ର ନାଁ ଜାଣିବାଠାରୁ ଆରମ୍ଭ କରି ଚାରା ସଂଗ୍ରହ କରି ନିଜେ ଲଗାଇବାରେ ଆଦୌ ବିଳମ୍ବ କରନ୍ତି ନାହିଁ। ଆଉ ଏହି ଫୁଲଗଛ ଲଗାଇବାର ନିଶା ଆଜି ତାଙ୍କୁ ଆଣିଦେଇଛି ଏକ ନିଆରା ପରିଚୟ। ସେ ହେଉଛନ୍ତି କୋଣାର୍କ ସରକାରୀ ଆୟୁର୍ବେଦିକ ଡାକ୍ତରଖାନାରେ ଡାକ୍ତର ଭାବେ କାର୍ଯ୍ୟରତ ଡା. ସୁଧାଂଶୁବାଳା ସାମନ୍ତରାୟ। ୨୦ ବର୍ଷ ହେବ ସେ ଫୁଲ ଉପରେ ଗବେଷଣା ଚଳାଇଛନ୍ତି। ସେ ଫାଙ୍କା ସମୟ ପାଇବା ମାତ୍ରେ ନିଜ ବଗିଚାରେ ଲଗାଇଥିବା ଫୁଲଗଛର ଯତ୍ନ ନେବା ସହ ଆଖପାଖ ଅଞ୍ଚଳ ବିଶେଷକରି ମନ୍ଦିର ବେଢ଼ା, ସ୍କୁଲ୍ ପରିସରରେ ଫୁଲଗଛ ଲଗାଇଥାନ୍ତି। ରାଜ୍ୟର ବିଭିନ୍ନ ସ୍ଥାନରେ ଆୟୋଜିତ ପୁଷ୍ପ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପୁରସ୍କୃତ ମଧ୍ୟ ହୋଇଛନ୍ତି। ନିଜର ଏପରି ରୁଚି ସମ୍ପର୍କରେ ସେ କୁହନ୍ତି, 'ଥରେ ପିଲାଦିନେ ମା' ମୋତେ ଫୁଲ ଆଣିବାକୁ ପଠାଇଥିଲେ। ହେଲେ ପୂଜା ପାଇଁ ଆବଶ୍ୟକ ଫୁଲ ନ ମିଳିବାରୁ ମନଦୁଃଖରେ ଫେରିଥିଲି। ତେଣୁ ବିଭିନ୍ନ ଫୁଲଗଛ ଲଗାଇବା, ନର୍ସରିଗୁଡ଼ିକୁ ଯାଇ ନୂଆ ନୂଆ ଚାରା ସଂଗ୍ରହ କରିବା ଆଦି ନିଶାରେ ପରିଣତ ହୋଇଗଲା। ସେବେଠୁ ଏହି କାର୍ଯ୍ୟ କରିବା ସହ କେଉଁ ମାସରେ କେଉଁ ଗଛ ଲଗାଯାଏ, ଏହାର ଚାରା କେଉଁଠି ଉପଲବ୍ଧ, ଏ ସବୁର କିପରି ଯତ୍ନ ନିଆଯିବ ସେ ସମ୍ପର୍କରେ ଅନ୍ୟମାନଙ୍କୁ ମଧ୍ୟ ପରାମର୍ଶ ଦେଇଆସୁଛି। ସତ କହିବାକୁ ଗଲେ, ଜଣେ ଡାକ୍ତର ଅପେକ୍ଷା ଏଥିପାଇଁ ଲୋକ ଯେତେବେଳେ ମୋତେ ଚିହ୍ନନ୍ତି ସେତେବେଳେ ଅଧିକ ଖୁସି ଲାଗେ।'

**ପେସାଠୁ ଅଧିକ ଆନନ୍ଦ ଦେଉଛି ନିଶା:** ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦେବା ତାଙ୍କର ପେସା। ହେଲେ ସମୟ ପାଇବା ମାତ୍ରେ ସେ ଲାଗିପଡ଼ନ୍ତି ଗଳ୍ପ, କବିତା ଲେଖିବାରେ। ଆଉ ଏହି ନିଶା ବର୍ତ୍ତମାନ ତାଙ୍କୁ ବିଭିନ୍ନ ମହଲରେ ବେଶ୍ ପରିଚିତ କରାଇପାରିଛି। ସେ ହେଉଛନ୍ତି ପୁରୀ ଜିଲା ନିମାପଡାସ୍ଥିତ ବାଗଲପୁଲ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ସାଇପ୍ରିୟା ସାହୁ। ପିଲାଟିବେଳୁ ସେ ଲେଖିବାକୁ ଖୁବ୍ ଭଲ ପାଆନ୍ତି। ଇତିମଧ୍ୟରେ ତାଙ୍କ ଲିଖିତ ୧୦୦ରୁ ଊର୍ଦ୍ଧ୍ୱ କବିତା ଏବଂ ୨୦ରୁ ଊର୍ଦ୍ଧ୍ୱ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଇଛି। ତାଙ୍କର ସମସ୍ତ ରଚନା ମୁଖ୍ୟତଃ ଯୁଗୋପଯୋଗୀ ତଥା ସାମାଜିକ ସମସ୍ୟା ଓ ଏହାର ସମାଧାନ ଉପରେ ଆଧାରିତ। ଲେଖା ବ୍ୟତୀତ ଝୋଟି ଆଙ୍କିବାରେ ମଧ୍ୟ ତାଙ୍କର ବିଶେଷ ଆଗ୍ରହ ରହିଛି। ତେବେ ନିଜର ସୃଜନଶୀଳତା ଯୋଗୁ ବର୍ତ୍ତମାନ ସୁଦ୍ଧା ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ ହେବା ସହ ରାଜ୍ୟପାଳ ପୁରସ୍କାରର ମଧ୍ୟ ଅଧିକାରିଣୀ ହୋଇପାରିଛନ୍ତି। ପେସାଠାରୁ ନିଶା ତାଙ୍କୁ ଅଧିକ ଆନନ୍ଦ ଦେଇପାରିଛି ବୋଲି ସେ ମତ ଦିଅନ୍ତି।



## ଗର୍ଭାବସ୍ଥାରେ ପିତ୍ତ ପ୍ରବାହରେ ଶିଥିଳତା

– ଡା. ସରୋଜିନୀ ଷଡ଼ଙ୍ଗୀ

ଅବ୍‌ଷ୍ଟେଟ୍ରିକ୍ସ କୋଲେଷ୍ଟାସିସ୍ ହେଉଛି ଏପରି ଏକ ଅବସ୍ଥା, ଯେଉଁଥିରେ ଗର୍ଭାବସ୍ଥାରେ ଝରୁଥିବା ହରମୋନ 'ଇଷ୍ଟ୍ରୋଜେନ୍'ର ଆଧିକ୍ୟ ଯୋଗୁ ପିତ୍ତକୋଷରେ ଏବଂ ପିତ୍ତକୋଷକୁ ପ୍ରବାହିତ ହେଉଥିବା ନଳୀରେ ପିତ୍ତ ଜମିଯାଏ। ଯାହାକି ଷ୍ଟାସିସ୍ ହୋଇ ନିଷ୍କାସନ ହେବାରେ ବାଧା ସୃଷ୍ଟି ହୁଏ ଏବଂ ସ୍ଥଳ ବିଶେଷରେ ପିତ୍ତ ପ୍ରବାହରେ ଶିଥିଳତା ମଧ୍ୟ ଦେଖାଦିଏ। ଏହା ପ୍ରାୟ ୧.୨ରୁ ୧.୫% ଗର୍ଭବତୀ ମହିଳାଙ୍କଠାରେ ଦେଖିବାକୁ ମିଳିଥାଏ। ବଢୁଥିବା ଶିଶୁ ଓ ଜରାୟୁର ଚାପ ଯୋଗୁ ମଧ୍ୟ ପିତ୍ତକୋଷରେ ପିତ୍ତ ପ୍ରବାହିତ ହୋଇ ନ ପାରି କାମଳ ରୋଗ ହୋଇଥାଏ। ଗର୍ଭାବସ୍ଥାରେ କାମଳ ରୋଗର ମୁଖ୍ୟ କାରଣ ଭାଇରାଲ ହେପାଟାଇଟିସ୍ ହେଲା ବେଳେ ଦ୍ୱିତୀୟ କାରଣ ହେଉଛି ଅବ୍‌ଷ୍ଟେଟ୍ରିକ୍ସ କୋଲେଷ୍ଟାସିସ୍, ଯେଉଁଥିରେ ରକ୍ତରେ କଞ୍ଜୁଗେଟେଡ ବିଲିରୁବିନ୍‌ର ପରିମାଣ ବଢ଼ିଯାଏ।

**ଲକ୍ଷଣ–** ଗର୍ଭାବସ୍ଥାରେ ଦ୍ୱିତୀୟ ପର୍ଯ୍ୟାୟ ଶେଷଆଡ଼କୁ ବା ତୃତୀୟ ପର୍ଯ୍ୟାୟରେ ଏହା ଦେଖାଦେଇଥାଏ। ସବୁ ଲକ୍ଷଣଗୁଡ଼ିକ ଧୀରେ ଧୀରେ ଆରମ୍ଭ ହୋଇଥାଏ। ପ୍ରଥମେ ପେଟ କୁଣ୍ଡାଇ ହୁଏ ଏବଂ ଆସ୍ତେ ଆସ୍ତେ ବାନ୍ତି ଲାଗିଥାଏ, ବାନ୍ତି ହୋଇଥାଏ, ଦୁର୍ବଳ ମଧ୍ୟ ଲାଗିଥାଏ ଏବଂ ବେଶି ଗୁରୁତର ହେଲେ କାମଳ ରୋଗ ହୋଇଯାଏ। ଦେହ କୁଣ୍ଡାଇ ହୋଇ ଫଳି ମଧ୍ୟ ଯାଇଥାଏ।

**ଚିହ୍ନଟ ପାଇଁ ପରୀକ୍ଷା–** ଉପରୋକ୍ତ ଲକ୍ଷଣ ଦେଖାଦେଲେ ରକ୍ତ ପରୀକ୍ଷାରେ ଲିଭର ଫଙ୍କ୍‌ଶନ ଟେଷ୍ଟ କରିବା ଆବଶ୍ୟକ। ଏଥିରେ ପ୍ରାୟ ସିରମ୍ ଆଲ୍‌କାଲାଇନ୍ ଫସ୍‌ଫେଟାସ୍ ଏବଂ ସ୍ଥଳବିଶେଷରେ ବିଲିରୁବିନ୍‌ର ପରିମାଣ ବଢ଼ିଯାଇଥାଏ। ଏହାଛଡ଼ା ରକ୍ତରେ ହିମୋଗ୍ଲୋବିନ୍‌ର ପରିମାଣ ଏବଂ ବ୍ଲିଡିଂ ଟାଇମ୍ ଓ କ୍ଲଟିଂ ଟାଇମ୍ ମଧ୍ୟ ଦେଖାଯାଇଥାଏ।

**ଗର୍ଭ ଉପରେ ପ୍ରଭାବ–** ଥରେ ଶରୀରରେ ପିତ୍ତ ଜମିବା ଆରମ୍ଭ ହେଲେ ଏହା ଗର୍ଭସ୍ଥ ଶିଶୁ ଉପରେ ସିଧାସଳଖ ପ୍ରଭାବ ପକାଇଥାଏ। ଏଥିରେ ଅପରିଣତ ଶିଶୁ, ଅଳ୍ପ ଓଜନର ଶିଶୁ, ଶିଶୁ ଗର୍ଭ ଭିତରେ ରହି ଅଣନିଃଶ୍ୱାସୀ ହୋଇଯିବା ଏବଂ ବେଳେବେଳେ ଶିଶୁମୃତ୍ୟୁ ମଧ୍ୟ ହୋଇଥାଏ। ତେଣୁ ଗର୍ଭରେ ଶିଶୁ ଅଣନିଃଶ୍ୱାସୀ ହେବାର ଲକ୍ଷଣ ଆରମ୍ଭ ହେଲେ ସଙ୍ଗେସଙ୍ଗେ ପ୍ରସବ କରାଇଦେବା ଆବଶ୍ୟକ। ପ୍ରସବ ପରେ ଅତ୍ୟଧିକ ରକ୍ତକ୍ଷରଣ ହୋଇଥାଏ। କିନ୍ତୁ ଆଶ୍ଚର୍ଯ୍ୟଜନକ ଭାବରେ ପ୍ରସବର ୨ ସପ୍ତାହ ପରେ ଏ ସବୁ ଲକ୍ଷଣ କମିଯାଏ ଏବଂ ପିତ୍ତନଳୀରେ ଜମିଥିବା ପିତ୍ତ ମନକୁ ମନ ନିଷ୍କାସିତ ହୋଇଯାଏ।

**ଚିକିତ୍ସା–** ଏହି ରୋଗର ଚିହ୍ନଟ ପାଇଁ ଲିଭର ଫଙ୍କ୍‌ଶନ ଟେଷ୍ଟ କରିବା ଜରୁରୀ। ଯଦି ସାଧାରଣ ପରିମାଣରୁ ଅଳ୍ପ ବଢ଼ିଥାଏ ଏବଂ ଗର୍ଭ ସମୟ ୩୭ ସପ୍ତାହରୁ କମ୍ ହୋଇଥାଏ ତେବେ (Ursedesoxycholic Acid u.d.c.a) ୧୫୦ ମି.ଗ୍ରା. ବା ୩୦୦ ମି.ଗ୍ରା. ଦିନକୁ ୨ ଥର ଲେଖାଁଏ ୧୫ ଦିନ ଯାଏଁ ଖାଇବାକୁ ପଡିଥାଏ। ଏହାଛଡ଼ା ଯଦି ଆହୁରି ଅଧିକ ଦିନ ଯାଏଁ ଦେବାକୁ ପଡିଲା ତେବେ ମଧ୍ୟ ପୁଣିଥରେ ଲିଭର୍ ଫଙ୍କ୍‌ଶନ ଟେଷ୍ଟ କରିବା ପରେ ଯଦି ଅଧିକ ହୁଏ ତେବେ ସେହି ଡୋଜ୍‌ରେ ଔଷଧ ଖାଇବାକୁ ଦିଆଯାଇଥାଏ। ପ୍ରସବ ସମୟରେ ମା'କୁ ଭିଟାମିନ୍ କେ' ଇଂଜେକ୍‌ଶନ ଦିଆଯାଇଥାଏ, ଯାହା ପ୍ରସବ ପରେ ରକ୍ତକ୍ଷରଣ ଏବଂ ଶିଶୁମାନଙ୍କର ରକ୍ତସ୍ରାବ ହେବାରୁ ରକ୍ଷା କରିଥାଏ। ଯଦି ପ୍ରସବ ପରେ ଅଧିକ ରକ୍ତସ୍ରାବ ହେଲା, ତେବେ ସଦ୍ୟ ସଂଗୃହୀତ ରକ୍ତ ଦେବା ଭଲ। ସଦ୍ୟଜାତ ଶିଶୁକୁ ମଧ୍ୟ ଭିଟାମିନ୍ କେ' ଇଂଜେକ୍‌ଶନ୍ ଦେବା ଆବଶ୍ୟକ। ଯେଉଁମାନଙ୍କର ଏହିଭଳି ଗର୍ଭାବସ୍ଥାରେ ପିତ୍ତ ଜମିଯାଏ (କୋଲେଷ୍ଟାସିସ୍ ଅଫ୍ ପ୍ରେଗ୍‌ନାନ୍ସି) ସେମାନଙ୍କର ବ୍ଲିଡିଂ ଟାଇମ୍ (ବି.ଟି.), କ୍ଲଟିଂ ଟାଇମ୍ (ସି.ଟି.) ଓ ପ୍ରୋଥ୍ରୋମ୍ବିନ୍ ଟାଇମ୍ ମନିଟରିଂ ହେବା ଦରକାର। ଏହାର ଚିକିତ୍ସା ପାଇଁ Ursedesoxycholic Acid ଦେବା ଉଚିତ୍। ପରବର୍ତ୍ତୀ ଗର୍ଭ ସମୟରେ ମଧ୍ୟ ନାରୀମାନେ ଏହି ଅବସ୍ଥା ଭୋଗିବାର ଆଶଙ୍କା ଥାଏ। ତେଣୁ ଗର୍ଭାବସ୍ଥାର ଶେଷ ପର୍ଯ୍ୟାୟରେ ଦେହ, ହାତ, ଗୋଡ଼ ବେଶି କୁଣ୍ଡାଇ ହେଲେ ସେମାନଙ୍କର ଲିଭର୍ ଫଙ୍କ୍‌ଶନ୍ ଟେଷ୍ଟ କରାଇ ଶୀଘ୍ର ପ୍ରସବ କରାଇଦେବା ଆବଶ୍ୟକ ଏବଂ ପ୍ରସବ ସମୟରେ ଶିଶୁକୁ ସାଷ୍ଟାମ ଓ ପରୀକ୍ଷା ନିରୀକ୍ଷା କରାଇବା ପାଇଁ ଶିଶୁରୋଗ ବିଶେଷଜ୍ଞଙ୍କ ଉପସ୍ଥିତି ଖୁବ୍ ଜରୁରୀ।

–ସ୍ତ୍ରୀ ରୋଗ ଓ ପ୍ରସୂତି ବିଶେଷଜ୍ଞ
ଲିଙ୍କ୍‌ରୋଡ୍, କଟକ– ୧୨

## ଖାଦ୍ୟ ରୁଚି

### ସୁଜି ଜଲେବି

**ଆବଶ୍ୟକ ସାମଗ୍ରୀ:** ସୁଜି– ୧ କପ୍, ମଇଦା– ୧/୪ କପ୍, ଘୋଳଦହି– ୧/୨ କପ୍, ବେକିଂ ପାଉଡର ୧/୨ ଛୋଟ ଚାମଚ, ଚିମୁଟାଏ ଅରେଞ୍ଜ ଫୁଡ୍ କଲର, ଚିନି– ୧.୫ କପ୍, ୧ ଚାମଚ ଲେମ୍ବୁ ରସ, ୪ଟି ଗୁଜୁରାତିର ଗୁଣ୍ଡ, ଛାଣିବା ପାଇଁ ତେଲ।

**ପ୍ରସ୍ତୁତି ପ୍ରଣାଳୀ:** ଏକ ପାତ୍ରରେ ସୁଜି, ମଇଦା, ଫୁଡ୍ କଲର, ଦହିକୁ ଭଲଭାବେ ମିଶାଇ ଦିଅନ୍ତୁ। ସେଥିରେ ୩/୪ କପ୍ ପାଣି ମିଶାଇ ବହଳିଆ ପେଷ୍ଟ କରିଦିଅନ୍ତୁ। ଏହାକୁ ଘୋଡାଇ ୨୫ ମିନିଟ୍‌ରୁ ଅଧଘଣ୍ଟା ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ।

ଅନ୍ୟ ଏକ ପାତ୍ର ଚୁଲାରେ ବସାଇ ସେଥିରେ ଚିନି ଏବଂ ୨.୫ କପ୍ ପାଣି ଦେଇ ଫୁଟାନ୍ତୁ। ଏହାକୁ ଧୀରେ ଧୀରେ ଗୋଳାନ୍ତୁ। ମିଶ୍ରଣ ବହଳିଆ ହୋଇଗଲେ ଏକ ଚାମଚ୍‌ରେ କାଢି ଥଣ୍ଡା କରନ୍ତୁ ଏବଂ ଦୁଇଟି ଟିପ ସାହାଯ୍ୟରେ ଦେଖନ୍ତୁ ଯଦି ଏହା ଅଠାଳିଆ ଲାଗୁଛି ତେବେ ଚୁଲା ବନ୍ଦ କରିଦିଅନ୍ତୁ। ଏଥିରେ ଗୁଜୁରାତି ଗୁଣ୍ଡ ଏବଂ ଲେମ୍ବୁରସ ପକାଇ ଭଲଭାବେ ମିଶାଇ ଦିଅନ୍ତୁ।

ଜଲେବି ମିଶ୍ରଣ ଫୁଲିଯିବା ପରେ ସେଥିରେ ବେକିଂ ପାଉଡର ପକାଇ ମିଶାଇ ଦିଅନ୍ତୁ। କପଡ଼ାରେ ଏକ କୋନ୍ ପ୍ରସ୍ତୁତ କରି ସେଥିରେ ଏହି ମିଶ୍ରଣକୁ ପୂରାନ୍ତୁ। କୋନ୍ ତଳେ ଛୋଟ କଣାଟିଏ କରନ୍ତୁ। ଏକ କଡ଼େଇରେ ଛାଣିବା ଲାଗି ତେଲ କିମ୍ବା ଘିଅ ଗରମ କରନ୍ତୁ। ଗରମ ହେବା ପରେ ସେଥିରେ ଧୀରେ ଧୀରେ ଜଲେବି ମିଶ୍ରଣକୁ ଗୋଲ ଗୋଲ କରି ପକାନ୍ତୁ। ଏହାର ରଙ୍ଗ ହାଲ୍‌କା ବ୍ରାଉନ ହେଲେ ଛାଣି ପୂର୍ବରୁ ପ୍ରସ୍ତୁତ କରିଥିବା ସିରାରେ ପକାନ୍ତୁ। ପ୍ରସ୍ତୁତ ହୋଇଗଲା ଗରମ ଗରମ ଜଲେବି। ଏହାକୁ ପ୍ଲେଟ୍‌ରେ କାଢ଼ି ସର୍ଭ କରନ୍ତୁ।





## ଗ୍ଲୋ ବଢ଼ାଏ ବିଅର

**ଯଦିଓ ବିଅର ପିଇବା ସ୍ୱାସ୍ଥ୍ୟୋପକାରୀ ନୁହେଁ ବୋଲି କୁହାଯାଏ, ହେଲେ ଏହା ସୌନ୍ଦର୍ଯ୍ୟ ବୃଦ୍ଧିରେ ବେଶ୍ ସହାୟକ ହୋଇଥାଏ। ତେବେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରିବାର ଉପାୟ...**

❖ଯଦି ଆପଣଙ୍କ ତ୍ୱଚା ଡ୍ରାଏ ହୋଇ ଡଲ୍ ଲାଗୁଛି ଏବଂ ଆପଣ ଏଥିରେ ଗ୍ଲୋ ଆଣିବାକୁ ଚେଷ୍ଟା କରୁଛନ୍ତି, ତେବେ ବିଅର ଆପଣଙ୍କର ଖୁବ୍ କାମରେ ଆସିବ। ଅଧ ଚାମଚ ବିଅର୍‌ରେ କଞ୍ଚା ଅଣ୍ଡାର ଧଳାଅଂଶ ମିଶାନ୍ତୁ। ଏହି ପ୍ୟାକ୍‌କୁ ମୁହଁରେ ଲଗାଇ ଶୁଖିବା ପରେ ଧୋଇଦିଅନ୍ତୁ। ଏପରି କିଛିଦିନ କରନ୍ତୁ, ତ୍ୱଚା ସଫ୍ଟ ହେବା ସହ ଏଥିରେ ଗ୍ଲୋ ମଧ୍ୟ ଆସିବ।

❖ବେଦାଗ ସୁନ୍ଦର ତ୍ୱଚା କାହାକୁ ବା ଭଲ ନ ଲାଗେ। ଆଉ ଯାହା ମୁହଁରେ ଦାଗ ଥାଏ ସେମାନେ ଏହାର ପ୍ରତିକାର ନିମନ୍ତେ ବିଭିନ୍ନ ଉପାୟ ଆପଣାଇଥାନ୍ତି। ଯଦି ଆପଣ ବି ଏ ସମସ୍ୟାକୁ ନେଇ ଚିନ୍ତିତ, ତେବେ ଏକ ଚାମଚ ଟମାଟୋ ରସରେ ଅଳ୍ପ ବିଅର ମିଶାଇ ତ୍ୱଚାରେ ମସାଜ୍ କରନ୍ତୁ। ୫ ମିନିଟ୍ ପରେ ଭଲଭାବେ ମୁହଁ ଧୋଇଦିଅନ୍ତୁ। ଏପରି କରିବା ଦ୍ୱାରା ନା କେବଳ ଦାଗ ଦୂର ହେବ ବରଂ ସ୍କିନ୍‌ଟୋନ୍ ବି ବଢ଼ିବ।

❖ସନ୍‌ବର୍ନ କିମ୍ବା ଟୋନିଂ ସମସ୍ୟା ଦୂର କରିବାକୁ ଚାହୁଁଥିଲେ ୨ ଚାମଚ ଅମୃତଭଣ୍ଡା ପେଷ୍ଟ ସହ ଅଳ୍ପ ବିଅର ମିଶାନ୍ତୁ। ଏହି ପ୍ୟାକ୍‌କୁ ପ୍ରଭାବିତ ସ୍ଥାନରେ ମସାଜ୍ କରନ୍ତୁ ଏବଂ କିଛି ସମୟ ପରେ ଧୋଇଦିଅନ୍ତୁ। ଏହାଦ୍ୱାରା ଆପଣଙ୍କ ସମସ୍ୟା ଦୂର ହେବା ସହ ସ୍କିନ୍ ଗ୍ଲୋ ବି ବୃଦ୍ଧି ହେବ।

❖ବିଅର ତ୍ୱଚା ପାଇଁ ବେଷ୍ଟ କ୍ଲିଞ୍ଜର ଭଳି କାମ କରିଥାଏ। ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଅଳ୍ପ ବିଅରରେ ମୁହଁକୁ ହାଲ୍‌କା ମସାଜ କରି ପାଣିରେ ଧୋଇଦିଅନ୍ତୁ ଉପକୃତ ହେବେ।

❖କେଶର ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ବିଅର ଉପକାରୀ। କେଶ ଶାମ୍ପୋ କରିବା ପରେ କଣ୍ଡିଶନର ପରିବର୍ତ୍ତେ ବିଅର ଲଗାଇ କେଶମୂଳକୁ ଧୀରେ ଧୀରେ ମସାଜ କରନ୍ତୁ। ୨ ମିନିଟ୍ ପରେ ପାଣିରେ ଭଲଭାବେ ଧୋଇଦିଅନ୍ତୁ।



"ବିଭିନ୍ନ ଚ୍ୟାଲେଞ୍ଜ ସତ୍ତ୍ୱେ ଚଳିତ ବର୍ଷ ଭଲ ଫରଫରମାନ୍ସ କରିବାକୁ ସକ୍ଷମ ହୋଇଛୁ।
– ଏନ୍.ରାଜା, ଉପ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ଟୟୋଟା କିର୍ଲୋସ୍କାର ମୋଟର୍ସ



"ଦେଶର ଅଣୁ କ୍ଷୁଦ୍ର ମଧ୍ୟମ ଶିଳ୍ପ କ୍ଷେତ୍ର ଗୁଡିକୁ ପ୍ରୋତ୍ସାହିତ କରିବାକୁ ସରକାର ଏକ ଏକ୍ସପୋର୍ଟ ପ୍ରମୋସନ ସେଲ୍ ଗଠନ କରିଛନ୍ତି।
– ଗିରିରାଜ ସିଂ, କେନ୍ଦ୍ର ଏମ୍ଏସ୍ଏମ୍ଇ ରାଷ୍ଟ୍ରମନ୍ତ୍ରୀ



## ସଂକ୍ଷେପରେ

### ଜାନୁୟାରୀ ପହିଲାରୁ ଶସ୍ତା ହେବ ୨୩ ସାମଗ୍ରୀ, ସେବା



**ନୂଆଦିଲ୍ଲୀ,୩୧-୧୨:** ମଙ୍ଗଳବାର ନୂଆବର୍ଷ ପହିଲାରୁ ଦେଶରେ ୨୩ ସାମଗ୍ରୀ ଓ ସେବା ଶସ୍ତା ହେବାକୁ ଯାଉଛି। ଚଳିତ ମାସ ୨୨ରେ ଅନୁଷ୍ଠିତ ଜିଏସ୍‌ଟି କାଉନସିଲ୍ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯିବା ପରେ କେନ୍ଦ୍ର ସରକାର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଫଳରେ ସିନେମା ଟିକେଟ,ଟିଭି, ମନିଟର ଆଦିର ଦାମ୍ କମିବ। ଏହାଛଡ଼ା ପୁଲି, ଟ୍ରାନ୍ସମିଶନ ସାଫ୍ଟ ଓ କ୍ରାଙ୍କ, ଗିୟର ବକ୍ସ, ରିଟ୍ରେଡେଡ୍ ଟାୟାର, ଲିଥିୟମ ଆୟନ ବ୍ୟାଟେରିଯୁକ୍ତ ପାୱାର ବ୍ୟାଙ୍କ, ଡିଜିଟାଲ କ୍ୟାମେରା, ଭିଡିଓ କ୍ୟାମେରା ଏବଂ ଭିଡିଓ ଗେମ୍ କନସୋଲ୍ସ ଆଦି ଶସ୍ତା ହେବ। କାରଣ ଏଗୁଡିକୁ ୨୮ରୁ ୧୮% ସ୍ଲାବକୁ ଅଣାଯାଇଛି।

### ଚଳିତବର୍ଷ ନିବେଶକ ହରାଇଛନ୍ତି ୭.୨୫ ଲକ୍ଷ କୋଟି

**ମୁମ୍ବାଇ,୩୧-୧୨:** ଚଳିତ ବର୍ଷ ଦେଶର ଷ୍ଟକ୍ ମାର୍କେଟରେ ବେଶ ଅସ୍ଥିରତା ପରିଲକ୍ଷିତ ହୋଇଥିଲା। ଏହି କାରଣରୁ ବିଏସ୍ଇ ତାଲିକାଭୁକ୍ତ କମ୍ପାନୀରେ ନିବେଶକମାନେ ୭,୨୫,୪୦୧.୩୧ କୋଟି ଟଙ୍କା ହରାଇଛନ୍ତି। ଫଳରେ ମୋଟ କମ୍ପାନୀଙ୍କ ବଜାର ପୁଞ୍ଜି ୧,୪୪,୪୮,୪୬୫,୬୯ କୋଟି ଟଙ୍କାକୁ ହ୍ରାସ ପାଇଛି। ତେବେ ଆଲୋଚ୍ୟ ବର୍ଷରେ ବିଏସ୍ଇରେ ସେନସେକ୍ସ ୨,୦୧୧.୫ ପଏଣ୍ଟ ବୃଦ୍ଧି ପାଇଛି। ଚଳିତ ବର୍ଷ ଅଗଷ୍ଟ ୨୯ରେ ସେନସେକ୍ସ ୩୮,୯୮୯.୬୫ ପଏଣ୍ଟର ସର୍ବୋଚ୍ଚ ସ୍ତର ଛୁଇଁବା ପରେ ୨,୯୨୧.୩୨ ପଏଣ୍ଟ ହ୍ରାସ ପାଇ ୩୬,୦୬୩.୩୩ରେ ପହଞ୍ଚିଛି। ତେବେ ୨୦୧୯ରେ ସାଧାରଣ ନିର୍ବାଚନ ଷ୍ଟକ୍ ମାର୍କେଟ ପାଇଁ ଏକ ଚ୍ୟାଲେଞ୍ଜ ହେବ ବୋଲି ବିଶେଷଜ୍ଞମାନେ ପ୍ରକାଶ କରୁଛନ୍ତି। କିନ୍ତୁ ଆମେରିକାର ଫେଡେରାଲ ବ୍ୟାଙ୍କ ଓ ଆର୍‌ବିଆଇର ମୁଦ୍ରା ନୀତି, ଅଶୋଧିତ ତେଲ ଦର, ଆମେରିକା-ଚାଇନା ବାଣିଜ୍ୟ ଯୁଦ୍ଧ, ବ୍ରେକ୍‌ଜିଟର ଭୟ ଆଗାମୀ ଦିନରେ ଷ୍ଟକ୍ ମାର୍କେଟର ଗତିକୁ ନିର୍ଦ୍ଧାରିତ କରିବ ବୋଲି ସେମାନେ ମତପ୍ରକାଶ କରିଛନ୍ତି।

### ନଭେମ୍ବରରେ କୋର୍ ସେକ୍ଟର ଅଭିବୃଦ୍ଧି ୩.୫%କୁ ହ୍ରାସ

**ନୂଆଦିଲ୍ଲୀ,୩୧-୧୨:** ନଭେମ୍ବରରେ ୮ଟି କୋର୍ ସେକ୍ଟର ଅଭିବୃଦ୍ଧି ୩.୫%କୁ ହ୍ରାସ ପାଇଛି,ଯାହାକି ଅକ୍ଟୋବରରେ ୪.୮% ଥିଲା। ଏହା ୧୬ ମାସର ସର୍ବନିମ୍ନ ସ୍ତର କୁହାଯାଉଛି। ସେହିପରି ଏପ୍ରିଲରୁ ନଭେମ୍ବର ମଧ୍ୟରେ ଏହି ୮ କୋର୍ ସେକ୍ଟର ଅଭିବୃଦ୍ଧି ୫.୧% ରହିଥିଲା। ଏଥିପୂର୍ବରୁ ୨୦୧୭ ଜୁଲାଇରେ କୋର୍ ସେକ୍ଟର ଅଭିବୃଦ୍ଧି ୨.୯%ର ସର୍ବନିମ୍ନ ସ୍ତର ଛୁଇଁଥିଲା। କେନ୍ଦ୍ର ସରକାରଙ୍କ ପକ୍ଷରୁ ଜାରି ତଥ୍ୟ ଅନୁଯାୟୀ ଅଶୋଧିତ ତେଲ ଓ ସାର ଉତ୍ପାଦନ ଆଲୋଚ୍ୟ ମାସରେ ବାର୍ଷିକ ଆଧାରରେ କ୍ରମଶଃ ୩.୫% ଓ ୮.୧% କୁ ହ୍ରାସ ପାଇଛି। ଏହାବ୍ୟତୀତ ପ୍ରାକୃତିକ ଗ୍ୟାସ୍, ରିଫାଇନେରୀ ଉତ୍ପାଦ, ଇସ୍ପାତ ଓ ସିମେଣ୍ଟ ଉଦ୍ୟୋଗରେ ଅଭିବୃଦ୍ଧି ହାର ହ୍ରାସ ପାଇ କ୍ରମଶଃ ୦.୫, ୨.୩, ୬ ଓ ୮.୮% ରହିଛି। ମୁଖ୍ୟ କ୍ଷେତ୍ରରେ ଅଭିବୃଦ୍ଧି ହ୍ରାସ ପାଇବାର ପ୍ରଭାବ ଔଦ୍ୟୋଗିକ ଉତ୍ପାଦନ ସୂଚକାଙ୍କ(ଆଇଆଇପି) ଉପରେ ପ୍ରତିକୂଳ ପ୍ରଭାବ ପକାଇବ। କାରଖାନା ଉତ୍ପାଦନରେ ଏହି କୋର୍ ସେକ୍ଟର ଉଦ୍ୟୋଗର ୪୧ ପ୍ରତିଶତ ଅଂଶଧନ ରହିଛି। ତେବେ ନଭେମ୍ବରରେ କୋଇଲା ଓ ବିଜୁଳି ଉତ୍ପାଦନ ଅଭିବୃଦ୍ଧି ହାର କ୍ରମଶଃ ୩.୭% ଓ ୫.୪% କୁ ବୃଦ୍ଧି ପାଇଛି।

# ଆଜିଠୁ ବଦଳିଯିବ ୬ ନିଷ୍ପତ୍ତି

**ନୂଆଦିଲ୍ଲୀ,୩୧-୧୨:** ମଙ୍ଗଳବାର ନୂଆବର୍ଷ ଆସୁଛି। ଏହାର ଆଗମନକୁ ନେଇ ସମସ୍ତେ ଉତ୍ସାହିତ। ଏହାକୁ ଧୁମ୍‌ଧାମ୍‌ରେ ପାଳନ ପାଇଁ ସମସ୍ତେ ବ୍ୟସ୍ତ। କିନ୍ତୁ ବର୍ଷ ବଦଳିବା ସହିତ ଆର୍ଥିକ ଜଗତରେ ୬ଟି ନିଷ୍ପତ୍ତି ମଧ୍ୟ ବଦଳିଯାଉଛି, ଯାହା ସମସ୍ତଙ୍କୁ ପ୍ରଭାବିତ କରିବ।

### ଅଚଳ ହେବ ମାଗ୍ନେଟିକ ଷ୍ଟ୍ରିପ୍‌ର ଡେବିଟ-କ୍ରେଡିଟ କାର୍ଡ



ରିଜର୍ଭ ବ୍ୟାଙ୍କ ଚଳିତବର୍ଷ ଡିସେମ୍ବର ୩୧ ସୁଦ୍ଧା ମାଗ୍ନେଟିକଯୁକ୍ତ ସମସ୍ତ ଡେବିଟ୍ ଓ କ୍ରେଡିଟ କାର୍ଡକୁ ବଦଳାଇ ଦେବାକୁ ବ୍ୟାଙ୍କଗୁଡିକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ସମ୍ପୃକ୍ତ ବ୍ୟାଙ୍କଗୁଡିକ ନିଜ ଗ୍ରାହକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଥିଲେ। ମଙ୍ଗଳବାରଠାରୁ ମାଗ୍ନେଟିକ ଷ୍ଟ୍ରିପ୍‌ଯୁକ୍ତ ଡେବିଟ ଓ କ୍ରେଡିଟ କାର୍ଡ ଅଚଳ ହୋଇଯିବ। ଏହା ସ୍ଥାନରେ ଚିପ୍ ଯୁକ୍ତ କାର୍ଡ ପ୍ରଚଳନ ଆରମ୍ଭ ହେବ।

### ଜିଏସ୍‌ଟି ପୂର୍ବ ସାମଗ୍ରୀ ବିକ୍ରି ବନ୍ଦ

ଜିଏସ୍‌ଟି ଆଇନ ଲାଗୁ ହେବା ପରେ କମ୍ପାନୀଗୁଡିକ ଉତ୍ପାଦନ କରିଥିବା ପ୍ରାକ୍ ଜିଏସ୍‌ଟି ସାମଗ୍ରୀର ବିକ୍ରି ଲାଗି କେନ୍ଦ୍ର ସରକାରଙ୍କ ନିକଟରେ ସମୟ ମାଗିଥିଲେ। ତଦନୁଯାୟୀ ସରକାର ଡିସେମ୍ବର ୩୧ ପର୍ଯ୍ୟନ୍ତ ସମୟ ଧାର୍ଯ୍ୟ କରିଥିଲେ। ୨୦୧୯ ଜାନୁୟାରୀ ପହିଲାରୁ ଜିଏସ୍‌ଟି ପୂର୍ବ ସାମଗ୍ରୀ ବିକ୍ରି ବନ୍ଦ ହୋଇଯିବ।

### ୧୫ ଲକ୍ଷ ହୋଇଯିବ ଦୁର୍ଘଟଣା ବୀମା



ଜାନୁୟାରୀ ପହିଲାରୁ ଦୁର୍ଘଟଣା ବୀମାକୁ ୧୫ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଭାରତୀୟ ବୀମା ନିୟାମକ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ) ବୀମା କମ୍ପାନୀଗୁଡ଼ିକୁ ଏ ସଂକ୍ରାନ୍ତରେ ଏକ ସର୍କୁଲାର ଜାରି କରିଛନ୍ତି। ଏଥିରେ ଗାଡ଼ି ମାଲିକ ଅଥବା ଡ୍ରାଇଭରଙ୍କ ପାଇଁ ମୋଟର ଦୁର୍ଘଟଣା ବୀମା ପଲିସିକୁ ୧୫ ଲକ୍ଷ ଟଙ୍କାକୁ ବଢ଼ାଇବାକୁ କୁହାଯାଇଛି। ଏଥିଲାଗି ୭୫୦ ଟଙ୍କା ପର୍ଯ୍ୟନ୍ତ ପ୍ରିମିୟମ ନିର୍ଦ୍ଧାରଣ କରାଯାଇଛି।

### ଚଳିବନି ଅଣ-ସିଟିଏସ୍ ଚେକ୍

ଚଳିତ ବର୍ଷ ଡିସେମ୍ବର ୩୧ତାରିଖ ପର୍ଯ୍ୟନ୍ତ ଅଣ–ସିଟିଏସ୍ ଚେକ୍‌କୁ ବ୍ୟାଙ୍କଗୁଡିକ ଗ୍ରହଣ କରୁଥିଲେ। ତେବେ ଆସନ୍ତା ବର୍ଷ ଜାନୁୟାରୀ ପହିଲାରୁ ଏହା ଅଚଳ ହୋଇଯିବ। ନୂଆବର୍ଷରୁ ସିଟିଏସ୍‌ଯୁକ୍ତ ଚେକ୍‌କୁ ହିଁ ବ୍ୟାଙ୍କ ଗ୍ରହଣ କରିବ। ଏଣୁ ନୂଆ ଚେକ୍ ବହି ତୁରନ୍ତ ସଂଗ୍ରହ କରିନେବା ଆବଶ୍ୟକ। ନଚେତ ପୁରୁଣା ଚେକ୍ ବାଉନ୍ସ ହୋଇଯିବ।



### ବଢ଼ିଯିବ କାର୍ ଦାମ୍

ଟାଟା, ରେନୋ, ଫକ୍ସୱାଗନ, ଇସୁଜୁ ମୋଟର୍ସ ଭଳି ଅଟୋ କମ୍ପାନୀ ୨୦୧୯ ଜାନୁୟାରୀ ପହିଲାରୁ ନିଜ ଉତ୍ପାଦିତ କାର୍ ଦାମ୍ ବଢ଼ାଇବାକୁ ଯାଉଛନ୍ତି। ଜାନୁୟାରୀ ପହିଲାରୁ ମଡେଲ ଅନୁଯାୟୀ କାର୍ ଦାମ୍ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ ବଢ଼ାଯିବ ବୋଲି ଟାଟା ମୋଟର୍ସ କହିସାରିଛି।

### ଆଇଟି ରିଟର୍ନ ଜରିମାନା ଦୁଇଗୁଣା




୨୦୧୭–୧୮ ଆର୍ଥିକ ବର୍ଷ ପାଇଁ ଆୟକର ରିଟର୍ନ ଦାଖଲର ଅନ୍ତିମ ତିଥି ଚଳିତ ବର୍ଷ ଡିସେମ୍ବର ୩୧ ତାରିଖ ଯାଏ ଥିଲା। ଅର୍ଥାତ୍ ନୂଆବର୍ଷ ଜାନୁୟାରୀ ପହିଲାରୁ ଆୟକର(ଆଇଟି) ରିଟର୍ନ ଦାଖଲ କରି ନ ଥିବା ବ୍ୟକ୍ତିଙ୍କୁ ଜରିମାନା ବାବଦରେ ଦୁଇଗୁଣା ଅର୍ଥ ଅର୍ଥାତ୍ ୧୦ ହଜାର ଟଙ୍କା ଦେବାକୁ ହେବ। ବିଳମ୍ବରେ ରିଟର୍ନ ଦାଖଲ ପାଇଁ ପୂର୍ବରୁ ୫ ହଜାର ଟଙ୍କା ଜରିମାନା ଦେବାକୁ ପଡୁଥିଲା।

# ରାଷ୍ଟ୍ରାୟତ୍ତ ଉଦ୍ୟୋଗ ମହଙ୍ଗା ଭତ୍ତା ୧୩୮.୮%

ଭୁବନେଶ୍ୱର,୩୧–୧୨



ଦେଶର ଶିଳ୍ପ ଶ୍ରମିକଙ୍କ ଲାଗି ଉଦ୍ଦିଷ୍ଟ ହାରାହାରି ଖାଉଟି ମୂଲ୍ୟସୂଚୀ ଅକ୍ଟୋବରରେ ୩୦୨ ପଏଣ୍ଟ ଥିଲା। ନଭେମ୍ବରରେ ଏହା ଅପରିବର୍ତ୍ତିତ ରହିଛି। ତାଳଚେର ଏବଂ ଅନୁଗୋଳରେ ଅକ୍ଟୋବରରେ ଏହା ୩୨୦ ପଏଣ୍ଟ ଥିଲା। ନଭେମ୍ବରରେ ଏଥିରେ ୧ ପଏଣ୍ଟ ହ୍ରାସ ଘଟି ୩୧୯ ପଏଣ୍ଟ ହୋଇଛି। ଅନ୍ୟପକ୍ଷରେ ରାଉରକେଲାରେ ଅକ୍ଟୋବରରେ ଏହା ୩୧୨ ପଏଣ୍ଟ ଥିବା ବେଳେ ଏଥିରେ ୧ ପଏଣ୍ଟ ବୃଦ୍ଧି ଘଟି ୩୧୩ ପଏଣ୍ଟ ଛୁଇଁଛି।

ସେହିଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ କର୍ମଚାରୀମାନେ ବର୍ତ୍ତମାନ ୧୩୫.୬% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩.୨% ବୃଦ୍ଧି ଘଟି ୧୩୮.୮% ହୋଇଛି। ଏମାନେ ଏହି ବର୍ଦ୍ଧିତ ଡିଏ ଜାନୁୟାରୀ ପହିଲାରୁ ପାଇବେ। ସରକାରୀ କର୍ମଚାରୀମାନେ ୯% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୩% ବୃଦ୍ଧି ଘଟି ୧୨% ହୋଇଛି। ଏମାନେ ୨୦୧୯ ଜାନୁୟାରୀରୁ ଏହି ବର୍ଦ୍ଧିତ ଡିଏ ପାଇବେ।

ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ନର, ଡେପୁଟି ଗଭର୍ନର, ସମସ୍ତ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ମହୀଶୂର ଓ ଶାଳବଣି ନୋଟ ଛାପା କାରଖାନାର ସମସ୍ତ ଅଧିକାରୀ ଏବଂ କର୍ମଚାରୀଙ୍କ ସମେତ ସମସ୍ତ ବ୍ୟାଙ୍କର ସିଏମଡିମାନେ ମଧ୍ୟ ୧୨% ମହଙ୍ଗା ଭତ୍ତା ପାଇବେ। ଏହା ଜାନୁୟାରୀ ପହିଲାରୁ ଲାଗୁ ହେବ।

ଡିସେମ୍ବର ୨୧ ଏବଂ ୨୬ରେ ସିଜିଏମ୍‌ଙ୍କଠାରୁ ମେସେଞ୍ଜରଙ୍କ ପର୍ଯ୍ୟନ୍ତ ଯେଉଁ ୧୦ ଲକ୍ଷ ବ୍ୟାଙ୍କ କର୍ମଚାରୀ ଧର୍ମଘଟ କରିଥିଲେ ସେମାନେ ବର୍ତ୍ତମାନ ୬୦.୭% ମହଙ୍ଗା ଭତ୍ତା ପାଉଛନ୍ତି। ଏଥିରେ ୦.୬% ବୃଦ୍ଧି ଘଟି ୬୧.୩% ହୋଇଛି। ଏହା ଫେବୃୟାରୀ ପହିଲାରୁ ଲାଗୁ ହେବ। ଓଡ଼ିଶାରେ ୩ ଲକ୍ଷ ଅବସରପ୍ରାପ୍ତ ବ୍ୟାଙ୍କ ଅଫିସର ଓ କର୍ମଚାରୀ ୧୯୮୨ରୁ ପେନ୍‌ସନ ସଂଶୋଧନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନିବେଦନ କରି ଆସୁଛନ୍ତି। ଆଜି ବିଭିନ୍ନ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀ ଅବସର ଗ୍ରହଣ କରିଛନ୍ତି।

ବୀମା କର୍ମଚାରୀମାନେ ବର୍ତ୍ତମାନ ୫୪% ମହଙ୍ଗା ଭତ୍ତା ଲାଭ କରୁଛନ୍ତି। ସେମାନଙ୍କର ମଧ୍ୟ ଡିଏରେ ୦.୬% ବୃଦ୍ଧି ଘଟି ୫୪.୬% ହୋଇଛି। ଏହି ବର୍ଦ୍ଧିତ ଡିଏ ସେମାନେ ଫେବୃୟାରୀ ପହିଲାରୁ ପାଇବେ। ସେପ୍ଟେମ୍ବର ୪ ଓ ୫ ଦୁଇ ଦିନ ଧରି ଭାରତୀୟ ରିଜର୍ଭ ବ୍ୟାଙ୍କର ସମସ୍ତ ଅଧିକାରୀ ଏବଂ କର୍ମଚାରୀ ପେନସନ ଓ ପେନ୍‌ସନ ସଂଶୋଧନ ପାଇଁ ଯେଉଁ ଧର୍ମଘଟ ଡାକରା ଦେଇଥିଲେ ତାହା ସ୍ଥଗିତ ରହିଛି। ଜାନୁୟାରୀ ୧ରେ ହେବାକୁ ଥିବା ରିଜର୍ଭ ବ୍ୟାଙ୍କ ଅଧିକାରୀ ଏବଂ କର୍ମଚାରୀଙ୍କ ମାସିକ ସଭାରେ ପରବର୍ତ୍ତୀ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ।

# ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ୧୨୦ ଟଙ୍କା ଶସ୍ତା

ନୂଆଦିଲ୍ଲୀ,୩୧–୧୨

କେନ୍ଦ୍ର ସରକାର ରୋଷେଇ ଗ୍ୟାସ୍ ବ୍ୟବହାରକାରୀଙ୍କୁ ଦର ହ୍ରାସ କରି ନୂଆବର୍ଷର ଉପହାର ଦେଇଛନ୍ତି। ତୈଳ ବିତରଣ କମ୍ପାନୀଗୁଡିକ ସୋମବାର ସବ୍‌ସିଡିଯୁକ୍ତ ଓ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ୍ କମାଇଛନ୍ତି। ସବ୍‌ସିଡିଯୁକ୍ତ ସିଲିଣ୍ଡର ଦାମ୍ ୫.୯୧ଟଙ୍କା ଏବଂ ଅଣସବ୍‌ସିଡିଯୁକ୍ତରେ ୧୨୦.୫୦ଟଙ୍କା ହ୍ରାସ କରାଯାଇଛି। ଫଳରେ ୧୪.୨ କେଜିର ସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ୍ ସୋମବାର ମଧ୍ୟରାତ୍ରରୁ ଦିଲ୍ଲୀରେ ୫୦୦.୯୦ ଟଙ୍କା ବଦଳରେ ୪୯୪.୯୯ଟଙ୍କା ହୋଇଯିବ ବୋଲି ଇଣ୍ଡିଆନ ଅଏଲ କର୍ପୋରେଶନ ପକ୍ଷରୁ ଏକ ବିବୃତି ଜାରି କରି କୁହାଯାଇଛି।



■ସବ୍‌ସିଡିଯୁକ୍ତରେ ୬ଟଙ୍କା ହ୍ରାସ

ସୂଚନାଥାଉ କି, ଚଳିତ ମାସ ପହିଲାରେ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦାମ୍ ୬.୫୨ଟଙ୍କା ହ୍ରାସ କରାଯାଇଥିଲା। ଜୁନ୍‌ରୁ କ୍ରମାଗତ ଦର ବଢ଼ାଯିବା ପରେ ଡିସେମ୍ବର ପହିଲାରେ ପ୍ରଥମଥର ହ୍ରାସ କରାଯାଇଥିଲା। ଜୁନ୍‌ରୁ ନଭେମ୍ବର ମଧ୍ୟରେ ସବ୍‌ସିଡିଯୁକ୍ତ ସିଲିଣ୍ଡର ଦାମ୍ ୧୪.୧୩ ଟଙ୍କା ବଢ଼ିସାରିଥିଲା। ସେହିପରି ଦିଲ୍ଲୀରେ ଅଣସବ୍‌ସିଡିଯୁକ୍ତ ଏଲ୍‌ପିଜି ସିଲିଣ୍ଡର ଦାମ୍ ୧୨୦.୫୦ ଟଙ୍କା କମାଯାଇଛି। ଫଳରେ ସୋମବାର ମଧ୍ୟରାତ୍ରରୁ ଏହାର ମୂଲ୍ୟ ୬୮୯ ଟଙ୍କା ହେବ। ଡିସେମ୍ବର ପହିଲାରେ ଏହାକୁ ୧୩୩ ଟଙ୍କା ହ୍ରାସ କରାଯାଇଥିଲା।

# ପ୍ରଶାସନିକ ସେବା ପରୀକ୍ଷାରେ ଲିସାସ ଛାତ୍ରୀଛାତ୍ରଙ୍କ ସଫଳତା

ଭୁବନେଶ୍ୱର,୩୧–୧୨

ଭାରତୀୟପ୍ରଶାସନିକସେବା(ଆଇଏଏସ୍) ଏବଂ ଓଡ଼ିଶା ପ୍ରଶାସନିକ ସେବା(ଓଏଏସ୍) ପରୀକ୍ଷାରେ ପ୍ରମୁଖ କୋଚିଂ ପ୍ରତିଷ୍ଠାନ ଲିସାସ ଆଇଏଏସ୍‌ର ଛାତ୍ରୀଛାତ୍ର ସଫଳତା ଧାରାକୁ ବଜାୟ ରଖିଛନ୍ତି। ଓଏଏସ୍ ୨୦୧୭ର ପରୀକ୍ଷାରେ ପ୍ରତିଷ୍ଠାନର ୪୧ ଛାତ୍ରୀଛାତ୍ର ସଫଳ ହୋଇଛନ୍ତି। ଶ୍ରେଷ୍ଠ ୨୦ ମଧ୍ୟରେ ଲିସାସର ୫ ଛାତ୍ରୀଛାତ୍ର ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ଆଇଏଏସ୍‌ରେ ପ୍ରତିଷ୍ଠାନର ୧୯ ଛାତ୍ରୀଛାତ୍ର ସଫଳ ହୋଇଥିବା ବେଳେ ଓଏଏସ୍‌ରେ ୭୫୦ ସିଲେକସନ ଆସିଛି। ଦୀର୍ଘ ୨୩ ବର୍ଷ ଧରି ପ୍ରଶାସନିକ ସେବା କୋଚିଂ କ୍ଷେତ୍ରରେ ଏହା ନିରନ୍ତର ଯୋଗଦାନ ରଖି ଆସିଛି। ଲିସାସର ନିର୍ଦ୍ଦେଶିକା ଲିନୁ ଚୟନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହା ପରିଚାଳିତ ହେଉଛି। ଗୁଣବତ୍ତା କୋଚିଂ ପ୍ରଦାନ ଦିଗରେ ଏହା ସର୍ବଦା ଯତ୍ନବାନ ରହିଛି। ଚଳିତ ବର୍ଷ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ଚୟନୀ ଶୁଭେଚ୍ଛା ଜଣାଇଛନ୍ତି।



ଲିନୁ ଚୟନୀ।

# ଗରିବଙ୍କ କାମରେ ଆସିବ ଆର୍‌ବିଆଇ ବଳକା ଅର୍ଥ: ଜେଟ୍‌ଲୀ

ନୂଆଦିଲ୍ଲୀ,୩୧–୧୨

କେନ୍ଦ୍ର ସରକାର ନିଜର ବିତ୍ତୀୟ ନିଅଣ୍ଟ ପୂରଣ ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ)ର ବଳକା ଅର୍ଥ ନେବାକୁ ଚାହାନ୍ତି ନାହିଁ। ଏହାକୁ ଗରିବ ଲୋକଙ୍କ ହିତସାଧନ ଲାଗି ଖର୍ଚ୍ଚ କରାଯିବ। ଏଥିସହ ବ୍ୟାଙ୍କଗୁଡିକର ପୁନଃ ପୁଞ୍ଜିକରଣରେ ମଧ୍ୟ ଏହାକୁ ବ୍ୟବହାର କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟ୍‌ଲୀ ସୋମବାର ପାର୍ଲାମେଣ୍ଟରେ କହିଛନ୍ତି।

ଲୋକ ସଭାରେ ଅତିରିକ୍ତ ଖର୍ଚ୍ଚ ଦାବିର ଦ୍ୱିତୀୟ କିସ୍ତିକୁ ନେଇ ହୋଇଥିବା ଆଲୋଚନାରେ ଅଂଶଗ୍ରହଣ କରି ଜେଟ୍‌ଲୀ କହିଛନ୍ତି ଯେ, ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କର ବିତ୍ତୀୟ ପରିଚାଳନାରେ ଭଲ ରେକର୍ଡ ରହିଛି। ତେବେ ୧୯୯୭, ୨୦୦୪ ଓ ୨୦୧୩ରେ ବଳକା ପୁଞ୍ଜି ନେଇ ବିଶେଷଜ୍ଞ କମିଟି ଗଠନ କରାଯାଇଥିଲା। ଅନ୍ୟପକ୍ଷରେ ଆର୍‌ବିଆଇର ଆର୍ଥିକ ପୁଞ୍ଜିଗତ ସ୍ଥିତିକୁ ନେଇ ଆଲୋଚନା ଜାରି ରହିଛି। ସେ କହିଛନ୍ତି ଯେ, କେତେକ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ୮% ପର୍ଯ୍ୟନ୍ତ ବଳକା ପୁଞ୍ଜି ରଖିଥାନ୍ତି। ସେହିପରି କେତେକ ପାରମ୍ପରିକ ଆର୍ଥିକ ଚିନ୍ତାଧାରାକୁ ପାଳନ କରୁଥିବା ଦେଶଗୁଡିକର କେନ୍ଦ୍ରୀୟ ବ୍ୟାଙ୍କ ନିକଟରେ ୧୪% ବଳକା ପୁଞ୍ଜି ରହିଥାଏ। ଅନ୍ୟପକ୍ଷରେ ଆର୍‌ବିଆଇ ୨୮% ପୁଞ୍ଜି ରଖୁଛି। ଜେଟ୍‌ଲୀଙ୍କ ବକ୍ତବ୍ୟ ପରେ ୨୦୧୮–୧୯ ଆର୍ଥିକ ବର୍ଷରେ ୮୫,୯୪୮.୮୬ କୋଟି ଟଙ୍କାର ଅତିରିକ୍ତ ଖର୍ଚ୍ଚ ଦାବିର ଦ୍ୱିତୀୟ କିସ୍ତିକୁ ଅନୁମୋଦନ କରାଯାଇଥିଲା। ଏହି ଟଙ୍କାରୁ ଅଧା ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପୁନଃ ପୁଞ୍ଜିକରଣରେ ବିନିଯୋଗ କରାଯିବ।



# ସୁଧୁରୁଛି ବ୍ୟାଙ୍କିଙ୍ଗ୍ କ୍ଷେତ୍ର, କମୁଛି ଏନ୍‌ପିଏ

**ମୁମ୍ବାଇ,୩୧–୧୨:** ଦେବାଳିଆ ଆଇନକୁ କଡ଼ାକଡ଼ି ଭାବେ ଲାଗୁ କରାଯିବା ଯୋଗୁ ବ୍ୟାଙ୍କିଙ୍ଗ୍ କ୍ଷେତ୍ରରେ ପରିସ୍ଥିତି ସୁଧୁରିବାରେ ଲାଗିଛି। ଫସିଯାଇଥିବା ଋଣ(ଏନ୍‌ପିଏ) ସ୍ତର ଧୀରେ ଧୀରେ କମୁଛି ବୋଲି ସୋମବାର ପ୍ରକାଶିତ ରିଜର୍ଭ ବ୍ୟାଙ୍କ ରିପୋର୍ଟରେ କୁହାଯାଇଛି। ତେବେ ସଂରକ୍ଷଣ ନୀତିକୁ ନେଇ ଏଥିରେ ସତର୍କ କରାଯାଇଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ କାର୍ଯ୍ୟକାଳ ଆରମ୍ଭରେ ପ୍ରଥମ ରିପୋର୍ଟ ପ୍ରକାଶ କରାଯାଇ କୁହାଯାଇଛି ଯେ, ୨୦୧୮ ସେପ୍ଟେମ୍ବର ସୁଦ୍ଧା ଏନ୍‌ପିଏ ସୁଧୁରି ୧୦.୮ ପ୍ରତିଶତରେ ପହଞ୍ଚଗଲାଣି। ପୂର୍ବରୁ ଏହା ୧୧.୫ ପ୍ରତିଶତ ଥିଲା। ଆସନ୍ତା ବର୍ଷ ମାର୍ଚ୍ଚ ସୁଦ୍ଧା ଏହା ୧୦.୩%ରେ ପହଞ୍ଚିବ ବୋଲି ଆଶାକରାଯାଉଛି। ରିପୋର୍ଟରେ କୁହାଯାଇଛି ଯେ, ଚଳିତ ବର୍ଷ ମାର୍ଚ୍ଚରୁ ସେପ୍ଟେମ୍ବର ମଧ୍ୟରେ ବାଣିଜ୍ୟିକ ବ୍ୟାଙ୍କଗୁଡିକର ଋଣ ପ୍ରଦାନ ଆଖିଦୃଶିଆ ବୃଦ୍ଧି ପାଇଛି। ଏଥିରେ କୁହାଯାଇଛି ଯେ, ଉଚ୍ଚ ଲଗାଣ ସତ୍ତ୍ୱେ ଫସିଥିବା ଋଣର ଚିହ୍ନଟ କାରଣରୁ ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକ ଦ୍ୱାରା ପରିଚାଳନା ବିପଦ ଆକଳନରେ ସୁଧାର ଆସିଛି। ରିପୋର୍ଟରେ କୁହାଯାଇଛି ଯେ, ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକର ପରିଚାଳନା ଓ ନଜର ବ୍ୟବସ୍ଥାରେ ସୁଧାର ଆବଶ୍ୟକତା ରହିଛି ଏବଂ ଯେଉଁମାନେ ଏଥିରେ ଦୁର୍ବଳ ସେମାନଙ୍କୁ ପୁଞ୍ଜି ଦିଆଯିବାର ଆବଶ୍ୟକତା ରହିଛି।

## ପୌର ପରିଷଦ, ବେଲପାହାଡ଼

ନବବର୍ଷ, ୨୦୧୯ ଅବସରରେ ବେଲପାହାଡ଼ ପୌର ପରିଷଦ ତରଫରୁ ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ଏହି ବର୍ଷ ସମସ୍ତଙ୍କ ପାଇଁ ମଙ୍ଗଳମୟ ହେଉ ଏହା ଆମର କାମନା।



ଶ୍ରୀ ପର୍ଶୁରାମ ସାହୁ
ଅଧ୍ୟକ୍ଷ
ପୌର ପରିଷଦ, ବେଲପାହାଡ଼

ଶ୍ରୀ ଲୋକନାଥ କୁମାର ତିୱାରି
ନିର୍ବାହୀ ଅଧିକାରୀ
ପୌର ପରିଷଦ, ବେଲପାହାଡ଼

ଶ୍ରୀମତୀ ଅନୁପମା ଭଏଁସା
ଉପାଧ୍ୟକ୍ଷା
ଏବଂ ପରିଷଦର ସମସ୍ତ
ସଭ୍ୟ/ସଭ୍ୟା ବୃନ୍ଦ

## ODISHA LIFT IRRIGATION CORPORATION LTD

(A GOVERNMENT OF ODISHA UNDERTAKING)
PLOT NO.17/2, NAYAPALLI, BHUBANESWAR-12.
Phone : (0674) 2390195, Fax: : (0674)2395844, E-mail : olicltd123@bsnl.com, olicltd@ymail.com
No. 13759 /OLIC — Dated: 31.12.2018

**NATIONAL COMPETITIVE BIDDING THROUGH e-Procurement**

No.CAD-1196: Tender in sealed cover with Commercial bid and technical bid super scribed with tender specification number for supply of Submersible pump sets in conformity with detail tender call notice are invited from reputed manufactures by the M.D , OLIC, Bhubaneswar as per the schedule

| Sl. No. | Tender Specification No. | Brief Description | Approx. Quantity Required in Nos. | Estimated cost in (Rs. in lakhs) | EMD to be deposited (Rs. in lakhs) | Cost of Tender Paper (In Rs.) |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | IT-15(E) 2018-19 | Submersible Pump set to deliver 1.75 LPS at 20 Mtr. Head | 35 | 5.641 | 0.056 | 4,000/- + GST 5% on reverse charge basis |

1. Period of Completion :- 60 days of issue of purchase order.
2. Date& Time of availability of bid document in the portal:- From Dt.01.01.2019 to Dt. 29.01.2019
3. Last date/Time for receipt of bids in the portal:-Dt.29.01.2019 upto17.00 hrs.
4. Last date of seeking clarification: Dt.08.01.2019 upto17.00 hrs
5. Name and address of the Officer Inviting Bid:- M.D, OLIC,. Plot No. N- 17/2, Nayapalli, P.B No.155 Bhubaneswar-751 012
6. Further details can be seen from the e-procurement portal **https://tendersodisha.gov.in**.

Authority reserves the right to reject any or all the tenders without assigning any reasons thereof.
32135/11/0033/1819 — **Sd./- MANAGING DIRECTOR**

## ବଲାଙ୍ଗୀର ପୌରସଂସ୍ଥା, ବଲାଙ୍ଗୀର

ନୂତନ ବର୍ଷ ୨୦୧୯ର ଶୁଭାରମ୍ଭରେ ବଲାଙ୍ଗୀର ପୌର ପରିଷଦର ସମସ୍ତ ଜନସାଧାରଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜ୍ଞାପନ କରୁଅଛି। ଏହି ନବବର୍ଷ ସମସ୍ତଙ୍କ ପାଇଁ ସୁଖ, ଶାନ୍ତି ଏବଂ ସମୃଦ୍ଧିର ବର୍ଷ ହେଉ। ଏହି ଶୁଭ ଅବସରରେ ମାଁ ପାଟଣେଶ୍ୱରୀ ଓ ମା' ସମଲେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ ଏହା ହିଁ ମାଁଙ୍କ ଠାରେ ପ୍ରାର୍ଥନା।



ଶ୍ରୀମତୀ ସନ୍ତୋଷିନୀ ବେହେରା
ପୌରାଧ୍ୟକ୍ଷା
ପୌର ସଂସ୍ଥା, ବଲାଙ୍ଗୀର



ଶ୍ରୀମତୀ ଲିପିଶ୍ରୀ ସାଏ
ଉପାଧ୍ୟକ୍ଷା
ପୌର ସଂସ୍ଥା, ବଲାଙ୍ଗୀର



ଶ୍ରୀ ବିପିନ ବିହାରୀ ଦୀପ
ନିର୍ବାହୀ ଅଧିକାରୀ
ପୌରସଂସ୍ଥା, ବଲାଙ୍ଗୀର

## GOVERNMENT OF ODISHA "e" PROCUREMENT NOTICE

**Bid Identification No. 27 of 2018 - 19**

1. Name of the Work :- Execution of different civil works in the district of Kandhamal. (Refer DTCN available in the website :- tendersorissa.gov.in)
2. Total No of work :- 07 Nos.
3. Estimated Cost :- Rs. 51.80 lakh to 86.00 lakh
4. Eligible Class of Contractor :- "B & A" Contractor
5. Period of Completion :- 06 months (Refer DTCN available in the website tendersorissa.gov.in)
6. Other Details :

| Procurement Officer | Bid Identification No. | Availability of tender online for bidding | | Date and time for opening of Technical Bid |
|---|---|---|---|---|
| | | From | To | |
| Executive Engineer, RWSS Division, Phulbani | 27 of 2018 - 19 | Dt. 03.01.2019 At 10.00 Hrs | Dt. 17.01.2019 Upto 17.00 Hrs | Dt.18.01.2019 at 11 00 A.M |

Further details can be seen from the website **www.tendersorissa.gov.in**.
Corrigendum, if any, will be uploaded in website only.
25006/11/0030/1819 — **Sd./- Executive Engineer, RWS&S Division, Phulbani**
No.1287-O

"ମୁଁ ରିୟଲ ମାଡ୍ରିଡ୍ ଛାଡ଼ି ଅନ୍ୟ ଏକ ଫୁଟ୍‌ବଲ କ୍ଲବରେ ଯୋଗଦେବା ଲାଗି ଯୋଜନା ଚଳାଇଛି ବୋଲି ଯାହା ଶୁଣିବାକୁ ମିଳୁଛି ତାହା ଏକ ଗୁଜବ ।
–ଇସ୍‌କୋ ଆଲାରକନ୍, ରିୟଲ ମାଡ୍ରିଡ ମିଡ୍ ଫିଲ୍‌ଡର



"ଏଏଫ୍‌ସି ଏସିଆନ କପ୍‌ରେ ଆମ ପରିବାରର ଦୁଇ ଜଣ ମୁଁ ଓ ମୋର ଜାମାତା ସୁନୀଲ ଛେତ୍ରୀ ଦେଶ ତରଫରୁ ପ୍ରତିନିଧିତ୍ୱ ସୁଯୋଗ ପାଇବା ଗୌରବର ବିଷୟ ।
–ସୁବ୍ରତ ଭଟ୍ଟାଚାର୍ଯ୍ୟ, ମୋହନ ବାଗାନ କିମ୍ବଦନ୍ତୀ ଖେଳାଳି



## ସଂକ୍ଷେପରେ

### ପୂଜାରା, ବୁମରାଙ୍କୁ କୋହଲିଙ୍କ ପ୍ରଶଂସା

**ମେଲବୋର୍ନ, ୩୧।୧୨ (ପି.ଟି):** ମେଲବୋର୍ନ ଟେଷ୍ଟ ବିଜୟ ପରେ ଟେଷ୍ଟ ସ୍ପେଶାଲିଷ୍ଟ ଚେତେଶ୍ୱର ପୂଜାରା ଓ ଦ୍ରୁତ ବୋଲର ଯଶପ୍ରୀତ୍ ବୁମରାଙ୍କୁ ଅଧିନାୟକ ବିରାଟ କୋହଲି ଭୂୟସୀ ପ୍ରଶଂସା କରିଛନ୍ତି। ପୂଜାରା ମ୍ୟାଚ୍‌ର ସ୍ଥିତି ଅନୁଯାୟୀ ଖେଳିଥାନ୍ତି। ଦଳର ଆବଶ୍ୟକତା ଅନୁସାରେ ସେ ନିଜର ଖେଳରେ ପରିବର୍ତ୍ତନ ଆଣି ବେଶ୍ ସଫଳତା ଅର୍ଜନ କରିଛନ୍ତି। ପୂର୍ବରୁ ଦକ୍ଷିଣ ଆଫ୍ରିକା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଅଷ୍ଟ୍ରେଲିଆ ଗସ୍ତରେ ଉଚ୍ଚକୋଟୀର ପ୍ରଦର୍ଶନ କରିପାରି ନାହାନ୍ତି। ତେବେ ଚଳିତ ସିରିଜରେ ଦୁଇଟି ଶତକ ହାସଲ କରି ଦଳର ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ୩ଟି ମ୍ୟାଚ୍ ଖେଳି ସେ ଏପର୍ଯ୍ୟନ୍ତ ସର୍ବାଧିକ ୩୨୮ ରନ ସଂଗ୍ରହ କରିଛନ୍ତି। ବିଭିନ୍ନ ପରିସ୍ଥିତିରେ ଆମ ବୋଲରମାନେ ୨୦ଟି ଉଇକେଟ ଅକ୍ତିଆର କରୁଥିବା ବେଳେ ପୂଜାରାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କୋହଲି ସ୍ପଷ୍ଟ କରିଛନ୍ତି। ଗୋଟିଏ ପଟେ ପୁଜାରା ତିଷ୍ଠି ରହିଲେ ଓ ଅନ୍ୟପଟେ ବାକି ବ୍ୟାଟ୍ସମ୍ୟାନ ଆଶାନୁରୂପ ପ୍ରଦର୍ଶନ କଲେ ଭାରତ ସହଜରେ ୪୦୦ରୁ ଉର୍ଦ୍ଧ୍ୱ ରନ ସଂଗ୍ରହ କରିପାରିବ। ବୋଲିଂ ଓ ବ୍ୟାଟିଂରେ ଉନ୍ନତ ପ୍ରଦର୍ଶନ ଯୋଗୁ ବିଜୟୀ ହେଲୁ ବୋଲି ସେ କହିଛନ୍ତି। ପଦାର୍ପଣ କରିଥିବା ଓପନର ମୟଙ୍କ ଅଗ୍ରୱାଲଙ୍କୁ ମଧ ସେ ପ୍ରଶଂସା କରିଛନ୍ତି। ବିଜୟରେ ମୟଙ୍କଙ୍କ ଅବଦାନ ଗୁରୁତ୍ୱପୂର୍ଣ୍ଣ। ଉଭୟ ଇନିଂସରେ ସେ ଲଢୁଆ ପ୍ରଦର୍ଶନ କରିଛନ୍ତି। ହନୁମା ବିହାରୀଙ୍କ ଇନିଂସ ଓପନ କରାଇବା ନିଷ୍ପତ୍ତିକୁ ସେ ଯଥାର୍ଥ ବୋଲି କହିଛନ୍ତି।

### ନଗେଶ ଟ୍ରଫି: ଓଡ଼ିଶାର ଚତୁର୍ଥ ବିଜୟ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି):** ରାଜସ୍ଥାନର ଆଜମେରଠାରେ ଚାଲିଥିବା ନଗେଶ ଟ୍ରଫି ଦୃଷ୍ଟିହୀନ କ୍ରିକେଟ ଟୁର୍ନାମେଣ୍ଟରେ ଓଡ଼ିଶା ୪ର୍ଥ ବିଜୟ ହାସଲ କରିଛି। ସୋମବାର ଶେଷ ଲିଗ୍ ମ୍ୟାଚରେ ଏହି ଦଳ ପଞ୍ଜାବକୁ ୧୬୫ ରନରେ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୨ ଉଇକେଟ ହରାଇ ୨୪୪ ରନ କରିଥିଲା। ଶତକ ହାସଲ କରିଥିବା ସୁଖରାମ ମାଝି ୧୧୭ ରନକରି ଅପରାଜିତ ରହିଥିବାବେଳେ ଲାଲ ପ୍ରସାଦ ସୋରେନ ୮୦ ରନ କରିଥିଲେ। ୨୪୫ ରନ ବିଜୟ ଲକ୍ଷ୍ୟର ପିଛା କରି ପଞ୍ଜାବ ୧୭.୩ ଓଭରରେ ୭୯ ରନ କରି ଅଲଆଉଟ ହୋଇ ଯାଇଥିଲା। ଲିଙ୍ଗରାଜ ରାଉତରା ଓ ସୁଖରାମ ମାଝି ୩ଟି ଲେଖାଏ ଉଇକେଟ ନେଇ ଓଡ଼ିଶାକୁ ବୃହତ ବିଜୟ ଦେଇଥିଲେ। ଗ୍ରୁପ 'ଡି'ରେ ଦ୍ୱିତୀୟ ସ୍ଥାନ ହାସଲ କରିଥିବାରୁ ଓଡ଼ିଶା ଜାନୁୟାରୀ ୨୪ରେ ହେବାକୁଥିବା କ୍ୱାର୍ଟର ଫାଇନାଲରେ ଗ୍ରୁପ 'ବି'ର ଶୀର୍ଷସ୍ଥାନୀୟ ଦଳକୁ ଭେଟିବ।

# ଆର୍ଟିଲାରୀ ଜିତିଲା ମହାବୀର କପ୍

**ଟାଙ୍ଗୀ(ଖୋର୍ଦ୍ଧା),୩୧।୧୨(ଡି.ଏନ.ଏ.)**



ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ୍ ହାଇଦ୍ରାବାଦର ଆର୍ଟିଲାରୀ ଦଳ।

ଖୋର୍ଦ୍ଧା ଜିଲା କୁହୁଡି ଜନତା ଷ୍ଟାଡିୟମରେ ମହାବୀର ଆଥଲେଟିକ୍ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୫୯ତମ ସର୍ବଭାରତୀୟ ମହାବୀର କପ୍ ଫୁଟବଲ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ଫାଇନାଲରେ ଆର୍ଟିଲାରୀ (ହାଇଦ୍ରାବାଦ) ୧–୦ ଗୋଲରେ ସାଇ ହଷ୍ଟେଲ(କଟକ)କୁ ହରାଇ ଚାମ୍ପିୟନ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧର ଖେଳ ଗୋଲଶୂନ୍ୟ ଭାବେ ଶେଷ ହୋଇଥିଲା। ସଂଘର୍ଷପୂର୍ଣ୍ଣ ମ୍ୟାଚର ଦ୍ୱିତୀୟାର୍ଦ୍ଧରେ ହାଇଦ୍ରାବାଦ ଦଳର ୭ନମ୍ବର ଖେଳାଳି ମନୁ ବିଜୟସୂଚକ ଗୋଲଟିକୁ ସ୍କୋର କରିଥିଲେ। ଆସୋସିଏଶନ୍‌ର ଉପସଭାପତି ଶ୍ରୀବସ୍ତ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ଏମ୍‌ପି ପ୍ରସନ୍ନ କୁମାର ପାଟଶାଣୀ, ବିଧାୟକ ରାଜେନ୍ଦ୍ର କୁମାର ସାହୁ, ଚିଲିକା ବିଧାୟକ ବିଭୂତି ଭୂଷଣ ହରିଚନ୍ଦନ, ଖୋର୍ଦ୍ଧା ଜିଲା ପରିଷଦର ପୂର୍ବତନ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଭାଟପଡା ଦଳବେହେରା ମାନବେନ୍ଦ୍ର ମହାରଥା, ଟାଙ୍ଗୀ ବ୍ଲକ ଅଧ୍ୟକ୍ଷ ବିଜୟ କୁମାର ଜେନା, ଜିଲା ପରିଷଦ ସଭ୍ୟା ରୀଣ୍ଟା ମାନଧାତା, ଗୀତାଞ୍ଜଳି ପାଟଶାଣୀ, ଅପସରା ଜୁଏଲର ଓ ଅପସରା ହିରୋ ଏମ୍‌ଡି ବିକ୍ରମ କେଶରୀ ସାହୁ ଓ କୁହୁଡି ସରପଞ୍ଚ ବିପିନ ଉଦୟସିଂହ ପ୍ରମୁଖ ଅତିଥି ରୂପେ ଯୋଗଦେଇଥିଲେ। ସମ୍ପାଦକ ମନୋଜ କୁମାର ମାନସିଂହ ବାର୍ଷିକ ବିବରଣୀ ପାଠ କରିଥିଲେ। ଚାମ୍ପିୟନ ଦଳକୁ ୨୫ ହଜାର ପୁରସ୍କାର ସହ ମହାବୀର ଚାମ୍ପିୟନ କପ୍ ପ୍ରଦାନ କରାଯାଇଥିବା ବେଳେ ରନର୍ସ ଅଫ୍ ଦଳକୁ ୧୫ ହଜାର ପୁରସ୍କାର ସହ ସୋମନାଥ ମେକାପଙ୍କୁ ସ୍ମାରକୀ ରନର୍ସ କପ୍ ପ୍ରଦାନ କରାଯାଇଥିଲା। ଆବୁଲ ଆଚାରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଗାଇଡ଼ ମେଡାଲ ଶୁଭକାନ୍ତ ମାନସିଂହ ଟ୍ରଫି, ବଦନମଣୀ ଟ୍ରଫି, ତାଜି ଖାଁ ଟ୍ରଫି, କୈଳାସ ମାନସିଂହ ଟ୍ରଫି ଓ ବଂଶୀଧର ଟ୍ରଫି ଉଭୟ ଦଳର ଖେଳାଳିମାନଙ୍କୁ ପ୍ରଦାନ କରାଯାଇଥିଲା। ମ୍ୟାଚ୍ କମିଶନର ଜାତୀୟ ରେଫରି ଡି. ଭଗବାନ ଦାସଙ୍କ ତତ୍ତ୍ୱାବଧାନରେ ଶିବପ୍ରସାଦ ଦାସ, ଚନ୍ଦ୍ରକାନ୍ତ ବାରିକ, ସୁଦୀପ ଦାସ, ପ୍ରିୟବ୍ରତ ବାହିନୀପତି ପ୍ରମୁଖ ଖେଳ ପରିଚାଳନା କରିଥିଲେ।

## ସନ୍ତୋଷ ମେମୋରିଆଲ କ୍ରିକେଟ
# ଲାୟନ୍ସ–ହାପି ଇଲେଭେନ ଫାଇନାଲ

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ରସୁଲଗଡ଼ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା ସନ୍ତୋଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ଭି ଲାୟନ୍ସ ଓ ହାପି ଇଲେଭେନ ମଧ୍ୟରେ ମଙ୍ଗଳବାର ଅନୁଷ୍ଠିତ ହେବ। ସୋମବାର ଅନୁଷ୍ଠିତ ୨ଟି ସେମିଫାଇନାଲରେ ବମିଖାଲକୁ ଭି ଲାୟନ୍ସ ଏବଂ ଜେଏମଡିକୁ ହାପି ଇଲେଭେନ ପରାସ୍ତ କରିଛି। ପ୍ରଥମ ସେମିଫାଇନାଲରେ ବମିଖାଲ ଦଳ ୧୫ ଓଭରରେ ୭ ଉଇକେଟ ହରାଇ ୧୭୭ ରନ କରିଥିଲା। ଦଳ ପକ୍ଷରୁ ଟିକିଲି ବେହେରା ସର୍ବାଧିକ ୭୩ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ବାପୁନ ଦଳାଇ ୩ଟି ଉଇକେଟ ନେଇଥିଲେ। ଜବାବରେ ଭି ଲାୟନ୍ସ ୧୨ ଓଭରରେ ୪ ଉଇକେଟ ହରାଇ ୧୮୦ ରନ ସଂଗ୍ରହ କରି ନେଇଥିଲା। ୩୮ ବଲ୍‌ରୁ ବିସ୍ଫୋରକ ଶତକ(୧୧୯ ରନ) ହାସଲ କରି ଦଳର ବିଜୟକୁ ସହଜ କରି ଦେଇଥିବା ବାପୁନ ଦଳାଇ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ବମିଖାଲ ଦଳର ସହଦେବ ଦାସ ୩ଟି ଉଇକେଟ ନେଇଥିଲେ। ଦ୍ୱିତୀୟ ସେମିଫାଇନାଲରେ ପ୍ରଥମେ ବ୍ୟାଟିଂ କରିଥିବା ଜେଏମଡି ୧୫ ଓଭରରେ ୧୭୨ ରନ କରି ଅଲଆଉଟ୍ ହୋଇଥିଲା। ଦଳ ପକ୍ଷରୁ ସୁମନ୍ତ ସାହୁ ସର୍ବାଧିକ ୪୭ ରନ କରିଥିବାବେଳେ ବିପକ୍ଷ ଦଳର ବଦ୍ରିନାରାୟଣ ନାଥ ୩ ଉଇକେଟ ଅକ୍ତିଆର କରିଥିଲେ। ୧୭୩ ରନ ବିଜୟ ଲକ୍ଷ୍ୟର ପିଛା କରିଥିବା ହାପି ଇଲେଭେନ ୧୩ ଓଭରରେ ୪ ଉଇକେଟ ହରାଇ ୧୭୭ ରନ ସଂଗ୍ରହ କରି ନେଇଥିଲା। ୩୫ ବଲ୍‌ରୁ ଦ୍ରୁତ ୭୦ ରନ ସଂଗ୍ରହ କରି କିଶୋର ଦାସ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପରାଜିତ ଦଳର ସୁଧାଂଶୁ ଖୁଣ୍ଟିଆ ସର୍ବାଧିକ ୨ଟି ଉଇକେଟ ପାଇଥିଲେ। ଶ୍ରୀଧର ବଳିୟାର ସିଂ ଓ କୈଳାସ ରାଉଳ ମ୍ୟାଚ ପରିଚାଳନା କରିଥିବାବେଳେ ରେଫରି ଦାୟିତ୍ୱ ନିର୍ବାହ କରିଥିଲେ କମଲେଶ୍ ଖଟୁଆ। ଯଜ୍ଞାଶିଷ ମହାପାତ୍ର, ସଞ୍ଜୟ ଜଗଦେବ, ସଞ୍ଜୟ କୁମାର ବଳିୟାର ସିଂ, ଅସ୍ମିତ ଦାସ ଓ ସୁବ୍ରତ ସାହୁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# 'ସବୁ ବର୍ଗ ପାଇଁ ବ୍ୟାୟାମ ଜରୁରୀ'



**ଭୁବନେଶ୍ୱର,୩୧। ୧୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଶାରୀରିକ ସୁସ୍ଥତା ପାଇଁ ବ୍ୟାୟାମର ଏକାନ୍ତ ଆବଶ୍ୟକତା ରହିଛି। ଏହା ସବୁ ବର୍ଗଙ୍କ ପାଇଁ ଜରୁରୀ ବୋଲି ଚନ୍ଦ୍ରଶେଖରପୁରସ୍ଥିତ ଡମଣା ଛକଠାରେ ଅତ୍ୟାଧୁନିକ ବ୍ୟାୟାମଶାଳା ଫିଟ୍‌ସ୍ପିରେଶନ ଉଦ୍‌ଘାଟନ ଅବସରରେ ୬ ଡାନ ବ୍ଲାକବେଲ୍ଟ ତଥା ଅନ୍ତର୍ଜାତୀୟ ଟାଏକୋଣ୍ଡୋ –ଡୋ ମାଷ୍ଟର ମନୋରଞ୍ଜନ ପାତ୍ର ପ୍ରକାଶ କରିଛନ୍ତି। ଉଭୟ ମହିଳା ଓ ପୁରୁଷ ଏବଂ ଦିବ୍ୟାଙ୍ଗ ମାନଙ୍କ ପାଇଁ ବ୍ୟାୟାମ କରିବାର ସୁବିଧା ରହିଛି । ଏହାଛଡ଼ା ଖେଳାଳିଙ୍କ ବ୍ୟାୟାମ ପାଇଁ ମଧ ଅତ୍ୟାଧୁନିକ ସ୍ପୋର୍ଟ୍ସ ଜିମ୍ନାସିୟମ ଉପକରଣ ଉପଲବ୍ଧ। ଏଥିପାଇଁ ସ୍ୱତନ୍ତ୍ର ଟ୍ରେନର ରହିଛନ୍ତି ବୋଲି ବ୍ୟାୟାମଶାଳାର ମୁଖ୍ୟ ସାଇ ଗୌରବ କହିଛନ୍ତି।

## ରାଜ୍ୟସ୍ତରୀୟ ଫୁଟ୍‌ବଲ
# ବ୍ରହ୍ମପୁର ବିଜୟୀ

**ନିରାକାରପୁର, ୩୧।୧୨ (ଡି.ଏନ.ଏ.):** ନିରାକାରପୁର ପଞ୍ଚାୟତସ୍ଥ କ୍ଷେତ୍ରବାସୀ ଡିଏଭି କଲେଜ ଖେଳପଡିଆଠାରେ ସୋମବାର ଫ୍ରେଣ୍ଡସ୍ କ୍ଲବ ଆନୁକୂଲ୍ୟରେ ସୋମବାରଠାରୁ ୨୭ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଅବସରରେ ପଞ୍ଚାୟତ ନନପଡା ଗାଁର ମା' ହରଚଣ୍ଡୀ ମନ୍ଦିରଠାରୁ ଏକ ମସାଲକୁ ନେଇ ପଡିଆରେ ପହଞ୍ଚିବା ପରେ ବିଧିବଦ୍ଧ ଭାବେ ଖେଳ ଆରମ୍ଭ ହୋଇଥିଲା। ଉଦ୍‌ଘାଟନୀ ଦିବସରେ ପତିତପାବନ କ୍ଲବ୍ ବ୍ରହ୍ମପୁର ବନାମ ନୟାଗଡ ଜିଲା ଖଣ୍ଡପଡା ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଦୁଇ ଦଳ ପକ୍ଷରୁ ପ୍ରଥମ ଅର୍ଦ୍ଧରେ ଗୋଟିଏ ଗୋଟିଏ ଗୋଲ କରିଥିଲେ। ଦ୍ୱିତୀୟା ଅର୍ଦ୍ଧରେ ମଧ ଗୋଟଏ ଗୋଟିଏ ଗୋଲ ହୋଇଥିଲା। ଉଭୟ ଦଳର ଗୋଲ ସ୍କୋର ବରାବର ଥିବାରୁ ଟ୍ରାଏବ୍ରକର ସହାୟତାରେ ବ୍ରହ୍ମପୁର ୭ ଗୋଲ କରିଥିବା ବେଳେ ଖଣ୍ଡପଡା ଦଳ ୬ ଗୋଲ କରି ପରାସ୍ତ ହୋଇଛି। ଖେଳକୁ ସୁଶାନ୍ତ କୁମାର ମୁଣ୍ଡ, ଉମେଶ ପାଇକରାୟ, ଏମ୍. ଏସ୍. ବେଗ୍ ଓ ବିଜୟ ପଟ୍ଟନାୟକ ପରିଚାଳନା କରିଥିଲେ। ବ୍ରହ୍ମପୁର ଗୋଲି କିପର ଆଶିଷ ନାୟକ ଓ ଖଣ୍ଡପଡାର ଶିବପ୍ରସାଦ ବାରିକ୍‌ଙ୍କୁ ଭଲ ଖେଳାଳି ଭାବେ ପୁରସ୍କୃତ କରାଯାଇଥିଲା। ଅନୁଷ୍ଠିତ ସଭାରେ କ୍ଷେତ୍ରବାସୀ ଡିଏଭି କଲେଜର ଅଧ୍ୟକ୍ଷ ଅଶୋକ କୁମାର ବଳବନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବାବେଳେ ଅଧ୍ୟାପକ ଅଜିତ୍ କୁମାର ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଥିଲେ। ନୂଆବର୍ଷ ଲାଗି ମଙ୍ଗଳବାର ଖେଳ ବନ୍ଦ ରହିବ ବୋଲି ଅନୁଷ୍ଠାନର ସଭାପତି ବିପିନ କୁମାର ଜୟସିଂହ ଓ ସମ୍ପାଦକ ଭାଗୀରଥି ପ୍ରଧାନ ସୂଚନା ଦେଇଛନ୍ତି।

# ଭୁବନେଶ୍ୱର କ୍ରୀଡ଼ା ରାଜଧାନୀ ହେବାକୁ ଯାଉଛି: ଦୂତୀ

**କଣ୍ଟାପଡା, ୩୧।୧୨(ଡି.ଏନ୍.ଏ.)**



ଦୂତୀ ଚାନ୍ଦଙ୍କୁ ନିରତାର ପକ୍ଷରୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ ଜିଲାର ଓଲଟପୁର ସ୍ଥିତ ଦିବ୍ୟାଙ୍ଗ ଗବେଷଣା ଓ ଚିକିତ୍ସା କେନ୍ଦ୍ର ଛାତ୍ରସଂଘ ପକ୍ଷରୁ ଆୟୋଜିତ କ୍ରୀଡା ପ୍ରତିଯୋଗିତା ସୋମବାର ଛାତ୍ରାବାସ ଖେଳପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। ଛାତ୍ରସଂଘ ସଭାପତି ସରୋଜ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ ସଭାରେ ସ୍ପ୍ରିଣ୍ଟ କୁଇନ୍ ଦୂତୀ ଚାନ୍ଦ ମୁଖ୍ୟଅତିଥିଭାବେ ଯୋଗଦେଇ ଭୁବନେଶ୍ୱର ଦେଶର କ୍ରୀଡା ରାଜଧାନୀ ହେବାକୁ ଯାଉଛି ବୋଲି କହିବା ସହ କୌଣସି କାର୍ଯ୍ୟକୁ ଛୋଟ ନ ଭାବିବା ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। କ୍ରିକେଟର ନଟରାଜ ବେହେରା ଅନ୍ୟତମ ଅତିଥିଭାବେ ଯୋଗଦେଇ କ୍ରୀଡା ଓ ଫିଜିଓଥେରାପି ପରସ୍ପର ପରିପୂରକ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିରତାର ପ୍ରଶାସନିକ ଉପନିର୍ଦ୍ଦେଶକ ରଶ୍ମିରଞ୍ଜନ ସେଠୀ, ଡାକ୍ତର ପିପି ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥିଭାବେ ଯୋଗ ଦେଇଥିଲେ। ଛାତ୍ରସଂଘ ସମ୍ପାଦକ ପ୍ରକାଶ ରଞ୍ଜନ ବେହେରା ଧନ୍ୟବାଦ ଦେଇଥିଲେ।

## ନିରୋଜ ମେମୋରିଆଲ କ୍ରିକେଟ ଉଦ୍‌ଯାପିତ
# ବିବିସିଏ ଜିତିଲା ଓସ୍କାର କପ୍

**ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି)**

ଓସ୍କାର ପଡ଼ିଆରେ ନିରୋଜ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ସହିଦ ସ୍ପୋର୍ଟିଂକୁ ହରାଇ ଭାରତ ଭୂଷଣ କ୍ରିକେଟ ଏକାଡେମୀ(ବିବିସିଏ) ଚାମ୍ପିୟନ ହୋଇଛି।

ବିବିସିଏ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୬ ଉଇକେଟ ହରାଇ ୨୦୬ ରନ କରିଥିଲା। ଦଳ ପକ୍ଷରୁ ସାରାଂଶ ରାଉତ ୬୦ ବଲ୍‌ରେ ସର୍ବାଧିକ ୮୦ ଓ ଅଧିନାୟକ ଜଗଜିତ ଦାସ ୬୦ ବଲ୍‌ରେ ୭୬* ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ଦଳର ସୌର୍ଯ୍ୟ ଜେନା ସର୍ବାଧିକ ୩ଟି ଉଇକେଟ ନେଇଥିଲେ। ଜବାବରେ ସହିଦ ସ୍ପୋର୍ଟିଂ ୨୩.୨ ଓଭରରେ ୧୪୨ ରନ କରି ଅଲଆଉଟ ହୋଇ ଯାଇଥିଲା। ଦଳ ପକ୍ଷରୁ ଆର.କେ.ଆର୍ଯ୍ୟନ ୪୮ ବଲ୍‌ରେ ସର୍ବାଧିକ ୬୨ ଓ ସୌମିତ୍ର ବିଶ୍ୱାଳ ୨୬ ରନ କରିଥିଲେ। ବିଜୟୀ ଦଳ ପକ୍ଷରୁ ଶିଶିର ପଟ୍ଟନାୟକ, ଚଗନ ପଟ୍ଟନାୟକ ୨ଟି ଲେଖାଏ ଏବଂ ସ୍ୱସ୍ତିକ ଦାସ, ସାରାଂଶ ରାଉତ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ବିଧାୟକ ସରୋଜ ସାମଲ ଓ ମେୟର ଅନନ୍ତ ନାରାୟଣ ଜେନା ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ବିବିସିଏର ସାରାଂଶ ରାଉତ ମ୍ୟାନ ଅଫ ଦି ମ୍ୟାଚ, ଜଗଜିତ ଦାସ ମ୍ୟାନ ଅଫ ଦି ସିରିଜ, ଶିଶିର ପଟ୍ଟନାୟକ ଶ୍ରେଷ୍ଠ ବୋଲର, ସହିଦ ସ୍ପୋର୍ଟିଂର ଆର.କେ.ଆର୍ଯ୍ୟନ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ, ସୌର୍ଯ୍ୟ ଜେନା ଶ୍ରେଷ୍ଠ ଫିଲ୍ଡର ଏବଂ ଓସ୍କାର ସ୍ପୋର୍ଟିଂର କୌଶିକ ନାୟକଙ୍କ ଶ୍ରେଷ୍ଠ ଉଇକେଟ କିପର ପୁରସ୍କାର ପାଇଥିଲେ। ମ୍ୟାଚ ପରିଚାଳନା କରିଥିଲେ ପ୍ରସନ୍ନ ବେହୁରା ଓ ସୁଶାନ୍ତ ଦାସ, ସ୍କୋରର ଥିଲେ ଶୁଭକାନ୍ତ ଏବଂ ଭାଷ୍ୟକାର ଦାୟିତ୍ୱ ନିର୍ବାହ କରିଥିଲେ ନରେଶ ଭୂଷଣ ଅଧିକାରୀ। ଶେଷରେ ଓସ୍କାର କ୍ଲବର ସମ୍ପାଦକ ମନୋଜ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ଲକ୍ଷ୍ମୀସାଗର କ୍ରିକେଟ: ଷ୍ଟାର ଏକାଦଶ ଚାମ୍ପିୟନ

**କଟକ ରୋଡ଼, ୩୧।୧୨(ଡି.ଏନ.ଏ.)**

ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ଫାଇନାଲରେ ଶହୀଦ ନଗରର ବ୍ରଦର୍ସ ଟିମ୍‌କୁ ହରାଇ ୟୁନିଟ–୯ର ଷ୍ଟାର୍ ଏକାଦଶ ଚାମ୍ପିୟନ ହୋଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଷ୍ଟାର ଏକାଦଶ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୧୫ ରନ କରିଥିଲା। ଜବାବରେ ଶହୀଦ ନଗର ବ୍ରଦର୍ସ ୧୪ ଓଭରରେ ୧୩୪ ରନ କରି ଅଲଆଉଟ ହୋଇ ଯାଇଥିଲା। ଫାଇନାଲରେ ୪ ଉଇକେଟ ନେବାସହ ମୋଟ ୧୩ ଉଇକେଟ ସଫଳତା ପାଇଥିବା ବ୍ରଦର୍ସ ଟିମ୍‌ର ସୁଲେମାନ ମ୍ୟାନ ଅଫ ଦି ମ୍ୟାଚ ଓ ସିରିଜ ପୁରସ୍କାର ପାଇଥିଲେ। ମେୟର ଅନନ୍ତ ନାରାୟଣ ଜେନା, ପ୍ରମୋଦ ନାୟକ, ରାକେଶ ପାତ୍ର, ଲିଙ୍ଗରାଜ ସାହୁ, ଓ ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୫୦,୦୦୦ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ୩୦,୦୦୦ଟଙ୍କା ପ୍ରଦାନ କରିଥିଲେ। ଲକ୍ଷ୍ମୀସାଗର କ୍ରିକେଟ କ୍ଲବ ସମ୍ପାଦକ କରୁଣାକର ରାଉତ, ହେମନ୍ତ ସାହୁ ଓ ଅଜିତ କୁମାର ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।



ଷ୍ଟାର ଏକାଦଶ ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ରାମେଶ୍ୱର ସ୍ପୋର୍ଟିଂ ଚାମ୍ପିୟନ

**ଗୋପ,୩୧।୧୨(ଡି.ଏନ୍.ଏ)**

ଗଣେଶ୍ୱରପୁରସ୍ଥିତ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୨୪ତମ ଗୋପାଳ ଜୀଉ ଚ୍ୟାଲେଞ୍ଜ କପ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ପ୍ରତିଯୋଗିତାର ଫାଇନାଲରେ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ କଟକର ସୋଲାର କ୍ଲବ୍‌କୁ ୬ ଉଇକେଟରେ ପରାସ୍ତ କରି ଚାମ୍ପିୟନ ହୋଇଛି।

**ଗୋପାଳଜୀଉ ଚ୍ୟାଲେଞ୍ଜ୍ କପ୍**

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ଯାଇ କଟକର ସୋଲାର କ୍ଲବ ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ସୁବ୍ରତ ସାମଲ ୩୩, ରାକେଶ ମହାନ୍ତି ୪୩ ଓ ପ୍ରିୟବ୍ରତ ପରମାଣିକ ୨୪ ରନ କରିଥିଲେ। ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ରାକେଶ ସ୍ୱାଇଁ ୪ ଓ ବିଶ୍ୱଜିତ୍ ଭୂୟାଁ ୨ ଉଇଟେକ ଦଖଲ କରିଥିଲେ। ୧୪୦ ରନର ବିଜୟ ଲକ୍ଷ୍ୟକୁ ରାମେଶ୍ୱର ସ୍ପୋର୍ଟିଂ ୧୮ ଓଭରରେ ୪ ଉଇକେଟ ବିନିମୟରେ ହାସଲ କରି ନେଇଥିଲା। ଦଳ ପକ୍ଷରୁ ବିଶ୍ୱଜିତ୍ ଭୂୟାଁ ୫୧, ପରେଶ ପଟେଲଙ୍କ ୪୬ ରନ୍ କରିଥିଲେ। ଫାଇନାଲ ମ୍ୟାଚ୍‌କୁ ନିର୍ମଳ ମିଶ୍ର ଓ ଅୟସକାନ୍ତ ମିଶ୍ର ପରିଚାଳନା କରିଥିଲେ। ଅତିଥି ଭାବରେ ସାମାଜିକକର୍ମୀ ଦିଲୀପ କୁମାର ନାୟକ, ମଧୁସୂଦନ ପ୍ରଧାନ ଓ ନିରଞ୍ଜନ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ରାମେଶ୍ୱର ସ୍ପୋର୍ଟିଂକୁ ଚାମ୍ପିୟନ ଟ୍ରଫି ସହ ନଗଦ ୨୦,୦୦୧ ଟଙ୍କା ପୁରସ୍କାର ରାଶି ଏବଂ ସୋଲାର କ୍ଲବ୍‌କୁ ରନର୍ସ ଅପ୍ ଟ୍ରଫି ସହ ୧୨,୦୦୧ ଟଙ୍କା ପ୍ରଦାନ କରିଥିଲେ। ସରପଞ୍ଚ ଦେବବ୍ରତ ସାହୁଙ୍କ ସମେତ କେତେଜଣ କ୍ରୀଡ଼ାବିତ୍‌ଙ୍କୁ ସମ୍ମାନିତ କରାଯାଇଥିଲା।


ଚାମ୍ପିୟନ୍ ରାମେଶ୍ୱର ସ୍ପୋର୍ଟିଂର ଖେଳାଳିମାନେ ଟ୍ରଫି ସହ।

"ଭାରତ ବିପକ୍ଷ ସିଡ୍‌ନୀ କ୍ରିକେଟ ଟେଷ୍ଟରେ ଫର୍ମରେ ନ ଥିବା ଆରୋନ୍ ଫିଞ୍ଚ୍‌ଙ୍କୁ ବାଦ୍ ଦେଇ ଅଲରାଉଣ୍ଡର ମାର୍ନସ ଲାବସ୍କେଞ୍ଜ୍‌ଙ୍କୁ ଦଳରେ ନିଆଯିବା ଉଚିତ୍।"
–ଷ୍ଟିଭ୍ ୱ', ପୂର୍ବତନ ଅଷ୍ଟ୍ରେଲିଆ ଅଧିନାୟକ



"ମେଲବୋର୍ନ ଟେଷ୍ଟରେ ଭାରତ ବିଜୟରେ ବିଶେଷ ଭୂମିକା ଗ୍ରହଣ କରିଥିବା ଯଶପ୍ରୀତ୍ ବୁମ୍‌ରାଙ୍କ ବୋଲିଂକୁ ଦେଖିଲେ ମୋର ୱାସିମ ଆକ୍ରମଙ୍କ ବୋଲିଂ ମନେ ପଡିଯାଉଛି।"
–ଭିଭିଏସ ଲକ୍ଷ୍ମଣ, ପୂର୍ବତନ ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ବାଂଲାଦେଶ ସାଧାରଣ ନିର୍ବାଚନରେ ମୋର୍ତ୍ତାଜାଙ୍କ ବିପୁଳ ବିଜୟ

ଢାକା, ୩୧।୧୨: ବାଂଲାଦେଶରେ ଅନୁଷ୍ଠିତ ହୋଇଥିବା ଜାତୀୟ ନିର୍ବାଚନରେ ଦେଶର କ୍ରିକେଟ ଅଧିନାୟକ ମର୍ଶାଫି ମୋର୍ତ୍ତାଜା ବହୁ ଭୋଟ ବ୍ୟବଧାନରେ ବିଜୟ ହାସଲ କରିଛନ୍ତି। ନରାଇଲ ୨ ନିର୍ବାଚନ ମଣ୍ଡଳୀରେ ସେ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ଆୱାମୀ ଲିଗ୍ ତରଫରୁ ନିର୍ବାଚନରେ ଅବତୀର୍ଣ୍ଣ ହୋଇଥିବା ମୋର୍ତ୍ତାଜା ୯୬ ପ୍ରତିଶତ ଭୋଟ ହାସଲ କରିଥିଲେ। ମୋର୍ତ୍ତାଜା ୨୭୪, ୪୧୮ଟି ଭୋଟ ହାସଲ କରିଥିଲେ। ଅନ୍ୟପଟେ ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଜାତୀୟ ଓଇକ୍ୟା ଫ୍ରଣ୍ଟ ପ୍ରାର୍ଥୀ ଏ.ଜେଡ.ଏମ୍. ଫରିଦୁଜାମନ ମାତ୍ର ୮,୦୦୬ଟି ଭୋଟ ହାସଲ କରିଥିଲେ। ଖେଳ ଚାଲୁରଖିଥିବା ଅବସ୍ଥାରେ ମୋର୍ତ୍ତାଜା ପ୍ରଥମ କ୍ରିକେଟର ଭାବେ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଛନ୍ତି। ତେବେ ତାଙ୍କ ପୂର୍ବରୁ ପୂର୍ବତନ କ୍ରିକେଟର ନଇମୁର ରହମାନ ଦୁର୍ଜୟ ପାର୍ଲାମେଣ୍ଟକୁ ନିର୍ବାଚିତ ହୋଇଥିଲେ। ଅବଶ୍ୟ ଏ ବିଷୟରେ ନିର୍ବାଚନ କମିଶନ ଆନୁଷ୍ଠାନିକ ଭାବେ କିଛି ଘୋଷଣା କରିନାହାନ୍ତି। ଏଥର ପ୍ରଧାନମନ୍ତ୍ରୀ ଶେକ ହସିନାଙ୍କ ନେତୃତ୍ୱରେ ବାଂଲାଦେଶ ଆୱାମୀ ଲିଗ୍ କ୍ରମାଗତ ଦ୍ୱିତୀୟଥର ପାଇଁ ବିଜୟ ହାସଲ କରି ସରକାର ଗଢିବା ଏକ ପ୍ରକାର ନିଶ୍ଚିତ ହୋଇଛି।

### ଭାରତୀୟ ଦଳକୁ ଶରନ ଫେରିଲେ

ପୁଣେ, ୩୧।୧୨(ପି.ଟି): କୋଲକାତାରେ ଫେବୃୟାରୀ ୧ ଓ ୨ ତାରିଖରେ ଖେଳାଯିବାକୁ ଥିବା ଇଟାଲୀ ବିପକ୍ଷ ଡେଭିସ୍ କପ୍ ଟାଇ ତଥା ବିଶ୍ୱ ଗ୍ରୁପ୍ କ୍ୱାଲିଫାୟର ପାଇଁ ଭାରତୀୟ ଦଳ ଘୋଷିତ ହୋଇଛି। ଏସିଆନ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଡିଭିଜ ଶରନ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ୨୦୧୨ ପରେ ପ୍ରଥମଥର ପାଇଁ ସେ ଡେଭିସ କପ୍ ଖେଳିବେ। ର୍‍ୟାଙ୍କିଂକୁ ଦୃଷ୍ଟିରେ ରଖି ରୋହିତ ରାଜପାଲଙ୍କ ଅଧକ୍ଷତାରେ ନୂଆ ଚୟନ କମିଟି ଏହି ଦଳ ଚୟନ କରିଛି ବୋଲି ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ) ତରଫରୁ କୁହାଯାଇଛି। ୪ଜଣ ଶ୍ରେଷ୍ଠ ସିଙ୍ଗଲ୍ସ ଖେଳାଳି ଓ ଦୁଇଜଣ ଡବଲ୍ସ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଛି। ଇଞ୍ଜୁରି କାରଣରୁ ଯୁକି ଭାମ୍ବ୍ରୀ ଦଳରେ ସ୍ଥାନ ପାଇନାହାନ୍ତି। ସିଙ୍ଗଲ୍ସରେ ପ୍ରଜନେଶ ଗୁଣେଶ୍ୱରନ (୧୧୦) ଓ ରାମକୁମାର ରାମନାଥନ (୧୩୨) ଦାୟିତ୍ୱ ସମ୍ଭାଳିବେ। ବେଙ୍ଗାଲୁରୁ ଚ୍ୟାଲେଞ୍ଜର ରନର୍ସ ଅପ୍ ସାକେତ ମିନେନି (୨୫୯) ଦଳରେ ସ୍ଥାନ ବଜାୟ ରଖିଛନ୍ତି। ତେବେ ଏନ୍. ଶ୍ରୀରାମ ବାଲାଜୀଙ୍କୁ ଦଳରୁ ବାଦ୍ ଦିଆଯାଇଛି। ପୂର୍ବରୁ ରିଜର୍ଭ ଖେଳାଳିଭାବେ ଦଳରେ ସ୍ଥାନ ପାଇଥିବା ଅର୍ଜୁନ ଖାଡେଙ୍କୁ ମଧ ଦଳରେ ସ୍ଥାନ ମିଳି ନାହିଁ। ଯୁବ ଖେଳାଳି ଶଶି କୁମାର ମୁକୁନ୍ଦ ନୂଆ ସଦସ୍ୟ ଭାବେ ଦଳରେ ସ୍ଥାନ ପାଇଛନ୍ତି। ଅଭିଜ୍ଞ ଲିଆଣ୍ଡର ପେସଙ୍କୁ ପୁଣି ଥରେ ଅଣଦେଖା କରାଯାଇଛି। ସାଉଥ୍ କ୍ଲବ୍‌ର ଗ୍ରାସ୍ କୋର୍ଟରେ ଭାରତ ଓ ଇଟାଲୀ ପରସ୍ପରକୁ ଭେଟିବେ। ମୋଟ ଉପରେ ୨୪ଟି ଦଳ ନକ୍ ଆଉଟ କ୍ୱାଲିଫାୟର ଖେଳିବେ। ଏଥିମଧ୍ୟରୁ ୧୨ଟି ଦଳ ବର୍ଷ ଶେଷର ଫାଇନାଲ୍ସ ଖେଳିବେ। ଉଲ୍ଲେଖଥାଉ କି, ଭାରତ ତା'ର ବିଶ୍ୱଗ୍ରୁପ୍ ପ୍ଲେ ଅଫ୍ ମ୍ୟାଚ୍‌ରେ ସର୍ବିଆଠାରୁ ପରାସ୍ତ ହୋଇଥିଲା। ଅନ୍ୟପଟେ ଇଟାଲୀ ଫ୍ରାନ୍ସଠାରୁ କ୍ୱାର୍ଟର ଫାଇନାଲ ମ୍ୟାଚରେ ପରାସ୍ତ ହୋଇଥିଲା। ସେବେଠାରୁ ଭାରତ ର୍‍ୟାଙ୍କିଙ୍ଗ୍‌ରେ ୨୦ତମ ସ୍ଥାନରେ ରହିଛି। ଭାରତୀୟ ଦଳ: ପ୍ରଜନେଶ ଗୁଣେଶ୍ୱରନ, ରାମକୁମାର ରାମନାଥନ, ଦିଭିଜ୍ ଶରଣ, ରୋହନ ବୋପାନ୍ନା, ସାକେତ ମିନେନି ଓ ଶଶି କୁମାର ମୁକୁନ୍ଦ।

# ସର୍ଭିସେସ୍ ଇନିଂସ ଅଗ୍ରଣୀ

ରଣଜୀ ଟ୍ରଫି

ଭୁବନେଶ୍ୱର, ୩୧।୧୨(ସ୍ପୋର୍ଟ୍ସ ବ୍ୟୁରୋ)

ନୂଆଦିଲ୍ଲୀର ପାଲମସ୍ଥିତ ଏୟାରଫୋର୍ସ କମ୍ପ୍ଲେକ୍ସ ଗ୍ରାଉଣ୍ଡରେ ଓଡ଼ିଶା ବିପକ୍ଷରେ ଚାଲିଥିବା ରଣ୍‌ଜୀ ଟ୍ରଫି ମୁକାବିଲାରେ ସର୍ଭିସେସ ଗୁରୁତ୍ୱପୂର୍ଣ୍ଣ ପ୍ରଥମ ଇନିଂସ ଅଗ୍ରଣୀ ଲାଭ କରିଛି। ଓଡ଼ିଶାର ପ୍ରଥମ ଇନିଂସ ସ୍କୋର ୧୭୭ ରନ ଜବାବରେ ସୋମବାର ଖେଳ ଶେଷ ସୁଦ୍ଧା ସର୍ଭିସେସ ପ୍ରଥମ ଇନିଂସରେ ୪ ଉଇକେଟ୍ ହରାଇ ୧୮୩ ରନ କରିଛି। ହାତରେ ଆହୁରି ୬ଟି ଉଇକେଟ୍ ବଳକା ରହିଥିବାବେଳେ ସର୍ଭିସେସ ୬ ରନରେ ଇନିଂସ ଅଗ୍ରଣୀ ରହିଛି। ଖେଳ ଆଉ ୨ ଦିନ ବାକି ରହିଥିବାରୁ ସର୍ଭିସେସ ବଡ଼ ଇନିଂସ ଅଗ୍ରଣୀ ହାସଲ କରି ଓଡ଼ିଶା ଉପରେ ଚାପ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛି।

ପୂର୍ବଦିନର ଅସମାପ୍ତ ପ୍ରଥମ ଇନିଂସ ସ୍କୋର ୨/୦ରୁ ସୋମବାର ବ୍ୟାଟିଂ ଆରମ୍ଭ କରିଥିବା ଘରୋଇ ସର୍ଭିସେସର ଦୁଇ ଓପନର୍ ନଭନୀତ୍ ସିଂ ଓ ରବି ଚୌହାନ ବେଶ୍ ସତର୍କତାର ସହ ଖେଳିଥିଲେ। ଓଡ଼ିଶାର ଦୁଇ ଦ୍ରୁତ ବୋଲର ବସନ୍ତ ମହାନ୍ତି ଓ ରାଜେଶ ମହାନ୍ତି ମାପଚୁପ ବୋଲିଂ କରିଥିଲେ ମଧ ଉଇକେଟ୍ ସଫଳତା ପାଇ ନ ଥିଲେ। ଉଭୟ ନଭନୀତ୍ ଓ ରବି ପ୍ରଥମ ଉଇକେଟ୍‌ରେ ୮୭ ରନ ଯୋଗ କରି ଦୃଢ଼ ଆରମ୍ଭ କରିଥିଲେ। ସାତଟି ଚୌକା ସହାୟତାରେ ୪୮ ରନ କରି ଖେଳୁଥିବାବେଳେ ଓପନର୍ ରବି ଆଉଟ୍ ହୋଇଥିଲେ। ପାର୍ଟଟାଇମ୍ ବୋଲର ଅନୁରାଗ ଷଡ଼ଙ୍ଗୀ ଓଡ଼ିଶା ପାଇଁ ପ୍ରଥମ ବ୍ରେକ୍ ଥ୍ରୁ ଆଣି ଦେଇଥିଲେ। ଏହାପରେ ଅନ୍ୟତମ ଓପନର୍ ନଭ୍‌ନୀତ୍ ନିଜର ଅର୍ଦ୍ଧଶତକ ପୂରଣ ପରେ ଅଲ୍‌ରାଉଣ୍ଡର ତଥା ଲେଗ୍-ସ୍ପିନର ଅଭିଷେକ ରାଉତଙ୍କ ଶିକାର ହୋଇଥିଲେ। ବାମହାତୀ ବ୍ୟାଟ୍ସମ୍ୟାନ ନଭନୀତ୍ ୧୬୧ ବଲରୁ ୬୪ (୮ ଚୌକା) ରନ କରିଥିବାବେଳେ ଅଭିଷେକଙ୍କୁ ଫଲୋ ଥ୍ରୋରେ କ୍ୟାଚ୍ ଦେଇ ପ୍ୟାଭିଲିୟନ ଫେରିଥିଲେ। ଓଡ଼ିଶା ବୋଲର ଏହାପରେ ୧୯ ରନ ବ୍ୟବଧାନରେ ମୋହିତ୍ ଆଲ୍‌ହାୱତ (୨୫ ରନ, ୩ ଚୌକା, ୧ ଛକା) ଓ ଗେହଲଟ୍ ରାହୁଲ ସିଂ (୧୧ ରନ)ଙ୍କ ଉଇକେଟ୍ ଅକ୍ତିଆର କରି ଡବଲ୍ ସଫଳତା ଆଣି ଦେଇଥିଲେ। ତେବେ ଅଧିନାୟକ ରଜତ ପାଲିୱଲ ୨୨ (୮୪ ବଲ୍) ଓ ବିକାଶ ହଥ୍‌ୱାଲ ୯ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ସର୍ଭିସେସକୁ ଆଉ କୌଣସି କ୍ଷତି ହେବାକୁ ଦେଇ ନ ଥିଲେ। ଖରାପ ଆଲୋକ ଯୋଗୁ ସୋମବାର ଖେଳକୁ ଶୀଘ୍ର ବନ୍ଦ କରିଦିଆଯାଇଥିଲା। ଷ୍ଟମ୍ପ ଅପସାରଣ ବେଳକୁ ଘରୋଇ ଦଳ ୭୪ ଓଭରରେ ୪ ଉଇକେଟ୍ ହରାଇ ୧୮୩ ରନ କରିଛି। ଓଡ଼ିଶା ପକ୍ଷରୁ ଅଭିଷେକ ୨ଟି ଏବଂ ଗୋବିନ୍ଦ ପୋଦ୍ଦାର ଓ ଅନୁରାଗ ଗୋଟିଏ ଲେଖାଏ ଉଇକେଟ୍ ଅକ୍ତିଆର କରିଛନ୍ତି। ପୂର୍ବରୁ ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଅଧିନାୟକ ବିପ୍ଳବ ସାମନ୍ତରାୟ (୪୧) ଓ ଅଭିଷେକ (୫୬)ଙ୍କ ଉପଯୋଗୀ ଇନିଂସ ବଳରେ ୧୭୭ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା।

**ସଂକ୍ଷିପ୍ତ ସ୍କୋର**

- ଓଡ଼ିଶା ପ୍ରଥମ ଇନିଂସ: ୧୭୭ରେ ଅଲ୍‌ଆଉଟ୍ (ଦେବାଶିଷ ସାମନ୍ତରାୟ ୨୬, ଗୋବିନ୍ଦ ୬, ଅଭିଷେକ ୫୬, ଅରୁଣ ବମଲ ୪/୬୧)।
- ସର୍ଭିସେସ ପ୍ରଥମ ଇନିଂସ: ୧୮୩/୪, ୭୪ ଓଭର (ନଭନୀତ୍ ୬୪, ରବି ଚୌହାନ ୪୮, ମୋହିତ୍ ୨୫, ରଜତ ୨୨*, ବିକାଶ ୯*, ଅଭିଷେକ ୨/୫୨, ଅନୁରାଗ ୧/୧୩)।

■ କିଟ୍ ରଣ୍‌ଜୀ: ଦୃଢ଼ ସ୍ଥିତିରେ ମେଘାଳୟ

# ପୁନିତ୍ ବିସ୍ତଙ୍କ ଅପରାଜିତ ତ୍ରିଶତକ

ଭୁବନେଶ୍ୱର, ୩୧।୧୨ (ସ୍ପୋର୍ଟ୍ସ ବ୍ୟୁରୋ)



ତ୍ରିଶତକ ହାସଲକାରୀ ପୁନିତ୍।

ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମରେ ସିକ୍କିମ ବିପକ୍ଷରେ ଚାଲିଥିବା ରଣଜୀ ଟ୍ରଫି ପ୍ଲେଟ୍ ପର୍ଯ୍ୟାୟର ଏକ ମ୍ୟାଚ୍‌ରେ ମେଘାଳୟର ପୁନିତ୍ ବିସ୍ତ ଅପରାଜିତ ତ୍ରିଶତକ ହାସଲ କରିଛନ୍ତି। ପୁନିତ୍‌ଙ୍କ ୩୦୧* ରନ ବଳରେ ସୋମବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ମେଘାଳୟ ପ୍ରଥମ ଇନିଂସରେ ୩ ଉଇକେଟ୍ ହରାଇ ୫୫୫ ରନ ସ୍କୋର କରିଛି। ସାତଟି ଉଇକେଟ୍ ବଳକା ରହିଥିବାବେଳେ ଭ୍ରମଣକାରୀ ମେଘାଳୟ ପ୍ରଥମ ଇନିଂସରେ ୩୩୬ ରନର ଗୁରୁତ୍ୱପୂର୍ଣ୍ଣ ଅଗ୍ରଣୀ ଲାଭ କରିଛି।

ପୂର୍ବରୁ ଘରୋଇ ସିକ୍କିମ ପ୍ରଥମ ଇନିଂସରେ ୨୧୯ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଏହାପରେ ମେଘାଳୟ ପ୍ରଥମ ଇନିଂସ ଆରମ୍ଭ କରି ରବିବାର ଷ୍ଟମ୍ପ ଅପସାରଣ ସୁଦ୍ଧା ୨ ଉଇକେଟ୍‌ରେ ୧୦୧ ରନ କରିଥିଲା। ସେତେବେଳକୁ ପୁନିତ୍ ୨୯ ଓ ଓପନର୍ ରାଜ ବିଶ୍ୱ ୬୯ ରନ କରି ଅପରାଜିତ ରହିଥିଲେ। ଦ୍ୱିତୀୟ ଦିବସରେ ଏହି ଅସମାପ୍ତ ଇନିଂସରୁ ବ୍ୟାଟିଂ ଆରମ୍ଭ କରି ଦୁଇ ଅପରାଜିତ ବ୍ୟାଟ୍ସମ୍ୟାନ ପୁନିତ୍ ଓ ରାଜ ଦମ୍‌ଦାର ବ୍ୟାଟିଂ କରିଥିଲେ। ଉଇକେଟ୍‌କିପର ବ୍ୟାଟ୍ସମ୍ୟାନ ପୁନିତ୍ ୧୦୨ରୁ ଊର୍ଦ୍ଧ୍ୱ ଷ୍ଟ୍ରାଇକରେଟ୍‌ରେ ୩୦୧ ରନ କରି ଅପରାଜିତ ରହିଛନ୍ତି। ୨୯୩ ବଲର ଏହି ମାରାଥନ ଇନିଂସ ଅବସରରେ ସେ ୪୮ଟି ଚୌକା ଓ ଗୋଟିଏ ଛକା ମାରିଛନ୍ତି। ପ୍ରଥମଶ୍ରେଣୀ କ୍ରିକେଟରେ ପୁନିତ୍‌ଙ୍କ ଏହା ସର୍ବୋଚ୍ଚ ବ୍ୟକ୍ତିଗତ ସ୍କୋର। ପୂର୍ବରୁ ୨୨୩* ରନ ତାଙ୍କର ଶ୍ରେଷ୍ଠ ଇନିଂସ ରହିଥିଲା। ସେହିଭଳି ଓପନର୍ ରାଜ ବିଶ୍ୱ ୨୫ ଚୌକା ସହାୟତାରେ ୧୭୫ ରନର ଏକ ମାରାଥନ ଇନିଂସ ଖେଳିଥିଲେ। ସିକ୍କିମ ବୋଲର ଦିବସର ଏକମାତ୍ର ଉଇକେଟ୍ ଭାବେ ରାଜଙ୍କୁ ଆଉଟ୍ କରିଥିଲା। ମିଲିନ୍ଦ କୁମାରଙ୍କୁ ଏହି ଉଇକେଟ୍ ମିଳିଥିଲା। ଆଉଟ୍ ହେବା ପୂର୍ବରୁ ରାଜ ତୃତୀୟ ଉଇକେଟ୍ ଯୋଡ଼ିରେ ପୁନିତ୍‌ଙ୍କ ସହ ୪୩୩ ରନର ପାର୍ଟନରଶିପ୍ କରିଥିଲେ। ଭାରତର ପ୍ରଥମ ଶ୍ରେଣୀ କ୍ରିକେଟରେ ୩ୟ ଉଇକେଟ୍‌ରେ ଏହା ୪ର୍ଥ ସର୍ବୋଚ୍ଚ ପାର୍ଟନରଶିପ୍। ଦିବସ ଶେଷବେଳକୁ ପୁନିତ୍‌ଙ୍କ ସହିତ ଯୋଗେଶ ନାଗର ୩୦ ରନ କରି ଅପରାଜିତ ରହିଛନ୍ତି। କିଟ୍‌କୁ ଘରୋଇ ଭେନ୍ୟୁ ଭାବେ ଚୟନ କରିଥିବା ସିକ୍କିମ ପୂର୍ବରୁ ମିଲିନ୍ଦ କୁମାରଙ୍କ (୧୧୭) ଶତକ ବଳରେ ପ୍ରଥମ ଇନିଂସରେ ୨୧୯ ରନ କରିଥିଲା।

### ଓଡ଼ିଶା ବାଳକ ଦଳକୁ ରୌପ୍ୟ

ଭୁବନେଶ୍ୱର, ୩୧।୧୨(କ୍ରୀଡ଼ା ପ୍ରତିନିଧି): କଳିଙ୍ଗ ଷ୍ଟାଡିୟମରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସ ଚାମ୍ପିୟନଶିପ୍ ସୋମବାର ଉଦ୍‌ଯାପିତ ହୋଇଛି। ଏହାର ବାଳକ ବିଭାଗରେ ବିହାର ଚାମ୍ପିୟନ ଓ ଓଡ଼ିଶା ଦଳ ରନର୍ସଅପ୍ ହୋଇଛି। ବାଳିକା ବିଭାଗରେ ତାମିଲନାଡୁ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ବିଧାୟକ ପ୍ରିୟଦର୍ଶୀ ମିଶ୍ର ଏବଂ ଅନ୍ୟତମ ଅତିଥି ଜଗନ୍ନାଥ ପ୍ରଧାନ, ଶ୍ରୀରାମ ଦାସ, ନବକିଶୋର ବେହେରା, ଏନ.କେ.ମକୱାନା, ଏନ.ଜେ.ଭେଗଡ଼ା, ରଞ୍ଜନ କୁମାର ନନ୍ଦ, ବିକାଶ ଚନ୍ଦ୍ର ପଟ୍ଟନାୟକ, ରମେଶ ଚନ୍ଦ୍ର ଦାସ, ମହମ୍ମଦ ଆଜାମ ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ପ୍ରଦାନ କରିଥିଲେ।




ଅତିଥିଙ୍କ ଗହଣରେ ଜାତୀୟ ସବ୍‌ଜୁନିୟର ସଫ୍ଟ ଟେନିସରେ ରୌପ୍ୟ ପଦକ ବିଜୟୀ ଓଡ଼ିଶା ବାଳକ ଦଳ।

# କନ୍ୟା ସନ୍ତାନର ପିତା ହେଲେ ରୋହିତ: ଚତୁର୍ଥ ଟେଷ୍ଟ ଖେଳିବେନି

ମୁମ୍ବାଇ, ୩୧।୧୨(ପି.ଟି.)

ନୂଆବର୍ଷର ଠିକ୍ ପୂର୍ବରୁ ଭାରତୀୟ ତାରକା ବ୍ୟାଟ୍ସମ୍ୟାନ ରୋହିତ ଶର୍ମା ପିତା ହେବାର ସୌଭାଗ୍ୟ ଲାଭ କରିଛନ୍ତି। ମେଲବୋର୍ନ ଟେଷ୍ଟ ବିଜୟ ହାସଲ ପରେ ତାଙ୍କ ପତ୍ନୀ ରିତିକା ସାଜ୍‌ଦେ ଏକ କନ୍ୟା ସନ୍ତାନର ଜନନୀ ହୋଇଛନ୍ତି। ରୋହିତ ଏଥିପାଇଁ ଖୁବ୍‌ଶୀଘ୍ର ଅଷ୍ଟ୍ରେଲିଆରୁ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ। ଫଳରେ ସେ ଆସନ୍ତା ୩ ତାରିଖରୁ ସିଡନୀରେ ଆରମ୍ଭ ହେବାକୁ ଥିବା ଚତୁର୍ଥ ତଥା ଅନ୍ତିମ ଟେଷ୍ଟ ଖେଳିବେ ନାହିଁ ବୋଲି ଜଣାପଡ଼ିଛି। ଫଳରେ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ରୋହିତଙ୍କ ବଦଳରେ ସିଡନୀ ଟେଷ୍ଟ ଖେଳିବା ଆଶା କରାଯାଉଛି। ତୃତୀୟ ଟେଷ୍ଟ ଜିତି ଭାରତ ୪ ମ୍ୟାଚ ବିଶିଷ୍ଟ ଏହି ସିରିଜରେ ୨-୧ରେ ଅଗ୍ରଣୀ ହାସଲ କରିଛି। ଚତୁର୍ଥ ଟେଷ୍ଟକୁ ଅତିକମ୍‌ରେ ଡ୍ର ରଖିପାରିଲେ ଭାରତ ସିରିଜ ଜିତିବା ସହ ଇତିହାସ ସୃଷ୍ଟି କରିବ। ତେବେ ରୋହିତ ଜାନୁୟାରୀ ୧୨ ତାରିଖରେ ଆରମ୍ଭ ହେବାକୁ ଥିବା ଦିନିକିଆ ସିରିଜରେ ଦଳରେ ସାମିଲ ହେବେ।



ସ୍ତ୍ରୀ ରିତିକା ସାଜ୍‌ଦେଙ୍କ ସହ ରୋହିତ ଶର୍ମା

### ସିଜନ ଓପନର ଜିତିଲେ ସେରେନା

ପର୍ଥ, ୩୧।୧୨ (ଏଏଫ୍‌ପି): ୨୦୧୯ର ପ୍ରଥମ ଗ୍ରାଣ୍ଡସ୍ଲାମ ଆଉ ଦୁଇ ସପ୍ତାହ ବାକି ରହିଥିବାବେଳେ ସେରେନା ୱିଲିୟମ୍ସ ପର୍ଥଠାରେ ନୂଆ ସିଜନରେ ତାଙ୍କ ଓପନିଂ ମ୍ୟାଚରେ କଷ୍ଟସାଧ୍ୟ ବିଜୟ ହାସଲ କରିଛନ୍ତି। ଏଠାରେ ଚାଲିଥିବା ହପ୍‌ମ୍ୟାନ କପ୍ ଟେନିସ ଟୁର୍ନାମେଣ୍ଟରେ ୪୧ ର୍‍ୟାଙ୍କିଙ୍ଗପ୍ରାପ୍ତ ତଥା ଗ୍ରୀସ୍‌ର ମାରିଆ ସାକାରିଙ୍କୁ ସେ ୭-୬ (୭/୩), ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୪୪ ମିନିଟ୍ ଧରି ଚାଲିଥିଲା। ସେରେନା ମେଲବୋର୍ନଠାରେ ଶେଷଥର ତାଙ୍କ ଗ୍ରାଣ୍ଡସ୍ଲାମ ଟାଇଟଲ ୨୦୧୭ରେ ଜିତିଥିଲେ।

# କୁମିନ୍ସ, ଷ୍ଟାର୍କ, ହାଜେଲଉଡ୍‌ଙ୍କୁ ବିଶ୍ରାମ

ମେଲବୋର୍ନ, ୩୧।୧୨ (ପି.ଟି.)

ବ୍ୟସ୍ତ ବହୁଳ କାର୍ଯ୍ୟସୂଚୀ ଓ ଅତିରିକ୍ତ କାର୍ଯ୍ୟଭାରକୁ ଦୃଷ୍ଟିରେ ରଖି କ୍ରିକେଟ ଅଷ୍ଟ୍ରେଲିଆ (ସିଏ) ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ଆଗାମୀ ଭାରତ ବିପକ୍ଷ ଘରୋଇ ଦିନିକିଆ ସିରିଜରୁ ୩ଜଣ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ, ମିଚେଲ ଷ୍ଟାର୍କ ଓ ଜୋଶ ହାଜେଲଉଡଙ୍କୁ ସିଏ ବିଶ୍ରାମ ଦେଇଛି।

ରବିବାର ଶେଷ ହୋଇଥିବା ମେଲବୋର୍ନ ଟେଷ୍ଟରେ କୁମିନ୍ସ ଉଭୟ ବଲ୍ ଓ ବ୍ୟାଟ୍‌ରେ କମାଲ କରିଥିଲେ। ସିଡନୀରେ ୧୨ ତାରିଖରେ ପ୍ରଥମ ଦିନିକିଆ ଖେଳାଯିବ। ୨୦୧୯ରେ ବିଶ୍ୱକପ୍ ସହିତ ଗୁରୁତ୍ୱପୂର୍ଣ୍ଣ ଆଶେସ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ପୁଣି ଆଗାମୀ ଦିନିକିଆ ସିରିଜ ପରେ ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରଜ ମଧ ରହିଛି। ତେଣୁ ଆଗଧାଡିର ଏହି ୩ ଦ୍ରୁତ ବୋଲରଙ୍କୁ ଭାରତ ବିପକ୍ଷ ଦିନିକିଆ ସିରିଜରେ ବିଶ୍ରାମ ଦିଆଯିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ଅଷ୍ଟ୍ରେଲିଆ କୋଚ୍ ଜଷ୍ଟିନ ଲାଙ୍ଗର ସିଡନୀ ମର୍ନିଂ ହେରାଲ୍ଡକୁ ସାକ୍ଷାତକାର ଦେବା ଅବସରରେ କହିଛନ୍ତି।

ଭାରତ ବିପକ୍ଷ ପ୍ରଥମ ୩ଟି ଟେଷ୍ଟରେ କୁମିନ୍ସ ୨୦.୭ ରନ ହାରରେ ୧୪ଟି ଉଇକେଟ ହାସଲ କରି ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ସେ ମଧ ଏହି ଟେଷ୍ଟ ସିରିଜ ପୂର୍ବରୁ ଇଂଲଣ୍ଡ ବିପକ୍ଷ ଦିନିକିଆ ସିରିଜ ଓ ପାକିସ୍ତାନ ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳି ନ ଥିଲେ। ସେ ମଧ ଏହି କାରଣ ଯୋଗୁ ୨୦୧୯ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଖେଳିବେ ନାହିଁ। ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ଓ ଆଗକୁ କେତୋଟି ଗୁରୁତ୍ୱପୂର୍ଣ୍ଣ ସିରିଜ ଓ ୨୦୧୯ ବିଶ୍ୱକପ୍ ରହିଥିବାରୁ ଏହି ଦ୍ରୁତ ବୋଲରମାନଙ୍କୁ ଫିଟ୍ ରଖିବା ଓ ବିଶ୍ରାମ ଦେବାର ଆବଶ୍ୟକତା ରହିଛି ବୋଲି ଲାଙ୍ଗର କହିଛନ୍ତି।

# ବର୍ଷ ଶେଷରେ କୋହଲି, ରାବାଡା ଶୀର୍ଷରେ

ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍

ଦୁବାଇ, ୩୧।୧୨



ବର୍ଷ ଶେଷ ହେବାର ଠିକ୍ ପୂର୍ବରୁ ପ୍ରକାଶିତ ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ଟେଷ୍ଟ ର୍‍ୟାଙ୍କିଙ୍ଗରେ ଭାରତୀୟ ଅଧିନାୟକ ବିରାଟ କୋହଲି ଓ ଦକ୍ଷିଣ ଆଫ୍ରିକା ଦ୍ରୁତ ବୋଲର କାଗିସୋ ରବାଡ଼ା ଶୀର୍ଷରେ ରହିଛନ୍ତି। କୋହଲି ୩ ପଏଣ୍ଟ ହରାଇଥିଲେ ମଧ ବ୍ୟାଟିଂ ତାଲିକାର ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି। ଚଳିତ ଅଷ୍ଟ୍ରେଲିଆ ବିପକ୍ଷ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜରେ ଭାରତ ଦମ୍‌ଦାର ପ୍ରଦର୍ଶନ କରି ୨-୧ରେ ଅଗ୍ରଣୀ ହାସଲ କରିଛି। ସାରା ସିରିଜରେ କୋହଲି ଉଚ୍ଚକୋଟୀର ପ୍ରଦର୍ଶନ କରିଛନ୍ତି। ମେଲବୋର୍ନରେ ଅନୁଷ୍ଠିତ ତୃତୀୟ ଟେଷ୍ଟରେ କୋହଲି ପ୍ରଥମ ଇନିଂସରେ ୮୨ ରନର ଗୁରୁତ୍ୱପୂର୍ଣ୍ଣ ପାଳି ଖେଳିଥିଲେ। ନ୍ୟୁଜିଲାଣ୍ଡର କେନ୍ ଉଇଲିୟମସନ କୋହଲିଙ୍କ ଠାରୁ ୩୪ ପଏଣ୍ଟ କମ୍ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। କୋହଲି ଚଳିତ ବର୍ଷ କ୍ୟାରିୟର ଶ୍ରେଷ୍ଠ ୯୩୭ ପଏଣ୍ଟ ହାସଲ କରିଥିଲେ। ଏହା ଯେକୌଣସି ଭାରତୀୟ ବ୍ୟାଟ୍ସମ୍ୟାନଙ୍କ ପାଇଁ ସର୍ବାଧିକ। ଚଳିତ ବର୍ଷ କୋହଲି ୧୩୨୨ ରନ ସଂଗ୍ରହ କରିଛନ୍ତି। ପୂର୍ବର ଅଷ୍ଟ୍ରେଲୀୟ ପୂର୍ବତନ ଅଧିନାୟକ ଷ୍ଟିଭେନ୍ ସ୍ମିଥ୍ ୧୩୫ ଦିନ ଧରି ଶୀର୍ଷସ୍ଥାନରେ ରହିଆସୁଥିଲେ। ତେବେ ଗତ ଅଗଷ୍ଟ ମାସରେ କୋହଲି ତାଙ୍କୁ ହଟାଇବାରେ ସକ୍ଷମ ହୋଇଥିଲେ।

ମେଲବୋର୍ନ ଟେଷ୍ଟର ପ୍ରଥମ ଇନିଂସରେ ଶତକ ହାସଲ କରିଥିବା ଅନ୍ୟତମ ଭାରତୀୟ ବ୍ୟାଟ୍ସମ୍ୟାନ ଚେତେଶ୍ୱର ପୂଜାରା ବ୍ୟାଟିଂ ତାଲିକାର ଚତୁର୍ଥ ସ୍ଥାନ ବଜାୟ ରଖିଛନ୍ତି। ସେହିପରି ଉଇକେଟକିପର ବ୍ୟାଟ୍ସମ୍ୟାନ ରିଷଭ ପନ୍ତ ୧୦ଟି ସ୍ଥାନ ଉପରକୁ ଉଠି କ୍ୟାରିୟର ଶ୍ରେଷ୍ଠ ୩୮ତମ ସ୍ଥାନ ଅଧିକାର କରିଛନ୍ତି। ମେଲବୋର୍ନରେ ପଦାର୍ପଣ କରିଥିବା ଓପନର ମୟଙ୍କ ଅଗ୍ରୱାଲ ବ୍ୟାଟ୍ସମ୍ୟାନ ତାଲିକାରେ ପ୍ରବେଶ କରି ୬୭ତମ ସ୍ଥାନରେ ରହିଛନ୍ତି। ମେଲବୋର୍ନ ଟେଷ୍ଟର ପ୍ରଥମ ଇନିଂସରେ ସେ ୭୬ ଓ ଦ୍ୱିତୀୟ ଇନିଂସରେ ୪୨ ରନ କରି ଭାରତ ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

ଯଶପ୍ରୀତ ବୁମରା ୨୮ତମ ସ୍ଥାନରୁ ଉନ୍ନତୀ କରି ଦ୍ୱାଦଶ ସ୍ଥାନ ଅଧିକାର କରି ଶ୍ରେଷ୍ଠ ଭାରତୀୟ ଦ୍ରୁତ ବୋଲର ସାବ୍ୟସ୍ତ ହୋଇଛନ୍ତି। ସେହିପରି ମହମ୍ମଦ ସାମି ୨୩ତମ ସ୍ଥାନରେ ରହିଛନ୍ତି। ଅଷ୍ଟ୍ରେଲୀୟ ଦ୍ରୁତ ବୋଲର ପ୍ୟାଟ କୁମିନ୍ସ ୫ଟି ସ୍ଥାନ ଉପରକୁ ଉଠି ବୋଲିଂ ତାଲିକାରେ କ୍ୟାରିୟର ଶ୍ରେଷ୍ଠ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ବ୍ୟାଟିଂ ତାଲିକାରେ ମଧ ସେ ୧୩ଟି ସ୍ଥାନ ଉପରକୁ ଉଠି ୯୧ ତମ ସ୍ଥାନ ଅଧିକାର କରିଛନ୍ତି। ନ୍ୟୁଜିଲାଣ୍ଡ ଦ୍ରୁତ ବୋଲର ଟ୍ରେଣ୍ଟ ବୋଲ୍ଟ ୭ଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଟମ୍ ସାଉଦି ୨ଟି ସ୍ଥାନ ଉପରକୁ ଉଠି ନବମ ଓ ନିଲ ୱାଗନର ଗୋଟିଏ ସ୍ଥାନ ଉପରକୁ ଉଠି ୧୫ତମ ସ୍ଥାନ ଅଧିକାର କରିଛନ୍ତି।

ନ୍ୟୁଜିଲାଣ୍ଡ ହେନେରୀ ନିକୋଲ୍ସ ଦୁଇଟି ସ୍ଥାନ ଉପରକୁ ଉଠି ସପ୍ତମ ସ୍ଥାନ ଅଧିକାର କରିଛନ୍ତି। ଟମ୍ ଲାଥମ ୮ଟି ସ୍ଥାନ ଉପରକୁ ଉଠି ୧୪ତମ ସ୍ଥାନ ଅଧିକାର କରିଛନ୍ତି। ସେହିପରି ଜିତ୍ ରାଭାଲ ଦୁଇଟି ସ୍ଥାନ ଉପରକୁ ଉଠି ୩୫ତମ ସ୍ଥାନ ଅଧିକାର କରିଛନ୍ତି। ଶ୍ରୀଲଙ୍କାର କୁଶଳ ମେଣ୍ଡିସ୍ କ୍ୟାରିୟର ଶ୍ରେଷ୍ଠ ଦ୍ୱାଦଶ ସ୍ଥାନ ଅଧିକାର କରିଛନ୍ତି। ଦକ୍ଷିଣ ଆଫ୍ରିକାର ହାସିମ ଅମଲା ୩ଟି ସ୍ଥାନ ଉପରକୁ ଉଠି ୧୧ତମ ସ୍ଥାନରେ ରହିଛନ୍ତି। ପାକିସ୍ତାନର ବାବର ଆଜମ ୯ଟି ସ୍ଥାନ ଉପରକୁ ଉଠି ୨୭ ତମ ସ୍ଥାନରେ ରହିଛନ୍ତି। ବାମହାତୀ ଦ୍ରୁତ ବୋଲର ମହମ୍ମଦ ଆମୀର ଦୁଇଟି ସ୍ଥାନ ଉପରକୁ ଉଠି ୩୪ତମ ସ୍ଥାନରେ ରହିଛନ୍ତି।

# ହରମନପ୍ରୀତ୍ ଆଇସିସି ଟି୨୦ ଅଧିନାୟିକା

ଦୁବାଇ,୩୧।୧୨(ପି.ଟି.)

ଆନ୍ତର୍ଜାତିକ କ୍ରିକେଟ କାଉନସିଲ (ଆଇସିସି) ସୋମବାର ୨୦୧୮ ମହିଳା ଦିନିକିଆ ଓ ଟି୨୦ ଦଳ ଘୋଷଣା କରିଛି। ହରମନପ୍ରୀତ କୌର ଟି୨୦ ଦଳର ଅଧିନାୟକ ନାମିତ ହୋଇଛନ୍ତି। ହାର୍ଡ ହିଟିଂ ସ୍ମୃତି ମନ୍ଧାନା ଓ ପୁନମ ଯାଦବ ଉଭୟ ଟି୨୦ ଓ ଦିନିକିଆ ଦଳରେ ସ୍ଥାନ ପାଇଛନ୍ତି। ନ୍ୟୁଜିଲାଣ୍ଡର ସୁଜି ବେଟ୍ସ ଦିନିକିଆ ଦଳର ଅଧିନାୟକ ମନୋନୀତ ହୋଇଛନ୍ତି। ଗଣମାଧ୍ୟମ ଓ ବ୍ରଡକାଷ୍ଟରଙ୍କ କେତେକ ପ୍ରତିନିଧି ମତଦାନ ମାଧ୍ୟମରେ ଏହି ଦଳ ଚୟନ କରିଛନ୍ତି। ୨୦୧୮ କ୍ୟାଲେଣ୍ଡର ବର୍ଷରେ ଖେଳାଳିଙ୍କ ପ୍ରଦର୍ଶନକୁ ଭିତ୍ତିକରି ଏହି ଦଳ ଚୟନ କରାଯାଇଛି ବୋଲି ଆଇସିସି ତରଫରୁ କୁହାଯାଇଛି।

ୱେଷ୍ଟଇଣ୍ଡିଜ୍‌ରେ ଅନୁଷ୍ଠିତ ଟି୨୦ ବିଶ୍ୱକପ୍‌ରେ ଦମ୍‌ଦାର ପ୍ରଦର୍ଶନ କରିବା ସହିତ ଭାରତକୁ ସେମିଫାଇନାଲରେ ପହଞ୍ଚାଇଥିବା ହରମନପ୍ରୀତଙ୍କୁ ଅଧିନାୟିକା ଭାବେ ମନୋନୀତ କରାଯାଇଛି। ବିଶ୍ୱକପ୍‌ରେ ସେ ୧୬୦.୫ ଷ୍ଟ୍ରାଇକ୍ ରେଟ୍‌ରେ ୧୮୩ ରନ ସଂଗ୍ରହ କରିଥିଲେ। ତେବେ ୨୦୧୮ ବର୍ଷରେ ସେ ମୋଟ ୨୫ଟି ମ୍ୟାଚ୍ ଖେଳି ୧୨୬.୨ ଷ୍ଟ୍ରାଇକ ରେଟ୍‌ରେ ୬୬୩ ରନ ସଂଗ୍ରହ କରିଛନ୍ତି। ଆଇସିସି ଟି୨୦ ର୍‍ୟାଙ୍କିଙ୍ଗରେ ସେ ବ୍ୟାଟିଂ ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି। ଅଧିନାୟିକା ମନୋନୀତ ହେବା ପରେ ହରମନପ୍ରୀତ୍ ଖୁସି ଜାହିର କରିଛନ୍ତି। ଏହା ମୋ ଆତ୍ମ ବିଶ୍ୱାସକୁ ବୃଦ୍ଧି କରିବ। ଏହି ଦଳ ଚୟନ ପାଇଁ ଗଠିତ ହୋଇଥିବା ଭୋଟିଂ ଏକାଡେମୀରେ ଭାରତ ଅଞ୍ଜୁମ ଚୋପ୍ରା, ସ୍ନୋହାଲ ପ୍ରଧାନ, ଇଂଲଣ୍ଡର ଚାର୍ଲଟ ଏଡୱାର୍ଡ୍ସ, ପାକିସ୍ତାନର ଉରୁଜ୍ ମମତାଜ ଓ ଅନ୍ୟଦେଶର ପ୍ରତିନିଧିମାନେ ସାମିଲ ହୋଇଥିଲେ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧/୨୦୧୯ Bhubaneswar, Tuesday, January 1/ 2019

## ସଂକ୍ଷେପରେ

### ୩ ଧାନ ଗଦା ଜଳିଗଲା

**କୁଜଙ୍ଗ,୩୧।୧୨(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ୍ ପଙ୍କପାଳ ଗ୍ରାମରେ ରବିବାର ଭୋରରେ ୩ଟି ଧାନଗଦା ଜଳି ପ୍ରାୟ ୫୦ କୁଇଣ୍ଟାଲ ଧାନ ନଷ୍ଟ ହୋଇଯାଇଛି। କୁଜଙ୍ଗ ଦମକଳ ବାହିନୀ ଓ ସ୍ଥାନୀୟ ଲୋକେ ମିଶି ନିଆଁକୁ ଆୟତ୍ତ କରିଥିଲେ। ଏହି ଅଗ୍ନିକାଣ୍ଡରେ ନବଘନ ସାହୁ, ଫକୀର ସାହୁ, ସୁରେନ୍ଦ୍ର ସାହୁଙ୍କ ଧାନ ନଷ୍ଟ ହୋଇଛି। ଏମାନେ ସମସ୍ତେ ଭାଗଚାଷୀ ଓ ଋଣ କରି ଧାନ ଚାଷ କରିଥିଲେ। ବର୍ଷକର ଆହର ପୋଡ଼ିଯାଇଥିବାରୁ ସେମାନେ ହତାଶ ହୋଇଛନ୍ତି। ସେମାନଙ୍କୁ ସହାୟତା ଯୋଗାଇଦେବାକୁ ପଙ୍କପାଳ ସମିତି ସଭ୍ୟ ଅକ୍ଷୟ କୁମାର ସାହୁ, ପ୍ରସନ୍ନ କୁମାର ସାହୁ ଓ ଲକ୍ଷ୍ମୀଧର ମହାପାତ୍ର ପ୍ରମୁଖ ଦାବି କରିଛନ୍ତି।

### ଜିଲା ବିଜୁ କୃଷକ ଜନତା ଦଳ ସଭାପତିଙ୍କୁ ସ୍ୱାଗତ

**ବାଲିକୁଦା,୩୧।୧୨(ସ୍ୱ.ପ୍ର.):** ପ୍ରକାଶ ଚନ୍ଦ୍ର ବସ୍ତିଆ ଜିଲା ବିଜୁ କୃଷକ ଜନତା ଦଳ ସଭାପତି ଭାବେ ନିଯୁକ୍ତ ହେବା ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ମା' ଠାକୁରାଣୀ ପାଣି ପଞ୍ଚାୟତ ସଭାପତି ପ୍ରକାଶ କୁମାର ରାୟଙ୍କ ସମେତ ଶୁଭେନ୍ଦ୍ର ଦାସ, ନିରଞ୍ଜନ ଭୋଳ, ପ୍ରଭାତ ଦାସ, ବୀରବର ସାହୁ, ଅକ୍ଷୟ ସ୍ୱାଇଁ, ନୃସିଂହ ଷଡ଼ଙ୍ଗୀ, ଅକ୍ଷୟ ସାହୁ, ବଳରାମ ପରିଡା, ଚିତ୍ତରଞ୍ଜନ ମିଶ୍ର ପ୍ରମୁଖ ଏଥିପାଇଁ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ବାଲିକୁଦା-ଏରସମା ବିଧାୟକ ପ୍ରଶାନ୍ତ ମୁଦୁଲିଙ୍କୁ ସାଧୁବାଦ ଜଣାଇବା ସହ ବସ୍ତିଆଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଦୁଇ ବଖରା ଜଳିଗଲା

**ବାଲିକୁଦା,୩୧।୧୨(ସ୍ୱ.ପ୍ର.):** ବାଲିକୁଦା ତହସିଲ ଅଧୀନ କାଳିଓ ପଞ୍ଚାୟତରେ ସୋମବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ତ୍ରିନାଥ ସ୍ୱାଇଁଙ୍କ ୨ ବଖରା ପୋଡ଼ିଯାଇଛି। ସ୍ୱାଇଁଙ୍କ ପରିବାର ଲୋକେ ଚୁଲିରେ ରୋଷେଇ କରୁଥିବା ସମୟରେ ଅସାବଧାନତା ବଶତଃ ଚାଳରେ ନିଆଁ ଲାଗିଯାଇଥିଲା। ପରେ ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିଥିଲେ। ମାତ୍ର ନିଆଁର ପ୍ରକୋପ ଏତେ ଅଧିକ ଥିଲା ଯେ, ନିୟନ୍ତ୍ରଣ କରିବା ସମ୍ଭବ ହୋଇ ନ ଥିଲା। ବାଲିକୁଦା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ସରୋଜ ଅଲ ଓଡ଼ିଶା ଲୟର୍ସ ଆସୋସିଏଶନ ସମ୍ପାଦକ

**ତିର୍ତ୍ତୋଲ,୩୧।୧୨(ଡି.ଏନ.ଏ.):** ତିର୍ତ୍ତୋଲ ବାର୍ ଆସୋସିଏଶନର ସମ୍ପାଦକ ସରୋଜ କୁମାର ପାଣିଗ୍ରାହୀ ଅଲ ଓଡିଶା ଲୟର୍ସ ଆସୋସିଏଶନର ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ରବିବାର ଭୁବନେଶ୍ୱର ବିଜେବି ନଗର ନିକଟ ବାରିଷ୍ଟର ପାଣିଗ୍ରାହୀ ନଗରସ୍ଥିତ ବାର କନଫରେନ୍ସ ହଲରେ ଆୟୋଜିତ ନିର୍ବାଚନରେ ସେ ସମ୍ପାଦକ ଭାବେ କ୍ରମାଗତ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଛନ୍ତି।

■ 'କାଳିଆ' କାର୍ଯ୍ୟାନ୍ୱୟନ ପାଇଁ ଜିଲାସ୍ତରୀୟ କମିଟି ବୈଠକ

# ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର, ନାମମାତ୍ର ଚାଷୀଙ୍କୁ ସହାୟତା

**ଜଗତ୍‌ସିଂହପୁର ଅଫିସ, ୩୧।୧୨**



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

■ପଞ୍ଚାୟତସ୍ତରରେ ନିଯୁକ୍ତ ହେବେ ନୋଡାଲ ଅଧିକାରୀ

■କିଛି ପଞ୍ଚାୟତକୁ ନେଇ ନିଯୁକ୍ତ ହେବେ ସେକ୍ଟର ଅଧିକାରୀ

ରାଜ୍ୟ ସରକାର ଚଳିତବର୍ଷ ରବି ଋତୁରୁ ଚାଷୀଙ୍କ ପାଇଁ କାଳିଆ ଯୋଜନା ଶୁଭାରମ୍ଭ କରିଛନ୍ତି। ଏହି ଯୋଜନାରେ ବର୍ଷକୁ ୨ ଥର ଅର୍ଥାତ୍ ରବି ଓ ଖରିଫ୍ ଋତୁରେ ଚାଷୀଙ୍କୁ ପରିବାର ପିଛା ୫,୦୦୦ ହିସାବରେ ୧୦,୦୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦିଆଯିବ। ଚାଷୀଙ୍କ ଆକାଉଣ୍ଟକୁ ଏହି ଟଙ୍କା ଆସିବ। ଏହି ଟଙ୍କା ସେମାନେ ସାର, କୀଟନାଶକ ଔଷଧ, ବିହନ ଓ ମଜୁରୀ ଆଦିରେ ଖର୍ଚ୍ଚ କରିପାରିବେ। ପ୍ରାଥମିକ ପର୍ଯ୍ୟାୟରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସହାୟତା ରାଶି ଦିଆଯିବ। ପରେ ଅନ୍ୟମାନଙ୍କୁ ପ୍ରଦାନ କରାଯିବ। ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ କାଳିଆ ଯୋଜନାର କାର୍ଯ୍ୟାନ୍ୱୟନ ପାଇଁ ଅନୁଷ୍ଠିତ ଜିଲାସ୍ତରୀୟ କମିଟି ବୈଠକରେ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଏହା କହିଛନ୍ତି। ସେ କହିଲେ ଯେ, ରାଜ୍ୟ ସରକାର କୃଷକମାନଙ୍କ ଜୀବନ, ଜୀବିକାରେ ଉନ୍ନତି ଓ ଆୟ ବୃଦ୍ଧି ନିମନ୍ତେ କାଳିଆ ଯୋଜନା କରିଛନ୍ତି। ୨୦୧୮-୧୯ ଆର୍ଥିକ ବର୍ଷର ଚଳିତ ରବି ଋତୁରୁ ଏହା କାର୍ଯ୍ୟକାରୀ ହେବ। ଜିଲାରେ ଏହି ଯୋଜନା କାର୍ଯ୍ୟକାରୀ କରିବାକୁ ପଞ୍ଚାୟତସ୍ତରରେ ନୋଡାଲ ଅଧିକାରୀ ଓ କିଛି ପଞ୍ଚାୟତକୁ ନେଇ ସେକ୍ଟର ଅଧିକାରୀ ନିଯୁକ୍ତି ପାଇବେ। ପ୍ରଥମ ପର୍ଯ୍ୟାୟରେ ଜାନୁୟାରୀ ୨ରୁ ୧୦ ମଧ୍ୟରେ ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟ ଓ ପ୍ରାଥମିକ କୃଷି ସମବାୟ ସମିତିରେ କୃଷକ ତାଲିମ ପାଇଁ ବ୍ୟବସ୍ଥା କରାଯିବ। ପରେ ଅଭିଯୋଗ ଓ କେଉଁ ଚାଷୀଙ୍କୁ ବାଦ୍ ଦିଆଯିବ ସେନେଇ ନିର୍ଦ୍ଦିଷ୍ଟ ଫର୍ମାଟ୍‌ରେ ଆବେଦନ ଗ୍ରହଣ କରାଯିବ। ଏହାପରେ ଯୋଗ୍ୟ ତାଲିକା ପ୍ରକାଶ ପାଇବ। ରାଜ୍ୟ, କେନ୍ଦ୍ର, ପବ୍ଲିକ ସେକ୍ଟରରେ ଚାକିରି, ଅବସର ଗ୍ରହଣ କରିଥିବା କିମ୍ବା ଆୟକର ଦେଉଥିବା ବ୍ୟକ୍ତିଙ୍କୁ ତାଲିକାରୁ ବାଦ୍ ଦିଆଯିବ। ଏହି ନିର୍ଦ୍ଧାରିତ ଫର୍ମାଟ୍‌ରେ ପ୍ରତ୍ୟେକ ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ଲାଲ ରଙ୍ଗର ବାକ୍ସରେ ପକାଯିବା ପାଇଁ ବ୍ୟବସ୍ଥା ହେବ। ଅନୁରୂପ ଭାବେ କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଅର୍ଥାତ୍ ଯେଉଁମାନଙ୍କ ନାମ କୃଷକ ତାଲିକାରେ ନ ଥିବ ସେମାନେ ସବୁଜ ରଙ୍ଗର ଫର୍ମ ପୂରଣ କରି ପ୍ରାଥମିକ କୃଷି ସମବାୟ ସମିତିରେ ଥିବା ସବୁଜ ରଙ୍ଗର ବାକ୍ସରେ ପକାଇ ପାରିବେ। ତେବେ ଫର୍ମ ସହ ଜମିଜମା ସଂକ୍ରାନ୍ତୀୟ ପ୍ରମାଣପତ୍ର, ନିଜର ସତ୍ୟପାଠ ଯୋଡ଼ି ଜାନୁୟାରୀ ୨ରୁ ୧୦ ତାରିଖ ମଧ୍ୟରେ ଦାଖଲ କରିବାକୁ ପଡିବ। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ ଯେଉଁମାନଙ୍କ ନାମ କୃଷକ ତାଲିକାରେ ନ ଥିବ କିମ୍ବା ଜମିଜମା ପ୍ରମାଣପତ୍ର ନ ଥିବ ସେମାନେ ସବୁଜ ଫର୍ମ ପୂରଣ କରି ସବୁଜ ରଙ୍ଗର ବାକ୍ସରେ ପକାଇ ପାରିବେ। ସର୍ବସାଧାରଣଙ୍କ ଅବଗତି ଓ ବ୍ୟାପକ ପ୍ରଚାର ପ୍ରସାର ନିମନ୍ତେ ପଞ୍ଚାୟତ କାର୍ଯ୍ୟାଳୟ, ପ୍ରାଥମିକ କୃଷି ସମବାୟ ସମିତି, ଅଙ୍ଗନୱାଡ଼ି କେନ୍ଦ୍ର, ବ୍ଲକ ଓ ତହସିଲ କାର୍ଯ୍ୟାଳୟରେ ପୋଷ୍ଟର ମରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱଜିତ ଦାସ, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, କୃଷି ଉପନିର୍ଦ୍ଦେଶକ ରାମଚନ୍ଦ୍ର ନାୟକ, ସମବାୟ ସମିତି ସହକାରୀ ନିବନ୍ଧକ ରଞ୍ଜନ ମିଶ୍ର, ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦିଲ୍ଲୀପ କୁମାର ପାତ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଦୁର୍ବୃତ୍ତମାନେ ବ୍ୟାଙ୍କ କାର୍ଯ୍ୟାଳୟ କାନ୍ଥ ତାଡି ଦେଇଛନ୍ତି।

## ଆନ୍ଧ୍ର ବ୍ୟାଙ୍କ୍ ଶାଖାରୁ ଲୁଟ୍

**ବାଲିଆ,୩୧।୧୨**

**ଲକର ତାଡ଼ିପାରିଲେନି, କମ୍ପ୍ୟୁଟର ସାମଗ୍ରୀ ଲୁଟି ନେଲେ**

ବିରିଡ଼ି ଥାନା ଅଧୀନ ବଡ଼ଖଣ୍ଡାଏତା ପଞ୍ଚାୟତର ରାଜୀବ ସେବାକେନ୍ଦ୍ରରେ ଚାଲିଥିବା ଆନ୍ଧ୍ର ବ୍ୟାଙ୍କ ଶାଖାରୁ ରବିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ ବ୍ୟାଙ୍କ ଅପରପାର୍ଶ୍ୱରେ ଥିବା ପଞ୍ଚାୟତର ଷ୍ଟୋର ରୁମ୍ କବାଟ ତାଲା ଭାଙ୍ଗି ଭିତର ପଟ କାନ୍ଥ ତାଡ଼ି ବ୍ୟାଙ୍କ କାର୍ଯ୍ୟାଳୟରେ ପଶିଥିଲେ। ସେମାନେ ବ୍ୟାଙ୍କ ଲକର କବାଟ ଭାଙ୍ଗି ଲକର ତାଡିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ତେଣୁ ବ୍ୟାଙ୍କ ଶାଖା ପରିଚାଳକଙ୍କ ୨ଟି ମନିଟର, ୩ ଟି ସିପିୟୁ, ୧ଟି ପ୍ରିଣ୍ଟର, ସିସିଟିଭି ସହିତ ସଂଯୋଗ କରାଯାଇଥିବା ଡି.ଭି.ଆର ମେଶିନ ନେଇଯାଇଛନ୍ତି। ଲକରରେ ଥିବା ଟଙ୍କା ଓ ସୁନା, ରୁପା ସୁରକ୍ଷିତ ଅଛି। ସୋମବାର ସକାଳେ ଶାଖା ପରିଚାଳକ ରଞ୍ଜିତ ସାହୁ, କ୍ୟାସିୟର ଅକ୍ଷୟ କୁମାର ପଣ୍ଡା, ଚତୁର୍ଥ ଶ୍ରେଣୀ କର୍ମଚାରୀ ଦେବ ପ୍ରସାଦ ବେହେରା ବ୍ୟାଙ୍କ୍ କାର୍ଯ୍ୟାଳୟ ଖୋଲିବା ପରେ ଏହା ଜଣାପଡିଥିଲା। ଖବରପାଇ ବିରିଡ଼ି ଥାନା ସବ୍‌ଇନ୍ସପେକ୍ଟର ପଦ୍ମନାଭ ଲେଙ୍କା ସଦଳବଳ ପହଞ୍ଚି ତଦନ୍ତ କରିଛନ୍ତି। ସନ୍ଦେହରେ ବ୍ୟାଙ୍କର ରାତ୍ରି ଜଗୁଆଳି ଅନିଲ କୁମାର ଗୋଛାୟତଙ୍କୁ ଥାନାରେ ଅଟକ ରଖାଯାଇଛି। ବ୍ୟାଙ୍କ ଏଜିଏମ ଭି.ଏସ.ଏସ.ଏନ. ମୂର୍ତ୍ତି, ସିକ୍ୟୁରିଟି ଅଫିସର ପ୍ରଣବ ମହାପାତ୍ର ମଧ୍ୟ ଘଟଣାସ୍ଥଳକୁ ଆସି ଅନୁଧ୍ୟାନ କରିଛନ୍ତି।



ଧାରଣାରେ ବସିଥିବା ମୋହରିର ସଂଘର କର୍ମକର୍ତ୍ତା।

## ମୋହରିର ସଂଘର ଧାରଣା

**କୁଜଙ୍ଗ,୩୧।୧୨(ସ୍ୱ.ପ୍ର.)**

କୁଜଙ୍ଗ ସବରେଜିଷ୍ଟ୍ରାରଙ୍କ କାର୍ଯ୍ୟାଳୟରେ ଅନଲାଇନ ରେଜିଷ୍ଟ୍ରେଶନକୁ ବିରୋଧ କରି ସୋମବାର ଦଲିଲ ଲେଖକ ମୋହରିର ସଂଘ ପକ୍ଷରୁ ଧାରଣା ଦିଆଯାଇଛି। ସଂଘର କୁଜଙ୍ଗ ସଭାପତି କୃଷ୍ଣଚନ୍ଦ୍ର ରାଉତଙ୍କ ନେତୃତ୍ୱରେ ହୋଇଥିବା ଧାରଣାରେ ସଂଘର ଜିଲା ସଭାପତି ପୀତାମ୍ବର ଶତପଥୀ ଯୋଗଦେଇ ଏହି ବ୍ୟବସ୍ଥାରେ ଦଲିଲ ଲେଖକ ମୋହରିର ଭାବେ କାର୍ଯ୍ୟ କରୁଥିବା ଲୋକେ ବୃତ୍ତି ହରାଇବେ ବୋଲି କହିଥିଲେ। ସରକାର ତୁରନ୍ତ ଏହି ବ୍ୟବସ୍ଥା ବାତିଲ କରିବାକୁ ସେମାନେ ଦାବି କରିଥିଲେ। ସମ୍ପାଦକ ଅଶୋକ କୁମାର ସିଂହ, ବନମାଳି ସେଠୀ, ନୃସିଂହଚରଣ ସ୍ୱାଇଁ, ଅମୂଲ୍ୟ କୁମାର ମଲ୍ଲିକ, ନୀରଞ୍ଜନ ମଲ୍ଲିକ, ରାମଚନ୍ଦ୍ର ରରାଉତରାୟ, ପ୍ରଭାଷ କୁମାର ନନ୍ଦ, ବିଜୟ କୁମାର ରାଉତ, ଗୌରଶ୍ୟାମ ପରିଡ଼ା, ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।

## ଉଜ୍ୱଳା ସାନିଟାରି ନାପ୍‌କିନ୍ ଶିବିର

**ବାଲିକୁଦା,୩୧।୧୨(ସ୍ୱ.ପ୍ର.)**

ବାଲିକୁଦା ପଞ୍ଚାୟତ ଜନ ସେବାକେନ୍ଦ୍ର କାଠ ଗୋଲାଛକ ସ୍ଥିତ ତାରେଣିଆ ମାର୍କେଟ କମ୍ପ୍ଲେକ୍ସଠାରେ ଉଜ୍ୱଳା ସାନିଟାରୀ ନାପ୍‌କିନ୍ ଶିବିର ଅନୁଷ୍ଠିତ ହୋଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ମନ୍ତ୍ରଣାଳୟ ସାଧାରଣ ଜନସେବା କେନ୍ଦ୍ର(ସିଏସସି)ଗୁଡିକରେ ୧୦୦ଟି ସାନିଟାରି ନାପ୍‌କିନ ଉତ୍ପାଦନ କେନ୍ଦ୍ର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିରେ ବାଲିକୁଦା ବ୍ଲକର ଏହି କେନ୍ଦ୍ର ରହିଛି। ଉକ୍ତ ସେବା ପ୍ରଦାନରେ ସାରା ରାଜ୍ୟ ପାଇଁ ୨.୯୪ କୋଟି ଟଙ୍କା ବିନିଯୋଗ କରାଯିବ ବୋଲି କୁହାଯାଇଛି। ଏହାର ନାମ ରଖାଯାଇଛି 'ଉଜ୍ୱଳା ସାନିଟାରି ନାପ୍‌କିନ୍'। ବାଲିକୁଦା ସିଏସି ସଞ୍ଚାଳକ ଆଲୋକ ମହାନ୍ତିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ବାବା ବୃକ୍ଷରାଜ ଗ୍ରାମୀଣ ବିତରକ କାଳିଓର ପରିଚାଳକ ଅକ୍ଷୟ କୁମାର ଖୁଣ୍ଟିଆ ଯୋଗଦେଇ ଏହି ନୂତନ ଯୋଜନା କିପରି ସବୁ ଗରିବ ମହିଳା ଓ ଯୁବତୀଙ୍କ ପାଖରେ ପହଞ୍ଚି ପାରିବ ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସେବିକା ଇନ୍ଦ୍ରାଣି ରାଉତ ନାପ୍‌କିନ୍ ବ୍ୟବହାର ଦ୍ୱାରା ମହିଳାମାନଙ୍କୁ ମିଳୁଥିବା ସ୍ୱାସ୍ଥ୍ୟଗତ ସୁବିଧା ସମ୍ପର୍କରେ ବୁଝାଇଥିଲେ। ସରପଞ୍ଚ ପ୍ରତିନିଧି ରାଜକିଶୋର ସାହୁ ଉପସ୍ଥିତ ଥିଲେ।

## ସ୍କାଉଟ ଓ ଗାଇଡଙ୍କ ସଫଳତା

**ଜଗତ୍‌ସିଂହପୁର ଅଫିସ, ୩୧।୧୨**

ଓଡ଼ିଶା ସ୍କାଉଟ୍ ଓ ଗାଇଡ୍ ସଙ୍ଗଠନ ତରଫରୁ ବରୁଣେଇଠାରେ ଆୟୋଜିତ ୨ୟ ଜନଜାତି ଓ ସପ୍ତଦଶ ରାଜ୍ୟସ୍ତରୀୟ ଜ୍ୟାମ୍ବୋରେଟ୍‌ରେ ଜଗତ୍‌ସିଂହପୁର ଜିଲା ସଫଳ ହୋଇଛି। ସ୍କାଉଟ୍ ଓ ଗାଇଡ୍ ଖୋର୍ଦ୍ଧା ଦଳରେ ଜିଲାର ୪ ଜଣ ସ୍କାଉଟ୍, ୧୬ ଜଣ ଗାଇଡ୍, ୫ ଜଣ ସ୍କାଉଟ୍ ମାଷ୍ଟରଙ୍କ ସମେତ ୨ ଜଣ ଗାଇଡ୍ କ୍ୟାପଟେନ୍ ଅଂଶଗ୍ରହଣ କରିଥିଲେ। ଏଥିରେ ବିଭିନ୍ନ ବିଭାଗର ସ୍କାଉଟ୍ ଓ ଗାଇଡ୍‌ମାନେ ନିଜର ପାରଦର୍ଶିତା ପ୍ରଦର୍ଶନ କରିଥିଲେ। ତେବେ ଜଗତ୍‌ସିଂହପୁର ଜିଲାର ସ୍କାଉଟ୍ ଓ ଗାଇଡ୍‌ମାନେ ଜିଲାର ଗୌରବ ପ୍ରଦର୍ଶନୀରେ ୧ମ ସ୍ଥାନ, ଫିଜିକାଲ ଡିସ୍‌ପ୍ଲେରେ ୨ୟ, ପ୍ରଦର୍ଶନୀ ମେଳାରେ ୩ୟ, ଗୋଷ୍ଠୀ ନୃତ୍ୟରେ ୨ୟ ଓ ଜିଲା ଦିବସ ପାଳନରେ ୨ୟ ସ୍ଥାନ ଅଧିକାର କରିଥିଲେ। ର୍‌ୟାମ୍ପ ଶୋରେ ୨ଟି ଓ ଦଳଗତ ନାଚରେ ୩ଟି ପୁରସ୍କାର ହାସଲ କରି ଜିଲା ପାଇଁ ସଫଳତା ଆଣିଛନ୍ତି। ଏହି ରାଜ୍ୟସ୍ତରୀୟ ସ୍କାଉଟ୍ ଓ ଗାଇଡ୍ ଜ୍ୟାମ୍ବୋରେଟ୍ ଡିସେମ୍ବର ୨୬ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ପର୍ଯ୍ୟନ୍ତ ଚାଲିଥିଲା। ଏହାର ନେତୃତ୍ୱ ନେଇଥିଲେ ଜିଲା ସ୍କାଉଟ୍ ସଙ୍ଗଠନ କମିଶନର ବିଜୟ କୁମାର ରଥ, ଟ୍ରେନିଂ କମିଶନର ହରେକୃଷ୍ଣ ଲେଙ୍କା। ଅମୂଲ୍ୟ କୁମାର ମିଶ୍ର, ପ୍ରତାପ ଚନ୍ଦ୍ର ରାଉତରାୟ, ଅତୁଲ ବିକ୍ରମ ପ୍ରଧାନ, ଗାଇଡ୍ ଟ୍ରେନିଂ କମିଶନର ଲତା ଦେଇ ଓ ସୁଚୀସ୍ମିତା ସ୍ୱାଇଁ ପ୍ରମୁଖ ଏହି କୃତିତ୍ୱ ପାଇଁ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ମଞ୍ଜରୀ ଦାସ, ଜିଲା ସ୍କାଉଟ୍ ଗାଇଡ୍ ସମ୍ପାଦକ ସୁଭାଷ ଚନ୍ଦ୍ର ରାଉତ, ଉପସଭାପତି ଶରତ ଚନ୍ଦ୍ର ବାରିକ, ଓଷ୍ଟା ସମ୍ପାଦକ ନାରାୟଣ ବାରିକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ୧୩ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ

**ବାଲିକୁଦା,୩୧।୧୨(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ ୩ ନମ୍ବର ଜିଲା ପରିଷଦ ଜୋନ୍‌ର ମାଛଗାଁ ପଞ୍ଚାୟତରେ ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ପ୍ରଶାନ୍ତ ମୁଦୁଲି ଆମ ଗାଁ ଆମ ବିକାଶ ଯୋଜନାରେ ୧୩ ପ୍ରକଳ୍ପ ପାଇଁ ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ମୋଟ୍ ୨୧ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ଜିଲାପରିଷଦ ସଦସ୍ୟ ରାମଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟା ବବିତା ସ୍ୱାଇଁ, ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବ ପ୍ରସାଦ ପାତ୍ର, ନିର୍ବାଚନମଣ୍ଡଳି ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ବ୍ଲକ ଯୁବ ବିଜେଡି ସଭାପତି ରଶ୍ମିରଞ୍ଜନ କୁଅଁର, ସରପଞ୍ଚ ପର୍ଶୁରାମ ସେଠୀ, ସମିତିସଭ୍ୟା ମମତା ଦାସଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ମାଛଗାଁ-ଜଗତ୍‌ସିଂହପୁର ରାସ୍ତାର ତିହୁଡି ଛକଠାରେ ଥିବା ହନୁମାନ ମନ୍ଦିର ନିକଟରୁ ପଦଯାତ୍ରା ଆରମ୍ଭ ହୋଇ ଶୀତଳଷଷ୍ଠୀ ପଡିଆ ପର୍ଯ୍ୟନ୍ତ ଯାଇଥିଲା। ମା' ବୁଢୀ ବରୁଣେଇ ପୀଠ, ସିଙ୍ଗିଟାଳିଆ ଗାଁର ମା' ଭୟନିବାରିଣୀ ଓ ମା' ନାରାୟଣୀଙ୍କ ପୀଠ, ମା' ବୁଢୀ ଜଙ୍ଗେଇଙ୍କ ପୀଠ, ବଡ ଅସିଲୋର ମା' ଉଗ୍ରତାରାଙ୍କ ପୀଠ, ଅସିଲୋ କୂଳପଡାର ମା' ଉଗ୍ରତାରା, ବାଲି ଅସିଲୋର ମା' ଉଗ୍ରତାରାଙ୍କ ପୀଠ, ଓଟିନ୍ଦାର ନୀଳକଣ୍ଠେଶ୍ୱର ମହାଦେବ, ଜହିନାବାଦର ମା' ବୁଢୀ ବରୁଣେଇ, ପାଇକସାହିର ମା' ଉଗ୍ରତାରା, ବାରିତଳଖସି ମା' ତେନ୍ତୁଲେଇ, ମାଛଗାଁର ବେଲେଶ୍ୱର ଗାଦିଙ୍କ ପୀଠ ଆଦିରେ ଗୋଷ୍ଠୀକେନ୍ଦ୍ର, ମଙ୍ଗପୁର ଗାଁର ଆର୍ତ୍ତତ୍ରାଣ କ୍ଲବ ଘର ପାଇଁ ବିଧାୟକ ଶିଳାନ୍ୟାସ କରିଥିଲେ।

## ପାଣି ଜମି ବ୍ୟାପକ ଧାନ ଫସଲ ନଷ୍ଟ

**ଏରସମା,୩୧।୧୨(ସ୍ୱ.ପ୍ର.)**



ନଷ୍ଟ ହୋଇଯାଇଥିବା ଧାନ ଫସଲ।

■ଅମଳ ବେଳକୁ ଧାନ କଣ୍ଡା

■କାଟିବାକୁ ଯାଉନାହାନ୍ତି ଚାଷୀ

ଏରସମା ବ୍ଲକ ଆମ୍ବିକି ପଞ୍ଚାୟତର ନଗରୀ ଗ୍ରାମରେ ବର୍ଷା ପାଣି ଜମି ବ୍ୟାପକ ଧାନ ଫସଲ ନଷ୍ଟ ହୋଇଯାଇଛି। ଅମଳ ବେଳକୁ ବିଲରେ ଧାନ ସବୁ କଣ୍ଡା ହୋଇପଡିଛି। ତେଣୁ ଚାଷୀମାନେ ଆଉ ଧାନ କାଟିବାକୁ ବିଲକୁ ଯାଉନାହାନ୍ତି। ତୁରନ୍ତ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀମାନେ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି। ପ୍ରକାଶ ଯେ, ଆମ୍ବିକି ହେଉଛି ସମୁଦ୍ର ସଂଲଗ୍ନ ପଞ୍ଚାୟତ। ଏହି ପଞ୍ଚାୟତରେ ହଂସୁଆ ସଫେଇ ପ୍ରବାହିତ। ଖାଲୁଆ ଅଞ୍ଚଳ ଭାବରେ ପରିଚିତ ଏହି ପଞ୍ଚାୟତରେ ଅଧିକାଂଶ ଚାଷୀ ଧାନ ଫସଲ ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ମାତ୍ର ଧାନ ଫସଲ ଉତ୍ପାଦନ କ୍ଷେତ୍ରରେ ଉଦ୍‌ବୃତ୍ତ ବର୍ଷା ଜଳ ନିଷ୍କାସନ ସମସ୍ୟା ସୃଷ୍ଟି କରୁଛି। ଅନ୍ୟପକ୍ଷରେ ହଂସୁଆ ସଫେଇ ଏହି ବ୍ଲକ ଅନ୍ତର୍ଗତ ସୋମପୁର ପଞ୍ଚାୟତରୁ ଆମ୍ବିକି ପଞ୍ଚାୟତ ଦେଇ ଜଟାଧାର ମୁହାଣରେ ମିଶିଛି। ପାଣି ନିୟନ୍ତ୍ରଣ କରିବା ପାଇଁ ଏହି ପଞ୍ଚାୟତ ଅନ୍ତର୍ଗତ ନଗରୀଠାରେ ସ୍ଲୁଇସ ଗେଟ ନିର୍ମାଣ କରାଯାଇଛି। ମାତ୍ର ନିର୍ମାଣଗତ ତ୍ରୁଟି ଯୋଗୁ ସେଥିରେ ଠିକ୍ ଭାବେ ଜଳ ନିଷ୍କାସନ ହୋଇପାରୁନାହିଁ। ଧାନ ବିଲରେ ପାଣି ଜମି ରହୁଛି। ଚଳିତବର୍ଷ ଲଗାଣ ବର୍ଷା ଯୋଗୁ ନଗରୀ ଗ୍ରାମରେ ବହୁ ଧାନ ଫସଲ ପାଣିରେ ବୁଡ଼ି ରହିଥିଲା। ଫଳରେ ସେସବୁ ଧାନ କଣ୍ଡା ହୋଇଯାଇଛି। ପ୍ରଶାସନ ପକ୍ଷରୁ ଏହାର ଅନୁଧ୍ୟାନ କରାଯାଇ କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ସୁବ୍ରତ ସାମନ୍ତ, ସୁବଳ ଦଳାଇ, ହରେକୃଷ୍ଣ ଦାସ ପ୍ରମୁଖ ଜିଲାପାଳଙ୍କ ନିକଟରେ ଦାବି କରିଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧ ଜାନୁୟାରୀ, ୨୦୧୯



ମନୁଷ୍ୟର ଏକମାତ୍ର ଧର୍ମ ହେଉଛି ଈଶ୍ୱରଙ୍କ ନିକଟରେ ଆତ୍ମ ସମର୍ପଣ କରିବା। ସବୁବେଳେ ତାଙ୍କ ନାମ ସ୍ମରଣ କରିବା ଓ ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା।
- ଗୁରୁ ନାନକ



## ସଂକ୍ଷେପରେ

### ବାଇକ୍‌କୁ ପିଟିଲା ସ୍କର୍ପିଓ, ବାଇକ୍ ଚାଳକ ଗୁରୁତର

ନୂଆଗାଁ,୩୧।୧୨ (ଡି.ଏନ.ଏ.): ନୟାଗଡ଼ ଜିଲା ନୂଆଗାଁ ଥାନା ସଂପଡା ଛକରେ ବାଇକ୍ ସହ ସ୍କର୍ପିଓ ଧକ୍କା ହେବା ଫଳରେ ବାଇକ୍ ଚାଳକ ଗୁରୁତର ହୋଇଛନ୍ତି। ସେ ହେଲେ ମାଇଛେଳି ପଞ୍ଚାୟତ କୋଷାକଟା ଗ୍ରାମର ଶତ୍ରୁଘ୍ନ ଜେନା (୨୧) । ଶତ୍ରୁଘ୍ନ ବାଇକ୍ ଯୋଗେ ଗ୍ରାମକୁ ଯାଉଥିବା ସମୟରେ ନୟାଗଡ ପଟୁ ଦଶପଲ୍ଲା ଅଭିମୁଖେ ଯାଉଥିବା ଓଡି୦୨ଏସ-୫୫୫୬ ନମ୍ବର ବିଶିଷ୍ଟ ସ୍କର୍ପିଓ ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଶତ୍ରୁଘ୍ନଙ୍କ ଗୋଡରେ ଗଭୀର ଆଘାତ ଲାଗିଥିଲା। ସ୍ଥାନୀୟ ଲୋକେ ଦମକଳବାହିନୀକୁ ଖବର ଦେଇ ଆହତଙ୍କୁ ଚିକିତ୍ସା ପାଇଁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ପଠାଇଛନ୍ତି। ନୂଆଗାଁ ପୋଲିସ ଦୁର୍ଘଟଣା ଘଟାଇଥିବା ସ୍କର୍ପିଓ ଜବତ କରି ଘଟଣାର ତଦନ୍ତ କରୁଥିବା ଥାନା ଏଏସ୍‌ଆଇ ପ୍ରସନ୍ନ କୁମାର ମିଶ୍ର କହିଛନ୍ତି।

### ଅଗ୍ନିକାଣ୍ଡ: ୫ ପରିବାରର ୬ ବଖରା ପୋଡ଼ିଗଲା



ଓଡ଼ଗାଁ, ୩୧।୧୨(ସ୍ୱ.ପ୍ର.): ସାରା ଓଡ଼ିଶାରେ ପାରଦ ତଳକୁ ଖସୁଥିବା ବେଳେ ନୂଆଗାଁ ବ୍ଲକ କାପ୍ତାପଲ୍ଲୀ ପଞ୍ଚାୟତ କଣବାଙ୍କ ଗ୍ରାମରେ ସୋମବାର ଲୋକେ ନିଆଁ ପୋଇଁ ହେଉଥିବା ବେଳେ ଅଗ୍ନିକାଣ୍ଡ ଘଟି ୫ ପରିବାରର ୬ ବଖରା ପୋଡି ପାଉଁଶ ହୋଇଯାଇଛି । ଅପରାହ୍ନ ପ୍ରାୟ ୩ଟା ବେଳେ ଅଗ୍ନିକାଣ୍ଡ ଘଟିଥିଲା। ଏଥିରେ ଗ୍ରାମର ପୁଷ୍କର ପ୍ରଧାନ, ରବୀନ୍ଦ୍ର ଜାନି, ବିନୋଦ ଜାନି, ନବୀନ ଜାନିଙ୍କ ଗୋଟିଏ ଲେଖା ବଖରା ଓ ଜଳନ୍ଧର ପ୍ରଧାନଙ୍କ ଦୁଇ ବଖରା ପୋଡିଯାଇଛି। ଏ ସମ୍ପର୍କରେ ସ୍ଥାନୀୟ ଅଗ୍ନିଶମ ବାହିନୀ ସୂଚନା ପାଇବା ପରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ । ସମସ୍ତ ଅଗ୍ନିବିପନ୍ନ ଗରିବ ଶ୍ରେଣୀରେ ହୋଇଥିବା ବେଳେ ସେମାନଙ୍କ ଘରେ ସାଇତା ହୋଇଥିବା ଧାନ, ଚାଉଳ, ଲୁଗାପଟା ସହିତ ଘରର ଆସବାବପତ୍ର ପୋଡିଯାଇଛି । ଅଗ୍ନିବିପନ୍ନ ପରିବାର ବାସହରା ହୋଇ ଖୋଲା ଆକାଶ ତଳେ ରହିଥିବାରୁ ସେମାନଙ୍କୁ ତୁରନ୍ତ ପଲିଥିନ ଏବଂ ସରକାରୀ ସହାୟତା ଯୋଗାଇଦେବାକୁ ସାଧାରଣରେ ଦାବି ହୋଇଛି। ଏ ନେଇ ନୂଆଗାଁ ତହସିଲଦାର ପ୍ରଭାକର ସେଠୀଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ବାହାଡ଼ାଝୋଲା ଆରଆଇଙ୍କ ରିପୋର୍ଟ ପାଇଲା ପରେ ସରକାରୀ ସହାୟତା ଦିଆଯିବ ବୋଲି ପ୍ରକାଶ କରିଛନ୍ତି । ଅନ୍ୟପକ୍ଷେ ଓଡ଼ଗାଁ ଏନ୍‌ଏସି ରଗଡିସାହିର ଉଦୟନାଥ ବାରିକଙ୍କ ପ୍ରାୟ ୫ ଏକର ଜମିର ଗୋଟିଏ ପାଳଗଦା ପୋଡିଯାଇଛି।

ରେଳ ମାନଚିତ୍ରରେ ନୟାଗଡ଼ ଜିଲା ସାମିଲ ହେବା

# ଦେଢ଼ବର୍ଷ ବିତିଲା, ସ୍ପେଶାଲ ଟ୍ରେନ୍ ଚଳାଚଳ ନୋହିଲା

ନୟାଗଡ଼ ଅଫିସ,୩୧।୧୨

୧୯ ଜୁନ୍ ୨୦୧୭ରେ ରେଳ ମାନଚିତ୍ରରେ ନୟାଗଡ଼ ଜିଲା ସାମିଲ ହୋଇଥିଲା। ସେତେବେଳେ ଜିଲାବାସୀ ଭାବିଥିଲେ ୨୦୧୮ ସୁଦ୍ଧା ଜିଲାକୁ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବ। ଇତିମଧ୍ୟରେ ଦେଢ଼ବର୍ଷ ବିତିଯାଇଥିଲେ ସୁଦ୍ଧା ଏହା ହୋଇପାରି ନାହିଁ। ଜିଲାର ବିଭିନ୍ନ ସଙ୍ଗଠନ ତରଫରୁ ଦାବି କରାଯିବା ପରେ ୨୦୧୮ ଜୁଲାଇ ୩ ତାରିଖରେ ନୟାଗଡ଼ ଟାଉନ ଷ୍ଟେଶନରୁ ଖଡ଼ଗପୁରକୁ ସ୍ପେଶାଲ ପାସେଞ୍ଜର ଟ୍ରେନ୍ ଚଳାଚଳ କରିଥିଲା। ହେଲେ ୩ମାସ ଚାଲିବା ପରେ ଏହି ଟ୍ରେନ୍‌ଟିକୁ ବାତିଲ କରାଯାଇଥିଲା। ଫଳରେ ପୂର୍ବଭଳି ଦୁଇଟି ଟ୍ରେନ୍ ନୟାଗଡ଼ ଟାଉନ ଷ୍ଟେଶନରୁ ଯାଉଛି। ଗୋଟିଏ ଭୋର ୫ଟା ଓ ଅନ୍ୟଟି ସକାଳ ୯ଟା ୨୦ରେ ପୁରୀକୁ ଯାତାୟାତ କରୁଛି। ରାଜସ୍ୱ କଥା ଦେଖିଲେ ୨୦୧୮ ମସିହାରେ ୭୧,୫୫୨ ଯାତ୍ରୀଙ୍କଠାରୁ ଭଡ଼ା ବାବଦକୁ ୧୭ ଲକ୍ଷ ୯୨ ହଜାର ୧୪୩ ଟଙ୍କା ଆଦାୟ କରାଯାଇଛି। ପ୍ରତିଦିନ ଆନୁମାନିକ ୧୯୭ ଜଣ ଯାତ୍ରୀ ଯାଇଥିବାବେଳେ ୪୯୦୦ ଟଙ୍କା ଆଦାୟ କରାଯାଇଛି। ସେହିଭଳି ୨୦୧୭ (ଜୁନ୍‌ରୁ ଡିସେମ୍ବର)ରେ ୩୭ ହଜାର ୮୩୦ ଜଣ ଯାତ୍ରୀ ଯାଇଥିବା ବେଳେ ସେମାନଙ୍କଠାରୁ ଭଡ଼ା ବାବଦରେ ୯ ଲକ୍ଷ ୮୭ ହଜାର ୫୧ ଟଙ୍କା ଆଦାୟ ହୋଇଥିବା ଷ୍ଟେଶନ ମାଷ୍ଟର ସରୋଜ କୁମାର ରାଉତରାୟ ସୂଚନା ଦେଇଛନ୍ତି। ୨୦୧୮ ମସିହା ଦୀପାବଳି (ନଭେମ୍ବର ମାସ)ରେ ୧୦ ହଜାର ୮୬୮ଜଣ ପାସେଞ୍ଜର ଯାଇଥିବା ବେଳେ ସେମାନଙ୍କଠାରୁ ୨ ଲକ୍ଷ ୭୫ ହଜାର ୬୧ ଟଙ୍କା ଭଡ଼ା ବାବାଦକୁ ଆଦାୟ କରାଯାଇଥିଲା। ସେହିଭଳି ରଥଯାତ୍ରା (ଜୁଲାଇ ମାସ)ରେ ୮୪୨୩ ଜଣ ଯାତ୍ରୀଙ୍କଠାରୁ ୨ ଲକ୍ଷ ୩୫ହଜାର ଟଙ୍କା ଭଡ଼ା ଆଦାୟ କରାଯାଇଥିଲା। ବିଭିନ୍ନ ପର୍ବପର୍ବାଣି ସମୟରେ ଲୋକମାନଙ୍କ ଗହଳି ହେଉଥିବାରୁ ଏଠାକୁ ଏକ ସ୍ପେଶାଲ ଟ୍ରେନ୍ ଚଳାଚଳ କରିବା ପାଇଁ ବିଭିନ୍ନ ମହଲରେ ଦାବି ହେଉଛି। ସେହିପରି ପାରାଦୀପକୁ ଏକ ପାସେଞ୍ଜର ଟ୍ରେନ୍ ଚଳାଚଳ କରିବା ପାଇଁ ଆଲୋଚନା ହେଉଥିବାବେଳେ ଏହା ଝୁଲି ରହିଛି। ଅନ୍ୟପକ୍ଷରେ ବର୍ତ୍ତମାନ ରେଳ ଲାଇନ୍‌ରେ ଲେଭଲ କ୍ରସିଂ ତିଆରି ହେଉଥିବାବେଳେ ଠିକାଦାର ସଂସ୍ଥା କୌଣସି ସାଇନ୍ ବୋର୍ଡ ଲଗାଇନାହିଁ। ଫଳରେ ସକାଳେ ଟ୍ରେନ୍‌ରେ ଯିବାକୁ ଥିବା ଯାତ୍ରୀମାନେ କୁହୁଡ଼ିରେ ଜାଣି ନ ପାରି ଆଗକୁ ପଳାଇ ଯାଉଛନ୍ତି। ଏହାର ସମାଧାନ ପାଇଁ ଠିକା ସଂସ୍ଥା କାର୍ଯ୍ୟ ସ୍ଥାନରେ ସାଇନ୍ ବୋର୍ଡ଼ ଲଗାଇବା ସହ ବିଦ୍ୟୁତ୍ ବ୍ୟବସ୍ଥା କରିବାକୁ ଅନୁରୂପ ଦାବି ହେଉଛି। ଷ୍ଟେଶନ ପ୍ଲାଟଫର୍ମରେ ପାଣି ବ୍ୟବସ୍ଥା ଥିବା ବେଳେ ତଳେ ସେଭଳି କୌଣସି ସୁବିଧା ନାହିଁ। ଫଳରେ ଜଣେ ବ୍ୟକ୍ତି ୪୦ଟି ପାହାଚ ଚଢ଼ି ପାଣି ଆଣିବାକୁ ଯାଉଥିବା ଦେଖିବାକୁ ମିଳୁଛି। ତେଣୁ ଷ୍ଟେଶନ ତଳେ ପାନୀୟ ଜଳ ବନ୍ଦୋବସ୍ତ କରିବାକୁ ସାଧାରଣରେ ଦାବି ହେଉଛି।

**୨୦୧୮ରେ ଆଦାୟ ହୋଇଛି ୧୭ ଲକ୍ଷ ୯୨ହଜାର**



ଷ୍ଟେଶନରୁ ଯାଉଥିବା ଟ୍ରେନ୍ ।

## ଗୋରୁ ଚୋରି କରି ୪ ଗିରଫ : ପିକ୍‌ଅପ୍ ଜବତ


ଗିରଫ ୪ ବ୍ୟକ୍ତି।

ଗଣିଆ,୩୧।୧୨(ଡି.ଏନ୍.ଏ.)



ଜବତ ପିକଅପ୍ ଭ୍ୟାନ୍।

ରବିବାର ବିଳମ୍ବିତ ରାତ୍ରିରେ ଗଣିଆ ଥାନା କରଡାପଡା ଗ୍ରାମରେ ଗୋରୁ ଚୋରି ଅଭିଯୋଗରେ ପୋଲିସ ୪ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଜଟଣୀ ବେଣାପଞ୍ଝୁରୀ ଗ୍ରାମର ବେଲାଲଦ୍ଦିନ ଖାନ୍ (୨୨), ଏସ୍.କେ. ନାସିମୁଦ୍ଦିନ (୩୧), ରିତିଜ୍‌ଉଦ୍ଦିନ ଖାନ୍(୩୨) ଓ ଖୋର୍ଦ୍ଧା ନିକଟ ସିଧାପୁର ଗ୍ରାମର ଫିରୋଜ ଖାନ୍ (୩୬)। ପୋଲିସ ସେମାନଙ୍କଠାରୁ ଏକ ପିକଅପ୍ ଭ୍ୟାନ (ନଂ.ଓଡି୦୨ଏଏଫ୍-୭୦୬୬) ଜବତ କରିଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ରବିବାର ରାତିରେ କରଡାପଡା ଗ୍ରାମର ଦୁର୍ଯ୍ୟୋଧନ ସାହୁଙ୍କ ବାଛୁରି ବାହାରେ ବୁଲୁଥିବା ଦେଖି କେହି ଜଣେ ବ୍ୟକ୍ତି ଫୋନ ଯୋଗେ ତାଙ୍କୁ କହିଥିଲେ। ଏହା ପରେ ପିକଅପ୍ ଭ୍ୟାନ ଯୋଗେ ଦୁର୍ଯ୍ୟୋଧନଙ୍କ ଘରର ମୁଖ୍ୟ ଫାଟକ ଆଗରେ ତାଲା ପଡିଥିବାରୁ ସେ ବାଡିପଟ ଦେଇ ବାହାରକୁ ଆସିଥିଲେ। ଏହି ସମୟରେ ତାଙ୍କ ଘର ନିକଟ ଗଣିଆ-ଦଶପଲ୍ଲା ଦେଇ ଯାଇଥିବା ରାଜ୍ୟ ରାଜପଥର ଗୋପିବଲ୍ଲଭପୁର ହରିଜନସାହିଠାରେ ତାଙ୍କ ବାଛୁରି ସହ ଆଉ କେତେକ ଗୋରୁ ଏକ ଧଳା ପିକଅପ୍ ଭ୍ୟାନରେ ଲୋଡ୍ କରାଯାଉଥିବା ଦେଖିଥିଲେ । ପରେ ଦୁର୍ଯ୍ୟୋଧନ ଓ ଗ୍ରାମର କିଛି ବ୍ୟକ୍ତି ପିକଅପ୍ ଭ୍ୟାନ ସହିତ ସେଥିରେ ଥିବା ବ୍ୟକ୍ତିମାନଙ୍କୁ ଅଟକ ରଖି ସୋମବାର ସକାଳୁ ପୋଲିସ ଜିମା ଦେଇଥିଲେ । ଏ ନେଇ ଦୁର୍ଯ୍ୟୋଧନ ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭୪/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି। ମଙ୍ଗଳବାର ଗିରଫ ବ୍ୟକ୍ତିମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଥାନା ସୂତ୍ରରୁ ସୂଚନା ମିଳିଛି । ଉଦ୍ଧାର ହୋଇଥିବା ୨୧ ଗୋରୁଙ୍କ ମଧ୍ୟରୁ ଦୁର୍ଯ୍ୟୋଧନ ସାହୁଙ୍କୁ ତାଙ୍କ ବାଛୁରି ହସ୍ତାନ୍ତର କରାଯାଇଛି। ଅନ୍ୟ ୨୦ ଗୋରୁଙ୍କୁ ଗୋଶାଳାକୁ ପଠାଯିବ ବୋଲି ଗଣିଆ ଥାନା ଅଧିକାରୀ ଦୀପକ କୁମାର ଖଣ୍ଡାୟତରାୟଙ୍କଠାରୁ ପ୍ରକାଶ।

ରାତିରେ ମିଳିଲା ଆହାର

## ଜିଲାର ଦୁଇଟି କେନ୍ଦ୍ରରେ ହେଲା ଉଦ୍‌ଘାଟନ

ନୟାଗଡ଼ ଅଫିସ/ଓଡ଼ଗାଁ (ସ୍ୱ.ପ୍ର.),୩୧।୧୨

ସହରରେ ବସବାସ କରୁଥିବା ଗରିବ ଲୋକ ଓ ମେଡ଼ିକାଲ୍‌କୁ ଆସୁଥିବା ରୋଗୀଙ୍କ ସମ୍ପର୍କୀୟମାନଙ୍କୁ ଖାଦ୍ୟ ଯୋଗାଇଦେବା ଲକ୍ଷ୍ୟରେ ରାତ୍ରିକାଳୀନ ଆହାର କେନ୍ଦ୍ରର ସୋମବାର ଶୁଭ୍ ଉଦ୍‌ଘାଟନ ହୋଇଛି। ଜିଲାର ଦୁଇଟି ଆହାର କେନ୍ଦ୍ରରେ ଏହି ସେବା ଆରମ୍ଭ ହୋଇଛି। ସେଗୁଡ଼ିକ ହେଲା ନୟାଗଡ଼ ଓ ଓଡ଼ଗାଁ ଏନ୍‌ଏସି। ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ଆହାର କେନ୍ଦ୍ରରେ ସ୍ଥାନୀୟ ବିଧାୟକ ଡ. ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ରାଜ୍ୟର ୫୬ ସହରରେ ରାତ୍ରିରେ ଆହାର କେନ୍ଦ୍ରରେ ୫ ଟଙ୍କାରେ ଭାତ ଡାଲମା ଯୋଗାଇ ଦିଆଯିବ। ବର୍ତ୍ତମାନ ରାତ୍ରିରେ ଏହି ସୁବିଧା ଉପଲବ୍ଧ ହେବାପରେ ଗରିବ ଲୋକମାନେ ଆଉ ଉପାସରେ ରହିବେ ନାହିଁ ବୋଲି ବିଧାୟକ ସାହୁ ପ୍ରକାଶ କରିଥିଲେ। ରୋଟାରିଆନ୍ ପ୍ରମୋଦ କୁମାର ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବେ ଜିଲାପାଳ ଡା. ଏନ୍ ତିରୁମାଲା ନାୟକ ଯୋଗ ଦେଇଥିଲେ। ଶେଷରେ ନୟାଗଡ଼ ଏନ୍‌ଏସି ନିର୍ବାହୀ ଅଧିକାରୀ ସନ୍ତୋଷ କୁମାର ଜେନା ଧନ୍ୟବାଦ ଦେଇଥିଲେ। ଏପ୍ରିଲ ୧୫, ୨୦୧୬ରୁ ଉଦ୍‌ଘାଟନ ହୋଇଥିବା ଏହି ଆହାର କେନ୍ଦ୍ରରେ ବର୍ତ୍ତମାନ ସକାଳେ ୬୦୦ ଜଣଙ୍କୁ ରନ୍ଧା ଖାଦ୍ୟ ଦିଆଯାଉଥିବା ବେଳେ ରାତ୍ରିରେ ୩୦୦ଜଣଙ୍କୁ ଏହି ସୁବିଧା ଯୋଗାଇ ଦିଆଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ଅବସରରେ ମୁଖ୍ୟ ଅତିଥି ଗରିବ ଲୋକମାନଙ୍କୁ କମ୍ବଳ ବଣ୍ଟନ କରିଥିଲେ। ସେହିଭଳି ଓଡ଼ଗାଁ ଏନ୍‌ଏସିର ମେଡ଼ିକାଲ ପରିସରରେ ଥିବା ଆହାର କେନ୍ଦ୍ରକୁ ଉପଜିଲାପାଳ ଜିତେନ୍ଦ୍ର କୁମାର ସାହୁ ଉଦ୍‌ଘାଟନ କରିଥିଲେ ଏହି କେନ୍ଦ୍ରରେ ପ୍ରତି ରାତ୍ରିରେ ୧୫୦ ଜଣଙ୍କ ପାଇଁ ରନ୍ଧାଖାଦ୍ୟ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ତହସିଲଦାର ପ୍ରମୋଦ କୁମାର ନାୟକ, ଏନ୍‌ଏସି ନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ମହାପାତ୍ର, ଜିଲା ପରିଷଦ ସଭ୍ୟ ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ବିଧାୟକ ଅରୁଣ ସାହୁ ନିଜର ବକ୍ତବ୍ୟ ରଖୁଛନ୍ତି।

ନିମ୍ନମାନର ଖାଦ୍ୟ ଦେବା ଘଟଣା

## ଜିଲା ଶିକ୍ଷାଧିକାରୀଙ୍କ ତଦନ୍ତ ନିର୍ଦ୍ଦେଶ

ନୂଆଗାଁ,୩୧।୧୨ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଜାକେଡା ପଞ୍ଚାୟତର ଡମତୁଲ ପ୍ରାଥମିକ ସ୍କୁଲରେ ଛାତ୍ରୀଛାତ୍ରଙ୍କୁ ନିମ୍ନମାନର ଖାଦ୍ୟ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଜିଲା ଶିକ୍ଷାଧିକାରୀ ଏହାର ତଦନ୍ତ ଦାୟିତ୍ୱ ନୂଆଗାଁ ଅତିରିକ୍ତ ଶିକ୍ଷାଧିକାରୀ ସମ୍ବାରି ସାହୁଙ୍କୁ ପ୍ରଦାନ କରିବା ସହ ଶୀଘ୍ର ତଦନ୍ତ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ, ଡମତୁଲ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ୩୫ ଜଣ ଛାତ୍ରୀଛାତ୍ର ଥିବାବେଳେ ସେମାନଙ୍କୁ ପଢାଇବା ପାଇଁ ଦୁଇଜଣ ଶିକ୍ଷକ ନିଯୁକ୍ତି ପାଇଛନ୍ତି। ଏହି ସ୍କୁଲର ପ୍ରଧାନ ଶିକ୍ଷକ ସିଆରସିସି ଦାୟିତ୍ୱରେ ଅଛନ୍ତି। ସିଆରସିସିମାନଙ୍କୁ ସ୍କୁଲରେ ପାଠ ପଢାଇବା ସାଙ୍ଗକୁ ବିଭିନ୍ନ ସ୍କୁଲର ପାଠପଢା, ମଧ୍ୟାହ୍ନଭୋଜନ ଆଦି ଯାଞ୍ଚ ଦାୟିତ୍ୱ ଦିଆଯାଇଛି। ଡମତୁଲ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଡାଲି ବଦଳରେ ପାଣିରେ ପରିବା ଶିଝାଇ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ସ୍କୁଲ ସଭାପତି ସୁବନ ପ୍ରଧାନ ଓ ପରିଚାଳନା କମିଟି ସଦସ୍ୟ ଏହା ଦେଖି ଅସନ୍ତୋଷ ପ୍ରକାଶ କରିବା ସହ ସ୍କୁଲରେ ଶିକ୍ଷକ ଠିକ୍ ଭାବେ ପାଠ ପଢାଉ ନ ଥିବା ଅଭିଯୋଗ କରିଥିଲେ। ଶନିବାର ଜାକେଡା ପଞ୍ଚାୟତରେ ଜିଲାପାଳଙ୍କ ମହାସମାଧାନ ଶିବିରରେ ଜିଲା ଶିକ୍ଷାଧିକାରୀଙ୍କୁ ଭେଟି ଘଟଣାର ତଦନ୍ତ ବିଷୟରେ ପଚାରିବାରୁ ସେ ନୂଆଗାଁ ଅତିରିକ୍ତ ଶିକ୍ଷାଧିକାରୀ ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦେଇଥିବା କହିଛନ୍ତି।

## ଆଜି ଯୋଗିଯୋଗିଆଣୀ ପୀଠରେ ସାଧୁମେଳା

ଖଣ୍ଡପଡ଼ା,୩୧।୧୨(ସ୍ୱ.ପ୍ର.)

ନୟାଗଡ଼ ଜିଲାର ଏକମାତ୍ର ବୌଦ୍ଧପୀଠ ଭାବେ ପରିଚିତ ଖଣ୍ଡପଡ଼ା ବ୍ଲକର କୋସକା ପଞ୍ଚାୟତସ୍ଥିତ ଯୋଗିଯୋଗିଆଣୀ ପୀଠରେ ୨୦୧୯ ଜାନୁୟାରୀ ୧ରେ ସାଧୁସନ୍ଥ ମେଳା ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେବ। ଆଖପାଖ ୨୧ଟି ଗ୍ରାମବାସୀ ମେଳାକୁ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ପୂର୍ବରୁ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନେଇଛନ୍ତି । ଏହି ମେଳାରେ ରାଜ୍ୟ ତଥା ବାହାରୁ ଶତାଧିକ ସାଧୁସନ୍ଥଙ୍କ ସମାଗମ ହେବ। ପ୍ରକାଶଯୋଗ୍ୟ କି, ରାଜ୍ୟ ସରକାରଙ୍କ ପର୍ଯ୍ୟଟନ ବିଭାଗ ପକ୍ଷରୁ ଉକ୍ତ ପୀଠକୁ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପ୍ରଦାନ ପରେ ଏହାର ବିକାଶ ନିମନ୍ତେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଜାରି ରହିଛି।

**ଅଭିନନ୍ଦନ**

ଜଗତସିଂହପୁର ଜିଲ୍ଲାର ସମସ୍ତ ଗୁରୁଜନ, ଭାଇଭଉଣୀ, ବନ୍ଧୁ ଏବଂ କୁନିକୁନି ପିଲାମାନଙ୍କୁ ନୂତନ ବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।



**ଇଂ. ହିମାଂଶୁ ଭୂଷଣ ମଲ୍ଲିକ**
ଯୁବ ସମାଜସେବୀ
ଗରାମ ଶାସନ, ତିର୍ତ୍ତୋଲ, ଜଗତସିଂହପୁର

**ଅଭିନନ୍ଦନ-୨୦୧୯**



ଜଗତସିଂହପୁର ଜିଲ୍ଲାର ସମସ୍ତ ଗୁରୁଜନ, ମା'-ମାଉସୀ ଓ ଯୁବକ ଯୁବତୀ, ଛାତ୍ରଛାତ୍ରୀମାନଙ୍କୁ ନୂତନ ବର୍ଷ ୨୦୧୯ର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା।

**ଦେବପ୍ରସାଦ ନାୟକ** (ଫେଲୁଭାଇ)
ଯୁବନେତା, ତିର୍ତ୍ତୋଲ, ଜଗତସିଂହପୁର ଜିଲ୍ଲା

# ଥାନା ଆଗରେ ଧାନ ରଖି ଚାଷୀଙ୍କ ରାସ୍ତାରୋକୋ

**ପ୍ରଶାସନିକ ପଦକ୍ଷେପ ନ ହେବାରୁ ଅସନ୍ତୋଷ**


ରାସ୍ତାରୋକୋରେ ସାମିଲ ହୋଇଥିବା ଚାଷୀ ଓ ଅନ୍ୟମାନେ।

ରଣପୁର,୩୧।୧୨(ସ୍ୱ.ପ୍ର.)

ଚାଷୀମାନେ ବର୍ଷସାରା ପରିଶ୍ରମ କରି ଧାନ ଅମଳ ପରେ ଏହାକୁ ବିକ୍ରି କରି ପରିବାର ପୋଷିବା ଓ କରଜ ଶୁଝିବା ଆଶା ରଖିଥିଲେ। କିନ୍ତୁ ମଣ୍ଡିରେ ଧାନ ବିକ୍ରି କରିବାକୁ ଆସିଥିବାବେଳେ ମିଲର୍ କଥାରେ ଚାଷୀମାନେ ରାଜି ନ ହେବାରୁ ଧାନ ବିକ୍ରି ହୋଇପାରି ନ ଥିଲା। ଫଳରେ ୩ ଦିନ ଧରି ଶୀତକାକର ଓ ଭୋକ ଉପାସରେ ଚାଷୀମାନେ ଧାନକୁ ଜଗି ରହିଥିଲେ। ସୋମବାର ନୟାଗଡ଼ ଜିଲା ରାଜପଥସ୍ଥିତ ଚାନ୍ଦପୁର ଥାନା ଆଗରେ ଧାନବସ୍ତାକୁ ରଖି ଚାଷୀମାନେ ରାସ୍ତାରୋକୋ ସହ ଧାରଣାରେ ବସିଛନ୍ତି। ଖବର ପାଇ ପୂର୍ବତନ ବିଧାୟକ ସୁରମା ପାଢୀ ଏବଂ ବିପିନ ବିହାରୀ ନାୟକ ଧାରଣାସ୍ଥଳରେ ପହଞ୍ଚି ରାସ୍ତାରୋକୋରେ ସାମିଲ ହୋଇଥିଲେ । ତେବେ ଉପଯୁକ୍ତ ପଦକ୍ଷେପ ଗ୍ରହଣ ନିମନ୍ତେ କୌଣସି ପ୍ରଶାସନିକ ଅଧିକାରୀ ଏଠାରେ ପହଞ୍ଚି ନ ଥିବାରୁ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ସରକାର ପଞ୍ଚାୟତସ୍ତରରୁ ଜିଲାସ୍ତର ପର୍ଯ୍ୟନ୍ତ ଚାଷୀଙ୍କ ସୁବିଧା ନିମନ୍ତେ ମଣ୍ଡି ଖୋଲି ଧାନ ବିକିବା ପଇଁ ବ୍ୟବସ୍ଥା କରିଥିଲେ ମଧ ଏହାର ସୁଫଳ ଚାଷୀମାନେ କେତେ ଦୂର ପାଇ ପାରୁଛନ୍ତି ତାହା ଦେଖିବାକୁ କେହି ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଉଲ୍ଲେଖଯୋଗ୍ୟ କି, ଶନିବାର ରଣପୁର ବ୍ଲକ ଅଧୀନ ଖୋର୍ଦ୍ଧା କେନ୍ଦ୍ର ସମବାୟ ବ୍ୟାଙ୍କର ଚାନ୍ଦପୁର ସୋସାଇଟିସ୍ଥିତ ମଣ୍ଡିକୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ୭୦୦ କୁଇଣ୍ଟାଲ୍‌ରୁ ଅଧିକ ପରିମାଣର ଧାନ ବିକ୍ରୟ କରିବା ପାଇଁ ଆସିଥିଲେ । ତେବେ ଧାନ କ୍ରୟ କରିବାକୁ ସୁନାଖଳା ଅଞ୍ଚଳର ମିଲର୍ ଆସି କୁଇଣ୍ଟାଲ ପିଛା ୭ରୁ ୮ କେଜି ଧାନ କାଟିବାକୁ କହିଥିଲେ। ଚାଷୀମାନେ ଏଥିରେ ରାଜି ନ ହେବାରୁ ମିଲର ଫେରି ଯାଇଥିଲେ।





ନିଜ ସୁଖ ପାଇଁ କରାଯାଉଥିବା କର୍ମ ସୀମିତ ସୁଖ ଦେଇଥାଏ; କିନ୍ତୁ ପରୋପକାର ପାଇଁ କରାଯାଇଥିବା କର୍ମ ନିତ୍ୟନୂତନ ଆନନ୍ଦ ଦେଇଥାଏ।
- ସ୍ୱାମୀ ଚିଦାନନ୍ଦ



## ସଂକ୍ଷେପରେ

### ଆଜି ମହାପ୍ରଭୁଙ୍କୁ ଦର୍ଶନ କରିବେ ମୁଖ୍ୟମନ୍ତ୍ରୀ

**ପୁରୀ ଅଫିସ, ୩୧।୧୨:** ନୂଆବର୍ଷରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରୀ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ନବୀନ ନିବାସରୁ ବାହାରି ସଡ଼କ ପଥରେ ଆସି ମଧ୍ୟାହ୍ନ ୧୨ଟାରେ ପୁରୀରେ ପହଞ୍ଚିବେ। ଶ୍ରୀମନ୍ଦିରକୁ ଯାଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। ପରେ ସ୍ୱର୍ଗଦ୍ୱାର ଯାଇ ବିଜୁ ସ୍ମୃତି ପୀଠରେ ପୁଷ୍ପମାଲ୍ୟ ଅର୍ପଣ କରିବେ। ମଧ୍ୟାହ୍ନ ୧୨ଟା ୧୫ରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱର ଅଭିମୁଖେ ଫେରିଯିବା ଲାଗି ସ୍ଥିର ହୋଇଛି।

### ଅସଦାଚରଣ ଅଭିଯୋଗ: ଜଣେ ଗିରଫ

**ଦଶପଲ୍ଲା,୩୧।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକର ବାଣିଗୋଛା ଥାନା ଅନ୍ତର୍ଗତ ବିଡାପାଦୁ ଗ୍ରାମରେ ଖୁଡିଙ୍କୁ ଅସଦାଚରଣ ଅଭିଯୋଗରେ ପୁତୁରା ଗିରଫ ହୋଇଛନ୍ତି। ଅସଦାଚରଣ ନେଇ ଖୁଡି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୭୨/୧୮ରେ ମାମଲା ରୁଜୁକରି ତଦନ୍ତ ଜାରି ରଖିଥିଲା। ଗିରଫ ଅଭିଯୁକ୍ତଙ୍କୁ ଦଶପଲ୍ଲା କୋର୍ଟ ଚାଲାଣ କରାଯାଇଥିବା ବାଣିଗୋଛା ପୋଲିସ ସୂତ୍ରରୁ ପ୍ରକାଶ ।

### ଭାପୁରରେ ଖୋଲିଲା ଧାନମଣ୍ଡି



**ଭାପୁର,୩୧।୧୨(ଡି.ଏନ୍.ଏ.):** ଭାପୁର ସେବା ସମବାୟ ସମିତିରେ ସୋମବାର ଧାନମଣ୍ଡି ଖୋଲିଛି। ସମିତି ସଭାପତି ଗଙ୍ଗାଧର ବାରିକ, ସମ୍ପାଦିକା ଇତିଶ୍ରୀ ସାହୁ ଓ ସ୍ଥାନୀୟ ସରପଞ୍ଚ ପ୍ରସନ୍ନ କୁମାର ନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଚାଷୀ କାମରାଜ ବରାଡ଼, ଅନ୍ନପୂର୍ଣ୍ଣା ବେହେରା, ପଦ୍ମଲୋଚନ ବେହେରା, ରାଘବ ସାହୁ ଓ ଜଗବନ୍ଧୁ ପାଲଙ୍କଠାରୁ ୪ଶହ କୁଇଣ୍ଟାଲ ଧାନ କିଣା ହୋଇଛି। ମିଲର ନୟାଗଡ଼ ଜିଲା ଶରଣକୁଳର ବଜରଙ୍ଗୀ ରାଇସ୍ ଫୁଡ୍ ଏହି ଧାନ କ୍ରୟ କରିଛି। ସମିତି ଉପସଭାପତି ରମାମଣୀ ସାହୁ, ନିର୍ଦ୍ଦେଶକ ଯୋଗୀନାଥ ଦଳବେହେରା, ସୁପରଭାଇଜର ଧନେଶ୍ୱର ସାହୁ, ବ୍ଲକ ସମବାୟ ସମ୍ପ୍ରସାରଣ ଅଧିକାରୀ ତ୍ରିଲୋଚନ ସ୍ୱାଇଁ ଯୋଗଦେଇଥିଲେ। ତେବେ କୁଇଣ୍ଟାଲ ପିଛା ୪ କେଜି ଧାନ କଟାଯାଉଥିବାରୁ କେତେକ ଚାଷୀ ଅସନ୍ତୋଷ ପ୍ରକାଶ କରିଥିଲେ।

### ବ୍ଲକ କର୍ମଚାରୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

**ଦଶପଲ୍ଲା,୩୧।୧୨(ଡି.ଏନ.ଏ.):** ଦଶପଲ୍ଲା ବ୍ଲକ ବିଡିଓ ଓ ଭାଜପା ନେତାଙ୍କ ମଧ୍ୟରେ ଚାଲିଥିବା ବିବାଦ ନେଇ ବ୍ଲକ କର୍ମଚାରୀଙ୍କ ଧାରଣା ସୋମବାର ପ୍ରତ୍ୟାହୃତ ହୋଇଛି। ଉକ୍ତ ବିବାଦ ନେଇ ଦଶପଲ୍ଲା ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ ହୋଇଥିଲା ବ୍ଲକ କର୍ମଚାରୀମାନେ କଳାବ୍ୟାଜ୍ ପରିଧାନ ସହ ୨୧ ତାରିଖରୁ କଲମଛାଡ କରି ବ୍ଲକ ସମ୍ମୁଖରେ ଧାରଣା ଦେଇଥିଲେ। ଫଳରେ ବ୍ଲକ କାର୍ଯ୍ୟ ଅଚଳ ହୋଇପଡିଥିଲା। ଏହାକୁ ନେଇ ଜନସାଧାରଣ ବହୁ ହଇରାଣ ହୋଇଥିଲେ।

### ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟ: ବାଣିକିଲୋ ଚାମ୍ପିୟନ

**ବୋଲଗଡ଼,୩୧।୧୨(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଅସରଳା ଗ୍ରାମରେ ଚାଲିଥିବା ୩ ଦିନିଆ ବିମଳାକ୍ଷୀ ଭଲିବଲ ଟୁର୍ଣ୍ଣାମେଣ୍ଟର ସୋମବାର ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଛି । ଏଥିରେ ବାଉଁଶିଆପଡ଼ା ଭଲିବଲ ଦଳକୁ ୩-୧ ସେଟ୍‌ରେ ପରାସ୍ତ କରି ବାଣିକିଲୋ ଦଳ ଚାମ୍ପିୟନ ହୋଇଛି। ମୁଖ୍ୟଅତିଥି ଭାବେ ପିସିସି ମହିଳା ସମ୍ପାଦିକା ଜୟଶ୍ରୀ ପଟ୍ଟନାୟକ ଯୋଗଦେଇ ଚାମ୍ପିୟନ ଦଳକୁ ପୁରସ୍କୃତ କରିଥିଲେ। ସରପଞ୍ଚ ଫକିର ସ୍ୱାଇଁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରନର୍ସ ଦଳକୁ ପୁରସ୍କୃତ କରିଥିଲେ । ଗୋପାଳ ଚରଣ ମହାନ୍ତି ଓ ମହେଶ୍ୱର ମହାପାତ୍ର ଖେଳ ପରିଚାଳନା କରିଥିଲେ ।

### ସାମାଜିକ କର୍ମୀଙ୍କ ପରଲୋକ

**କୃଷ୍ଣପ୍ରସାଦ,୩୧।୧୨(ଡି.ଏନ୍.ଏ.):** ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ କୁରୁପାଳ ଗ୍ରାମର ସାମାଜିକ କର୍ମୀ ଭ୍ରମରବର ଜେନା (୭୫)ଙ୍କ ସୋମବାର ହୃଦ୍‌ଘାତରେ ପରଲୋକ ଘଟିଛି । ସେ ଏହି ବ୍ଲକ ବଡଝାଡ଼ ପଞ୍ଚାୟତର ପୂର୍ବତନ ସରପଞ୍ଚ ଭାବେ ୫ ବର୍ଷ କାର୍ଯ୍ୟ କରିଥିଲେ । ଚିକିତ୍ସା ସମୟରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ଘଟିଛି । ସେ ଜଣେ ପରୋପକାରୀ ଓ ପଞ୍ଚାୟତରେ ଜଣେ ସୁନାମଧନ୍ୟ ବ୍ୟକ୍ତି ଭାବେ ପରିଚିତ ଥିଲେ ।

### ୫ରେ ରାଜ୍ୟସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକ୍ରମ

# ପୁରୀରେ ମୁଖ୍ୟମନ୍ତ୍ରୀ କରିବେ ଶୁଭାରମ୍ଭ

**ପୁରୀ ଅଫିସ,୩୧।୧୨**

ଆସନ୍ତା ୫ ତାରିଖରେ ପୁରୀରେ ଆୟୋଜିତ ହେବ ରାଜ୍ୟସ୍ତରୀୟ ମିଶନ ଶକ୍ତି କାର୍ଯ୍ୟକ୍ରମ। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେଇ ଏହାକୁ ଶୁଭାରମ୍ଭ କରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚଜି)ଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବେ। ଏଥିପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସର୍କିଟ ହାଉସ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି, କୃଷିମନ୍ତ୍ରୀ ପ୍ରଦୀପ ମହାରଥୀ, ବିଧାୟକ ସଞ୍ଜୟ ଦାସବର୍ମା, ଜିଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ସମୀର ରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଏସ୍‌ଏଚ୍‌ଜିଗୁଡ଼ିକୁ ଦିଆଯିବାକୁ ଥିବା ସହାୟତା ସମ୍ପର୍କରେ କହିଥିଲେ।



ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପାଇଁ ସର୍କିଟ ହାଉସଠାରେ ଅନୁଷ୍ଠିତ ବୈଠକ।

ଜିଲାରେ ପ୍ରାୟ ୨୯ ହଜାର ଏସ୍‌ଏଚଜି ରହିଛି। ଏସ୍‌ଏଚଜିଙ୍କୁ ପ୍ରାଥମିକ ଭାବେ ୧୫ ହଜାର ଟଙ୍କା ପ୍ରଦାନ କରାଯିବ। ଜିଲାରେ ନୂତନ ଭାବେ ଗଠିତ ହୋଇଥିବା ୧୨,୬୬୪ ଏସ୍‌ଏଚ୍‌ଜି ମଧ୍ୟରୁ ୧୨,୪୦୦ ଏସ୍‌ଏଚଜିର ନୂତନ ବ୍ୟାଙ୍କ ଆକାଉଣ୍ଟ ଖୋଲାଯାଇଛି। ଅବଶିଷ୍ଟ ଖୁବ୍‌ଶୀଘ୍ର ଖୋଲାଯିବ। ଏସ୍‌ଏଚଜିଗୁଡ଼ିକୁ ସ୍ମାର୍ଟଫୋନ ପାଇଁ ୩ ହଜାର ଟଙ୍କା ଦିଆଯିବ। ଅଙ୍ଗନୱାଡି କର୍ମୀ ଏବଂ ସହାୟିକାମାନେ ପ୍ରୋତ୍ସାହନ ଭାବେ ୫୦୦ ଏବଂ ୨୦୦ ଟଙ୍କା ପାଇବେ। ଆସନ୍ତା ୫ ତାରିଖରେ ମୁଖ୍ୟମନ୍ତ୍ରୀ ପୁରୀରେ ଏହାର ଶୁଭାରମ୍ଭ କରିବେ ବୋଲି ବୈଠକରେ ଆଲୋଚନା କରାଯାଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ଜ୍ୟୋତି ପ୍ରକାଶ ଦାସ, ଉପଜିଲାପାଳ ଭବତାରଣ ସାହୁ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଭାସ୍କର ଚନ୍ଦ୍ର ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇଥିଲେ।

### ମହାପ୍ରଭୁଙ୍କୁ ଦର୍ଶନ କଲେ ରାଜ୍ୟପାଳ

## ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି କାମନା କଲେ

**ପୁରୀ ଅଫିସ, ୩୧।୧୨**

୨୦୧୮ର ଶେଷ ଦିବସରେ ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ। ଅପରାହ୍ନ ୨ଟା ୧୦ରେ ସପରିବାର ରାଜ୍ୟପାଳ ସିଂହଦ୍ୱାରରେ ପହଞ୍ଚିଥିଲେ। ସେମାନଙ୍କୁ ଶ୍ରୀମନ୍ଦିର ନୀତି ପ୍ରଶାସକ ବିଶ୍ୱଜିତ ବିଶ୍ୱାଳ ଏବଂ ଉପଜିଲାପାଳ ଭବତାରଣ ସାହୁ ମହାପ୍ରଭୁଙ୍କ ଲାଗିଖଣ୍ଟୁଆ ପ୍ରଦାନ କରି ସ୍ୱାଗତ କରିଥିଲେ। ସେ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ବେଢା ପରିସର ଅନ୍ୟାନ୍ୟ ମନ୍ଦିରକୁ ଯାଇ ଦର୍ଶନ କରି ଫେରିଥିଲେ। ସିଂହଦ୍ୱାରରେ ରାଜ୍ୟପାଳ ଗଣମାଧ୍ୟମକୁ କହିଥିଲେ ଯେ, ମହାପ୍ରଭୁଙ୍କୁ ଦର୍ଶନ କରି ଓଡ଼ିଶାର କୌଣସି ଲୋକ ଦୁଃଖ, କଷ୍ଟରେ ନ ପଡନ୍ତୁ ବୋଲି କାମନା କରିଛି। ଓଡ଼ିଶାବାସୀଙ୍କ ସୁଖ, ସମୃଦ୍ଧି ବୃଦ୍ଧିରେ ଯଥାସାଧ୍ୟ ଉଦ୍ୟମ ଲାଗି ମହାପ୍ରଭୁ ମୋତ ଶକ୍ତି ପ୍ରଦାନ କରନ୍ତୁ ବୋଲି ଆଶୀର୍ବାଦ ଲୋଡ଼ିଛି। ନୂଆବର୍ଷ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ନୂଆ ଆଶା ଓ ନୂଆ ସମ୍ଭାବନା ଆଣୁ ଏହା ହିଁ ମୋର କାମନା।



ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସାରି ଫେରୁଛନ୍ତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ।

### ପୁରୀରେ ଏସ୍‌ଟିଭିଏସ୍ ଉଦ୍‌ଘାଟିତ

# ଆଜିଠୁ ଟ୍ରାଫିକ୍ ନିୟନ୍ତ୍ରଣରେ କଲେଜ ଛାତ୍ରୀଛାତ୍ର



ପ୍ରଶିକ୍ଷଣ ନେଉଥିବା ଛାତ୍ରୀଛାତ୍ର।

**ପୁରୀ ଅଫିସ,୩୧।୧୨**

ଜାନୁୟାରୀ ପହିଲାରୁ ପୁରୀ ଟ୍ରାଫିକ୍ ନିୟନ୍ତ୍ରଣରେ ରହିବେ କଲେଜ ଛାତ୍ରୀଛାତ୍ର। ପ୍ରଥମ ପର୍ଯ୍ୟାୟରେ ୩୪ ଛାତ୍ରୀଛାତ୍ର ବିଭିନ୍ନ ଟ୍ରାଫିକ୍ ପୋଷ୍ଟରେ ନିୟୋଜିତ ହେବେ। ସୋମବାର ପୁରୀ ଜିଲା ରିଜର୍ଭ କାର୍ଯ୍ୟାଳୟରେ ଏହାକୁ ବିଧିବଦ୍ଧ ଭାବେ ଉଦ୍‌ଘାଟନ କରିଛନ୍ତି ପୋଲିସ ଆଇଜି (ଅପରେଶନ) ସୌମେନ୍ଦ୍ର ପ୍ରିୟଦର୍ଶୀ। ଉଦ୍‌ଘାଟନୀ ଉତ୍ସବରେ ଏସ୍‌ପି ଡା. ସାର୍ଥକ ଷଡ଼ଙ୍ଗୀ, ଡେପୁଟି କମାଣ୍ଡାଣ୍ଟ ଲିଙ୍ଗରାଜ ମିଶ୍ର, ଡିଏସ୍‌ପି (ହେଡକ୍ୱାର୍ଟର) ସସ୍ମିତା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

ଆଇଜି ପ୍ରିୟଦର୍ଶୀ କହିଲେ, ରାଜ୍ୟରେ ବଢ଼ି ଚାଲିଥିବା ସଡ଼କ ଦୁର୍ଘଟଣାକୁ ରୋକିବା ଲାଗି ସରକାର ଷ୍ଟୁଡେଣ୍ଟ ଟ୍ରାଫିକ ଭଲ୍ୟୁଣ୍ଟର ସ୍କିମ୍ (ଏସ୍‌ଟିଭିଏସ୍) ଆରମ୍ଭ କରିଥିଲେ। କଲେଜ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ନିୟନ୍ତ୍ରଣ, ସଚେତନ କରାଇବା ଏହାର ଉଦ୍ଦେଶ୍ୟ। ପ୍ରଥମ ପର୍ଯ୍ୟାୟରେ ରାଜଧାନୀ ଭୁବନେଶ୍ୱର, କଟକ, ରାଉରକେଲା, ବାଲେଶ୍ୱର, ସମ୍ବଲପୁର ଏବଂ ବ୍ରହ୍ମପୁର ସହରରେ ଏହି ଯୋଜନା ଆରମ୍ଭ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ, ଖୋର୍ଦ୍ଧା, ଢେଙ୍କାନାଳ, ଅନୁଗୋଳ, କେନ୍ଦୁଝର ଓ କୋରାପୁଟ ପ୍ରଭୃତି ଅଞ୍ଚଳରେ ୬୦ ଲେଖାଏ କଲେଜ ଛାତ୍ରୀଛାତ୍ରଙ୍କୁ ଟ୍ରାଫିକ୍ ପୋଷ୍ଟରେ ନିୟୋଜିତ କରାଯିବ। ଜଣେ ବିଦ୍ୟାର୍ଥୀ ସ୍ୱେଚ୍ଛାକୃତ ଭାବେ ଦିନକୁ ୩ଘଣ୍ଟା ଟ୍ରାଫିକ୍ ପୋଷ୍ଟରେ ଟ୍ରାଫିକ୍ କନ୍‌ଷ୍ଟେବଲଙ୍କୁ ସହଯୋଗ କରିବେ। ୩ ଘଣ୍ଟା ଡ୍ୟୁଟି ଲାଗି ତାଙ୍କୁ ୧୦୦ ଟଙ୍କା ପ୍ରଦାନ କରାଯିବ। ଏହା ସ୍କଲାରଶିପ୍ ଆକାରରେ ପ୍ରଦାନ କରାଯିବାକୁ ଯୋଜନା କରାଯାଇଛି ବୋଲି ସେ କହିଥିଲେ।

### ଚିଲିକାରେ ପର୍ଯ୍ୟଟକଙ୍କ ଭିଡ଼

**ବାଲୁଗାଁ,୩୧।୧୨(ଡି.ଏନ.ଏ.)**

ନୂଆବର୍ଷର ଅବ୍ୟବହିତ ପୂର୍ବରୁ ସୋମବାର ଚିଲିକା ତଥା ବାଲୁଗାଁ-ବାଣପୁର ଅଞ୍ଚଳରେ ଥିବା ବିଭିନ୍ନ ଦେବଦେବୀ ପୀଠ ଚଳଚଞ୍ଚଳ ହୋଇଉଠିଛି। ବିଶେଷ କରି ଚିଲିକା ପରିଭ୍ରମଣ ଲାଗି ପର୍ଯ୍ୟଟକଙ୍କ ଭିଡ଼ ଲାଗିରହିଥିଲା। ପର୍ଯ୍ୟଟନସ୍ଥଳ ଚିଲିକା ମଧ୍ୟରେ ଥିବା ମା' କାଳିଯାଈ ପୀଠ, ବଡ଼କୁଳ ପାନ୍ଥନିବାସ, ମା' ନାରାୟଣୀ ପୀଠ, ବାଣପୁରସ୍ଥିତ ମା' ଭଗବତୀ ପୀଠ, ଶାଳିଆ ଡ୍ୟାମଠାରେ ଥିବା ମା' ଡ଼ୋମଣୀ ପୀଠରେ ପର୍ଯ୍ୟଟକଙ୍କ ସମାଗମ ହୋଇଛି। ବାଣପୁର ମାଳ ଅଞ୍ଚଳର ନିଳାଦ୍ରୀ ପ୍ରସାଦଠାରେ ଥିବା ଖସଡ଼ା ଜଳପ୍ରପାତ ନିକଟରେ ପର୍ଯ୍ୟଟକମାନେ ବେଶ୍ ମଜା ଉଠାଉଥିବା ଦେଖାଯାଇଥିଲା। ବଡ଼କୁଳ ପାନ୍ଥନିବାସ, ମା' ନାରାୟଣୀ ପୀଠ ଓ ଶାଳିଆଡ୍ୟାମରେ ଭୋଜି ଭାତର ଆସର ଜମିଥିଲା । ମା' କାଳିଜାଈଙ୍କ ଦର୍ଶନ, ପକ୍ଷୀ ଅଭୟାରଣ୍ୟ ନଳବଣ ଓ ଚଢେଇ ହଗା ପାହାଡ଼ ପରିଦର୍ଶନ ନିମନ୍ତେ ବାଲୁଗାଁ ଓ ବଡ଼କୁଳ ପାନ୍ଥନିବାସଠାରେ ମୋଟର ବୋଟରେ ଯିବା ପାଇଁ ଦିନତମାମ ଶହ ଶହ ପର୍ଯ୍ୟଟକ ଭିଡ ଜମାଇଥିଲେ। ଜନ ସମାଗମକୁ ଆଖି ଆଗରେ ରଖି ଏହାକୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପର୍ଯ୍ୟଟନ ସ୍ଥଳରେ ବାଲୁଗାଁ ପୋଲିସ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି।

## ନୂଆବର୍ଷ ଅଭିନନ୍ଦନ ବ୍ୟାନର୍ ପୋଡ଼ି ନେଇ ଅସନ୍ତୋଷ



ପୋଡ଼ି ଯାଇଥିବା ବ୍ୟାନର୍।

**ବୋଲଗଡ଼,୩୧।୧୨(ଡି.ଏନ.ଏ.)**

ନୂଆବର୍ଷ ପାଇଁ ବୋଲଗଡ଼ ବ୍ଲକର ବିଭିନ୍ନ ଅଞ୍ଚଳରେ ବିଭିନ୍ନ ରାଜନୈତିକ ଦଳ ନେତାଙ୍କ ଶୁଭେଚ୍ଛା ବ୍ୟାନର୍ ଓ ତୋରଣମାନ ଲଗାଯାଇଛି। ତେବେ ଏଠାରେ ଏକ ବ୍ୟାନର୍ ପୋଡ଼ିକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ବ୍ଲକର ଭୀମପଡ଼ାଠାରେ ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭଙ୍କ ଏକ ଅଭିନନ୍ଦନ ତୋରଣ ତାଙ୍କର ସମର୍ଥକମାନେ ଲଗାଇଥିଲେ। ଏହି ତୋରଣରେ ଲାଗିଥିବା ବ୍ୟାନର୍‌କୁ କେହି ରବିବାର ରାତିରେ ପୋଡି ଦେଇଥିବା କାରଣରୁ ରିଷଭଙ୍କ ସମର୍ଥକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଅଜିତ ପଟ୍ଟାନୟକ କହିଛନ୍ତି। ଏନେଇ ପୋଲିସରେ କୌଣସି ଅଭିଯୋଗ ହୋଇନି।

## ଗଣିଆ ଓ ଛାମୁଣ୍ଡିଆରେ ଖୋଲିଲା ଧାନମଣ୍ଡି



ଛାମୁଣ୍ଡିଆ ଧାନମଣ୍ଡିରେ ଚାଷୀଙ୍କଠାରୁ ଧାନ କିଣାଯାଉଛି ।

**ଗଣିଆ,୩୧।୧୨(ଡି.ଏନ.ଏ.)**

ଗଣିଆ ବ୍ଲକର ଗଣିଆ ଓ ଛାମୁଣ୍ଡିଆ ପ୍ରାଥମିକ କୃଷି ସମବାୟ ସମିତିରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପୂର୍ବାହ୍ନରେ ଛାମୁଣ୍ଡିଆ ସମିତି କାର୍ଯ୍ୟାଳୟ ପରିସରରେ ସମ୍ପାଦକ କାମେଶ୍ୱର ସାହୁ ଓ କେନ୍ଦ୍ର ସମବାୟ ବ୍ୟାଙ୍କ ଗଣିଆ ଶାଖା ପରିଚାଳକ ସୁବ୍ରତ କୁମାର ସେଠୀ ଯୋଗଦେଇ ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ପ୍ରଥମ ଦିନରେ ୫ଜଣ ଚାଷୀଙ୍କଠାରୁ ୨୨୦ କୁଇଣ୍ଟାଲ ଧାନ କିଣାଯାଇଛି । ଧାନ କୁଇଣ୍ଟାଲ ପ୍ରତି ୧୭୫୦ଟଙ୍କା ଦରରେ ଚାଷୀମାନଙ୍କୁ ସେମାନଙ୍କ ବ୍ୟାଙ୍କ ଖାତାରେ ସହାୟକ ମୂଲ୍ୟ ଦିଆଯିବ। ତେବେ ଚଳିତବର୍ଷ ଏହି ମଣ୍ଡିରେ ୧୦ହଜାର କୁଇଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରହିଥିବା ସମ୍ପାଦକଙ୍କଠାରୁ ସୂଚନା ମିଳିଛି। ସେହିପରି ଅପରାହ୍ନରେ ଗଣିଆ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତି ସଭାପତି ବ୍ରଜମୋହନ ମିଶ୍ର, ଯୋଗାଣ ନିରୀକ୍ଷକ ଶ୍ରୀ ହର୍ଷ, ସମ୍ପାଦକ ସଚ୍ଚିଦାନନ୍ଦ ବେହେରା, ମିଲର ପୂର୍ଣ୍ଣଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ରହି ଧାନମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ୬ଜଣ ଟୋକନଧାରୀ ଚାଷୀଙ୍କଠାରୁ ୨୦୪ କୁଇଣ୍ଟାଲ ଧାନ କିଣାଯାଇଛି। ଉଭୟ ଧାନମଣ୍ଡିରେ ପ୍ରତି ସୋମବାର ଚାଷୀମାନେ ଧାନ ବିକ୍ରୟ କରିବାକୁ ସମ୍ପାଦକମାନେ ଅନୁରୋଧ କରିଛନ୍ତି।

### ଅବସରପ୍ରାପ୍ତ ସରକାରୀ କର୍ମଚାରୀଙ୍କ ବୈଠକ

**ରଣପୁର,୩୧।୧୨(ସ୍ୱ.ପ୍ର.):** ରଣପୁରସ୍ଥିତ ମା' ମଣିନାଗଙ୍କ ପୀଠରେ ରବିବାର ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକର ଶତାଧିକ କର୍ମଚାରୀ ଯୋଗଦେଇଥିଲେ। ବୈଠକରେ ପରଲୋକଗତ ବନ୍ଧୁମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ଥାୟୀ ସଭାପତି ନବ କିଶୋର ମହାପାତ୍ର, ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଓ ସମ୍ପାଦକ ପ୍ରାଣନାଥ ବେହୁରାଙ୍କ ନେତୃତ୍ୱରେ ସଭାକାର୍ଯ୍ୟ ହୋଇଥିଲା। ରାଜ୍ୟ ସରକାରଙ୍କ କେନ୍ଦ୍ରୀୟ ବେତନ କମିଶନ ସୁପାରିସ, ଅବସରକାଳୀନ ଚିକିତ୍ସା ଭତ୍ତା ସମ୍ପର୍କରେ ଆଲୋଚନା ହୋଇଥିଲା।

## ଜାତୀୟ ଜିମ୍ନାଷ୍ଟିକରେ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

**ପୁରୀ ଅଫିସ, ୩୧।୧୨**

ସ୍କୁଲ ଗେମ୍ ଫେଡେରେଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ତ୍ରିପୁରାର ଅଗରତାଲାରେ ଅନୁଷ୍ଠିତ ହୋଇଥିବା ୬୪ତମ ଜାତୀୟସ୍ତରୀୟ ସ୍କୁଲ ଗେମ୍ସରେ ପୁରୀକୁ ସଫଳତା ମିଳିଛି। ପୁରୀ କ୍ରୀଡା ଛାତ୍ରାବାସର ବିଦ୍ୟାର୍ଥୀ ତପନ ମହାନ୍ତି ଓ ଜଗଦୀଶ ବାରିକ ସ୍ୱର୍ଣ୍ଣପଦକ ସହ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଦୀର୍ଘ ଆଠବର୍ଷ ପରେ ପୁରୀ ଜାତୀୟସ୍ତରୀୟ ଜିମ୍ନାଷ୍ଟିକରେ ଗୌରବ ଅର୍ଜନ କରିଛି ବୋଲି ଓଡ଼ିଶା ସରକାରଙ୍କ ଜିମ୍ନାଷ୍ଟିକ କୋଚ୍ ତଥା ଅନ୍ତର୍ଜାତୀୟ ବିଚାରକ ପ୍ରଦୀପ କୁମାର ସାହୁ କହିଛନ୍ତି। ସୋମବାର ଏହି ପଦକ ବିଜେତାଙ୍କୁ ପୁରୀ ଜିଲା କ୍ରୀଡ଼ା କାର୍ଯ୍ୟାଳୟ, ଜିମ୍ନାଷ୍ଟିକ ପ୍ୟାରେଣ୍ଟ ସଂସ୍ଥା ଓ ସେଲ୍ଫ ଡିଫେନ୍ସ ଏକାଡେମୀ ପକ୍ଷରୁ ମିଳିତ ଆନୁକୂଲ୍ୟରେ ଆୟୋଜିତ ଉତ୍ସବରେ ରାଜସ୍ୱମନ୍ତ୍ରୀ ମହେଶ୍ୱର ମହାନ୍ତି ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏଥିସହିତ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ପୁରୀର ବିଶ୍ୱଜିତ ବେହେରା, ଅନିଲ ପରିଡା, ଦେବାଶିଷ ରେଣ୍ଡୀ, ଜି. ମହେଶ, ମୃତ୍ୟୁଞ୍ଜୟ ପଟ୍ଟନାୟକ, ପ୍ରୀତି ରେଣ୍ଡୀ ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ଜଣାଇଥିଲେ।

### ଶିରୁଳି ଗ୍ରାମରେ ହାତୀ, ଗ୍ରାମବାସୀ ଭୟଭୀତ

**ବ୍ରହ୍ମଗିରି,୩୧।୧୨(ଡି.ଏନ.ଏ.)/ପୁରୀ ଅଫିସ:** ବ୍ରହ୍ମଗିରି ବନାଞ୍ଚଳ ଅଧୀନ ପୁରୀ ସଦର ବ୍ଲକ ଅନ୍ତର୍ଗତ ଶିରୁଳି ଗ୍ରାମକୁ ସୋମବାର ଅପରାହ୍ନରେ ଏକ ହାତୀ ନିକଟସ୍ଥ ଜଙ୍ଗଲରୁ ପଶି ଆସିଛି। ଫଳରେ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଏନେଇ ବନ ବିଭାଗ ଅଧିକାରୀ ରଜତ କୁମାର ମହାପାତ୍ର କୁହନ୍ତି, ଶିରୁଳି ଗ୍ରାମକୁ ହାତୀ ପଶି ଆସିଥିବା ଖବର ପାଇ ଘଟଣାସ୍ଥଳରେ ପହଞ୍ଚିଥିଲୁ। ଗ୍ରାମବାସୀଙ୍କୁ ଭୟଭୀତ ନ ହେବା ଲାଗି କୁହାଯାଇଛି। ଗ୍ରାମରେ ବନ ବିଭାଗର କର୍ମଚାରୀ ମୁତୟନ ଅଛନ୍ତି। ହାତୀକୁ ଘଉଡାଇବା ଲାଗି ପ୍ରୟାସ ଜାରି ରହିଛି। ରାତି ସୁଦ୍ଧା ହାତୀକୁ ଗ୍ରାମରୁ ତଡିବା ଲାଗି ଉଦ୍ୟମ କରାଯିବ।

### କାଳିଆ ଯୋଜନା କାର୍ଯ୍ୟକାରୀ ନିମନ୍ତେ ବୈଠକ

# ଚାଷୀଙ୍କୁ ବିନା ସୁଧରେ ମିଳିବ ୫୦ ହଜାର ଟଙ୍କାର ଋଣ

**ପୁରୀ ଅଫିସ,୩୧।୧୨**

ନିକଟରେ ସରକାର କୃଷକଙ୍କ ପାଇଁ କାଳିଆ ଯୋଜନା କରିଛନ୍ତି। ଏହାର କାର୍ଯ୍ୟକାରିତା ନିମନ୍ତେ ସୋମବାର ସର୍କିଟ୍ ହାଉସରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କୃଷି ଉପନିର୍ଦ୍ଦେଶକ ଏସ୍. ଚନ୍ଦ୍ରଶେଖର ରାଓ କାଳିଆ ଯୋଜନା କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏହା ଚାଷୀଙ୍କ ଜୀବନ ଜୀବିକାରେ ସହାୟତା ଲାଗି କାର୍ଯ୍ୟକାରୀ ହେବ। କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ଖରିଫ ଓ ରବି ଫସଲ ପାଇଁ ୫ ହଜାର ହିସାବରେ ୧୦ ହଜାର ଟଙ୍କା ଦିଆଯିବ। ଭୂମିହୀନ କୃଷକ ପରିବାରକୁ ଜୀବିକା ଓ କୃଷି କାର୍ଯ୍ୟ ଲାଗି ୧୨,୫୦୦ ଟଙ୍କା ଆର୍ଥିକ ସହାୟତା ଦିଆଯିବ। ବୃଦ୍ଧାବସ୍ଥା, ଅକ୍ଷମତା, ରୋଗ ତଥା ଅନ୍ୟାନ୍ୟ କାରଣରୁ ଚାଷ ପାଇଁ ଅସମର୍ଥ ଚାଷୀଙ୍କୁ ୧୦ ହଜାର ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବ। ଚାଷୀ ଏବଂ ଭୂମିହୀନ କୃଷି ଶ୍ରମିକଙ୍କୁ ଜୀବନ ବୀମାଭୁକ୍ତ କରାଯିବ। ଚାଷୀଙ୍କୁ ବିନା ସୁଧରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷିଋଣ ଦିଆଯିବ। ଏହି ଯୋଜନାରେ ଚାଷୀଙ୍କ ତାଲିକା ଆସନ୍ତା ୧୫ ତାରିଖରେ ପ୍ରଥମ ପର୍ଯ୍ୟାୟ ଚୂଡ଼ାନ୍ତ କରାଯିବ। ଫେବୃୟାରୀ ୮ ସୁଦ୍ଧା ଦ୍ୱିତୀୟ ପର୍ଯ୍ୟାୟ ତାଲିକା ଚୂଡ଼ାନ୍ତ କରାଯିବ ବୋଲି ସ୍ଥିର ହୋଇଛି।

ଏହି ଯୋଜନା କାର୍ଯ୍ୟକାରିତା ନିମନ୍ତେ ଜିଲାସ୍ତରରେ ଗଠିତ କମିଟିରେ ଜିଲାପାଳ ଅଧ୍ୟକ୍ଷ ରହିବେ। ଅନ୍ୟ ୧୧ ଜଣ ଅଧିକାରୀ ସଦସ୍ୟ ରହିବେ। ବ୍ଲକସ୍ତରୀୟ କମିଟିରେ ବିଡିଓ ଅଧ୍ୟକ୍ଷ ରହିବେ। ଏଥିପାଇଁ ସେକ୍ଟର ଅଫିସର ଏବଂ ଗ୍ରାମପଞ୍ଚାୟତସ୍ତରରେ ନୋଡାଲ ଅଫିସର ନିୟୋଜିତ ହେବେ। କୃଷି ଓ କୃଷକ ସଶକ୍ତୀକରଣ, ମତ୍ସ୍ୟ, ପ୍ରାଣୀ ସମ୍ପଦ, ସମବାୟ ବିଭାଗ ଏହି ଯୋଜନା କାର୍ଯ୍ୟକାରିତା ନିମନ୍ତେ ମୁଖ୍ୟ ଭୂମିକା ନିର୍ବାହ କରିବେ। ଜିଲାରେ ଏହି ଯୋଜନା ସଫଳ କରିବା ଲାଗି ବୈଠକରେ ଆଲୋଚନା ହୋଇଥିଲା। ଏଥିରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ଡ. ଉଦ୍ଧବ ଚନ୍ଦ୍ର ମାଝି, ଉପଜିଲାପାଳ ଭବତାରଣ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ଯୋଗଦେଇଥିଲେ।